# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୯/୨୦୨୧ (୧୨ ପୃଷ୍ଠା) | Bhubaneswar, Wednesday, June 9/2021 | ★★★★★★

୪୭ଶ ଭାଗ ୧୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅକ୍ଷୟଙ୍କ ସହ ବ୍ରେକ୍‌ଅପ୍ କରିଥିଲେ ଶିଳ୍ପା**
ଖିଲାଡ଼ି ବୟ ଅକ୍ଷୟ କୁମାର ଟୁଇଙ୍କିଲ ଖାନ୍ନାଙ୍କୁ ଡେଟ୍ କରିବାରୁ ତାଙ୍କ ସହ ବ୍ରେକ୍‌ଅପ୍ କରିଥିଲେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ୧୦

୧୨ **ପାରାଲିମ୍ପିକ୍ସରେ ଭାଗନେବେ ପ୍ରମୋଦ**
ଟୋକିଓ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ରାଜ୍ୟର ପାରା ବ୍ୟାଡ୍‌ମିଣ୍ଟନ ତାରକା ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ।



# ପିଲାଙ୍କ ସୁରକ୍ଷା ସର୍ବାଗ୍ରେ

ଭୁବନେଶ୍ୱର, ୮।୬(ବ୍ୟୁରୋ)

କରୋନାର ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଏବେଠାରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପିଲାଙ୍କ ନିମନ୍ତେ ସ୍ୱତନ୍ତ୍ର କୋଭିଡ୍ ଚିକିତ୍ସା ସୁବିଧାର ବିକାଶ, ଆବଶ୍ୟକ ଉପକରଣ ଏବଂ ଔଷଧ ମହଜୁଦ ରଖିବା ସଙ୍ଗେ ସଙ୍ଗେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶିଶୁ ରୋଗ ସମ୍ପର୍କରେ ତାଲିମ ଦେବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ୧୧୧୪ ଡାକ୍ତର ଓ ୧୦୩୬ ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ୍ ଶିଶୁରୋଗୀଙ୍କ ଚିକିତ୍ସା ସମ୍ପର୍କରେ ତାଲିମ ଦିଆଯିବ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି।

ଅପରପକ୍ଷେ ବର୍ତ୍ତମାନ ଥିବା କୋଭିଡ୍ ହସ୍ପିଟାଲରେ ସ୍ୱତନ୍ତ୍ର ଶିଶୁ ବିଭାଗ ପ୍ରସ୍ତୁତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଜିଲା ଓ ଉପଖଣ୍ଡ ହସ୍ପିଟାଲରେ ୧୦ଟି ଆଇସୋଲେଶନ ଶଯ୍ୟା ରହିବ। ଏଠାରେ ସନ୍ଦିଗ୍ଧ ଶିଶୁରୋଗୀଙ୍କୁ ରଖାଯିବ। ଯଦି କାହାର ଲକ୍ଷଣ ଦେଖାଯାଏ ତେବେ ☞ପୃଷ୍ଠା-୪

## ତୃତୀୟ ଲହର ମୁକାବିଲା ପ୍ରସ୍ତୁତି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

- ତାଲିମ ନେବେ ୧,୧୧୪ ଡାକ୍ତର, ୧,୦୩୬ ସ୍ୱାସ୍ଥ୍ୟକର୍ମୀ
- ସ୍ୱତନ୍ତ୍ର ଶିଶୁ ବିଭାଗ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ
- ଶିଶୁଭବନରେ ସ୍ୱତନ୍ତ୍ର କୋଭିଡ୍ ବ୍ଲକ ହେବ

## ଦୈନିକ ଟିକାକରଣ ୩ଲକ୍ଷକୁ ବୃଦ୍ଧି କର

ଭୁବନେଶ୍ୱର,୮।୬(ବ୍ୟୁରୋ)

### ସଂକ୍ରମଣ କମ୍ ଜିଲାରେ ଅନ୍‌ଲକ୍ ପାଇଁ ଚିନ୍ତା

ରାଜ୍ୟରେ ଏବେ କୋଭିଡ୍ ସଂକ୍ରମଣ ସ୍ଥିତିରେ ଉନ୍ନତି ଆସିଥିଲେ ମଧ୍ୟ ଦ୍ୱିତୀୟ ଲହର ପ୍ରଭାବରୁ ଆମେ ସମ୍ପୂର୍ଣ୍ଣ ମୁକ୍ତ ହୋଇନାହୁଁ। ଆଗକୁ ବିଭିନ୍ନ ପର୍ବପର୍ବାଣି ଆସୁଥିବାରୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ହେବ। ଏଥିପାଇଁ କୋଭିଡ୍ ନିୟମାବଳୀକୁ ଆହୁରି କଡ଼ାକଡ଼ି ଭାବେ ପାଳନ କରିବା ସହ ଦୈନିକ ଟିକାକରଣ ୩ଲକ୍ଷକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।


ମଙ୍ଗଳବାର ସନ୍ଧ୍ୟାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟରେ କୋଭିଡ୍ ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ରାଜ୍ୟରେ କୋଭିଡ୍ ସଂକ୍ରମଣରେ ଉନ୍ନତି ପରିଲକ୍ଷିତ ହେବା ସହିତ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଆଗାମୀ କିଛି ସପ୍ତାହ ମଧ୍ୟରେ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ତଥାପି କେତେକ ଜିଲାରେ ସଂକ୍ରମଣ ହାର ଅଧିକ ଥିବାରୁ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବର୍ତ୍ତମାନ ଚାଲିଥିବା ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ସହିତ ଉପଯୁକ୍ତ ତଦାରଖ ଏବଂ ଲକ୍ଷଣଯୁକ୍ତ ରୋଗୀଙ୍କ ତୁରନ୍ତ ଚିକିତ୍ସା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଦୈନିକ ଟିକାକରଣ ଦେଢ଼ଲକ୍ଷ ଥିବାବେଳେ ଏହାକୁ ୨ଗୁଣ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ବ୍ଲାକ୍‌ଫଙ୍ଗସ୍ ସଂକ୍ରମଣ ମଧ୍ୟ ବୃଦ୍ଧି ପାଉଥିବାରୁ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

## ୧୧ରେ କଂଗ୍ରେସର ରାଜ୍ୟବ୍ୟାପୀ ବିକ୍ଷୋଭ

**ପେଟ୍ରୋଲ, ଡିଜେଲ ଦରବୃଦ୍ଧି ପ୍ରତିବାଦ**

ଭୁବନେଶ୍ୱର,୮।୬(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହରରେ ସମଗ୍ର ଦେଶ ଛଟପଟ ହେଉଥିବା ବେଳେ କେନ୍ଦ୍ରର ମୋଦି ସରକାର ଲଗାତର ଭାବେ ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି କରିଚାଲିଛନ୍ତି। ଏହାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ ଓ ଧାରଣା ଦେବାକୁ ଡାକରା ଦିଆଯାଇଛି। ଜୁନ୍ ୧୧ ଶୁକ୍ରବାର ପୂର୍ବାହ୍ନ ୭ ଟାରୁ ୧୧ଟା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ☞ପୃଷ୍ଠା-୪



**ନନ୍ଦିନୀ ଶତପଥୀଙ୍କ**
୯୦ତମ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରର ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

ଲାକ୍ଷାଦ୍ୱୀପ

**ଆଜିର ମନ୍ତବ୍ୟ**

"ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଅଧିକାରକୁ ସମ୍ମାନ ଦିଆଯିବ। ତାଙ୍କୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ଅଦାଲତ ସ୍ଥିର କରିବେ।
– ରୁଜ୍‌ଭେଲ୍ଟ ସ୍କେରିଟ୍, ଡୋମିନିକା ପ୍ରଧାନମନ୍ତ୍ରୀ

**ଟିକା ଅପଚୟ୍ କଲେ କମ୍ ମିଳିବ**
ରାଜ୍ୟ ପାଇଁ କେନ୍ଦ୍ରର ଗାଇଡ୍‌ଲାଇନ୍ ୨


**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



✓ ତିଳୋତ୍ତମା ପଣ୍ଡା
୧୯୫୧ - ୨୦୨୧

ତୁମ ଅନାବିଳ ସ୍ନେହ, ସୀମାହୀନ ମମତା, ଶ୍ରଦ୍ଧା, ଅନୁଶାସନ ଚିର ସ୍ମରଣୀୟ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

SOPHIA ADVERTISING & MKTG. SERVICES PVT. LTD.



DSPL - 45

ଓଡ଼ିଶା ସରକାର

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ**

**ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପ**

**ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ପରିସର, ବାଲେଶ୍ୱର**
- ତରଳ ମେଡିକାଲ ଅକ୍ସିଜେନ (LMO,13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM) ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା (PSA) ।
- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମର୍ଥିତ ଅତିରିକ୍ତ ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ର ।
- ଡେଙ୍ଗୁ ଓ ଡାଇରିଆ ୱାର୍ଡ଼ ।
- ରକ୍ତ ବର୍ଗୀକରଣ ୟୁନିଟ ।

**ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିସର, କୋରାପୁଟ ।**
- ତରଳ ମେଡିକାଲ ଅକ୍ସିଜେନ (LMO,13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (600 LPM) ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା (PSA) ।

**ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସର, ବଲାଙ୍ଗିର ।**
- ତରଳ ମେଡିକାଲ ଅକ୍ସିଜେନ (LMO,13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (600 LPM) ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା (PSA) ।

**ବୀର ସୁରେନ୍ଦ୍ର ସାଏ ସ୍ୱାସ୍ଥ୍ୟ ଓ ଗବେଷଣା ପ୍ରତିଷ୍ଠାନ ପରିସର, ବୁର୍ଲା**
- ତରଳ ମେଡିକାଲ ଅକ୍ସିଜେନ (LMO, ୨ଟି ୟୁନିଟ୍ ପ୍ରତ୍ୟେକ13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (600 LPM) ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା (PSA) ।

**ଏସ୍.ସି.ବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସର, କଟକ**
- ତରଳ ମେଡିକାଲ ଅକ୍ସିଜେନ (LMO, ୨ଟି ୟୁନିଟ୍ ପ୍ରତ୍ୟେକ13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM) ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା (PSA) ।
- ଫୁସ୍‌ଫୁସ୍ ଜନିତ ମେଡିସିନ ର ଉତ୍କର୍ଷ କେନ୍ଦ୍ର ।

**କ୍ୟାପିଟାଲ ହସ୍ପିଟାଲ ପରିସର, ଭୁବନେଶ୍ୱର**
- ତରଳ ମେଡିକାଲ ଅକ୍ସିଜେନ (LMO,13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (960 LPM) ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା (PSA) ।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର, ନବରଙ୍ଗପୁର**
- ତରଳ ମେଡିକାଲ ଅକ୍ସିଜେନ (LMO, 6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ।
- ଆର.ଟି.ପି.ସି.ଆର୍ ପରୀକ୍ଷଣ କେନ୍ଦ୍ର ।



**ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ**
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା**
**ଶୁଭ ଉଦ୍‌ଘାଟନ ଏବଂ ଶିଳାନ୍ୟାସ**
**୯ ଜୁନ୍ ୨୦୨୧**

OIPR-10112/13/0021/2122

**ରାଜ୍ୟ ପାଖରେ ୧.୧୯ କୋଟି ଡୋଜ୍**

ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୪ କୋଟି ଡୋଜ୍ କୋଭିଡ୍ ଭାକ୍ସିନ ଦିଆଯାଇଥିବାବେଳେ ସେମାନଙ୍କ ପାଖରେ ୧.୧୯ କୋଟି ଡୋଜ୍ ମହଜୁଦ ରହିଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୨୩,୬୧,୯୮,୭୨୬ ଡୋଜ୍ ଭାକ୍ସିନ ଦିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।



# ଅଧା ବିଶ୍ୱରେ ଇଣ୍ଟରନେଟ୍ ବାଧାପ୍ରାପ୍ତ

## ଡାଉନ୍ ହେଲା ଅଧିକାଂଶ ସାଇଟ୍




ୱାଶିଂଟନ୍, ୮।୬

ବିଶ୍ୱର ଅଧା ଭାଗରେ ମଙ୍ଗଳବାର ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହେବାରୁ ହଇଚଇ ସୃଷ୍ଟି ହୋଇଥିଲା। ପ୍ରମୁଖ ୱେବ୍‌ସାଇଟଗୁଡ଼ିକ ଡାଉନ ରହିଥିବାରୁ ଅନେକ ଜଣାଶୁଣା ଗଣମାଧ୍ୟମ ସଂସ୍ଥାର ୱେବ୍‌ସାଇଟ୍ ଅଚଳ ହୋଇଯାଇଥିଲା। ଇଣ୍ଟରନେଟ ଆଉଟେଜ ବା ସେବା ଗଭୀରଭାବେ ବାଧାପ୍ରାପ୍ତ ହେବାରୁ ଲୋକମାନେ ୱେବ୍‌ସାଇଟଗୁଡ଼ିକୁ ଘଣ୍ଟାଏରୁ ଅଧିକ ସମୟ ଧରି ଆକ୍‌ସେସ୍ କରିବାକୁ ସକ୍ଷମ ହୋଇ ନ ଥିଲେ। ଆମେରିକାର କ୍ଲାଉଡ୍ ସର୍ଭିସ୍ ପ୍ରୋଭାଇଡର ଫାଷ୍ଟଲି ଏହି ତ୍ରୁଟିକୁ ମାନିଛି। କଣ୍ଟେଣ୍ଟ ଡେଲିଭରି ନେଟ୍‌ୱର୍କ (ସିଡିଏନ୍)ରେ ସମସ୍ୟା ଦେଖାଦେବାରୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଥଲା। କେତେକ ବୈଷୟିକ ତ୍ରୁଟି ଯୋଗୁ ସାରା ବିଶ୍ୱରେ ସୋସିଆଲ ମିଡିଆ, ସରକାରୀ ଏବଂ ନ୍ୟୁଜ୍ ୱେବ୍‌ସାଇଟଗୁଡିକ ଖୋଲିବାରେ ବାଧା ଉପୁଜିଥିଲା। ତେବେ କେଉଁ କାରଣ ଯୋଗୁ ଏଭଳି ହୋଇଛି ତାହା ତଦନ୍ତ କରାଯାଉଛି ବୋଲି ଏହି ସେବା ପ୍ରଦାନକାରୀ ସଂସ୍ଥା କହିଛି।

ସୂଚନା ମୁତାବକ, ଫାଇନାନ୍ସିଆଲ ଟାଇମ୍ସ, ଦ ଗାର୍ଡିଆନ, ନ୍ୟୁୟର୍କ ଟାଇମ୍ସ, ବ୍ଲୁମ୍‌ବର୍ଗ ନ୍ୟୁଜ, ସିଏନ୍‌ଏନ୍, ବିବିସି ଭଳି ଲୋକପ୍ରିୟ ୱେବସାଇଟଗୁଡ଼ିକ ଡାଉନ ହୋଇଯାଇଥିଲା। ଫଳରେ ଭ୍ୟୁୟର୍ସ ନିଜ ପସନ୍ଦର ୱେବସାଇଟକୁ ଯାଇ ଖବର ପଢ଼ିପାରି ନ ଥିଲେ। ସ୍ପୋଟିଫାଇ, ପେ ପଲ୍, ରେଡିଟ୍ ଏବଂ ସୋପିକାଇ ମଧ୍ୟ ଏଥିରୁ ବର୍ତ୍ତି ନ ଥିଲେ। ଆମାଜନ ଡଟ୍ କମ୍‌ର ରିଟେଲ ୱେବ୍‌ସାଇଟ ମଧ୍ୟ ଡାଉନ ରହିଥିବା ଦେଖାଯାଇଥିଲା। ଏହି ପ୍ରସଙ୍ଗ ଉପରେ ଆମାଜନର ପ୍ରତିକ୍ରିୟା ମିଳିପାରିନାହିଁ। ସମସ୍ୟା ସମ୍ମୁଖୀନ ହୋଇଥିବା ନେଇ ରେଡିଟ୍‌ର ପ୍ରାୟ ୨୧ ହଜାର ୟୁଜର୍ସ ରିପୋର୍ଟ କରିଛନ୍ତି। ସେହିଭଳି ଆମାଜନର ୨ ହଜାର ୟୁଜର୍ସ ସମସ୍ୟା ଭୋଗିଥିବା କହିଛନ୍ତି। ଆମାଜନର ଟୁଇଟ୍ ମଧ୍ୟ ଏଭଳି ଆଉଟେଜର ସମ୍ମୁଖୀନ ହୋଇଥିଲା। ଯେଉଁ ୱେବସାଇଟଗୁଡ଼ିକରେ ଏଭଳି ଅସୁବିଧା ସୃଷ୍ଟି ହୋଇଥିଲା ସେଥିରୁ 'ଏରର ୫୦୩ ସର୍ଭିସ୍ ଅନ୍‌ଆଭଲେବଲ' ଲେଖା ଯାଇଥିବା ଦେଖିବାକୁ ମିଳିଥିଲା। ଏଭଳି ସମସ୍ୟା କାହିଁକି ହୋଇଥିଲା ତାହା ଜଣାପଡ଼ି ନ ଥିଲେ ମଧ୍ୟ ସାଇବର ଆକ୍ରମଣ ଅଥବା ବାହ୍ୟ ଦଖଲ ଯୋଗୁ ଏପରି ହୋଇଥିବା ଅସ୍ୱୀକାର କରାଯାଇ ନ ପାରେ ବୋଲି ବିବିସି କହିଛି।

## ସଂକ୍ଷେପରେ

### ଅକ୍ସିଜେନ୍ ମକ୍ ଡ୍ରିଲ୍‌ବେଳେ ଗଲା ୨୨ ଜୀବନ

**ହସ୍ପିଟାଲ ମାଲିକଙ୍କ ଦାୟିତ୍ୱହୀନତା**

**ଆଗ୍ରା, ୮।୬:** ଉତ୍ତରପ୍ରଦେଶସ୍ଥିତ ଆଗ୍ରାର ଏକ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଚିକିତ୍ସାଧୀନ ୨୨ କୋଭିଡ୍ ରୋଗୀଙ୍କ ଜୀବନ ଚାଲିଯାଇଛି। ବିନା ଅକ୍ସିଜେନରେ କିଏ ବଞ୍ଚୁଛନ୍ତି କିଏ ମରୁଛନ୍ତି ତାହା ଜାଣିବା ପାଇଁ ପ୍ରୟୋଗ ନାମରେ ହସ୍ପିଟାଲ ମାଲିକ ଏଭଳି ମାରାତ୍ମକ ଖେଳ ଖେଳିଛନ୍ତି। ଏପ୍ରିଲ ୨୬ ଓ ୨୭ ତାରିଖରେ ଘଟିଥିବା ଏହି ଘଟଣାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରିପୋର୍ଟ ଅନୁଯାୟୀ, ୯୬ ରୋଗୀ ଚିକିତ୍ସାଧୀନ ଥିବା ଆଗ୍ରାର ପାରସ୍ ହସ୍ପିଟାଲରେ ଅମ୍ଳଜାନ ଅଭାବରୁ ଡାକ୍ତରମାନେ ଚିନ୍ତାରେ ପଡ଼ିଥିଲେ।। ଏହାର ମାଲିକ ଅରିଞ୍ଜୟ ଜୈନ ସେମାନଙ୍କ ଉପରେ ଅକ୍ସିଜେନ୍ ମକ୍ ଡ୍ରିଲ କରିଥିଲେ। ଫଳରେ ୨୨ ରୋଗୀ ଅମ୍ଳଜାନ ଅଭାବରୁ ଆଖି ବୁଜିଥିଲେ। ରୋଗୀ ଡିସ୍‌ଚାର୍ଜ ହେବାକୁ ମନା କରିବାରୁ ମକ୍‌ଡ୍ରିଲ କରିବା ପାଇଁ ଅରିଞ୍ଜୟ କହିଥବା ଭିଡିଓରେ ଦେଖିବାକୁ ମିଳିଛି। ଅକ୍ସିଜେନ ବନ୍ଦ କଲେ କାହାର ମୃତ୍ୟୁ ହେଉଛି କି ନାହିଁ ତାହା ଜାଣିବାକୁ ୨୬ ଏପ୍ରିଲ ସକାଳ ୭ଟା ବେଳେ ୫ ମିନିଟ୍ ମକ୍ ଡ୍ରିଲ ହୋଇଥିବା ସଦ୍ୟ ବହୁଳ ପ୍ରସାରିତ ଭିଡିଓରୁ ଜଣାପଡ଼ିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଦାବି କରିଛନ୍ତି।

### ଜୁଲାଇରେ ମୌସୁମୀ ଅଧିବେଶନ


**ନୂଆଦିଲ୍ଲୀ,୮।୬:** କୋଭିଡ୍-୧୯ର ଦ୍ୱିତୀୟ ଲହର ମଧ୍ୟରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ମାସ ସ୍ୱାଭାବିକ ସମୟରେ ଆରମ୍ଭ ହେବା ନେଇ କେନ୍ଦ୍ର ସରକାର ଆଶାବାଦୀ ବୋଲି ମଙ୍ଗଳବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଛନ୍ତି। ମହାମାରୀ ପରଠାରୁ ୩ଟି ଅଧିବେଶନର ଅବଧିକୁ ହ୍ରାସ କରାଯାଇଥିଲା। ମୌସୁମୀ ଅଧିବେଶନ ସାଧାରଣତଃ ଜୁଲାଇରେ ଆରମ୍ଭ ହେଉଥିବାବେଳେ ଗତବର୍ଷ କୋଭିଡ୍‌କୁ ଦୃଷ୍ଟିରେ ରଖି ସେପ୍ଟେମ୍ବରରେ କରାଯାଇଥିଲା। ଏଥର କିପରି ଭାବେ ଅଧିବେଶନ ଚାଲିବ ସେନେଇ ଆଲୋଚନା ଚାଲିଛି।

### ଆଲ୍‌ଜାଇମର ଔଷଧକୁ ଆମେରିକାର ମଞ୍ଜୁରୀ

**ୱାଶିଂଟନ,୮।୬:** ଦୁଇ ଦଶନ୍ଧି ପରେ ଆମେରିକା ଅଦୁହେଲ୍‌ମ ନାମକ ଏକ ଆଲ୍‌ଜାଇମର ଔଷଧକୁ ମଞ୍ଜୁରୀ ଦେଇଛି। ଆଲ୍‌ଜାଇମର ରୋଗୀଙ୍କ ପାଥୋଫିଜିଓଲୋଜି ଚିକିତ୍ସାରେ ଏହା ସହାୟକ ହେବ ବୋଲି ଏଫଡିଏ ପକ୍ଷରୁ କୁହାଯାଇଛି। ଏହି ଔଷଧରୁ ବିଶେଷ ଲାଭ ମିଳୁ ନ ଥିବା ନେଇ ଗତ ନଭେମ୍ବରରେ ଏକ ବିଶେଷଜ୍ଞ କମିଟି ଜାଣିବାକୁ ପାଇଥିଲା। ତେଣୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଜୀବନ୍ତ କୋଷିକାକୁ ନେଇ ପ୍ରସ୍ତୁତ ଏହି ଔଷଧ ୨ ସପ୍ତାହ ପରେ ୯୦୦ ଇନ୍‌ଫ୍ୟୁଜନ ସେଣ୍ଟରକୁ ବାୟୋଜେନ କମ୍ପାନୀ ପଠାଇବ।

# ଅପଚୟ କଲେ କମ୍ ମିଳିବ

## ରାଜ୍ୟ ପାଇଁ କେନ୍ଦ୍ରର ଭାକ୍ସିନ ଗାଇଡ୍‌ଲାଇନ୍




ନୂଆଦିଲ୍ଲୀ,୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟଗୁଡ଼ିକୁ ସାବାଳକଙ୍କ ପାଇଁ ମାଗଣାରେ ଟିକା ଦିଆଯିବ ବୋଲି ଘୋଷଣା କରିବାର ଦିନକ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। କେଉଁ ରାଜ୍ୟକୁ କେତେ ଡୋଜ୍ ଆବଣ୍ଟନ କରାଯିବ ତାହା ଜନସଂଖ୍ୟା, ସଂକ୍ରମଣ ବୋଝ, ଟିକାକରଣରେ ଅଗ୍ରଗତି ଆଦିକୁ ଦୃଷ୍ଟିରେ ରଖି ସ୍ଥିର କରାଯିବ ବୋଲି ସରକାର ଏଥିରେ ସ୍ପଷ୍ଟ କରିଛନ୍ତି। ସେହିପରି ଭାକ୍ସିନ ଅପଚୟ ମଧ୍ୟ ଆବଣ୍ଟନ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଏହି ମାର୍ଗଦର୍ଶିକାରେ ଚେତାଇ ଦିଆଯାଇଛି।

ନୂଆ ଭାକ୍ସିନ ଗାଇଡ୍‌ଲାଇନ୍ ଅନୁସାରେ କେନ୍ଦ୍ର ସରକାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକଠାରୁ ରାଜ୍ୟଗୁଡ଼ିକର କୋଟା ବାବଦ ୨୫ ପ୍ରତିଶତ ଟିକାକୁ ମିଶାଇ ୭୫% ଭାକ୍ସିନ କିଣିବେ। ୧୮ରୁ ୪୪ ବର୍ଷୀୟଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ର ସରକାର ମାଗଣାରେ ଟିକା ଯୋଗାଇଦେବେ। ଏଥିପାଇଁ କୌଣସି ରାଜ୍ୟକୁ ଅର୍ଥ ପଇଠ କରିବାକୁ ପଡ଼ିବ ନାହିଁ। ତେବେ ସମ୍ପୃକ୍ତ ରାଜ୍ୟର ଜନସଂଖ୍ୟା, ସଂକ୍ରମିତଙ୍କ ସଂଖ୍ୟା, ଟିକାକରଣ କେତେ ବାଟ ଆଗେଇଛି ଓ କେତେ ପରିମାଣର ଭାକ୍ସିନ ଅପଚୟ ହୋଇଛି, ଏସବୁ ଆଧାରରେ ଟିକା ଯୋଗାଣ ନିର୍ଭର କରେ। ସେହିପରି ଦେଶର ଟିକା ଉତ୍ପାଦନକାରୀମାନଙ୍କୁ ଘରୋଇ ହସ୍ପିଟାଲଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଭାକ୍ସିନ ଯୋଗାଣ ନେଇ ବିକଳ୍ପ ଦିଆଯିବ। ସମସ୍ତ ଘରୋଇ ହସ୍ପିଟାଲ ଟିକା ଉପରେ ସର୍ବାଧିକ ୧୫୦ ଟଙ୍କା ସର୍ଭିସ ଚାର୍ଜ ଲଗାଇପାରିବେ ବୋଲି ଜାରି କରାଯାଇଥିବା ସଦ୍ୟ ବିବୃତିରେ କେନ୍ଦ୍ର ସ୍ପଷ୍ଟ କରିଛି।

କେଉଁ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳକୁ କେତେ ପରିମାଣର ଟିକା ଯୋଗାଇଦିଆଯିବ ତାହା ସେମାନଙ୍କୁ ଆଗୁଆ ଅବଗତ କରାଯିବ। ଅନୁରୂପ ଭାବେ ରାଜ୍ୟଗୁଡ଼ିକ ଏହାକୁ ଦେଖି ଜିଲା ଓ ଟିକାକରଣ କେନ୍ଦ୍ରଗୁଡ଼ିକୁ ଭାକ୍ସିନ ଆବଣ୍ଟନ କରିବେ। ପାଖରେ କେତେ ଟିକା ଉପଲବ୍ଧ ରହିଛି ତାହା ସେମାନେ ସାର୍ବଜନୀନ କରିବେ। ଏହାସହ ଟିକାକୁ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ତୁରନ୍ତ ବିସ୍ତୃତ ଭାବେ ସବୁଆଡ଼େ ପଠାଇବେ। ରାଜ୍ୟଗୁଡ଼ିକ ପ୍ରଥମେ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା, ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ନାଗରିକ, ଦ୍ୱିତୀୟ ଡୋଜ୍ ନେବାକୁ ଅପେକ୍ଷା କରିଥିବା ବ୍ୟକ୍ତିଙ୍କୁ ଟିକାକରଣ ଉପରେ ପ୍ରାଥମିକତା ଦେବେ। ପରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକା ଦିଆଯିବ। ନୂଆ ନିୟମ ଅନୁସାରେ ଆୟ ସ୍ଥିତି ନିର୍ବିଶେଷରେ ସମସ୍ତ ନାଗରିକ ମାଗଣା ଟିକା ପାଇବାକୁ ଯୋଗ୍ୟ। ଯେଉଁମାନେ ଏଥିପାଇଁ ଅର୍ଥ ପଇଠ କରିବାକୁ ସକ୍ଷମ ସେମାନେ ଘରୋଇ ହସ୍ପିଟାଲର ଟିକାକରଣ କେନ୍ଦ୍ରରେ ଟିକା ନେବା ଉଚିତ ବୋଲି ଏଥିରେ ଦର୍ଶାଯାଇଛି।

ତେବେ ଅପଚୟକୁ ନେଇ ଦିଆଯାଇଥିବା ଚେତାବନୀକୁ ରାଜ୍ୟଗୁଡ଼ିକ ଭଲ ଦୃଷ୍ଟିରେ ଦେଖି ନ ପାରନ୍ତି। ବିଶେଷକରି ଯେଉଁ ରାଜ୍ୟଗୁଡ଼ିକ ଅଧିକ ପରିମାଣର ଭାକ୍ସିନ ନଷ୍ଟ କରୁଛନ୍ତି ସେମାନଙ୍କ ପାଇଁ ନୂଆ ଗାଇଡ୍‌ଲାଇନ୍ ସୁବିଧାଜନକ ହେବ ନାହିଁ ବୋଲି କୁହାଯାଉଛି। ଗତ ମାସରେ ଝାଡ଼ଖଣ୍ଡ କେନ୍ଦ୍ର ପକ୍ଷରୁ ଯୋଗାଇ ଦିଆଯାଇଥିବା ଟିକାର ୩୭% ଓ ଛତିଶଗଡ଼ ୩୦% ଅପଚୟ କରିଥିବା ଅଭିଯୋଗ ହୋଇଥିଲା। ଭାଜପା ଶାସିତ ମଧ୍ୟପ୍ରଦେଶରେ ୧୧% ଡୋଜ୍ ଟିକା ନଷ୍ଟ ହୋଇଥିଲା। ତେବେ ଉକ୍ତ ୩ ରାଜ୍ୟ ଏହି ତଥ୍ୟକୁ ତ୍ରୁଟିଯୁକ୍ତ ଦର୍ଶାଇବା ସହ ପ୍ରକୃତ ଅପଚୟ ୫% ବୋଲି କହିଥିଲେ।

ପ୍ରକାଶ ଯେ, ରାଜ୍ୟଗୁଡ଼ିକର ଲଗାତର ଦାବି ଓ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ସୋମବାର ପ୍ରଧାନମନ୍ତ୍ରୀ ମୋଦି ଦେଶର ସମସ୍ତ ନାଗରିକଙ୍କୁ ଆସନ୍ତା ୨୧ ତାରିଖରୁ ମାଗଣା ଟିକା ଦେବା ପାଇଁ ଘୋଷଣା କରିଥିଲେ। କେନ୍ଦ୍ର ସରକାର ଚଳିତ ବର୍ଷ ଶେଷ ସୁଦ୍ଧା ୧୦୮ କୋଟି ଭାରତୀୟଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସେଥିରୁ ମଙ୍ଗଳବାର ସକାଳ ସୁଦ୍ଧା ଦେଶରେ ପ୍ରାୟ ୨୩.୬ କୋଟି ଡୋଜ୍ ଟିକା ଦିଆଯାଇଛି।

## ୪୪ କୋଟି ଡୋଜ୍ ଅର୍ଡର

କେନ୍ଦ୍ର ସରକାର ମଙ୍ଗଳବାର କୋଭିଶିଲ୍ଡ ଓ କୋଭାକ୍ସିନ ଟିକାର ୪୪ କୋଟି ଡୋଜ୍ ଅର୍ଡର ଦେଇଛନ୍ତି। ଏଥିରୁ କୋଭିଶିଲ୍ଡ ନିର୍ମାତା ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆକୁ ୨୫ କୋଟି ଓ କୋଭାକ୍ସିନ ପ୍ରସ୍ତୁତକାରୀ ଭାରତ ବାୟୋଟେକ୍‌କୁ ୧୯ କୋଟି ଡୋଜ୍ ଯୋଗାଇବାକୁ କୁହାଯାଇଛି। ଉତ୍ପାଦନକାରୀ ଦୁଇ କମ୍ପାନୀ ଆସନ୍ତା ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଏହା ଯୋଗାଇଦେବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଜୁନ୍ ୨୧ ତାରିଖରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକଙ୍କୁ ମାଗଣାରେ ଟିକା ଦିଆଯିବ। ଏଥିଲାଗି କେନ୍ଦ୍ର ସରକାର ୭୫% ଟିକା କିଣିବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିବାର ଦିନକ ପରେ ଏହି ଅର୍ଡର ଦିଆଯାଇଛି।

## ପାର୍ଲାମେଣ୍ଟ ଅଧିବେଶନ ଡାକ: କଂଗ୍ରେସ



ଜୟରାମ ରମେଶ

କେନ୍ଦ୍ର ସରକାର ନିଜ ଭାକ୍ସିନ ନୀତିକୁ ନେଇ ପାର୍ଲାମେଣ୍ଟରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ। ଏଥିପାଇଁ ଅଧିବେଶନ ଡକାଯାଉ ବୋଲି କଂଗ୍ରେସ ଦାବି କରିଛି। ସରକାର ଡେଡ୍‌ଲାଇନ୍ ଉପରେ ନୁହେଁ, ବରଂ ହେଡ୍‌ଲାଇନ୍ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସମସ୍ତ ଭାରତୀୟଙ୍କୁ ମାଗଣାରେ ଭାକ୍ସିନ ମିଳିବା ଉଚିତ। ଦେଶର ବହୁ ଲୋକଙ୍କ ପାଖରେ ଡିଜିଟାଲ ସୁବିଧା ନ ଥିବାରୁ କୋୱିନ୍ ଆପ୍ ଜରିଆରେ ଟିକାକରଣକୁ ବାଧ୍ୟତାମୂଳକ କରା ନ ଯାଉ। କେଉଁ ରାଜ୍ୟକୁ କେତେ ଟିକା ଯୋଗାଣ କରାଯିବ ସେନେଇ ସ୍ୱଚ୍ଛତା ରହିବା ଉଚିତ। ପାର୍ଲମେଣ୍ଟ ଅଧିବେଶନରେ ସରକାରଙ୍କ ଭାକ୍ସିନ ନୀତିର ଆଲୋଚନା କରାଯାଉ। ଏହାସହ ସମସ୍ତଙ୍କୁ ମାଗଣା ଟିକା ଦେବା ଲାଗି ଆବଶ୍ୟକ ବଜେଟକୁ ଅନୁମୋଦନ ନେଇ ମଧ୍ୟ ଚର୍ଚ୍ଚା ହେଉ।

## ଘରୋଇ ହସ୍ପିଟାଲ ପାଇଁ କୋଭିଶିଲ୍ଡ ୭୮୦, କୋଭାକ୍ସିନ ୧୪୧୦

**ସ୍ପୁଟ୍‌ନିକ-ଭି ଡୋଜ୍ ପିଛା ୧୧୪୫ ଟଙ୍କା**

କରୋନା ଟିକା ଉତ୍ପାଦନକାରୀଙ୍କଠାରୁ ଘରୋଇ ହସ୍ପିଟାଲଗୁଡ଼ିକ ଡୋଜ୍ ପିଛା କେତେ ଟଙ୍କାରେ କିଣିବେ ତାହା ମଙ୍ଗଳବାର କେନ୍ଦ୍ର ସରକାର ସ୍ଥିର କରିଛନ୍ତି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ପ୍ରସ୍ତୁତ କୋଭିଶିଲ୍ଡ ଟିକା ଡୋଜ୍ ପ୍ରତି ୭୮୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଭାରତ ବାୟୋଟେକ୍‌ର କୋଭାକ୍ସିନ ୧,୪୧୦ ଏବଂ ଡକ୍ଟର ରେଡ୍ଡୀସ୍ ପକ୍ଷରୁ ପ୍ରସ୍ତୁତ ରୁଷିଆର ସ୍ପୁଟ୍‌ନିକ-ଭି'କୁ ସର୍ବାଧିକ ୧,୧୪୫ ଟଙ୍କାରେ ଘରୋଇ ହସ୍ପିଟାଲଗୁଡ଼ିକ କିଣି ନେବେ। ଘରୋଇ ହସ୍ପିଟାଲ ଏହା ଉପରେ ଅତିରିକ୍ତ ୧୫୦ ଟଙ୍କା ସର୍ଭିସ୍ ଚାର୍ଜ ଲଗାଇପାରିବେ। କୌଣସି ଘରୋଇ ଟିକାକରଣ କେନ୍ଦ୍ରରେ ଅଧିକ ଟଙ୍କା ନେଇ ଟିକା ଦିଆଯାଉଥିଲେ ରାଜ୍ୟ ସରକାର ତୁରନ୍ତ ସମ୍ପୃକ୍ତ ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି।

ପ୍ରକାଶ ଯେ, ବର୍ତ୍ତମାନ ଏସ୍‌ଆଇଆଇ ଘରୋଇ ହସ୍ପିଟାଲକୁ (ଜିଏସ୍‌ଟିକୁ ବାଦ୍ ଦେଇ) ୬୦୦ ଟଙ୍କା ନେଉଛି। କୋଭାକ୍ସିନ ପାଇଁ ଏହି ଦର ୧,୨୦୦ ରହିଛି। ଉଭୟ କମ୍ପାନୀ କେନ୍ଦ୍ର ସରକାରଙ୍କୁ ୧୫୦ ଟଙ୍କାରେ ଭାକ୍ସିନ ଯୋଗାଇ ଦେଉଛନ୍ତି। ସେହିପରି ସ୍ପୁଟ୍‌ନିକ-ଭି ଟିକା ଡୋଜ୍ ପିଛା ୯୪୮ ଟଙ୍କାରେ ଘରୋଇ ହସ୍ପିଟାଲଗୁଡ଼ିକୁ ବିକ୍ରି କରାଯାଉଛି।

## ଲକ୍ଷେ ତଳେ ଦୈନିକ ସଂକ୍ରମଣ

**■୨୪ ଘଣ୍ଟାରେ ୮୬,୪୯୮ ଆକ୍ରାନ୍ତ, ୨,୧୨୩ ମୃତ**



ନୂଆଦିଲ୍ଲୀ,୮।୬


ଭାରତରେ କ୍ରମଶଃ ନିମ୍ନଗାମୀ ହେବାରେ ଲାଗିଛି କରୋନା ଭାଇରସ୍ ସଂକ୍ରମଣ। ଦୀର୍ଘ ୬୩ ଦିନ ପରେ ସଂକ୍ରମଣ ହାର ଏତେ ତଳକୁ ଖସିଛି। ଦୈନିକ ପଜିଟିଭ୍ ହାର ୪.୬୨%ରେ ସୀମିତ ରହିଛି ବୋଲି ମଙ୍ଗଳବାର ପୂର୍ବାହ୍ନ ୮ଟାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅପ୍‌ଡେଟ୍ କରାଯାଇଛି। କେନ୍ଦ୍ରର ସୂଚନା ମୁତାବକ ଗତ ୨୪ ଘଣ୍ଟାରେ ୮୬,୪୯୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ୬୬ ଦିନରେ ସର୍ବନିମ୍ନ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୮୯,୯୬,୪୭୩ରେ ପହଞ୍ଚିଛି। ସେହିପରି ଦିନକ ମଧ୍ୟରେ ୨,୧୨୩ ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ୪୭ ଦିନରେ ସବୁଠୁ କମ୍। ଏହାକୁ ମିଶାଇ ଦେଶରେ ମୋଟ ମୃତ୍ୟୁସଂଖ୍ୟା ୩,୫୧,୩୦୯ରେ ପହଞ୍ଚିଛି। ସୋମବାର ୧୮,୭୩,୪୮୫ ନମୁନା ପରୀକ୍ଷା କରାଯିବା ପରେ ମୋଟ ଟେଷ୍ଟିଂ ସଂଖ୍ୟା ୩୬,୮୨,୦୭,୫୯୬ ଛୁଇଁଛି। ଦୈନିକ ପଜିଟିଭ୍ ହାର ମଧ୍ୟ ୪.୬୨%କୁ ଖସିଛି। ଲଗାତର ୧୫ ଦିନ ଧରି ଏହା ୧୦% ତଳେ ରହିଛି। ସେହିପରି କ୍ରମାଗତ ୨୬ ଦିନ ଧରି ସଂକ୍ରମିତଙ୍କଠାରୁ ଆରୋଗ୍ୟଙ୍କ ସଂଖ୍ୟା ଅଧିକ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## 'ଭୂତାଣୁ ଉତ୍ସ ତଥ୍ୟ ଦେବା ପାଇଁ ଚାଇନା ବାଧ୍ୟ ନୁହେଁ'

ଜେନେଭା, ୮।୬

କରୋନା ଭୂତାଣୁ ସୃଷ୍ଟି ବାବଦରେ ଅଧିକ ତଥ୍ୟ ଦେବାକୁ ଚାଇନାକୁ ବାଧ୍ୟ କରାଯାଇପାରିବନି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଏମର୍ଜେନ୍ସି ପ୍ରୋଗ୍ରାମ ଡାଇରେକ୍ଟର ମାଇକ୍ ରିଆନ କହିଛନ୍ତି। ଏ ନେଇ କାହାକୁ ବାଧ୍ୟ କରାଯିବାକୁ ଡବ୍ଲ୍ୟୁଏଚ୍‌ଓ ନିକଟରେ କ୍ଷମତା ନାହିଁ। ତେବେ କେଉଁଠାରୁ ଭୂତାଣୁ ସୃଷ୍ଟି ହୋଇଛି ସେ ବିଷୟରେ ଆବଶ୍ୟକ ଅଧ୍ୟୟନ ପାଇଁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଛନ୍ତି।

## ୨.୭ କୋଟିର ମୋନାଲିସା ପେଣ୍ଟିଂ



ଲିଓନାର୍ଡୋ ଡା ଭିନ୍‌ସିଙ୍କ ବିଶ୍ୱପ୍ରସିଦ୍ଧ ମୋନାଲିସା ପେଣ୍ଟିଂର ଅବିକଳ ପ୍ରତିକୃତି ପ୍ୟାରିସ୍‌ରେ ନିଲାମ ହେଉଥିବାବେଳେ ଏହାକୁ କିଣିବା ପାଇଁ ଲୋକଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳିଛି। ଏହି ନିଲାମ ଅର୍ଥ ୩ ଲକ୍ଷ ୟୁରୋ ବା ପ୍ରାୟ ୨.୭ କୋଟି ପର୍ଯ୍ୟନ୍ତ ଯାଇପାରେ ବୋଲି ଆଶା କରାଯାଉଛି। ୧୭ଦଶ ଶତାବ୍ଦୀ ପ୍ରାରମ୍ଭରେ ଲିଓନାର୍ଡୋ ଜଣେ ସୁନ୍ଦରୀ ମହିଳାଙ୍କ ଚିତ୍ର ଆଙ୍କି ଏହାକୁ ମୋନାଲିସା ନାଁ ଦେଇଥିଲେ। ପୂର୍ବତନ ମାଲିକ ରେମଣ୍ଡ ହେକିଂଙ୍କ ନାଁ ଅନୁଯାୟୀ ପେଣ୍ଟିଂର ନାମ ମୋନାଲିସା ହେକିଂ ରଖାଯାଇଥିଲା। ଲିଓନାର୍ଡୋଙ୍କ ଜଣେ ଅନୁଗାମୀ ଏହି ରେପ୍ଲିକାକୁ ଆଙ୍କିଥିଲେ।

## ସିଜେଆଇଙ୍କୁ ଚିଠି ଲେଖିଲେ ଛାତ୍ରୀ




କରୋନାରେ ଲୋକଙ୍କ କଷ୍ଟ ବୁଝି ସେମାନଙ୍କ ଜୀବନ ବଞ୍ଚାଇବାକୁ ପ୍ରଭାବୀ ଢଙ୍ଗରେ ହସ୍ତକ୍ଷେପ କରିଥିବାରୁ ସିଜେଆଇ ଏନ୍. ଭି. ରମାନାଙ୍କୁ ଧନ୍ୟବାଦ ଜଣାଇଛନ୍ତି କେରଳର ୫ମ ଶ୍ରେଣୀ ଛାତ୍ରୀ ଲିଡ୍‌ୱିନା ଜୋସେଫ୍। ମହାମାରୀ ସଙ୍କଟରେ ତୁରନ୍ତ ଅକ୍ସିଜେନ୍ ଯୋଗାଣ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେବା ଏବଂ ସମସ୍ତଙ୍କୁ ମାଗଣା ଟିକା ଯୋଗାଇବାରେ ସିଜେଆଇଙ୍କ ଭୂମିକା ବେଶ୍ ପ୍ରଶଂସନୀୟ ଏବଂ ଏଥିପାଇଁ ସେ ଗର୍ବିତ ବୋଲି ଜୋସେଫ୍ ଲେଖିଛନ୍ତି। ପତ୍ରରେ ସେ ଏକ ଚିତ୍ର ମଧ୍ୟ ଆଙ୍କିଛନ୍ତି, ଯେଉଁଠି ନ୍ୟାୟାଳୟ କରୋନା ଉପରେ ପ୍ରହାର କରୁଥିବା ଦେଖିବାକୁ ମିଳିଛି। ଏଭଳି 'ସୁନ୍ଦର ପତ୍ର' ପାଇଁ ଜୋସେଫଙ୍କୁ ସିଜେଆଇ ଶୁଭକାମନା ଜଣାଇଛନ୍ତି।

## ମାକ୍ରଁଙ୍କୁ ଚାପୁଡ଼ା

ପ୍ୟାରିସ୍,୮।୬



ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁ



ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁଙ୍କୁ ମଙ୍ଗଳବାର ଚାପୁଡ଼ା ମାଡ଼ ହୋଇଛି। ଭିଡ଼ ଭିତରେ ଚାପୁଡ଼ା ମାରିବା ଅଭିଯୋଗରେ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ଏହି ଘଟଣା ପରେ ରାଷ୍ଟ୍ରପତିଙ୍କ ସୁରକ୍ଷା ଚିନ୍ତା ବଢ଼ିଯାଇଛି।

ସୂଚନା ଅନୁସାରେ ରାଷ୍ଟ୍ରପତି ମାକ୍ରଁ ଫ୍ରାନ୍ସର ଦକ୍ଷିଣରେ ଥିବା ଡ୍ରୋମ୍ ଅଞ୍ଚଳକୁ ରେଷ୍ଟୁରାଣ୍ଟ ମାଲିକ ଓ ଛାତ୍ରୀଛାତ୍ରଙ୍କୁ ଭେଟିବା ପାଇଁ ଯାଇଥିଲେ। କୋଭିଡ୍-୧୯ ପରେ ଦେଶରେ କିପରି ଜୀବନ ସ୍ୱାଭାବିକ ହେବାରେ ଲାଗିଛି ସେନେଇ ମାକ୍ରଁ ସେମାନଙ୍କ ସହ ଆଲୋଚନା କରିବାକୁ ଚାହୁଁଥିଲେ। ସେ ମେଟାଲ ବ୍ୟାରିୟର୍ ସେପଟେ ଥିବା ଶୁଭେଚ୍ଛୁମାନଙ୍କ ସହ ହାତ ମିଳାଇ ଅଭିବାଦନ ଜଣାଉଥିବାବେଳେ ସବୁଜ ଟି-ଶାର୍ଟ, ଚଷମା ଓ ଫେସ୍‌ମାସ୍କ ପିନ୍ଧିଥିବା ଜଣେ ବ୍ୟକ୍ତି 'ଡାଉନ୍ ୱିଥ୍ ମାକ୍ରୋନିଏ' ସ୍ଲୋଗାନ ଦେଇ ତାଙ୍କ ଗାଲରେ ଚାପୁଡ଼ା ମାରିଥିଲେ। ଅନ୍ୟ ଜଣେ ବ୍ୟକ୍ତି ମାକ୍ରଁଙ୍କୁ ଠେଲିଦେଇଥିଲେ। ମାକ୍ରଁଙ୍କ ଦୁଇଜଣ ସୁରକ୍ଷା ଗାର୍ଡ ତାଙ୍କୁ ସୁରକ୍ଷିତ ଭାବେ ସେଠାରୁ ଉଦ୍ଧାର କରିବା ସହ ଦୁଇ ଆକ୍ରମଣକାରୀଙ୍କୁ ଭିଡ଼ିଧରି ଟାଣି ନେଇଥିଲେ। ଏହା ପରେ ମଧ୍ୟ ରାଷ୍ଟ୍ରପତି ସମ୍ପୃକ୍ତ ସ୍ଥାନରେ ଅନ୍ୟ କେତେଜଣଙ୍କ ସହ ଆଲୋଚନା କରିଥିଲେ।

## ୨୪ ହଜାର ବର୍ଷ ପରେ ଫେରିଲା ଅଣୁଜୀବ

**ବରଫ ତଳେ ଦବି ରହିଥିଲା ରହସ୍ୟମୟ ଡେଲଏଡ୍ ରୋଟିଫାଏର**

ସାଇବେରିଆ, ୮।୬



ବହୁକୋଷୀୟ ଅଣୁଜୀବ ଡେଲଏଡ୍ ରୋଟିଫାଏର ୨୪ ହଜାର ବର୍ଷ ଧରି ସାଇବେରିଆରେ ବରଫ ତଳେ ଚାପି ହୋଇ ରହିବା ପରେ ଏବେ ଜୀବନ୍ତ ଅବସ୍ଥାକୁ ଫେରିଛି। ରୁଷିଆ ଆର୍କଟିକ୍‌ର ଆଲାୟେଜା ନଦୀରୁ ଏହି ଜୀବକୁ ବୈଜ୍ଞାନିକମାନେ ଖୋଳି ବାହାରକୁ ବାହାର କରିଛନ୍ତି। ଡେଲଏଡ୍ ରୋଟିଫାଏର ନିଜର କ୍ଲୋନ ମଧ୍ୟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। କରେଣ୍ଟ ବାୟୋଲୋଜି ଜର୍ନାଲରେ ଏ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି।

ଏହି ବହୁକୋଷୀୟ ପ୍ରାଣୀର ଉଦ୍ଧାର ପରେ ବୈଜ୍ଞାନିକଙ୍କ ମନରେ ଅନେକ ପ୍ରଶ୍ନକୁ ନେଇ ଉତ୍ସାହ ଦେଖାଦେଇଛି। ଏହୀ ଜୀବ ୧୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି ବୋଲି ପୂର୍ବ ଅଧ୍ୟୟନରେ କୁହାଯାଇଥିଲା। କିନ୍ତୁ ନୂଆ ଗବେଷଣାରେ ସେମାନେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି ବୋଲି ଜଣାଯାଇଛି। ରୁଷିଆର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇକୋକେମିକାଲ ଆଣ୍ଡ ବାୟୋଲୋଜିକାଲ ପ୍ରବ୍ଲେମ୍ସ ଇନ୍ ସଏଲ ସାଇନ୍ସର ଷ୍ଟାସ୍ ମାଲାଭିନ୍‌ଙ୍କ କହିବା ଅନୁସାରେ, ଏଭଳି ଜୀବ କ୍ରିପ୍ଟୋବାୟୋସିସ୍ ଅବସ୍ଥାରେ ହଜାର ହଜାର ବର୍ଷ ବଞ୍ଚିପାରିବେ। ଏହା ଏପରି ଏକ ଅବସ୍ଥା ଯେଉଁଥିରେ ଶରୀରରେ ମେଟାବଲିଜିମ୍ ବା ପାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ତେବେ ଡେଲଏଡ୍ ରୋଟିଫାଏର କିଭଳି ଏତେ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ପାରିଲା ସେଥିପାଇଁ ଅଧିକ ଗବେଷଣା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିନିମନ୍ତେ ସେହି ଅଞ୍ଚଳରୁ ଆଉ କେତେକ ଜୀବଙ୍କୁ ଲାବୋରେଟୋରିକୁ ଅଣାଯାଇଛି। ରେଡିଓକାର୍ବନ ଡେଟିଂରୁ ଉଦ୍ଧାର ଡେଲଏଡ୍ ରୋଟିଫାଏରଙ୍କ ବୟସ ୨୩,୯୬୦ରୁ ୨୪,୪୮୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଏହା ରୋଟିଫର୍ ପ୍ରଜାତିର ଜୀବ। ସାଧାରଣତଃ ଏଗୁଡ଼ିକ ନଦୀ ଜଳରେ ଦେଖିବାକୁ ମିଳିଥାନ୍ତି। ଲାଟିନ୍ ଶବ୍ଦ 'ହ୍ୱିଲ ବିଅରର୍'ରୁ ଏହାର ନାମକରଣ କରାଯାଇଛି। ସର୍ବାଧିକ ପ୍ରତିକୂଳ ପରିବେଶ ସହ ଖାପ ଖୁଆଇବାରେ ଏଭଳି ପ୍ରଜାତି ବେଶ୍ ଜଣାଶୁଣା। ଏହି ଜୀବ ନିମ୍ନ ଅମ୍ଳଜାନ ମାତ୍ରା, ବିନା ଖାଦ୍ୟ, ଅମ୍ଳସ୍ତର ବୃଦ୍ଧି ଏପରିକି ବିନା ପାଣିରେ ମଧ୍ୟ ତିଷ୍ଠିପାରନ୍ତି।

# ନନ୍ଦିନୀ: ଏକ ସଂକଳ୍ପର ନାଁ



**ଡ. ହୃଷୀକେଶ ମଲ୍ଲିକ**

ନନ୍ଦିନୀ ଶତପଥୀ ଥିଲେ ବାସ୍ତବରେ ଏକ ସଂକଳ୍ପ, ଏକ ସ୍ୱାଭିମାନ। ଉଭୟ ରାଜନୀତିରେ, ମାନବ ସେବାରେ, ସାହିତ୍ୟ ରଚନାରେ। ୧୯୩୧ ମସିହା ଆଜିର ଦିନରେ କଟକରେ ତାଙ୍କର ଜନ୍ମ। ଯୁଗନ୍ଧର ଲେଖକ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ତା'ଙ୍କ ବାପା। ଧୂଳିବାଲିରୁ ଉଠି ଉଠି କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ଦୁଇ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ବି! ରାଜନୀତିର ନାନା ଝଡ଼ଝଞ୍ଜା ଭିତରେ ଥାଇ ବି ନିଜକୁ ତହିଁରୁ ମୁକୁଳାଇ ଗଳ୍ପ, କବିତା, ନିବନ୍ଧ ଲେଖୁଥିଲେ। ଓଡ଼ିଆ ଭାଷାକୁ ବହୁ କାଳଜୟୀ ପୁସ୍ତକର ଅନୁବାଦ କରି ଯଶସ୍ୱିନୀ ହୋଇଥିଲେ।


ନନ୍ଦିନୀ ଶୈଶବରୁ ତାଙ୍କ ବୟସର ପୁଅ ଝିଅଙ୍କଠାରୁ ଅଲଗା ଥିଲେ ମନରେ, ବିବେକରେ ଓ ଆଚରଣରେ। ଯାହା ମନସ୍ଥ କରୁଥିଲେ, କରୁଥିଲେ। ଯେଉଁ ବାଟରେ ଯିବା ସ୍ପୃହଣୀୟ ମଣୁଥିଲେ, ସେହି ବାଟରେ ଚାଲୁଥିଲେ। ନିଜ ବିଷୟରେ କହିବାବେଳେ ଠାଏ ସେ କହିଥିଲେ: 'ମୁଁ ମୋ' ନିଜ ପାଇଁ ବଞ୍ଚୁନାହିଁ, ବଞ୍ଚୁଛି ସମାଜ ପାଇଁ, ଦେଶ ପାଇଁ।'' ଏକଥା କେବଳ ସେ କହି ନ ଥିଲେ, ନିଜର କର୍ମମୟ ଜୀବନର ପ୍ରତି ପଦପାତରେ କାର୍ଯ୍ୟରେ କରି ଦେଖାଇ ଦେଇଥିଲେ। ସେ ମୁଖ୍ୟମନ୍ତ୍ରୀ ହେଲା ବେଳକୁ ଓଡ଼ିଶାରେ ଭୂ-ସଂସ୍କାର ଆଇନ ଥିଲା, କିନ୍ତୁ ଠିକ୍ ଭାବେ କାର୍ଯକାରୀ ହୋଇପାରୁ ନ ଥିଲା। ତାହାକୁ ସେ କାର୍ଯ୍ୟକାରୀ କରାଇଥିଲେ ବିହିତ ସଂସ୍କାର ସହ। ସେ ବୁଝିଥିଲେ- ଓଡ଼ିଶାର କ୍ଷେତକୁ ଅଧିକ ଅମଳକ୍ଷମ କରିବା ପାଇଁ ସାର ଦରକାର। ତେଣୁ ତାଳଚେରରେ ସାର କାରଖାନା ବସାଇଥିଲେ। ସେ ଶାସନକୁ ଆସିବା ଆଗରୁ ଜମିଦାରି ଉଚ୍ଛେଦ ହୋଇଥିଲା ସତ, କିନ୍ତୁ ସରକାରମାନେ ମଠ ମନ୍ଦିର ଅଧିକାରୀମାନଙ୍କୁ ଡରି ମଠ, ମନ୍ଦିର ଟ୍ରଷ୍ଟ ଉଚ୍ଛେଦ କରି ନ ଥିଲେ। ନନ୍ଦିନୀ ଦେବୀ ଏକ ଘୋଷଣାନାମାରେ ଟ୍ରଷ୍ଟବୋର୍ଡ ଉଚ୍ଛେଦ କରିଦେଇଥିଲେ। ତାଙ୍କ ନାଆଁରେ ପ୍ରଚାର ହୋଇଥିଲା- 'ଶ୍ରୀଜଗନ୍ନାଥ ଆଜିଠାରୁ ଭୂମିହୀନ ହେଲେ।' ସରକାରଙ୍କୁ ବଦନାମ କରାଇବା ପାଇଁ ସେବକମାନଙ୍କୁ ମତାଇ ଚକ୍ରାନ୍ତକାରୀଏ ରଥଯାତ୍ରା ପହଣ୍ଡିରେ ବିଳମ୍ବ କରାଇଥିଲେ। ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିଲା। ହେଲେ ଏହାର ୧୪ ବର୍ଷ ପରେ ୧୯୮୮ରେ ସୁପ୍ରିମ କୋର୍ଟ ସରକାରଙ୍କ ନିଷ୍ପତ୍ତିକୁ ଆଇନସିଦ୍ଧ ବୋଲି ରାୟ ଦେଇଥିଲେ।

ନନ୍ଦିନୀ ଦେବୀଙ୍କ ସରକାର ମହାଜନୀ କାରବାରକୁ ବେଆଇନ ଘୋଷଣା କରିଥିଲେ। ଯୌତୁକ ପ୍ରଥା ବିରୋଧରେ ଆମୃତ୍ୟୁ ଲଢ଼ିଥିଲେ। ତାଙ୍କର ନିନ୍ଦୁକମାନେ କହୁଥିଲେ- ''ନନ୍ଦିନୀ ଶତପଥୀଙ୍କର କିଛି କାମ ନାହିଁ, 'ଯୌତୁକ ପ୍ରଥା' ଭଳି ମାମୁଲି କଥାର ପିଛା ଧରିଛନ୍ତି।'' ଏବେ ସେ ନାହାନ୍ତି। ହେଲେ ତାଙ୍କ କଥା ଯେ କେତେ ଉଚିତ ଥିଲା, ତାହା ହେଜିବା ବାକି ରହେନାହିଁ। ଆଜିର 'ଚିଟ୍‌ଫଣ୍ଡ' ଠକେଇ ଯୁଗରେ ବୁଝି ହୁଏ, ମହାଜନୀ କାରବାରକୁ ବେଆଇନ କରିବା ସେ ସମୟରେ କିପରି ଥିଲା ଖୁବ୍ ପ୍ରାସଙ୍ଗିକ ପଦକ୍ଷେପ। ନନ୍ଦିନୀଙ୍କ ସମୟରେ ବସା ହୋଇ ଉତ୍ପାଦନ ଆରମ୍ଭ କରିଥିଲା ରାଉରକେଲାର ଏସିଆଟିକ୍ ଅକ୍ସିଜେନ୍। ଆଜି କରୋନା କାଳରେ ଅକ୍ସିଜେନ୍ ଯେତେବେଳେ ଜୀବନ ରକ୍ଷା ପାଇଁ ଅତି ଦୁର୍ଲଭ, ସେତେବେଳେ ବୁଝିହୁଏ ଅକ୍ସିଜେନ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା କିପରି ସେତେବେଳେ ଥିଲା ନନ୍ଦିନୀଙ୍କର ଏକ ଦୂରଦୃଷ୍ଟିସମ୍ପନ୍ନ ନିର୍ଣ୍ଣୟ।

ନନ୍ଦିନୀ ଦେବୀ ଏପରି ଏକ ନେତ୍ରୀ ଥିଲେ, ଯିଏ ନିଜେ ବଞ୍ଚୁଥିବା ସମୟର ବହୁ ଆଗକୁ ଦେଖିପାରୁଥିଲେ। ୧୯୭୪ରେ ଇନ୍ଦିରା ଗାନ୍ଧୀ ସରକାର ଯେଉଁ 'କଳିଙ୍ଗ କୁଟୀର' ଯୋଜନାର ଶୁଭାରମ୍ଭ କରିଥିଲେ, ଅନେକେ ଜାଣନ୍ତି ନାହିଁ ଯେ ତାହା ନନ୍ଦିନୀଙ୍କର ହିଁ ଚିନ୍ତାପ୍ରସୂତ ଥିଲା। ପ୍ଲାନିଂ କମିଶନର ଡେପୁଟି ଚେୟାରମ୍ୟାନ ଥାଆନ୍ତି ପି.ଏନ୍. ହକ୍‌ସର। ଇନ୍ଦିରା ଗାନ୍ଧୀ ଥାଆନ୍ତି କମିଶନର। ଓଡ଼ିଶାର ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇବାକୁ ପଡ଼ିବ କହି ନନ୍ଦିନୀ ଯେତେବେଳେ କମିଶନ ନିକଟରେ ଅଡ଼ି ବସିଲେ, ହକ୍‌ସର କହିଲେ- ''ନନ୍ଦିନୀଜୀ! ମୁଝେ ଲଗ୍‌ତା ଆପ୍ ଓଡ଼ିଶାକୋ ଏକ୍ ଅଟୋନମସ୍ ଷ୍ଟେଟ୍ ବନାଏଙ୍ଗେ।'' ଏପରି ଟିପ୍ପଣୀ ସତ୍ତ୍ୱେ ନନ୍ଦିନୀ ତାଙ୍କ ଜିଦ୍‌ରେ ଅଟଳ ରହିଲେ ଓ ଶେଷରେ ତାଙ୍କର ଦାବି ମଞ୍ଜୁର ହେଲା।

ନନ୍ଦିନୀଙ୍କ ଦୂରଦୃଷ୍ଟିସମ୍ପନ୍ନ ରାଜନୈତିକ ନିଷ୍ପତ୍ତିର ତାଲିକା କରିବସିଲେ ତାହା ଖୁବ୍ ଲମ୍ବା ହେବ। ଜଳସେଚନ ପ୍ରକଳ୍ପ, କେନ୍ଦୁପତ୍ର ଜାତୀୟକରଣଠାରୁ ଜନହିତର ନାନା ସ୍ତର ଯାଏଁ ତା'ର ବ୍ୟାପ୍ତି। ଶାସନରେ କଠୋର ଥିଲେ ବି ଅନ୍ତରରେ ବେଶ୍ ଦରଦୀ ଥିଲେ ନନ୍ଦିନୀ। ମରୁଡ଼ିପୀଡ଼ିତ ନୂଆପଡ଼ାରେ ତାଙ୍କୁ ଅଖିଆଅପିଆ ଦିନଦିନ ବୁଲିବାର ଯିଏ ଦେଖିଛି, ସେ ଅବଶ୍ୟ ବୁଝିଛି ଯେ ତାଙ୍କ ଭିତରେ କିପରି ସମାହିତା ଥିଲେ ଦେବୀ ଅନ୍ନପୂର୍ଣ୍ଣା। ଏକଦା ସେ କହିଥିଲେ: ''ମୁଁ ବିଜୟୀ ହେବାଟାକୁ ଆଖି ଆଗରେ ରଖି କୌଣସି କଥାରେ କେବେ ବି ଲଢ଼େ ନାହିଁ। ଯେଉଁ କଥା ପାଇଁ ଲଢ଼ିବାକୁ ନିଷ୍ପତ୍ତି ନିଏ, କେବଳ ସେହି କଥା ପାଇଁ ଲଢ଼େ।'' ଆଜି ତାଙ୍କର ପୁଣ୍ୟ ଜନ୍ମ ଦିନରେ ତାଙ୍କ କଥା ସ୍ମରଣକୁ ଆଣିଲେ ମଥା ସ୍ୱତଃ ନଇଁଯାଏ। ଲାଗେ, ଆମ ଗହଣରେ, ଏଇ ଭାରତମାଟିରେ ଆଜି ଥାଆନ୍ତେ କି ନନ୍ଦିନୀ ଦେବୀ।

ମୋ: ୯୮୫୩୨୮୭୭୫୫



ପରେଡ୍‌ରେ ଅଭିବାଦନ ଗ୍ରହଣ।



ଏକ କାର୍ଯ୍ୟକ୍ରମର ଉଦ୍‌ଘାଟନ।




ଚଳଚ୍ଚିତ୍ର ମହୁରତ୍ ଅବସରରେ।

# ସହରାଞ୍ଚଳ ଉଠାଦୋକାନୀଙ୍କୁ କୋଭିଡ୍ ସହାୟତା

## ୨୬.୨୯ କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୬(ବ୍ୟୁରୋ)

ସହରାଞ୍ଚଳର ଉଠାଦୋକାନୀ (ଷ୍ଟ୍ରିଟ୍ ଭେଣ୍ଡର)ଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୋଭିଡ୍ ସହାୟତା ଘୋଷଣା କରିଛନ୍ତି। ଏଥିସକାଶେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୬ କୋଟି ୨୯ ଲକ୍ଷ ୭୧ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହାଦ୍ୱାରା ରାଜ୍ୟର ୮୭ ହଜାର ୬୫୭ ଉଠାଦୋକାନୀ ଉପକୃତ ହେବେ। କୋଭିଡ୍ ଦ୍ୱିତୀୟ ଲହର ଜନଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଛି। ସହରାଞ୍ଚଳରେ ଛୋଟ ଛୋଟ ବ୍ୟବସାୟ କରି ଚଳୁଥିବା ଷ୍ଟ୍ରିଟ୍ ଭେଣ୍ଡରମାନେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଜୀବିକା ହରାଇ ବସିଛନ୍ତି। ଆର୍ଥିକ ଦୃଷ୍ଟିରୁ ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ସହାୟତା ଘୋଷଣା କରାଯାଇଛି। ତେବେ ଭେଣ୍ଡର ପିଛା କେତେ ଟଙ୍କାର ସହାୟତା ଦିଆଯିବ ସେ ନେଇ କୌଣସି ସୂଚନା ଦିଆଯାଇନାହିଁ। କେଉଁ ସହରାଞ୍ଚଳରେ କେତେ ଭେଣ୍ଡର ଅଛନ୍ତି ତାହାର ହିସାବ କେମିତି କରାଯିବ ତାହା ମଧ୍ୟ ସ୍ପଷ୍ଟ କରାଯାଇନାହିଁ।

## ଧନ୍ୟବାଦ ଜଣାଇଲା ଉଠାଦୋକାନୀ ମହାସଂଘ

**ଭୁବନେଶ୍ୱର, ୮।୬(ବ୍ୟୁରୋ):** କରୋନାର ଦ୍ୱିତୀୟ ଲହରରେ କ୍ଷତିଗ୍ରସ୍ତ ହୋଇଥିବା ସହରାଞ୍ଚଳ ଉଠାଦୋକାନୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ରିଲିଫ୍ ପାଣ୍ଠିରୁ ୨୬ କୋଟି ୨୯ ଲକ୍ଷ ୭୧ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ ଓଡ଼ିଶା ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଫନୀ ସମୟରେ ଉଠାଦୋକାନୀଙ୍କୁ ୧୦ ହଜାର ଓ କରୋନାର ପ୍ରଥମ ଲହରରେ ୩ହଜାର ଟଙ୍କା ଲେଖାଏ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏବେ ଦ୍ୱିତୀୟ ଲହରରେ ୮୭ ହଜାର ୬ଶହ ୫୬ଜଣ ଉଠାଦୋକାନୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, କରୋନାର ଦ୍ୱିତୀୟ ଲହରରେ ଉଠାଦୋକାନୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବାରୁ ସେମାନଙ୍କୁ ମାସିକ ୫ହଜାର ଟଙ୍କା ଓ ୨୦ହଜାର ଟଙ୍କା ଋଣ ଯୋଗାଇଦେବା ପାଇଁ ମହାସଂଘ ତରଫରୁ କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶି ଘୋଷଣା କରିଛନ୍ତି। ବାକି ରହିଯାଇଥିବା ଉଠାଦୋକାନୀମାନଙ୍କ ସର୍ଭେ କରାଯାଇ ସେମାନଙ୍କୁ ତୁରନ୍ତ କୋଭିଡ୍ ସହାୟତା ରାଶି ପ୍ରଦାନ କରାଯିବା ନେଇ ସଭାପତି ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

EXIDE Life Insurance

**Public Notice**

We are deeply saddened to know that a lot of people have been adversely impacted by the recent cyclone in various parts of Odisha. We hope you and your family are safe.

In this regard, we have set up a few special services that you may find helpful.

1. Appointment of Nodal Officer: A Nodal Officer has been appointed to assist you in addressing all your grievances and issues regarding your claims.

   The details of the Nodal officer are as follows:

   For Cyclone Yaas - Mr. Dwaipayan Sengupta

   Phone number- 9836233332 Email: dwaipayan.sengupta@exidelife.in

2. Dedicated Helpline: You can reach us on any of the following:

   Call us during working hours : 9686100773 (Monday to Friday, 9.00AM to 6.00PM)

   Email us at : claims@exidelife.in

Exide Life Insurance Company Limited is a wholly owned subsidiary of Exide Industries Limited. The trademark "Exide" is owned by Exide Industries Limited and licensed to Exide Life Insurance vide Trademark license agreement dated 30th October 2014. Exide Life Insurance Company Limited. IRDAI Registration number: 114, CIN: U66010KA2000PLC028273, Registered Office: 3rd Floor, JP Techno Park, No. 3/1, Millers Road, Bengaluru - 560001, India. Toll Free: 1800 419 8228; Visit: exidelife.in.

Beware of Spurious/ Fraud Phone Calls: IRDAI is not involved in activities like selling insurance policies, announcing bonus or investment of premiums. Public receiving such phone calls are requested to lodge a police complaint.

ରଜ ୪ଦିନରେ ୪ଟି ନୂଆ ସିନେମା

WORLD TELEVISION PREMIERE













ସିଦ୍ଧାର୍ଥ TV

ଏବେ ଟେଲିଭିଜନ୍ ପରଦାରେ

Sidharth TV Networkର ସମସ୍ତ ଚ୍ୟାନେଲ୍ Subscribe କରିବା ପାଇଁ ଆଜି ହିଁ ନିଜ Cable/DTH ଅପରେଟରଙ୍କ Toll Free ନମ୍ବରରେ Call କରନ୍ତୁ କିମ୍ବା E-Mail କରନ୍ତୁ । ଚ୍ୟାନେଲ୍ ପାଇବାରେ ଅସୁବିଧା ହେଲେ ଆମକୁ Call କରନ୍ତୁ - 6372804618

## ମମତା କୁଣ୍ଡୁ ପ୍ରଫେସନାଲ୍ସ କଂଗ୍ରେସ ସଭାପତି

ଭୁବନେଶ୍ୱର,୮ା୬(ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଅଲ୍ ଇଣ୍ଡିଆ ପ୍ରଫେସନାଲ୍ସ କଂଗ୍ରେସ ପାଇଁ କର୍ମକର୍ତ୍ତା ଘୋଷଣା କରାଯାଇଛି। ଓଡ଼ିଶା ୟୁନିଟ୍ ପାଇଁ ମମତା କୁଣ୍ଡୁଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସଞ୍ଜୟ ମିଶ୍ର ଉପସଭାପତି ଏବଂ ଆକାଶ ଭୂୟାଁଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏ ନେଇ ଏଆଇସିସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ପୂର୍ବରୁ ଓଡ଼ିଶା ୟୁନିଟ୍ର ସଭାପତି ଭାବେ ସୁଚରିତା ମହାନ୍ତି ଏବଂ ଉପସଭାପତି ଭାବେ ସୌରଭ ରଞ୍ଜନ ପଟ୍ଟନାୟକ ଦାୟିତ୍ୱରେ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ସରୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କନ୍ୟା ଦେବ ଊଣା**
**ବୋହୂ ଆଣିବ ଗୁଣା।**

ନିଜ ସ୍ତର ଓ ସାମର୍ଥ୍ୟ ଦେଖି ଝିଅକୁ ବିବାହ ଦେବା ଉଚିତ ହୋଇଥାଏ। ଅନ୍ୟଥା ଝିଅ ଦୁଃଖ କଷ୍ଟ ପାଇବା ସାର ହୋଇଥାଏ। ବୋହୂ ଗୁଣର ହୋଇଥିଲେ ଘର ପରିବାରକୁ ସଠିକ ଢଙ୍ଗରେ ଚଳେଇ ନେଇଥାଏ। ତେଣୁ ବୋହୂ ଚୟନ କରିବାବେଳେ ତା'ର ରୂପ ଅପେକ୍ଷା ଗୁଣକୁ ପ୍ରାଧାନ୍ୟ ଦେବା ସମୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଟରେ ସରୁ କଣା**
**ମୋତେ ରୁଚୁନାହିଁ ନବାତ ପଣାଲୋ**
**ଦୂରୁ ଯାଏ ତୁଣ୍ଡୁ ଶୁଣା।**

କିଏ ଆସୁଛନ୍ତି ଜାଣିବାକୁ କବାଟରେ ସରୁ ବା ଛୋଟିଆ କଣା। ବାହାରୁ କିଏ ଆସିବାର ଦେଖିଲେ ଦେହ ଖରାପ, ଖାଲି ପଣା ପିଇ ରହୁଥିବା ନେଇ ମିଛ ଅଭିନୟ। ହୁସିଆର ତଥା ଛଳନାମୟ ବ୍ୟକ୍ତିଙ୍କ ଏପରି ସିଆଣିଆ ମତିଗତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ମୋଦି-ଉଦ୍ଧବ ଭେଟ

## ମରାଠା କୋଟା, ଜିଏସ୍ଟି ନେଇ ଆଲୋଚନା

ନୂଆଦିଲ୍ଲୀ,୮ା୬

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରିଛନ୍ତି। ଉଦ୍ଧବଙ୍କ ସହ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍ସିପି ନେତା ଅଜିତ୍ ପାୱାର ଓ ବରିଷ୍ଠ କଂଗ୍ରେସ ନେତା ଅଶୋକ ଚଭନ ମୋଦିଙ୍କୁ ଭେଟିବାକୁ ଯାଇଥିଲେ। ସାକ୍ଷାତ୍ ପରେ ଗଣମାଧ୍ୟମକୁ ଠାକ୍ରେ କହିଛନ୍ତି, ମୋଦିଙ୍କ ସହ ସାକ୍ଷାତବେଳେ ମରାଠା ସଂରକ୍ଷଣ, ମେଟ୍ରୋ କାର୍ ଶେଡ୍ ଏବଂ ଜିଏସ୍ଟି ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ସବୁ ପ୍ରସଙ୍ଗରେ ବିଚାର କରାଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହା ରାଜନୈତିକ ନୁହେଁ, ବରଂ ବ୍ୟକ୍ତିଗତ ସାକ୍ଷାତ ଥିଲା। ଆମେ ରାଜନୈତିକ ଭାବେ ଏକାଠି ହୋଇ ନ ପାରୁ। ଏହାର ମାନେ ନୁହେଁ ଯେ ଆମ ସମ୍ପର୍କ ଭାଙ୍ଗିଯାଇଛି। ମୁଁ କୌଣସି ନୱାଜ ଶରିଫଙ୍କୁ ଭେଟିବାକୁ ଯାଇ ନ ଥିଲି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ଉଦ୍ଧବ କହିଛନ୍ତି।

**'ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ ନୁହନ୍ତି'**



# ଇଞ୍ଜେକ୍ସନ ଦେଇ ନାବାଳିକାଙ୍କୁ ୮ ବର୍ଷ ବଳାତ୍କାର

ମୁମ୍ବାଇ, ୮ା୬

ଜଣେ ୧୬ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଇଞ୍ଜେକ୍ସନ ଦେଇ ୮ ବର୍ଷ ଧରି ବଳାତ୍କାର କରିବା ମାମଲାରେ ମୁମ୍ବାଇ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅନ୍ଧେରିରୁ ନାବାଳିକାଙ୍କୁ ଅଭିଯୁକ୍ତମାନେ ଅପହରଣ କରି ଆଫ୍ରୋଡିସିଆକ ଇଞ୍ଜେକ୍ସନ ଦେଇ ବଳାତ୍କାର କରିଥିଲେ। ଅପହରଣ ମାମଲା ହେବା ପରେ ପୋଲିସ ଦିଲ୍ଲୀ ଓ ଉତ୍ତରପ୍ରଦେଶକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଜଣେ ପଡ଼ୋଶୀ ତାଙ୍କୁ ଜବରଦସ୍ତି ଉକ୍ତ ଇଞ୍ଜେକ୍ସନ ଓ ଟାବଲେଟ୍ ଖୁଆଉଥିଲେ।

# ବାତ୍ୟା ପରିଚାଳନାକୁ କେନ୍ଦ୍ରୀୟ ଟିମ୍ର ପ୍ରଶଂସା

ଭୁବନେଶ୍ୱର,୮ା୬(ବ୍ୟୁରୋ)



ବାତ୍ୟା ଅନୁଧ୍ୟାନକାରୀ କେନ୍ଦ୍ରୀୟ ଟିମ୍ ସହ ରାଜ୍ୟ ସରକାରୀ ଅଧିକାରୀଙ୍କ ଆଲୋଚନା।

- ସ୍ଥାୟୀ ଭିତ୍ତିଭୂମି ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ
- ୧୧ଜିଲ୍ଲାର ୭୫ ଲକ୍ଷ ଲୋକ ପ୍ରଭାବିତ
- ୨୬,୭୮୧ ଘର ଭାଙ୍ଗିଛି, ୬୩୪୮.୪ ହେକ୍ଟର ଫସଲ ନଷ୍ଟ

ବାତ୍ୟା 'ୟାସ୍' କ୍ଷୟକ୍ଷତି ଆକଳନ କରିଥିବା ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍ସି) ପ୍ରଦୀପ୍ତ କୁମାର ଜେନା ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରୀୟ ଟିମ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୧୮୯୧ରୁ ୨୦୦୦ ମଧ୍ୟରେ ଓଡ଼ିଶା ପ୍ରାୟ ୯୮ ଟି ବାତ୍ୟାର ମୁକାବିଲା କରିଥିବାବେଳେ ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, କେରଳ, କର୍ନାଟକ ଆଦି ଉପକୂଳ ରାଜ୍ୟ ଯଥାକ୍ରମେ ୬୯, ୬୨, ୨୮, ୩ ଏବଂ ୨ ଟି ବାତ୍ୟାର ସମ୍ମୁଖୀନ ହୋଇଛନ୍ତି। କେବଳ ୧୯୯୯ରୁ ୨୦୨୧ ମଧ୍ୟରେ ଓଡ଼ିଶା ୮ ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ୟାସ୍ ପାଇଁ କରାଯାଇଥିବା ଆଗୁଆ ପ୍ରସ୍ତୁତି, ନିରାପଦ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତରୀକରଣ, ଉଦ୍ଧାର, ରିଲିଫ୍ ଏବଂ ପୁନଃ ଥଇଥାନ ଆଦି କାର୍ଯ୍ୟ ବିଷୟରେ ଏସ୍ଆର୍ସି କେନ୍ଦ୍ରୀୟ ଟିମ୍କୁ ଅବଗତ କରାଇଛନ୍ତି। ପ୍ରାଥମିକ ଆକଳନ ଅନୁସାରେ ୧୧ଜିଲ୍ଲାର ୨,୧୩୮ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପ୍ରାୟ ୧୦,୬୪୪ ଗ୍ରାମ ଏବଂ ୩୦ ସହରାଞ୍ଚଳର ପ୍ରାୟ ୪୨୫ ୱାର୍ଡ ଏହି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ପ୍ରାୟ ୭୫ ଲକ୍ଷରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ୨୬,୭୮୧ ଘର ଭାଙ୍ଗିଥିବା ବେଳେ ୧୨.୭୭ ଲକ୍ଷ ପ୍ରାଣୀସମ୍ପଦ ପ୍ରଭାବିତ ହୋଇଛନ୍ତି। ଉପକୂଳବର୍ତ୍ତୀ ଗ୍ରାମ ଓ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୭.୧ ଲକ୍ଷ ଲୋକଙ୍କୁ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ଏହାଛଡ଼ା ପ୍ରାୟ ୬୩୪୮.୪ ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହୋଇଛି।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାତ୍ୟା 'ୟାସ୍' ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଖର୍ଚ୍ଚ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ କରାଯିବ। କିନ୍ତୁ ଓଡ଼ିଶା ଏକ ବନ୍ୟା, ବାତ୍ୟା ପ୍ରବଣ ରାଜ୍ୟ ହୋଇଥିବାରୁ ଏଠାରେ ସ୍ଥାୟୀ ଓ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମିର ଜରୁରୀ ଆବଶ୍ୟକତା ରହିଛି। ରାଜ୍ୟର ମୁଖ୍ୟତଃ ଦୁଇଟି ଆବଶ୍ୟକତା ତଥା ବିପର୍ଯ୍ୟୟ ସହନଶୀଳ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସମୁଦ୍ର ଜୁଆର ରୋକିବା ପାଇଁ ସୁଦୃଢ଼ ଓ ଉଚ୍ଚ ଲୁଣାଘେରି ବନ୍ଧ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶୀଘ୍ର ଏହି ପ୍ରସ୍ତାବ ପ୍ରସ୍ତୁତ କରି ଅନୁମୋଦନ ପାଇଁ କେନ୍ଦ୍ର ନିକଟକୁ ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି।

୭ ଜଣିଆ ଏହି କେନ୍ଦ୍ରୀୟ ଟିମ୍ର ନେତୃତ୍ୱ ନେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ଶାସନ ସଚିବ ସୁନିଲ୍ କୁମାର ବର୍ନୱାଲ୍ ରାଜ୍ୟ ସରକାରଙ୍କ ବାତ୍ୟା ପରିଚାଳନାକୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବିପର୍ଯ୍ୟୟ ସହନଶୀଳ ରାସ୍ତା, ବିଦ୍ୟୁତ୍ ବ୍ୟବସ୍ଥା ଆଦିର ଜରୁରୀ ଆବଶ୍ୟକତା ରହିଛି। ରାଜ୍ୟର ଉପଯୁକ୍ତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଯୋଗୁ ବ୍ୟକ୍ତିଗତ ଧନଜୀବନ କ୍ଷୟ ଏବଂ ଲୋକମାନଙ୍କ ଦୁର୍ଦ୍ଦଶା ସର୍ବନିମ୍ନ ହୋଇପାରିଛି ବୋଲି ବର୍ନୱାଲ୍ କହିଛନ୍ତି। ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା, ଶକ୍ତି ବିଭାଗ ସଚିବ ନିକୁଞ୍ଜ ଧଳ, ଜଳ ସମ୍ପଦ ବିଭାଗ ସଚିବ ଅନୁ ଗର୍ଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି.ମାଥିଭାଥାନନ୍ ଉପସ୍ଥିତ ଥିଲେ। ୭ ଜଣିଆ ଟିମ୍ ଦୁଇଟି ଭାଗରେ ବିଭକ୍ତ ହୋଇ ବାତ୍ୟା କ୍ଷତିଗ୍ରସ୍ତ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର ଆଦି ଜିଲ୍ଲା ବୁଲି କ୍ଷୟକ୍ଷତିର ଆକଳନ କରିଥିଲେ।

# ରାଜ୍ୟ ସରକାର ବିଫଳ: ଭାଜପା

ଭୁବନେଶ୍ୱର,୮ା୬(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ଦଳ କେନ୍ଦ୍ରୀୟ ବାତ୍ୟା ଅନୁଧ୍ୟାନକାରୀ ଟିମ୍କୁ ଭେଟି ସ୍ଥିତି ସମ୍ପର୍କରେ ଅବଗତ କରାଇଛି। ଏବେ ବି ଲୋକେ ପାଣିଘେରରେ ଅଛନ୍ତି। ଲୁଣାପାଣି ମାଡ଼ିଯିବାରୁ ଅନେକ ଲୋକ ପିଇବା ପାଣି ପାଇପାରୁ ନାହାନ୍ତି। ୨୦୦୮ରେ ବିଧାନସଭାରେ ଗୃହ ବିଭାଗ କମିଟି ଦେଇଥିବା ରିପୋର୍ଟ ଆଧାରରେ ରାଜ୍ୟ ସରକାର ବାତ୍ୟା ୟାସ୍ ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି କରି ନ ଥିଲେ। ବାତ୍ୟା ପୂର୍ବରୁ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନିରାପଦ ସ୍ଥାନକୁ ଠିକ୍ ଭାବେ ସ୍ଥାନାନ୍ତରିତ କରାଯାଇ ନ ଥିଲା। ୧୪ ଦିନ ବିତିଯିବା ସତ୍ତ୍ୱେ ବହୁ ଅଞ୍ଚଳରେ ବିଜୁଳି, ଗମନାଗମନ ବ୍ୟବସ୍ଥା ପୁନଃସ୍ଥାପିତ ହୋଇପାରିନାହିଁ। ବାତ୍ୟା ଓ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ କର୍ମଚାରୀଙ୍କ ଘୋର ଅଭାବ ପରିଲକ୍ଷିତ ହେଉଛି। ପ୍ରଶାସନ ଅଧିକାରୀମାନେ ବର୍ତ୍ତମାନ ସୁଦ୍ଧା ସମସ୍ତ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ପାରି ନ ଥିବା ପ୍ରତିନିଧି ଦଳ କେନ୍ଦ୍ରୀୟ ଟିମ୍ ନିକଟରେ ଅଭିଯୋଗ କରିଛି। ବାତ୍ୟାଞ୍ଚଳରେ ଥିବା ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା, ଲୁଣାପାଣି ମାଡ଼ି ନଷ୍ଟ ହୋଇଯାଇଥିବା ଫସଲ ପାଇଁ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ଦେବା, ନଦୀବନ୍ଧ କାର୍ଯ୍ୟକୁ ସୁଦୃଢ଼ କରିବା ଆଦି ଭାଜପା ଦାବି କରିଛି। ଏହି ପ୍ରତିନିଧି ଦଳରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ପ୍ରମୁଖ ସାମିଲ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଏକାଦଶସ୍ଥ ବୃହସ୍ପତିଙ୍କ ଯୋଗୁ କୌଣସି କାମ ଅଟକି ରହିବ ନାହିଁ। ବନ୍ଧୁ ଗହଣରେ ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅନର୍ଥ ସୃଷ୍ଟି ସମ୍ଭାବନା ରହିଛି। କର୍ମକ୍ଷେତ୍ର, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ତଥା ସଭାସମିତିରେ ପ୍ରଶଂସିତ ହେବେ।

**ବୃଷ**
ରାଶିରେ ଚତୁର୍ଗ୍ରହ ସନ୍ନିବେଶିତ ହେତୁ ରାଜଯୋଗ ପ୍ରଭାବରେ ମନ ଚାହୁଁଥିବା ପ୍ରକାରେ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ ସମ୍ମୁଖରେ ପାରିବାରିକ କଥାକୁ ଲୁଚାଇ ରଖି ହସି ହସି କଥା କହିବେ। ସଭାସମିତି, ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଇଚ୍ଛା ନ ଥାଇ ମଧ୍ୟ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ।

**ମିଥୁନ**
ମୁଖଭାବସ୍ଥ ମଙ୍ଗଳ ପ୍ରଭାବରେ ଆପଣଙ୍କ କଠୋରକଥା ବନ୍ଧୁଙ୍କ ମନରେ କଷ୍ଟ ଦେଇପାରେ। ଘରୋଇ କଥା ମନରେ ବାରମ୍ବାର ଆଲୋଡନ ସୃଷ୍ଟି କରି ଚିନ୍ତାଧାରାକୁ ବିକ୍ଷିପ୍ତ କରିଦେବ। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ**
ଶନି ଓ ମଙ୍ଗଳଙ୍କ ପରସ୍ପର ଦୃଷ୍ଟି ହେତୁ ପ୍ରତିବନ୍ଧକ ନ ରହିଲେ ମଧ୍ୟ କାର୍ଯ୍ୟ ପ୍ରୀତିପ୍ରଦ ରହିବ ନାହିଁ। ନିକଟରେ ରହୁଥିବା ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ସାମୟିକ ଦୁଃଖକୁ ଭୁଲିବାରେ ସାହାଯ୍ୟ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାହିତ୍ୟ, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**
କର୍ମଭାବରେ ଏକାଧିକ ଗ୍ରହ ଯୋଗୁ ଆବଶ୍ୟକୀୟ ଅର୍ଥ ଯୋଗାଡ଼ରେ ସମର୍ଥ ହେବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ କଳହକୁ ନେଇ ମାନସିକ ଶାନ୍ତି ବ୍ୟାହତ ହେବ। ସାଙ୍ଗଠନିକ କାର୍ଯ୍ୟରେ କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ନିଜ ରାଶିରୁ ଶୁକ୍ର ଦୁଃସ୍ଥାନସ୍ଥ ଯୋଗୁ ଆଜି ଯାହା ପାଇବା କଥା ତାହା ସହଜ ଓ ସୁବିଧାରେ ପାଇବେ ନାହିଁ। ଫ୍ଲାଟ କାରବାର, ଯାନ୍ତ୍ରିକ କିମ୍ବା ବିଦ୍ୟୁତ୍ ବ୍ୟବସାୟୀମାନେ ଉପକୃତ ହେବେ। ପିଲାଙ୍କ ଉଚ୍ଚ ଶିକ୍ଷା ସକାଶେ ପାରିବାରିକ ଆଲୋଚନାକୁ ପ୍ରାଧାନ୍ୟ ଦେଇ ପାରନ୍ତି। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ନୀଚସ୍ଥ ମଙ୍ଗଳଙ୍କ ଯୋଗୁ ଅଭାବ ନ ଥିଲେ ମଧ୍ୟ ନିଜର ପ୍ରିୟବ୍ୟକ୍ତିଙ୍କଠାରୁ ବହୁ ଦୂରେ ରହି ଚିନ୍ତିତ ରହିବେ। ନିକଟ ସମ୍ପର୍କୀୟମାନଙ୍କ ବେଖାତିର ମନୋଭାବ, ଯାହା କି କାହାକୁ କହିପାରିବେ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାକୁ ଏକ ପ୍ରକାର ଆତ୍ମସନ୍ତୋଷ ଲାଭ କରିପାରନ୍ତି।

**ବିଛା**
ମଙ୍ଗଳ ସହ ଶନିଙ୍କ ଦୃଷ୍ଟି ପ୍ରଭାବରେ ଭାଙ୍ଗିପଡିଥିବା ସମ୍ପର୍କକୁ ପୁଣି ଯୋଡିବାକୁ ଚେଷ୍ଟା କରି ଅସଫଳ ହୋଇପାରନ୍ତି। ପାଖ ଲୋକଙ୍କୁ ଅଯଥା ଦୋଷାରୋପ କରି ମାନସିକ ସ୍ଥିତିକୁ କଳୁଷିତ କରିପାରନ୍ତି। ଈର୍ଷାପରାୟଣମାନେ ଉପରେ ଭଲ କଥା କହି ପଛରେ ସମାଲୋଚନା କରିବେ। ଆବଶ୍ୟକତା ପୂରଣ ପାଇଁ ଧାର କରିପାରନ୍ତି।

**ଧନୁ**
ଅନାବଶ୍ୟକ କଥାଗୁଡିକୁ ମନରୁ ପରିହାର କରି ବାସ୍ତବତାକୁ ଗୁରୁତ୍ୱ ଦେଲେ ଭଲ। ସ୍ଥଗିତ କାମକୁ ନେଇ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଉତ୍ତରାଷାଢା ନକ୍ଷତ୍ର ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ।

**ମକର**
ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଆସିଲେ ହେଁ ବିଶେଷ ଅସୁବିଧା ହେବ ନାହିଁ। ପଡୋଶୀଙ୍କ ପ୍ରତିବାଦରୁ କାମ ଭଣ୍ଡୁର ହୋଇପାରେ।


**କୁମ୍ଭ**
ଉତ୍ତରଭାଦ୍ରବ ନକ୍ଷତ୍ର ସକାଶେ ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରିୟ କଥା କହି ସବୁ ସୁଧାରି ନେବେ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଯାହା ବିରକ୍ତିର କାରଣ ହେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହେବେ। ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ରହିବେ।

**ମୀନ**
କର୍ମସ୍ଥାନକୁ ଗ୍ରହଦୃଷ୍ଟି ପ୍ରଭାବରୁ ଅଫିସିଆଲି ଟେନସନ ବଢିଯିବ କିନ୍ତୁ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟିର ଆଶଙ୍କା ପୂରା ମାତ୍ରାରେ ରହିଛି। ପିଲାଙ୍କ ଶୃଙ୍ଖଳା ଓ ଶିକ୍ଷା ବିଷୟ ନେଇ ଚିନ୍ତା କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ବୁଧବାର, ଜୁନ୍ ୯ ତାରିଖ, ମଙ୍ଗଳବାର, ବିର୍ସାମୁଣ୍ଡା ଶହୀଦ୍ ଦିବସ, ରାଶିନକ୍ଷତ୍ର-ସକାଳ ଘ.୦୮.୪୩ମି. ଗତେ ରୋହିଣୀ/ବୃଷ, କର୍କଟ ରାଶିର ଘାତବାର, ବିଛା ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୭.୪୮ମି. ଗତେ ଘ.୧୧.୧୯ମି. ମଧ୍ୟେ, ଘ.୦୧.୫୭ମି. ଗତେ ଘ.୦୫.୧୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।


# classifieds

Everyday
0674-2580101, 2549302




**BRIDE WANTED**

**Wanted Khandayat Bride for boy, 31years, Mesha(2/1), working as JRF in reputed Technical University and continuing Ph.D. Family permanently settled in Bhubaneswar. Phone- 8260533075.** D-20863

Widower Gopal 45yrs/6' well established CA with a 7yr girl child @ Bhubaneswar looking for bride contact 7008839223. D-20847

**GROOM WANTED**

49 ବୟସ୍କା Divorce Rajput ଜାତି Government ଚାକିରିଆ ଝିଅଙ୍କୁ any caste Married, Unmarried ପୁଅ ଦରକାର। 7381366108. D-67981

48 ବୟସ୍କା, 5'2" Graduate Govt. Clerical ଚାକିରିଆ unmarried କରଣ caste କନ୍ୟାଙ୍କୁ ରୋଜଗାରିଆ ବରପାତ୍ର ଦରକାର। 7606947424. D-67596

BA, NTT qualified Teacher 5'2", 37ବୟସ୍କା ବ୍ରାହ୍ମଣ divorced ଝିଅଙ୍କୁ any caste ବର ଦରକାର। 7326057574. D-67597




**SALE**

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

**GENERAL**

**SALE**

AC. Sale:- Two 1.5ton window carrier AC. domestically used, excellent running sale 12000/- each, no bargaining. 8458080690. D-20858

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




Monalisa massage club: All types body massage with hiprofile smart lady rooms service available 9708545108. D-20849




**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20835

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ପିଲାଙ୍କ ସୁରକ୍ଷା...

ସେମାନଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ପଠାଯିବ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିକମ୍ରେ ୨ରୁ ୩ଟି ଆଇସୋଲେଶନ ଶଯ୍ୟା ପ୍ରସ୍ତୁତ ରଖିବା ପାଇଁ କୁହାଯାଇଛି। ରାଜ୍ୟର ୭ ମେଡିକାଲ କଲେଜରେ ୬୪ଟି ଏନ୍ଆଇସିୟୁ ସହିତ ୯୪ ଏସ୍ଏନ୍ସିୟୁ, ୪୪ ଏଚ୍ଡିୟୁ ଓ ୧୫୫ଟି ଆଇସୋଲେଶନ ଶଯ୍ୟା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ମେଡିକାଲ କଲେଜରେ କେତୋଟି ଲେଖାଏ ଏହି ସବୁ ଶଯ୍ୟା ରଖାଯିବ ସେ ତାଲିକା ମଧ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ଦିଆଯାଇଛି। କୋଭିଡ୍ କେୟାର ସେଣ୍ଟରରେ ଏନ୍ଆଇସିୟୁ ଓ ପିଆଇସିୟୁ ସହିତ ୧୫ ପ୍ରତିଶତ ଶଯ୍ୟା ଶିଶୁଙ୍କ ଲାଗି ପ୍ରସ୍ତୁତ ରଖିବା ସହ ପର୍ଯ୍ୟାପ୍ତ ଔଷଧ ଏବଂ ଅକ୍ସିଜେନ ମହଜୁଦ ରଖିବାକୁ ମଧ୍ୟ କୁହାଯାଇଛି। ସେହିପରି ସ୍ୱତନ୍ତ୍ର କୋଭିଡ୍ ବ୍ଲକ ପ୍ରସ୍ତୁତ କରିବାକୁ କଟକ ଶିଶୁଭବନ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ମେଡିକାଲ କଲେଜ ଅଧୀକ୍ଷକ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ରାଉରକେଲା ଆର୍ଜିଏଚ୍ ନିର୍ଦ୍ଦେଶକ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଡିଏମ୍ଇଟିଙ୍କ ନେତୃତ୍ୱରେ ଗଠିତ କମିଟିର ରିପୋର୍ଟ ଆଧାରରେ ଏହି ସବୁ ପଦକ୍ଷେପ ନିଆଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

### ଦୈନିକ ଟିକାକରଣ...

ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେଥିପାଇଁ ଆବଶ୍ୟକ ଔଷଧ ମହଜୁଦ ରଖିବା ଏବଂ ଆବଶ୍ୟକ ସ୍ଥଳେ ଜରୁରୀ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଯେଉଁ ଜିଲାଗୁଡ଼ିକରେ ସଂକ୍ରମଣ ହାର କମୁଛି, ସେଠାରେ ପର୍ଯ୍ୟାୟ କ୍ରମେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିବା ବିଷୟ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ବାତ୍ୟା ପ୍ରଭାବିତ ଅଞ୍ଚଳରେ କୋଭିଡ୍ ସଂକ୍ରମଣରେ କୌଣସି ବୃଦ୍ଧି ଘଟି ନ ଥିବା ଆଶ୍ୱସ୍ତିର ବିଷୟ। ରାଜ୍ୟରେ ପିଜିଟିଭିଟି ହାର କମିଥିବାରୁ ଆଇସିୟୁ ଓ ଅକ୍ସିଜେନ ସଂଯୁକ୍ତ ବେଡ୍ ଉପରେ ଚାପ ହ୍ରାସ ପାଇଛି। ଖୁବ୍‌ଶୀଘ୍ର ସଂକ୍ରମଣ ୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

କୋଭିଡ୍‌ର ସ୍ଥିତି ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ୮୬ ପ୍ରତିଶତ କୋଭିଡ୍ ରୋଗୀ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ଡାକ୍ତରଖାନାରେ ୬୮ ପ୍ରତିଶତ ବେଡ୍ ଖାଲି ରହିଛି। ରାଜ୍ୟରେ ଅକ୍ସିଜେନ ଯୋଗାଣଠାରୁ ଆରମ୍ଭ କରି ସମସ୍ତ ଆବଶ୍ୟକ ଔଷଧ ପର୍ଯ୍ୟାପ୍ତ ରହିଛି। ଏହାସହିତ ତୃତୀୟ ଲହରର ମୁକାବିଲା ପାଇଁ ୩ହଜାର ବେଡ୍, ୨,୩୯୦ ଆଇସୋଲେଶନ ବେଡ୍ , ୬୧୦ ଆଇସିୟୁ ପ୍ରସ୍ତୁତ ରଖାଯାଇଛି ବୋଲି ସେ କହିଛନ୍ତି। ଏଥିସହିତ ଜୁନ୍ ମଧ୍ୟଭାଗରୁ ଗଞ୍ଜାମ, କୋରାପୁଟ ଓ ରାୟଗଡ଼ା ଜିଲାରେ ଚତୁର୍ଥ ସେରୋ ସର୍ଭେ ଆରମ୍ଭ କରାଯିବ। ଏଥିରେ ପିଲାମାନଙ୍କ ବିଷୟରେ ବିଶେଷ ତଥ୍ୟ ସଂଗ୍ରହ କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ବର୍ତ୍ତମାନ ଅଧିକ ସଂକ୍ରମଣ ହାର ଥିବା ରାୟଗଡ଼ା, ଯାଜପୁର, ପୁରୀ ଓ ଜଗତ୍‌ସିଂହପୁର ଜିଲାର ଜିଲାପାଳ ଏବଂ ଭୁବନେଶ୍ୱର ଓ କଟକ ମ୍ୟୁନିସିପାଲ କମିଶନରଙ୍କ ସହିତ ସ୍ଥାନୀୟ ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୩ ଲକ୍ଷ ୬୨ ହଜାର ୧୦୫ ଡୋଜ୍ ଟିକା ଦିଆଯାଇଛି। ଟିକାକରଣ କ୍ଷେତ୍ରରେ ଭୁବନେଶ୍ୱର ସବୁଠାରୁ ଆଗରେ ରହିଛି। ଜୁଲାଇ ୧୫ ସୁଦ୍ଧା ଭୁବନେଶ୍ୱରରେ ୪୫ବର୍ଷରୁ ଊର୍ଦ୍ଧ୍ୱ ସବୁ ଲୋକଙ୍କ ଦୁଇଟି ଡୋଜ୍ ଟିକାକରଣ ହେବା ସହିତ ୧୮ରୁ ୪୪ ବର୍ଷ ସମସ୍ତଙ୍କ ପ୍ରଥମ ଡୋଜ୍ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ବୈଠକରେ ଉନ୍ନୟନ କମିଶନର, ପୋଲିସ ଡିଜି, ଅଗ୍ନିଶମ ସେବା ଡିଜି, ବିଭିନ୍ନ ଜିଲାର ଜିଲାପାଳ ଓ ଏସ୍‌ପିମାନେ ଯୋଗ ଦେଇଥିଲେ।

### ୧୧ରେ କଂଗ୍ରେସର...

ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପେଟ୍ରୋଲ ପମ୍ପ ଆଗରେ କଂଗ୍ରେସ ବିକ୍ଷୋଭ କରାଯିବ। ମଙ୍ଗଳବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ତୈଳ ଦର ବୃଦ୍ଧି ଯୋଗୁ ଜନସାଧାରଣ ତ୍ରାହି ତ୍ରାହି ଡାକୁଛନ୍ତି। ଦେଶର କେତେକ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପ୍ରତି ୧୦୦ ଟଙ୍କା ଅତିକ୍ରମ କରି ସାରିଲାଣି। ତୈଳ ଦର ବୃଦ୍ଧି ଯୋଗୁ ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ଗତ ୧୩ ମାସ ମଧ୍ୟରେ ପେଟ୍ରୋଲ ଲିଟର ପିଛା ଦର ୫.୭୨ ଟଙ୍କା ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ଲିଟର ପିଛା ୨୩.୯୩ ଟଙ୍କା ବଢ଼ିଛି। ଚଳିତବର୍ଷ ଗତ ୫ମାସ ମଧ୍ୟରେ ୪୩ ଥର ତୈଳ ଦର ବୃଦ୍ଧି ହୋଇଛି। ସରକାର ଟିକସ ବୃଦ୍ଧି ବାହାନାରେ ମହାମାରୀ ସମୟରେ ଲୋକଙ୍କୁ ଲୁଟି ଚାଲିଛନ୍ତି। ତୁରନ୍ତ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରିବାକୁ କଂଗ୍ରେସ ଦାବି କରିଛି। ବିକ୍ଷୋଭ ସମୟରେ କୋଭିଡ୍-୧୯ର ସମସ୍ତ ନୀତିନିୟମକୁ ଅନୁପାଳନ କରି ଯଥା ମାସ୍କ ପିନ୍ଧିବା, ସାମାଜିକ ଦୂରତାକୁ ବଜାୟ ରଖି ବ୍ୟାନର, ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ବିଫଳତା ବିଷୟରେ ସୂଚାଇବାକୁ ପିସିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲା, ବ୍ଲକ, ନଗର ସ୍ତରରେ ଜିଲା କଂଗ୍ରେସ ସଭାପତିମାନେ ପ୍ରସ୍ତୁତି ବୈଠକ ଡାକି ସମସ୍ତ କଂଗ୍ରେସ ନେତୃମଣ୍ଡଳୀ, ବିଧାୟକଗଣ ଓ ଏମ୍‌ପି, ପ୍ରାକ୍ତନ ବିଧାୟକ ଓ ଏମ୍‌ପି, ବିଧାୟକ ଓ ଏମ୍‌ପି ପ୍ରାର୍ଥୀ, ଏଆଇସିସି ଓ ପିସିସି ସଦସ୍ୟ, ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ କର୍ମକର୍ତ୍ତାଙ୍କୁ ସାମିଲ କରିବାକୁ ନିରଞ୍ଜନ ଆହ୍ୱାନ ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୪୫,୭୪,୨୯୪ | ୩୭,୫୬,୪୩୭ | ୧୫,୭୯,୧୧,୬୮୪ |
| ଭାରତ | ୨,୯୦,୮୪,୫୧୮ | ୩,୫୩,୩୮୦ | ୨,୭୪,୮୭,୮୭୪ |
| ଓଡ଼ିଶା | ୮,୨୫,୧୧୦ | ୩୦୮୦(+୫୩) | ୭,୫୬,୬୪୧ |

ମଙ୍ଗଳବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜି କ୍ୟାବିନେଟ ବୈଠକ

ଭୁବନେଶ୍ୱର,୮।୬(ବ୍ୟୁରୋ): ବୁଧବାର ଅପରାହ୍ନ ୫ଟା ୪୫ ମିନିଟରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭର୍ଚୁଆଲ ମାଧମରେ ବୈଠକକୁ ଅଧକ୍ଷତା କରିବେ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ, କୃଷି, ସ୍ୱାସ୍ଥ୍ୟ, ଜଳସମ୍ପଦ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରାୟ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି।

### ୟୁଜି, ପିଜି ପରୀକ୍ଷା ନେଇ ୧୨ରେ ବୈଠକ

ଭୁବନେଶ୍ୱର, ୮।୬(ବ୍ୟୁରୋ): ଯୁକ୍ତ୨ ପରୀକ୍ଷା ବାତିଲ ପରେ ଏବେ ୟୁଜି ଓ ପିଜି ପରୀକ୍ଷା ହେବା ନେଇ ଛାତ୍ରଛାତ୍ରୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏସମ୍ପର୍କରେ ଆସନ୍ତା ୧୨ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବୈଠକ ବସିବ। ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଉପସ୍ଥିତ ରହି ସେମାନଙ୍କ ମତାମତ ଦେବେ ବୋଲି ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ସେହିପରି ଡିଗ୍ରୀ କଲେଜର ଅଧକ୍ଷମାନଙ୍କୁ ନେଇ ମଧ ଆଉ ଏକ ବୈଠକ ଅନୁଷ୍ଠିତ ହେବ। ସେଥିରେ ଏହି ପରୀକ୍ଷା ସମ୍ପର୍କରେ ଅଧକ୍ଷମାନଙ୍କର ମତାମତ ନିଆଯିବ। ଏହାପରେ ଉଚ୍ଚଶିକ୍ଷା ବିଭାଗ ଉଚିତ ପଦକ୍ଷେପ ନେବ ବୋଲି ମନ୍ତ୍ରୀ କହିଛନ୍ତି।

### କେରଳ ଭାଜପା ମୁଖ୍ୟଙ୍କ ନାଁରେ ମାମଲା

ଥିରୁଭାନନ୍ତପୁରମ୍, ୮।୬: କେରଳ ବିଧାନସଭା ନିର୍ବାଚନବେଳେ ନାମାଙ୍କନ ପ୍ରତ୍ୟାହାର କରିବାକୁ ବିରୋଧୀ ପ୍ରାର୍ଥୀଙ୍କୁ ଲାଞ୍ଚ ଦେବା ଅଭିଯୋଗରେ ରାଜ୍ୟର ଭାଜପା ମୁଖ୍ୟ କେ. ସୁରେନ୍ଦ୍ରନ୍‌ଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବିଏସ୍‌ପି ପ୍ରାର୍ଥୀ କେ. ସୁନ୍ଦର ମଞ୍ଜେଶ୍ୱରମ୍‌ରୁ ପ୍ରାର୍ଥୀ ହୋଇଥିଲେ। ସେଠାରୁ ନାମାଙ୍କନ ପ୍ରତ୍ୟାହାର କରିବାକୁ ଭାଜପା ତାଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଦେଇଥିଲା ବୋଲି କେ. ସୁନ୍ଦର କହିଛନ୍ତି। ସିପିଏମ୍ ନେତା ଭି. ଭି. ରାମେସନ୍ ଏ ନେଇ ଦାଖଲ କରିଥିବା ଆବେଦନକୁ ସ୍ଥାନୀୟ କୋର୍ଟ ଗ୍ରହଣ କରି ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

### ଜାଲ୍ ପ୍ରମାଣପତ୍ର: ଏମ୍‌ପିଙ୍କୁ ୨ ଲକ୍ଷ ଜରିମାନା

ମୁମ୍ବାଇ, ୮।୬: ମହାରାଷ୍ଟ୍ରର ସ୍ୱାଧୀନ ଏମ୍‌ପି ନବନୀତ କୌର ନକଲି ଜାତିଗତ ପ୍ରମାଣପତ୍ର ଦାଖଲ କରିଥିବାରୁ ବମ୍ବେ ହାଇକୋର୍ଟ ତାଙ୍କୁ ୨ ଲକ୍ଷ ଟଙ୍କା ଜରିମାନା ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିନେତ୍ରୀରୁ ରାଜନୀତିକୁ ଆସିଥିବା କୌର ଅମରାବତୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

### ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୮।୬(ସ୍ୱ.ପ୍ର.): ଦେଶରେ ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ ବୃଦ୍ଧି ପାଉଥିବା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଜାତୀୟ ଶିଶୁ ସୁରକ୍ଷା ଓ ଅଧିକାର ଆୟୋଗ(ଏନ୍‌ସିପିସିଆର)ର ରିପୋର୍ଟକୁ ଆଧାର କରି ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ସରକାରଙ୍କୁ ବେଆଇନ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ଏନ୍‌ଜିଓ ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଏନ୍‌ଜିଓଗୁଡ଼ିକ ଅନାଥ ଓ ଅସହାୟ ପିଲାଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରି ଅର୍ଥ ଆଦାୟ କରିବା ସହ ସେମାନଙ୍କୁ ପୋଷ୍ୟଭାବେ ଗ୍ରହଣ କରିବାକୁ ଆଗ୍ରହୀ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାରପତି ଏଲ୍.ନାଗେଶ୍ୱର ରାଓ ଏବଂ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଜୁଭେନାଇଲ ଜଷ୍ଟିସ ଆକ୍ଟ-୨୦୧୫ର ନିୟମକୁ ବିରୋଧ କରି କୌଣସି ଅନାଥ ଓ ଅବହେଳିତ ପିଲାଙ୍କୁ ପୋଷ୍ୟଭାବେ ଗ୍ରହଣ କରାଯାଇପାରିବ ନାହିଁ। ଅନାଥଙ୍କୁ ପୋଷ୍ୟ ପାଇଁ ଆମନ୍ତ୍ରଣ ଆଇନ ବିରୋଧ ଅଟେ। ସେଣ୍ଟ୍ରାଲ ଆଡପ୍ସନ ରିସୋର୍ସ ଅଥରିଟି(ସିଏଆର୍‌ଏ)ର ବିନା ଅନୁମତିରେ ପୋଷ୍ୟ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏନ୍‌ସିପିସିଆର ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍.ନଟରାଜ ଶୁଣାଣି ସମୟରେ କେତେକ ଏନ୍‌ଜିଓ ଶିଶୁ ପୋଷ୍ୟ ନାମରେ ଅର୍ଥ ସଂଗ୍ରହ କରୁଛନ୍ତି ବୋଲି ଉପସ୍ଥାପନ କରିଥିଲେ।

# ଚିନ୍ତା ବଢ଼ାଉଛି ମୃତ୍ୟୁ

**ପୁଣି ଗଲା ୪୫ ଜୀବନ**
- ଏବେ ବି ୬୦ ପ୍ରତିଶତ ଆକ୍ରାନ୍ତ ଗୁରୁତର
- ୬ ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମି କମି ୬ହଜାର ତଳେ ପହଞ୍ଚିଲାଣି। କିନ୍ତୁ ଚିନ୍ତା ବଢ଼ାଉଛି ମୃତ୍ୟୁ ସଂଖ୍ୟା। ଗତ ୨୪ଘଣ୍ଟାରେ ରାଜ୍ୟରେ ୪୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୬ଜଣ ଥିବାବେଳେ କଟକ ଓ କଳାହାଣ୍ଡିରୁ ୫ଜଣ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୩,୦୮୦କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ୧୦ଦିନ ଭିତରେ କରୋନା ସଂକ୍ରମଣ ଆହୁରି କମିଯିବ। ଯେହେତୁ ୬୦ ପ୍ରତିଶତ ଆକ୍ରାନ୍ତ ଏବେ ମଧ ଗୁରୁତର ହୋଇ ଆଇସିୟୁରେ ଅଛନ୍ତି, ତେଣୁ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ୫,୮୯୬ଜଣ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୮୫୩ ଆକ୍ରାନ୍ତ ରହିଛନ୍ତି। ସୋମବାର ଖୋର୍ଦ୍ଧା ଜିଲାରେ ୫ଶହ ତଳକୁ ସଂକ୍ରମଣ ଖସିଥିଲା। ଫଳରେ ଏହି ଜିଲା ତୃତୀୟ ସ୍ଥାନରେ ରହିଥିଲା। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୮୫୩, ଯାଜପୁରରୁ ୪୧୩, ଅନୁଗୋଳ ୩୮୫, ବାଲେଶ୍ୱର ୩୭୩, ଭଦ୍ରକରୁ ୩୭୦, କଟକ ୩୪୯, ଢେଙ୍କାନାଳ ୩୦୬, ମୟୂରଭଞ୍ଜ ୨୬୧, ପୁରୀ ୨୪୧, କେନ୍ଦ୍ରାପଡ଼ା ୨୩୫, ଜଗତ୍‌ସିଂହପୁର ୨୩୨, ନୟାଗଡ଼ ୧୭୭, ନବରଙ୍ଗପୁର ୧୭୪, ରାୟଗଡ଼ା ୧୬୬, କେନ୍ଦୁଝର ୧୩୦, କୋରାପୁଟ ୧୨୯, ମାଲକାନଗିରି ୧୧୬, ସୁନ୍ଦରଗଡ଼ରୁ ୧୧୩ ଜଣ ରହିଛନ୍ତି। ଅନ୍ୟ ସବୁ ଜିଲାରେ ଶହେ ତଳକୁ ସଂକ୍ରମଣ ରହିଛି। ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮,୨୫,୧୧୦ରେ ପହଞ୍ଚିଛି। ତେବେ ରାଜ୍ୟରେ ସଂକ୍ରମଣ ଅପେକ୍ଷା ସୁସ୍ଥ ସଂଖ୍ୟା ଅଧିକ ରହୁଛି। ମଙ୍ଗଳବାର ଆଉ ୮,୮୩୬ ଜଣ ଆକ୍ରାନ୍ତ ଆରୋଗ୍ୟ ଲାଭ କରିଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୭,୫୬,୬୪୧କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୬୫,୩୩୬ଜଣ ସକ୍ରିୟ ରୋଗୀ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଅଧିକ ସଂକ୍ରାମକ ଭାରିଆଣ୍ଟ ଠାବ

ପୁଣେ, ୮।୬

ମହାରାଷ୍ଟ୍ରର ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି) ଜିନୋମ୍ ସିକ୍ୱେନ୍ସିଂ କୋଭିଡ୍‌-୧୯ର ଆଉ ଏକ ନୂତନ ଭାରିଆଣ୍ଟ ଚିହ୍ନଟ କରିଛନ୍ତି। ବ୍ରାଜିଲ ଏବଂ ବ୍ରିଟେନରୁ ଭାରତ ଆସିଥିବା ଯାତ୍ରୀଙ୍କଠାରୁ ସଂଗୃହୀତ ନମୁନାରୁ ଏହି ଭାରିଆଣ୍ଟ (ବି.୧.୧.୨୮.୨) ମିଳିଛି। ଭୂତାଣୁର ଏହି ନୂଆ ରୂପ ସଂକ୍ରମିତଙ୍କଠାରେ ଗୁରୁତର ଲକ୍ଷଣ ସୃଷ୍ଟି କରିପାରେ। ଏହା ବିରୋଧରେ ଭାକ୍ସିନ ପ୍ରଭାବୀ ହେବ କି ନା ସେ ନେଇ ଅଧିକ ସ୍କ୍ରିନିଂର ଆବଶ୍ୟକତା ରହିଥିବା ଏନ୍‌ଆଇଭି ପକ୍ଷରୁ କୁହାଯାଇଛି।




## ଗାନ୍ଧିଜୀଙ୍କ ଅଣନାତୁଣୀଙ୍କୁ ୭ ବର୍ଷ ଜେଲ

ଜୋହାନ୍ସବର୍ଗ, ୮।୬

ଜଣେ ବ୍ୟବସାୟୀଙ୍କଠାରୁ ୬ ମିଲିୟନ ରାଣ୍ଡ୍ (ପ୍ରାୟ ୩.୨୨ କୋଟି ଟଙ୍କା) ଠକେଇ ମାମଲାରେ ମହାତ୍ମା ଗାନ୍ଧୀଙ୍କ ଅଣନାତୁଣୀ ଆଶିଷ ଲତା ରାମଗୋବିନ୍‌ଙ୍କୁ ଦକ୍ଷିଣ ଆଫ୍ରିକାର ଡରବାନ୍ କୋର୍ଟ ସୋମବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଭାରତରୁ ସାମଗ୍ରୀ ଆମଦାନି କରିବା ଏବଂ କଷ୍ଟମ୍ସ ଡ୍ୟୁଟି କ୍ଲିୟରାନ୍ସ ପାଇଁ ନ୍ୟୁ ଆଫ୍ରିକା ଆଲାଏନ୍ସ ଫୁଟ୍‌ୱେର ଡିଷ୍ଟ୍ରିବ୍ୟୁଟର୍‌ର ନିର୍ଦ୍ଦେଶକ ଏସ୍. ଆର୍. ମହାରାଜଙ୍କଠାରୁ ସେ ଉକ୍ତ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। ଲତା ରାମଗୋବିନ୍ ଜଣାଶୁଣା ମାନବାଧିକାର କର୍ମୀ ଇଲା ଗାନ୍ଧୀ ଏବଂ ସ୍ୱର୍ଗତ ମେୱା ରାମଗୋବିନ୍‌ଙ୍କ ଝିଅ। ୨୦୧୫ରେ ଲତାଙ୍କ ବିରୋଧରେ କୋର୍ଟରେ ଟ୍ରାଏଲ ଆରମ୍ଭ ହୋଇଥିଲା। ଲାଇନନ୍‌ର ୩ଟି କଣ୍ଟେନର ଭାରତରୁ ଆସିଥିବା ନେଇ ସେ ନକଲି ଇନ୍‌ଭଏସ୍ ଏବଂ ଡକ୍ୟୁମେଣ୍ଟ ଦେଇ ନିବେଶକଙ୍କୁ ସନ୍ତୁଷ୍ଟ କରାଇଥିଲେ ବୋଲି କୋର୍ଟଙ୍କୁ ଜଣାଯାଇଥିଲା। ସେହି ସମୟରେ ଲତା ୫୦ ହଜାର ରାଣ୍ଡ୍ ଦେଇ ଜାମିନ୍‌ରେ ମୁକୁଳିଥିଲେ। ସୋମବାର ଶୁଣାଣିରେ କୋର୍ଟ ଜାଣିବାକୁ ପାଇଥିଲେ ଯେ, ମହାରାଜଙ୍କୁ ତାଙ୍କ କମ୍ପାନୀ ପାଇଁ ମଗାଇଥିବା ସାମଗ୍ରୀ ଡେଲିଭରି ହୋଇଯାଇଥିବା ଲତା ସାକ୍ଷାତ କରି କହିଥିଲେ। ସେତେବେଳେ ଲତା ଦେଇଥିବା ସମସ୍ତ ଦସ୍ତାବିଜ୍ ନକଲି ଥିଲା।



ଆଶିଷ ଲତା ରାମଗୋବିନ୍



**ଦିନକ ପରେ ସାବିତ୍ରୀ ଅମାବାସ୍ୟା:** ଲକ୍‌ଡାଉନ୍ ସତ୍ତ୍ୱେ ଭୁବନେଶ୍ୱର ୧ ନଂ ମାର୍କେଟ ସମ୍ମୁଖରେ ଲୋକଙ୍କ ଅସମ୍ଭାଳ ଭିଡ଼।

## ସ୍ୱତନ୍ତ୍ର ନାର୍କୋଟିକ୍ସ କଣ୍ଟ୍ରୋଲ ୟୁନିଟ୍ ଗଠନ ହେବ

- ୨୭ ନୂଆ ପଦବୀ ସମେତ ଏନ୍‌ସିୟୁକୁ ମଞ୍ଜୁରୀ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ରାଜ୍ୟରେ ନିଶା କାରବାର ଓ ଚାଲାଣ ଉପରେ ରୋକ୍ ଲାଗିବ। ସେଥିପାଇଁ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)କୁ ଅଧିକ ସଶକ୍ତ କରାଯିବ। ଏଥିଲାଗି ୨୭ଟି ନୂଆ ପଦବୀ ସୃଷ୍ଟି ନିମନ୍ତେ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟରେ ଡ୍ରଗ୍ସ କାରବାର ରୋକିବାକୁ ଏସ୍‌ଟିଏଫ୍‌ରେ ଏକ ସ୍ୱତନ୍ତ୍ର ଡେଡିକେଟେଡ୍ ନାର୍କୋଟିକ୍ସ କଣ୍ଟ୍ରୋଲ ୟୁନିଟ୍ (ଏନ୍‌ସିୟୁ) ଗଠନ ହେବ। ଏହି ୟୁନିଟ୍ ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଥିବା ପୋଲିସ ଡିଜି ଅଭୟ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଡିଜିପି କହିଛନ୍ତି, ୨୭ଟି ନୂଆ ପଦବୀ ସହିତ ଜଣେ ଏସ୍‌ପି ଓ ୩ଜଣ ଡେପୁଟି ଏସ୍‌ପି ନିଯୁକ୍ତ ହେବେ। ଏସ୍‌ଟିଏଫ୍‌ର ୨ଟି ୟୁନିଟର ନେତୃତ୍ୱ ଜଣେ ଏସ୍‌ପି ନେବ। ଗୋଟିଏ ଏସ୍‌ଟିଏଫ୍ ନାର୍କୋଟିକ୍ସ ୟୁନିଟ୍ ଏବଂ ଅନ୍ୟଟି ଏସ୍‌ଟିଏଫ୍ କ୍ରାଇମ୍ ୟୁନିଟ୍ ରହିବ। ରାଜ୍ୟରେ ନିଶା କାରବାର ରୋକିବାରେ ଏସ୍‌ଟିଏଫ୍‌ର ପ୍ରମୁଖ ଭୂମିକା ଥିବା କହି ପୋଲିସ ଡିଜି ଅଭୟ ଏହାର ପ୍ରଶଂସା କରିଛନ୍ତି। ସେହିପରି ଏଭଳି ସଶକ୍ତ, ସହଯୋଗ ଓ ଗାଇଡ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପୋଲିସ ଡିଜି କୃତଜ୍ଞତା ଜଣାଇଛନ୍ତି।



ପୋଲିସ ଡିଜି ଅଭୟ

ରାଜ୍ୟ ପୋଲିସର ସୂଚନା ଅନୁସାରେ, ୨୦୨୦ ପରଠାରୁ ରାଜ୍ୟରେ ନିଶା କାରବାର ବିଶେଷ କରି ବ୍ରାଉନ୍ ସୁଗାର କାରବାର ବଢ଼ିଚାଲିଛି। ଏହି ଅନୁସାରେ ପୋଲିସ କାର୍ଯ୍ୟାନୁଷ୍ଠାନ ମଧ ବୃଦ୍ଧି ପାଇଛି। କେବଳ ୨୦୨୦ରେ ୩୫ କିଲୋଗ୍ରାମ ୬୧୬ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରାଯାଇଛି। ସେହିପରି ୨୦୨୧ରେ ବର୍ତ୍ତମାନ ସୁଦ୍ଧା ୯ କେଜିରୁ ଅଧିକ ଓଜନର ବ୍ରାଉନ ସୁଗାର ଏବଂ ୧୫ ଶହ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି।

## ମୁଣ୍ଡା ସିମେଣ୍ଟରେ ପାଉଁଶ, ମାଟି ମିଶାଯାଉଥିଲା

- ଅପମିଶ୍ରିତ ସିମେଣ୍ଟ କାରଖାନାରେ ଚଢ଼ାଉ
- ୧୦୦ରୁ ଊର୍ଦ୍ଧ୍ୱ ବସ୍ତା ସିମେଣ୍ଟ, କଞ୍ଚାମାଲ, ଯନ୍ତ୍ରପାତି ଜବତ



ଚୌଦ୍ୱାର,୮।୬(ଡି.ଏନ୍.ଏ.)

କଟକ ଜିଲା ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ସାମନ୍ତରାପୁର ଗ୍ରାମ ଲଞ୍ଜାବର ପଡ଼ିଆ ନିକଟରେ ଥିବା ଏକ ଅପମିଶ୍ରିତ ସିମେଣ୍ଟ କାରଖାନାକୁ ମଙ୍ଗଳବାର ସନ୍ଧ୍ୟାରେ ଠାବ କରାଯାଇଛି। ସେଠାରୁ ୧୦୦ରୁ ଊର୍ଦ୍ଧ୍ୱ ବସ୍ତା ଅପମିଶ୍ରିତ ସିମେଣ୍ଟ, ବସ୍ତା, ସିମେଣ୍ଟ ତିଆରି ପାଇଁ ବ୍ୟବହୃତ କଞ୍ଚାମାଲ ଓ ବିଭିନ୍ନ ଯନ୍ତ୍ରପାତି ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସ୍ଥାନରେ ବେଆଇନ ଭାବେ କାରଖାନା ଚାଲୁଥିଲା। ମଙ୍ଗଳବାର ଖବର ପାଇବା ପରେ କଟକ ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡା ଓ ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ସଦଳବଳ ଚଢ଼ାଉ କରିଥିଲେ। ଏହି ଘଟଣାରେ କାରଖାନାର ଜଣେ କର୍ମଚାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଉକ୍ତ କାରଖାନାରେ ମୁଣ୍ଡା ହୋଇଯାଇଥିବା ସିମେଣ୍ଟ, ପାଉଁଶ, ମାଟି ଆଦିକୁ ମିଶ୍ରଣ କରାଯାଉଥିଲା। ପରେ ତାହାକୁ ବିଭିନ୍ନ ନାମୀଦାମୀ ସିମେଣ୍ଟ କମ୍ପାନୀ ବସ୍ତାରେ ପ୍ୟାକିଂ କରାଯାଇ ବାହାରେ ବିକ୍ରି କରାଯାଉଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଏହି କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ଘର ମାଲିକଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସିପି ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କିଛିମାସ ପୂର୍ବେ କଟକ ଚାଉଳିଆଗଞ୍ଜ, ଜଗତ୍‌ପୁର, ମଧୁପାଟଣା, ପିଠାପୁର, ସିଡ଼ିଏ ଅଞ୍ଚଳରେ ଅପ୍ରମିଶ୍ରିତ ଘିଅ, ନକଲି ସିମେଣ୍ଟ, ଖୁଟ୍‌ଖା, ମସଲା ସାମଗ୍ରୀ ପ୍ରସ୍ତୁତ କାରଖାନାରେ ପୋଲିସ ଚଢ଼ାଉ କରିଥିଲା। ଏଥିସହ ସେଠାରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରିଥିଲା।

## ବଜ୍ରପାତ: ୨ ଚାଷୀ ମୃତ, ୨ ଗୁରୁତର

ବାଙ୍କୀ/ଆଠଗଡ଼/କୁଜଙ୍ଗ, ୮।୬(ସ୍ୱ.ପ୍ର./ଡି.ଏନ୍.ଏ)

ରାଜ୍ୟର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବର୍ଷା ସହ ବଜ୍ରପାତ ହେବାରୁ ୨ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ଏଥିସହ ଜଣେ ନାବାଳିକାଙ୍କ ସମେତ ଆଉ ଜଣେ ଚାଷୀ ଗୁରୁତର ହୋଇଛନ୍ତି। କଟକ ଜିଲା ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗାଁର ମିହିର ରାଉତ(୪୫)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ପୂର୍ବାହ୍ନରେ ବିଲରେ ଧାନ ବିହନ ବୁଣୁଥିବା ବେଳେ ବଜ୍ରପାତ ହେବାରୁ ସେ ଅଚେତ ହୋଇ ଯାଇଥିଲେ। ନିକଟ ବିଲରେ କାମ କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ମିହିରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବାଙ୍କୀ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଠଗଡ଼ ଥାନା ରାଜନଗର ପଞ୍ଚାୟତସ୍ଥିତ ବନଖଣ୍ଡି ଗାଁରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହେବାରୁ ନରୋତ୍ତମ ସାହୁଙ୍କ ଝିଅ ଚିନ୍ମୟୀ ସାହୁ(୧୬) ଗୁରୁତର ହୋଇଛନ୍ତି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେହିପରି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍ ଜିଲାନାସୀ ପଞ୍ଚାୟତର ସାହାରାଡିଆ ଗାଁରେ ମଙ୍ଗଳବାର ବଜ୍ରପାତ ଘଟି ନରହରି ବେହେରା(୬୩)ଙ୍କ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ବିଲରେ ବିହନ ବୁଣୁଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ନିକଟ ବିଲରେ କାମ କରୁଥିବା ବାବାଜୀ ବେହେରା (୬୬) ମଧ ଗୁରୁତର ହୋଇଛନ୍ତି।

## ସ୍ଥାପନ ହେବ ୧୦ ହଜାର ସିଏନ୍‌ଜି ଷ୍ଟେଶନ: ଧର୍ମେନ୍ଦ୍ର



**୨୦୧ ସିଏନ୍‌ଜି ଷ୍ଟେଶନର ଲୋକାର୍ପଣ**

ନୂଆଦିଲ୍ଲୀ,୮।୬

ଲୋକଙ୍କ ନିକଟରେ ସ୍ୱଚ୍ଛ ଇନ୍ଧନ ଯୋଗାଣ ଲକ୍ଷ୍ୟ ନେଇ ସାରା ଦେଶରେ ୧୦ ହଜାର ସିଏନ୍‌ଜି ଷ୍ଟେଶନ ସ୍ଥାପନ କରାଯିବ। ସେହିଭଳି ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ବାଷ୍ପ(ପିଏନ୍‌ଜି) ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସୂଚନା ଦେଇଛନ୍ତି। ସେ ମଙ୍ଗଳବାର ଭିଡିଓକନଫରେନ୍ସ ଜରିଆରେ ଓଡିଶାର ୧୧ଟି ନୂଆ ସିଏନ୍‌ଜି ଷ୍ଟେଶନ ସମେତ ସାରା ଦେଶରେ ୨୦୧ ସିଏନ୍‌ଜି ଷ୍ଟେଶନ ଲୋକାର୍ପଣ କରିଛନ୍ତି। ନୂଆ ସିଏନ୍‌ଜି ଷ୍ଟେଶନ ମଧ୍ୟରେ ଭୁବନେଶ୍ୱରର ୭ ଏବଂ କଟକର ୪ଟି ଷ୍ଟେଶନ ସାମିଲ ରହିଛି। ଏହାବାଦ ଝାଡ଼ଗ୍ରାରେ ପ୍ରାକୃତିକ ଗ୍ୟାସର ଯୋଗାଣ ଏବଂ ମହାରାଷ୍ଟ୍ରର ରାଇଗଡଠାରେ ମୋବାଇଲ ରିଫ୍ୟୁଲିଂ ୟୁନିଟର ଆରମ୍ଭ ହୋଇଛି। ସେ ଝାଡ଼ଗ୍ରାର ପିଏନ୍‌ଜି ଉପଭୋକ୍ତା ଏବଂ ଦିଲ୍ଲୀ ଓ ରାଇଗଡରେ ଏମ୍‌ଆର୍‌ୟୁ ଅପରେଟରଙ୍କ ସହ ଆଲୋଚନା ମଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧର୍ମେନ୍ଦ୍ର କହିଛନ୍ତି, ନୂଆ ୨୦୧ ସିଏନ୍‌ଜି ଷ୍ଟେଶନର ଲୋକାର୍ପଣ ସ୍ୱଚ୍ଛ ଇନ୍ଧନ ଦିଗରେ ଏକ ଏକ ପଦକ୍ଷେପ। ସାରା ଦେଶରେ ଏଭଳି ଷ୍ଟେଶନଗୁଡ଼ିକର ସଂଖ୍ୟା ୩,୧୪୨ ଛୁଇଁଛି। ସେହିଭଳି ଦେଶରେ ଏଲ୍‌ପିଜି ଉପଭୋକ୍ତାଙ୍କ ସଂଖ୍ୟା ୩୦ କୋଟି ଛୁଇଁଛି। ଦେଶ ମଧ୍ୟରେ ୧ ହଜାର ଏଲ୍‌ଏନ୍‌ଜି ଷ୍ଟେଶନ ପ୍ରତିଷ୍ଠା କରାଯିବା ନେଇ କାମ ଆଗେଇ ଚାଲିଛି। ନାଗରିକଙ୍କ ଇଜ୍ ଅଫ୍ ଲିଭିଂକୁ ସୁଗମ କରିବା ଦିଗରେ ଗୁରୁତ୍ୱାରୋପ କରାଯାଉଛି। ଅଙ୍ଗାରକାମ୍ଳ ବାଷ୍ପ ହ୍ରାସ କରିବା ଦିଗରେ ବିଭିନ୍ନ ପଦକ୍ଷେପ ପାଇଁ ଭାରତ ସାରା ବିଶ୍ୱରେ ବେଶ ପ୍ରଶଂସିତ ହୋଇଛି। ସେହିଭଳି ସ୍ୱଚ୍ଛ ଇନ୍ଧନ ଉପଲବ୍ଧ କରାଇବା ଦିଗରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ କାର୍ଯ୍ୟକ୍ରମ ଜାରି ରଖିଥିବା ସେ ମତ ପ୍ରକାଶ କରିଛନ୍ତି।

## ୧୪ ଯାଏ ପ୍ରବଳ ବର୍ଷା

- ୨ରୁ ୩ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ
- ୧୧, ୧୨ରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୨ରୁ ୩ଦିନ ମଧ୍ୟରେ ଓଡ଼ିଶା ଛୁଇଁବ। ଏ ନେଇ ମଙ୍ଗଳବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ମଙ୍ଗଳବାର ମହାରାଷ୍ଟ୍ରର ଆଲିବାଗ, ପୁଣେ ଆଦି ସ୍ଥାନରେ ପହଞ୍ଚିଛି। ସେହିପରି ଦକ୍ଷିଣପୂର୍ବ ଭାରତରେ ଏହା ଆନ୍ଧ୍ରପ୍ରଦେଶର ଆଉ କିଛି ଅଞ୍ଚଳ ଯେପରିକି ଶ୍ରୀହରିକୋଟା, ରେଣ୍ଟାଚିନ୍ତଲାକୁ ଛୁଇଁଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳକୁ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୧୧ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗର ଓ ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୦ରୁ ୧୪ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୧୧ ଓ ୧୨ରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୧୧ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଅନୁଗୋଳ, ଢେଙ୍କାନାଳ, ପୁରୀ ଓ ଖୋର୍ଦ୍ଧା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ୧୨ରେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେଥିପାଇଁ ଏହି ଦୁଇଦିନ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ନୟାଗଡ଼ରେ ସର୍ବାଧିକ ୨୯ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ୬ଟି ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ବୌଦ୍ଧରେ ସର୍ବାଧିକ ୪୧ଡିଗ୍ରୀ ରହିଥିବା ବେଳେ ସୋନପୁର ୪୦.୮, ବଲାଙ୍ଗୀର ୪୦.୪, ଟିଟିଲାଗଡ଼ ୪୦.୨, ଭବାନୀପାଟଣା ଓ ସୁନ୍ଦରଗଡ଼ରେ ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।


**रा.इ.सू.प्रौ.सं NIELIT**

**ରାଷ୍ଟ୍ରୀୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ଅନୁଷ୍ଠାନ (ଏନ୍‌ଆଇଇଏଲ୍‌ଆଇଟି)**
(ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ବୈଜ୍ଞାନିକ ସୋସାଇଟି)
ଏନ୍‌ଆଇଇଏଲ୍‌ଆଇଟି ଭବନ, ପ୍ଲଟ୍ ନଂ. ୩, ପିଏସ୍‌ପି ପକେଟ୍, ସେକ୍ଟର-୮, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୭
ଫୋନ୍: ୦୧୧-୨୩୬୪୪୮୪୯, ୧୪୯

**ଏସ୍‌ଟିକ୍ୟୁସିରେ ପ୍ରତ୍ୟକ୍ଷ ନିଯୁକ୍ତି ଭିତ୍ତିରେ ପୂରଣ ହେବାକୁ ଥିବା ସଂଶୋଧିତ ଖାଲିପଦବୀ ଏବଂ ଆବେଦନ ପ୍ରକ୍ରିୟାର ପୁନରାରମ୍ଭ**

ୱେବ୍‌ସାଇଟ୍: http://www.nielit.gov.in

ମାନକୀକରଣ ପରୀକ୍ଷଣ ଏବଂ ଗୁଣବତ୍ତା ପ୍ରମାଣୀକରଣ ନିର୍ଦ୍ଦେଶାଳୟ (ଏସ୍‌ଟିକ୍ୟୁସି), ଏମ୍‌ଇଆଇଟିୱାଇର ଏକ ସଂଲଗ୍ନ କାର୍ଯ୍ୟାଳୟରେ ଖାଲିପଦବୀଗୁଡ଼ିକୁ ପୂରଣ କରିବା ପାଇଁ ତା୦୨।୧୨।୨୦୨୦ରିଖର ପୂର୍ବବର୍ତ୍ତୀ **ବିଜ୍ଞାପନ ସଂଖ୍ୟା: ଏନ୍‌ଆଇଇଏଲ୍‌ଆଇଟି/ଏନ୍‌ଡିଏଲ୍/ଏସ୍‌ଟିକ୍ୟୁସି/୨୦୨୦/୧**ର କ୍ରମାନୁବୃତ୍ତିରେ, ଖାଲିପଦବୀଗୁଡ଼ିକର ସଂଖ୍ୟାକୁ ସଂଶୋଧିତ କରାଯାଇଛି ଏବଂ ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ଓ ଯୋଗ୍ୟ ବ୍ୟକ୍ତିମାନଙ୍କ ଲାଗି ଆବେଦନ ପ୍ରକ୍ରିୟାକୁ ପୁନରାରମ୍ଭ କରାଯାଉଛି।

| ପଦବୀ | ବେତନ ହାର | ସଂଶୋଧିତ ଖାଲିପଦବୀ ସଂଖ୍ୟା | ପିଡବ୍ଲ୍ୟୁଡିଙ୍କ ପାଇଁ ସଂରକ୍ଷିତ |
|---|---|---|---|
| ସାଇଣ୍ଟିଷ୍ଟ-ବି | ସ୍ତର-୧୦ (ଟ.୫୬୧୦୦-୧୭୭୫୦୦) | ୧୮ (ୟୁଆର: ୧୨, ଇଡବ୍ଲ୍ୟୁଏସ୍: ୧, ଓବିସି: ୪, ଏସ୍‌ଟି: ୧) | ଓଏଚ୍ = ୧ |
| ସାଇଣ୍ଟିଷ୍ଟ ଆସିଷ୍ଟାଣ୍ଟ 'ଏ' | ସ୍ତର-୬ (ଟ.୩୫୪୦୦-୧୧୨୪୦୦) | ୬୩ (ୟୁଆର: ୨୬, ଇଡବ୍ଲ୍ୟୁଏସ୍: ୬, ଓବିସି: ୨୩, ଏସ୍‌ସି: ୮) | ଏଚ୍‌ଏଚ୍=୨, ଏଲ୍‌ଭି=୧, ଓଏଚ୍=୨ |

ସଂଶୋଧିତ ଶୃଙ୍ଖଳାୱାରି ଖାଲିପଦବୀ/ସଂରକ୍ଷଣ ଏବଂ ନିର୍ଦ୍ଦେଶାବଳୀ ବାବଦୀୟ ବିବରଣୀ ପାଇଁ ସମସ୍ତ ଆବେଦନକାରୀଙ୍କୁ ୱେବ୍‌ସାଇଟ୍‌ରେ ଉପଲବ୍ଧ ନୋଟିସ୍ ଦେଖିବା ଲାଗି ଅନୁରୋଧ କରାଯାଉଛି। ଇତିମଧ୍ୟରେ ଦେୟ ସହିତ ଦରଖାସ୍ତ ଦାଖଲ କରିସାରିଥିବା ଆବେଦନକାରୀମାନଙ୍କୁ ପୁନର୍ବାର ଆବେଦନ କରିବା ଆବଶ୍ୟକ ନୁହେଁ। ପୂର୍ବରୁ ନିଜର ଦରଖାସ୍ତ ପୂରଣ କରି ପାରି ନ ଥିବା/ଦରଖାସ୍ତ ଦେୟ ପୈଠ କରିପାରି ନ ଥିବା ଆବେଦନକାରୀମାନେ ସମାପ୍ତି ତାରିଖ ଅର୍ଥାତ୍ ତା୦୯।୦୭।୨୦୨୧ରିଖ (ଅପରାହ୍ନ ୫.୩୦ ଘଟିକା) ସୁଦ୍ଧା ସେମାନଙ୍କର ଦରଖାସ୍ତକୁ ପୂରଣ କରିପାରିବେ/ଦରଖାସ୍ତ ଦେୟ ପୈଠ କରିପାରିବେ। ନୂଆ ଆବେଦନକାରୀଙ୍କୁ ଅନ୍‌ଲାଇନ୍‌ରେ **https://apply-delhi.nielit.gov.in**ରେ ତା୧୦।୦୬।୨୦୨୧ରିଖ (୧୧.୩୦ ଘଟିକା) ଏବଂ ୦୯।୦୭।୨୦୨୧ (୫.୩୦ ଘଟିକା) ମଧ୍ୟରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। ଅନ୍‌ଲାଇନ୍ ମାଧ୍ୟମ ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ/ପଦ୍ଧତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଆବେଦନ କରିବା ପୂର୍ବରୁ, ପଦବୀ ନିମନ୍ତେ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ନିଜର ଯୋଗ୍ୟତା ନିର୍ଦ୍ଧାରଣ କରିବା ଲାଗି ଆବେଦନକାରୀମାନଙ୍କୁ ସବିସ୍ତୃତ ବିଜ୍ଞାପନକୁ ପଢ଼ିନେବା ପାଇଁ ପରାମର୍ଶ ଦିଆଯାଉଛି। ସବିସ୍ତୃତ ବିଜ୍ଞାପନ nielit.gov.in, meity.gov.in ଏବଂ stqc.gov.inରେ ମଧ ଉପଲବ୍ଧ।

davp 06102/11/0001/2122
ନିବନ୍ଧକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଜୁନ୍, ୨୦୨୧



"ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। –ଶ୍ରୀଅରବିନ୍ଦ

# ଲାକ୍ଷାଦ୍ୱୀପ

କେନ୍ଦ୍ରଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପ ଏବେ ଅଶାନ୍ତ ହୋଇପଡ଼ିଛି। ସେଠାକାର ଜନସାଧାରଣଙ୍କ ଅଧିକାର ଓ ସ୍ୱଚ୍ଛନ୍ଦ ଜୀବନଯାପନରେ ପ୍ରଶାସକ ପ୍ରଫୁଲ ଖୋଡ଼ା ପଟେଲ ପ୍ରତିବନ୍ଧକ ସାଜିଛନ୍ତି। ଏହି ଦ୍ୱୀପାଞ୍ଚଳକୁ ବିକଶିତ କରିବା ଲକ୍ଷ୍ୟରେ ଅଣାଯାଇଥିବା ଲାକ୍ଷାଦୀପ ବିକାଶ କର୍ତ୍ତୃପକ୍ଷ ନିୟମାବଳୀ (ଏଲ୍‌ଡିଏଆର୍)କୁ ପ୍ରତ୍ୟାହାର କରି ଲକ୍ଷାଦ୍ୱୀପକୁ ନ୍ୟାୟ ଦରକାର ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୋସିଆଲ ମିଡିଆରେ 'ଲାକ୍ଷାଦ୍ୱୀପକୁ ରକ୍ଷାକର' ଲେଖାଥିବା ବ୍ୟାନର ଦେଖିବାକୁ ମିଳିଛି। ୭ ଜୁନ୍‌ରେ ଅନେକ ଲୋକ ପାଣି ଭିତରେ ପଶିରହି ପ୍ରତିବାଦ କରିବା ସହିତ ୧୨ ଘଣ୍ଟିଆ ଆମରଣ ଅନଶନ କରି ପ୍ରଫୁଲଙ୍କୁ ହଟେଇବା ଲାଗି ଅଡ଼ି ବସିଛନ୍ତି।

ପ୍ରଶାସକଙ୍କ କାର୍ଯ୍ୟଧାରାରେ ଲୋକେ ଅତିଷ୍ଠ ହୋଇପଡ଼ିବା ପଛରେ ଅନେକ କାରଣ ରହିଛି। ୨୦୨୦ ଡିସେମ୍ବରରେ ଲାକ୍ଷାଦ୍ୱୀପର ଦାୟିତ୍ୱ ନେବା ପରେ ପ୍ରଫୁଲ ସେଠାରେ ତଟରକ୍ଷୀ ନିୟମର ଦୁହାଇଦେଇ ମତ୍ସ୍ୟଜୀବୀଙ୍କ ବାସସ୍ଥାନକୁ ଭାଙ୍ଗିବା, ପୂର୍ବରୁ ମଦ ଉପରେ ଲାଗିଥିବା ପ୍ରତିବନ୍ଧକକୁ ହଟେଇ ଦେବା, ଗୋମାଂସ ଉପରେ ରୋକେ ଲଗାଇବା ଆଦି ଜନବିରୋଧୀ କାର୍ଯ୍ୟ କରିଛନ୍ତି। ଲାକ୍ଷାଦ୍ୱୀପର ବିକାଶ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଦିଗରେ ଏଭଳି ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ପ୍ରଶାସକ ଯେଉଁ ସଫେଇ ଦେଇଛନ୍ତି, ତାହାଦ୍ୱାରା ଲୋକଙ୍କ ଜୀବନଜୀବିକା ବିପନ୍ନ ହୋଇଯାଇଛି। ଯଦି ସମ୍ପୃକ୍ତ ଦ୍ୱୀପାଞ୍ଚଳକୁ ଦେଖାଯାଏ ଲାକ୍ଷାଦ୍ୱୀପ ମାଳରେ ଥିବା ୩୬ଟି ଦ୍ୱୀପ ମଧ୍ୟରୁ ୧୦ଟିରେ ଜନବସତି ଅଛି। ଏହା ମୁଖ୍ୟତଃ ମୁସ୍‌ଲିମବହୁଳ। ଏଠାକାର ଲୋକସଂଖ୍ୟା ସରକାରୀ ଭାବେ ୬୪,୪୭୩ ଦର୍ଶାଯାଇଛି। ସମୁଦାୟ ଅଞ୍ଚଳରେ ଜଣେ ସାଂସଦ ଅଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳରେ ସର୍ବଭାରତୀୟ ସେବାର ବରିଷ୍ଠ ଅଧିକାରୀଙ୍କୁ ପ୍ରଶାସକ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ଥିବାବେଳେ ଲାକ୍ଷାଦ୍ୱୀପରେ ଅବସ୍ଥାପିତ ହୋଇଥିବା ପ୍ରଫୁଲ ପଟେଲ ହେଉଛନ୍ତି ଭାରତୀୟ ଜନତା ପାର୍ଟିର ଜଣେ ନେତା। ତାଙ୍କ ପିତା ଖୋଡ଼ାଭାଇ ରନ୍‌ଛୋଡ଼ଭାଇ ପଟେଲ ଆର୍‌ଏସ୍‌ଏସ୍‌ର ନେତା ଭାବେ ପରିଚିତ। ତାଙ୍କ ନିକଟକୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ତଥା ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଯାଆସ କରୁଥିଲେ ବୋଲି ଗଣମାଧ୍ୟମରୁ ଜଣାପଡ଼ିଛି। ପ୍ରଫୁଲ ୨୦୧୦ରେ ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଗୁଜରାଟର ଗୃହମନ୍ତ୍ରୀ ଥିଲେ। ୨୦୧୨ରେ ବିଧାନସଭା ନିର୍ବାଚନରେ ହାରିଯାଇଥିଲେ ମଧ୍ୟ ତାଙ୍କର ମୋଦିଙ୍କ ସହ ଭଲ ସମ୍ପର୍କ ଥିଲା। ମୋଦି ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଫୁଲଙ୍କୁ ସେ ୨୦୧୬ରେ ଡାମନ୍ ଓ ଡିୟୁର ପ୍ରଶାସକ ନିଯୁକ୍ତ କରିଥିଲେ। ଲାକ୍ଷାଦ୍ୱୀପର ପ୍ରଶାସକ ଥିବା ଦୀନେଶ୍ୱର ଶର୍ମାଙ୍କ ପରଲୋକ ପରେ ପ୍ରଫୁଲଙ୍କୁ ଏହି କେନ୍ଦ୍ରଶାସିତ ଅଞ୍ଚଳ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡିୟୁ ମଧ୍ୟରେ ମିଶ୍ରଣ ଘଟି ଗଠିତ ହୋଇଥିବା ନୂଆ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସକ ଭାବେ ପ୍ରଫୁଲ ମଧ୍ୟ କାର୍ଯ୍ୟ କରୁଛନ୍ତି।

ଏବେ ଯାହା ଆଲୋଚନା ହେଉଛି ସେଥିରୁ ଜଣାପଡ଼ିଲାଣି ଯେ, କେନ୍ଦ୍ର ସରକାର ଅକ୍ଷୁଣ୍ଣ ରହିଥିବା କେତେକ ଦ୍ୱୀପକୁ କିଛି ଘରୋଇ ବ୍ୟବସାୟୀଙ୍କ ହାତରେ ଟେକି ଦେବାର ଉଦ୍ୟମ ଆରମ୍ଭ ହୋଇଛି। ଏହାଦ୍ୱାରା ପ୍ରାକୃତିକ ଭାରସାମ୍ୟ ନଷ୍ଟ ହେବା ସହିତ ଭବିଷ୍ୟତରେ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।

# ମାଙ୍ଗାଲୋର ନ ଯାଇ ମଙ୍ଗଳ

ଜୁଲାଇ ୨୦ରେ ଆମାଜନ ପ୍ରତିଷ୍ଠାତା ତଥା 'ବ୍ଲୁ ଅରିଜନ'ର ମାଲିକ ଜେଫ୍ ବେଜୋସ୍‌ଙ୍କ ସହ ତାଙ୍କ ଭାଇ ମାର୍କ ମହାକାଶକୁ ଯିବେ। ବିଶ୍ୱର ଅତିଧନୀ ବ୍ୟକ୍ତିବିଶେଷଙ୍କ ତାଲିକାରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ରହିଛନ୍ତି ବେଜୋସ୍। ସେ ଆମାଜନ ବିଜ୍‌ନେସ୍ ସହ ମହାକାଶ ଗବେଷଣା କ୍ଷେତ୍ରରେ ପ୍ରଚୁର ନିବେଶ କରିଛନ୍ତି। ବେଜୋସ୍‌ଙ୍କ ବ୍ୟତୀତ ଟେସ୍‌ଲା କମ୍ପାନୀ ଓ ସ୍ପେସ୍–ଏକ୍ସର ମାଲିକ ଏଲନ୍ ମସ୍କ, ଭର୍ଜିନ ଗାଲାକ୍ଟିକର ପ୍ରତିଷ୍ଠାତା ରିଚାର୍ଡ ବ୍ରାନ୍‌ସନ, ବିଗେଲୋ ଏରୋସ୍ପେସ୍ ମାଲିକ ରବର୍ଟ ବିଗେଲୋ ପ୍ରମୁଖ ଅତି ଧନୀ ବ୍ୟକ୍ତିବିଶେଷ ମଧ୍ୟ ମହାକାଶ ଗବେଷଣାରେ ଅଧିକ ନିବେଶ କରିଛନ୍ତି। ଫେସ୍‌ବୁକ ମାଲିକ ମାର୍କ ଜୁକରବର୍ଗ ମଧ୍ୟ ଷ୍ଟାର୍‌ଶଟ୍ ପ୍ରୋଜେକ୍ଟ ଆରମ୍ଭ କରି ଏମାନଙ୍କ ସହ ସାମିଲ ହୋଇଛନ୍ତି। ମନେରଖିବାକୁ ହେବ ଯେ, ଏହି କ୍ଷେତ୍ରରେ ସ୍ପେସ୍–ଏକ୍ସ ସର୍ବାଗ୍ରେ ଅଛି। ସର୍ବପ୍ରଥମେ ପ୍ରାଇଭେଟ୍ କମ୍ପାନୀ ଭାବରେ ଏଲନ୍ ମସ୍କ ମହାକାଶକୁ ଯାନ ପଠାଇଥିଲେ। ଏହି ଗବେଷଣା କ୍ଷେତ୍ର ସହିତ ସମ୍ପୃକ୍ତ ଶିଳ୍ପ ଓ ତତ୍‌ସହିତ ଜଡ଼ିତ ଅର୍ଥନୀତି ବିଦେଶରେ ଗୁରୁତ୍ୱ ବହନ କରୁଛି। ବିଶେଷକରି ଆମେରିକାରେ ଘରୋଇ କମ୍ପାନୀଗୁଡ଼ିକର ଏହି କ୍ଷେତ୍ରରେ ପ୍ରବେଶ ଯୋଗୁ ତାହାର ଭବିଷ୍ୟତ ଅଛି ବୋଲି ଏବେ ଧାରଣା ସୃଷ୍ଟି ହେଉଛି। ମହାକାଶକୁ ଯାତ୍ରାର ଅର୍ଥ କେବଳ ପର୍ଯ୍ୟଟନରେ ସୀମିତ ରହିବ ନାହିଁ ବୋଲି ବୁଝାପଡ଼ିଲାଣି। ବେଜୋସ୍‌ଙ୍କ ଭଳି ବ୍ୟକ୍ତି ଏହି ଯାତ୍ରାରେ ଯିବେ ବୋଲି ଘୋଷଣା କରିବା ପରେ ତାହାର ଗୁରୁତ୍ୱ ବୃଦ୍ଧିପାଇଛି।

ସ୍ୱୀକାର କରିବାକୁ ହେବ ଯେ, ମହାକାଶ ଯାତ୍ରା ସବୁବେଳେ ବିପଜ୍ଜନକ। ପୃଥିବୀକୁ ଫେରି ଆସିବାର ନିଶ୍ଚିତତା ନ ଥାଏ। ସେଥିପାଇଁ ବେଜୋସ୍‌ଙ୍କର ନିଷ୍ପତ୍ତି ଅଧିକ ଗୁରୁତ୍ୱ ଧାରଣ କରୁଛି, କାରଣ ଏଥିରୁ ବୁଝାପଡୁଛି ଯେ, ଏହି ଧନୀ ବ୍ୟକ୍ତିବିଶେଷ ନିଜ ଜୀବନକୁ ବାଜି ଲଗାଇବା ପଛରେ କେବଳ ବ୍ୟବସାୟିକ ଲାଭ ରହିଛି। ବେଜୋସ୍ ତାଙ୍କ ପ୍ରତିଯୋଗୀ ଭାବେ ସ୍ପେସ୍–ଏକ୍ସର ମାଲିକ ଏଲନ୍ ମସ୍କଙ୍କୁ ଆଖିଆଗରେ ରଖିଥିବା ଭଳି ମନେହେଉଛି। ଟେସ୍‌ଲା ଇଲେକ୍ଟ୍ରିକ୍ ଗାଡ଼ିର ନିର୍ମାତା ହେବା ସହିତ ଏଲନ୍‌ଙ୍କର ବ୍ୟବସାୟିକ ବୃଦ୍ଧି ଓ ମହାକାଶ ଗବେଷଣା ତାଙ୍କୁ ଏକ ଅତି ଉଚ୍ଚ ସ୍ଥାନକୁ ନେଇଗଲାଣି। ସମୟ ଥିଲା, ନିକଟ ଅତୀତ, ଯେତେବେଳେ ବେଜୋସ୍‌ଙ୍କୁ ପୃଥିବୀର ସର୍ବାଧିକ ଧନୀ ବ୍ୟକ୍ତି ବିବେଚନା କରାଯାଉଥିଲା। ଆଜି ସେହି ପରିସ୍ଥିତି ବଦଳିଯାଇଛି। ବ୍ୟକ୍ତିଗତ ଧନରେ ଏଲନ୍ ପୃଥିବୀର ସବୁଠାରୁ ଆଗକୁ ଚାଲିଗଲେଣି। ବ୍ୟବସାୟରେ ଆଧୁନିକ ପଦକ୍ଷେପ ନେବାର ସତ୍‌ସାହସ ଯୋଗୁ ତାଙ୍କର ଏଭଳି ଉନ୍ନତି ଘଟିପାରିଛି।

ମହାକାଶକୁ ଯିବାର ପ୍ରତିଯୋଗିତା ଏକ ବିପଦ ମଧ୍ୟ ସୃଷ୍ଟି କରିପାରେ। ଆଗୁଆ ରହିବା ଉଦ୍ୟମରେ ସମସ୍ତେ ଯଦି ଲାଗି ପଡ଼ିବେ, ତେବେ ତାହାର ଶିକାର ହେବ ଗବେଷଣା ଏବଂ ପ୍ରାରମ୍ଭିକ ପ୍ରସ୍ତୁତି। ତରବରିଆ ଭାବେ ଏହିଭଳି ବୈଜ୍ଞାନିକ ପରୀକ୍ଷଣ କରାଗଲେ ସୁରକ୍ଷା ପ୍ରତି ଉଚିତ ଧ୍ୟାନ ଦିଆଯାଇ ନ ପାରେ। ଫଳସ୍ୱରୂପ, ଭବିଷ୍ୟତରେ ମହାକାଶ ଦୁର୍ଘଟଣା ଘଟିବା ବୃଦ୍ଧି ପାଇବ। ତେବେ ଏଭଳି ପ୍ରତିଯୋଗିତା କାହିଁକି ହେଉଛି? ଉତ୍ତର ଭାବେ କୁହାଯାଇପାରେ ଯେ ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହଗୁଡ଼ିକରେ ଅନେକ ଧାତୁ ରହିଛି, ଯାହାକୁ ହାତେଇବା ପାଇଁ ହୁଏତ ଏହି କମ୍ପାନୀମାନେ ବ୍ୟଗ୍ର। ଉଦାହରଣ ସ୍ୱରୂପ ମଙ୍ଗଳ ଗ୍ରହରେ ବସତି ସ୍ଥାପନ କରି ସେଠାରୁ ମୂଲ୍ୟବାନ୍ ସମ୍ପଦ ଖନନ କରିବା ଲକ୍ଷ୍ୟ ଥାଇପାରେ। ଏଥିସହିତ ପର୍ଯ୍ୟଟନର ମଧ୍ୟ ଅନେକ ବ୍ୟବସାୟିକ ଗୁରୁତ୍ୱ ରହିଛି। ଭବିଷ୍ୟତ ପିଢ଼ି ଯଦି ଯଥେଷ୍ଟ ଧନୀ ହୋଇପାରିବେ, ତେବେ ମାଙ୍ଗାଲୋର ନ ଯାଇ ମଙ୍ଗଳ ଯିବେ।

## sudoku | ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | 1 | | 9 | | |
| | | | | | 5 | | 1 | |
| | 2 | | | 7 | | | | 6 |
| | | 1 | 9 | | | | | 7 |
| 7 | | | 3 | | | 1 | | |
| | 8 | 5 | | | | | | |
| | | | 8 | | | 4 | | |
| | | 2 | | | 3 | | 9 | |
| | | 7 | | 2 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 9 | 2 | 5 | 7 | 4 | 1 |
| 4 | 9 | 5 | 6 | 1 | 7 | 2 | 8 | 3 |
| 2 | 7 | 1 | 3 | 4 | 8 | 5 | 9 | 6 |
| 9 | 3 | 4 | 5 | 8 | 1 | 6 | 2 | 7 |
| 1 | 5 | 2 | 7 | 6 | 9 | 8 | 3 | 4 |
| 6 | 8 | 7 | 4 | 3 | 2 | 9 | 1 | 5 |
| 8 | 2 | 3 | 1 | 7 | 6 | 4 | 5 | 9 |
| 7 | 4 | 9 | 8 | 5 | 3 | 1 | 6 | 2 |
| 5 | 1 | 6 | 2 | 9 | 4 | 3 | 7 | 8 |

ଗତକାଲିର ଉତ୍ତର

# ପରୀକ୍ଷା ବାତିଲ: ଆହ୍ୱାନ ଓ ସମାଧାନ



ଅଧ୍ୟାପକ ଶରତ କୁମାର ଦାସ

ମହାମାରୀ କରୋନା ପରବର୍ତ୍ତୀ ସମୟରେ 'ଜୀବନ ଆଗ, ପରୀକ୍ଷା ପଛ' ନ୍ୟାୟରେ କିଛିଦିନ ପୂର୍ବେ କେନ୍ଦ୍ର ସରକାର ସିବିଏସ୍‌ଇ ଓ ଆଇସିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ବାତିଲ କରିଦେବା ପରେ ଆମ ରାଜ୍ୟ ସରକାର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାକୁ ମଧ୍ୟ ବାତିଲ କରିଦେଲେ। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ସିବିଏସ୍‌ଇ ପରିଚାଳିତ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ବାତିଲ କଲାପରେ ଓଡ଼ିଶା ସରକାର ମଧ୍ୟ ଅନୁରୂପ ପଥ ଅବଲମ୍ବନ କରିବା ପୂର୍ବକ ଛାତ୍ରୀଛାତ୍ର, ଅଭିଭାବକ ତଥା ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଯୁକ୍ତଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାକୁ ବାତିଲ କରିଛନ୍ତି।

ସାମ୍ପ୍ରତିକ ପରିସ୍ଥିତିରେ ପରୀକ୍ଷା ବାତିଲ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ। ମାତ୍ର ପରୀକ୍ଷା ବାତିଲର ପରବର୍ତ୍ତୀ ପର୍ଯ୍ୟାୟ ଯଥା ଫଳ ପ୍ରକାଶନକୁ ନେଇ ଅନେକ ତର୍କ, ବିତର୍କ, ଆଲୋଚନା ଓ ପର୍ଯ୍ୟାଲୋଚନା ଦାନା ବାନ୍ଧୁଛି। କେଉଁ ମାପଦଣ୍ଡ ଆଧାରରେ ଯୁକ୍ତଦୁଇ ଛାତ୍ରୀଛାତ୍ରମାନଙ୍କର ଫଳ ପ୍ରକାଶ କରାଯିବ ତାହା ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର ବିଷୟ ପାଲଟିଛି। ଏଥିପାଇଁ ଉଭୟ ସରକାର ଓ ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଚିନ୍ତା ଓ ଚାପରେ ରହିବା ସ୍ୱାଭାବିକ। ଇତିମଧ୍ୟରେ ରାଜ୍ୟ ସରକାର ସମସ୍ୟାର ଆଶୁ ସମାଧାନ ନିମନ୍ତେ ଚଉଦ ଜଣ ସଦସ୍ୟ ବିଶିଷ୍ଟ ଅଭିଜ୍ଞ ତଥା ବିଜ୍ଞ ଅଧିକାରୀଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସଂପୃକ୍ତ କମିଟିର ସୁପାରିସ ଆଧାରରେ ମାପଦଣ୍ଡ ନିର୍ଦ୍ଧାରଣ ପୂର୍ବକ ପରୀକ୍ଷା ଫଳ ପ୍ରକାଶ କରାଯାଇପାରିବ।

ତେବେ ଯୁକ୍ତ ଦୁଇ ପରୀକ୍ଷା ବାତିଲକୁ ନେଇ ନାନା ମୁନିଙ୍କ ନାନା ମତରେ ଘାଣ୍ଟିଚକଟି ହୋଇଯାଉଛି ଛାତ୍ରୀଛାତ୍ରମାନଙ୍କ ଭାଗ୍ୟ ଓ ଭବିଷ୍ୟତ। ଯାହାହେଉନା କାହିଁକି ପରୀକ୍ଷା ବାତିଲ ସଂକ୍ରାନ୍ତୀୟ ସମସ୍ତ ବିଷୟକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇପାରେ ଯଥା: ଆହ୍ୱାନ ଓ ସମାଧାନର ପନ୍ଥା। ପ୍ରଥମେ ଆହ୍ୱାନ ସମ୍ପର୍କରେ ଆଲୋଚନା କରାଯାଉ।

ପ୍ରଥମତଃ ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଧାରରେ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ କରାଯିବା ସମ୍ଭବ ନୁହେଁ। ହୁଏତ କେତେକାଂଶରେ ବ୍ୟବସ୍ଥାକୁ ଅନୁକରଣ କରାଯାଇପାରେ। ଏହାର କାରଣ ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନେକାଂଶରେ ସୁବ୍ୟବସ୍ଥିତ। ମାତ୍ର ମାଧ୍ୟମିକ ପରିଷଦର ପରୀକ୍ଷା ପଦ୍ଧତି ସେଭଳି ନୁହେଁ। ସେମାନେ ହୁଏତ ଏକାଦଶ ଶ୍ରେଣୀର ପରୀକ୍ଷା ଫଳ ତଥା ଇଣ୍ଟର୍‌ନାଲ ଆସେସ୍‌ମେଣ୍ଟ ଆଧାରରେ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶ କରିପାରିବେ। ମାତ୍ର ଆମ ନିକଟରେ ସେଭଳି କିଛି ଆଧାର ନାହିଁ। ଶତକଡ଼ା ନବେ ଭାଗ କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ପରୀକ୍ଷା ହୋଇନାହିଁ। ଟେଷ୍ଟ ପରୀକ୍ଷା କଥା ନ କହିବା ଭଲ। ଏପରି କି ବିଜ୍ଞାନ ଶ୍ରେଣୀ ପାଇଁ ପରିଷଦ ଦ୍ୱାରା ପ୍ରାକ୍ଟିକାଲ ପରୀକ୍ଷା ବି ସମ୍ଭବପର ହୋଇପାରିନାହିଁ। ପୁନଶ୍ଚ ଆମ କ୍ଷେତ୍ରରେ ଇଣ୍ଟର୍‌ନାଲ ଆସେସ୍‌ମେଣ୍ଟର କୌଣସି ବ୍ୟବସ୍ଥା ହିଁ ନାହିଁ। ଦ୍ୱିତୀୟତଃ କିଛି କନିଷ୍ଠ ମହାବିଦ୍ୟାଳୟରେ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀ ପାଇଁ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ସମ୍ପାଦିତ ହୋଇଛି ବୋଲି କୁହାଯାଉଛି। ମାତ୍ର ତାହା ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ହୋଇ ନ ପାରେ। ତୃତୀୟତଃ ପୁନଶ୍ଚ ନିଜ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ମୂଲ୍ୟ ନିର୍ଦ୍ଧାରଣ ମଧ୍ୟ ଏକ ବଳିଷ୍ଠ ପଦ୍ଧତି ନୁହେଁ। କୌଣସି ମହାବିଦ୍ୟାଳୟରେ ଶତକଡା ଶହେ ଭାଗ ଛାତ୍ରୀଛାତ୍ର କ୍ଲାସ କରନ୍ତି ନାହିଁ। ଏ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ନିରପେକ୍ଷ ନୁହେଁ।

ଚତୁର୍ଥତଃ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ମାଟ୍ରିକ ପରୀକ୍ଷାର ମାର୍କ ଆଧାରରେ ଯୁକ୍ତଦୁଇ ଛାତ୍ରୀଛାତ୍ରମାନଙ୍କର ମୂଲ୍ୟ ନିର୍ଦ୍ଧାରଣ। ତେବେ ଏହାର ନକାରାତ୍ମକ ଦିଗ ଉପରେ ଆଲୋଚନା କରାଯାଇପାରେ। ମାଟ୍ରିକ ପରୀକ୍ଷା ସହିତ ଯୁକ୍ତ ଦୁଇ ପରୀକ୍ଷା ଆଦୌ ସମକକ୍ଷ ବା ତୁଳନୀୟ ନୁହେଁ। ଉଭୟ କ୍ଷେତ୍ରରେ ବିଷୟଗୁଡ଼ିକ ମଧ୍ୟ ସମାନ ନୁହେଁ। ଯୁକ୍ତ ଦୁଇ ପରୀକ୍ଷାରେ ଭଲ କରିବା ପାଇଁ ହେଲେ ମାଟ୍ରିକ ପରୀକ୍ଷା ଅପେକ୍ଷା ଅଧିକ ମେଧା, ଦକ୍ଷତା ଓ ପରିଶ୍ରମର ଆବଶ୍ୟକତା ପଡ଼େ। ପଞ୍ଚମତଃ ଯଦି ମାଟ୍ରିକ ପରୀକ୍ଷାର ସମ୍ପୂର୍ଣ୍ଣ ବିଷୟର ଫଳାଫଳ ହେଉ ବା ସର୍ବାଧିକ ମାର୍କ ରଖିଥିବା ଦୁଇଟି କିମ୍ବା ତିନୋଟି ବିଷୟର ହାରାହାରି ଫଳାଫଳକୁ ମାପଦଣ୍ଡ ରୂପେ ଗ୍ରହଣ କରାଯାଇ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ କରାଯାଏ ହୁଏତ କେତେକ ପରିଶ୍ରମୀ ଛାତ୍ରୀଛାତ୍ର ନିଜ ପରିଶ୍ରମର ଉଚିତ ମୂଲ୍ୟ ନ ପାଇପାରି ମାନସିକ ଭାରସାମ୍ୟ ହରାଇପାରନ୍ତି। ଅନ୍ୟ କେତେକ ନ୍ୟାୟାଳୟର ଆଶ୍ରୟ ମଧ୍ୟ ନେଇପାରନ୍ତି। ଷଷ୍ଠତଃ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଯଦି କୌଣସି ଛାତ୍ରୀଛାତ୍ର ସରକାରଙ୍କ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ପରୀକ୍ଷା ଫଳ ପ୍ରକାଶରେ ଅସନ୍ତୋଷ ପ୍ରକାଶ କରନ୍ତି, ତେବେ ଚାହିଁଲେ ସଂପୃକ୍ତ ଛାତ୍ରୀଛାତ୍ର କୋଭିଡ୍ ପରିସ୍ଥିତିରେ ସୁଧାର ଆସିଲେ ପୁନଶ୍ଚ ପରୀକ୍ଷା ଦେଇପାରିବେ। ମାତ୍ର ଏହା ମଧ୍ୟ ଏକ ସମୟ ସାପେକ୍ଷ ପ୍ରକ୍ରିୟା।

ପରିସ୍ଥିତି କେବେ ସୁଧୁରିବ ଓ ସଂପୃକ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେବେ ତାହା ଠିକ୍ କୁହାଯାଇ ପାରିବନାହିଁ। ନେଡ଼ିଗୁଡ଼ କହୁଣିକୁ ବୋହିଯିବା ସଦୃଶ ସେତେବେଳକୁ ସେମାନଙ୍କର ମାନସିକ ଅବସ୍ଥା କିଭଳି ଥିବ ତାହା ମଧ୍ୟ ବିଚାରଯୋଗ୍ୟ। ପୁନଶ୍ଚ ଯୁକ୍ତ ତିନି ନାମଲେଖା ପାଇଁ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିପାରେ। ତେଣୁ ସରକାରଙ୍କ ଏଭଳି ଘୋଷଣାନାମାରେ ଛାତ୍ରୀଛାତ୍ରମାନଙ୍କର ସନ୍ଦେହ ଉପୁଜିବା ସ୍ୱାଭାବିକ।

ଉପରୋକ୍ତ ଆଲୋଚ୍ୟ ବିଷୟ ବ୍ୟତୀତ ଅନ୍ୟ କିଛି ହୁଏତ ଆହ୍ୱାନ ସୃଷ୍ଟି ହୋଇପାରେ। ଛାତ୍ରୀଛାତ୍ରଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଗୁଡ଼ିକ ସମାଧାନ ନିମନ୍ତେ ନିମ୍ନରେ କେତେକ ସମାଧାନର ମାଧ୍ୟମ ସମ୍ପର୍କରେ ଆଲୋଚନା କରାଯାଉ। ପ୍ରଥମତଃ ସରକାରଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିରେ ଅନେକ ବରିଷ୍ଠ, ଅଭିଜ୍ଞ ତଥା ବିଜ୍ଞ ବ୍ୟକ୍ତିବିଶେଷ ଥିବାରୁ ସେମାନଙ୍କୁ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବା ଉଚିତ। ଦ୍ୱିତୀୟତଃ ବିଶେଷଜ୍ଞ କମିଟି ଆବଶ୍ୟକ ସ୍ଥଳେ ବରିଷ୍ଠ ତଥା ଅଭିଜ୍ଞ ଶିକ୍ଷାବିତ, ବିଭିନ୍ନ ଶିକ୍ଷକ ସଂଗଠନ, ବର୍ତ୍ତମାନ ତଥା ପ୍ରାକ୍ତନ ଛାତ୍ରୀଛାତ୍ର, ଅଭିଭାବକ, ବୁଦ୍ଧିଜୀବୀ ତଥା ସ୍ଥଳବିଶେଷରେ ଯେ କୌଣସି ସାଧାରଣ ବ୍ୟକ୍ତିବିଶେଷଙ୍କ ସହିତ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିବା ଉଚିତ। ତୃତୀୟତଃ ମାଟ୍ରିକ ମାର୍କ ଅନୁସାରେ ଯୁକ୍ତ ଦୁଇ ଫଳାଫଳ ପ୍ରକାଶ ସର୍ବତ୍ର ଆଲୋଚ୍ୟ ପ୍ରସଙ୍ଗଟିକୁ ବିଭିନ୍ନ ଦୃଷ୍ଟିକୋଣରୁ ଉପଯୁକ୍ତ ଭାବେ ତର୍ଜମା କରାଯାଉ। ମାଟ୍ରିକ ମାର୍କକୁ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳର ଶତପ୍ରତିଶତ ମାପଦଣ୍ଡ ରୂପେ ଗ୍ରହଣ କରା ନ ଯାଇ ଷାଠିଏରୁ ସତୁରି ପ୍ରତିଶତ ଗ୍ରହଣ କରାଯାଇ ଅବଶିଷ୍ଟ ତିରିଶରୁ ଚାଳିଶ ପ୍ରତିଶତ ପାଇଁ ଅନ୍ୟ କୌଣସି ଠିକ୍ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ। ଚତୁର୍ଥତଃ ସମସ୍ତଙ୍କୁ ଏକ ସ୍ୱତନ୍ତ୍ର ପ୍ରମାଣପତ୍ର ପ୍ରଦାନ କରାଯାଉ। ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ନାମଲେଖାଇବା ବ୍ୟବସ୍ଥା କରାଯାଉ। ଯୁକ୍ତ ତିନି ଶ୍ରେଣୀ ନିମନ୍ତେ ନାମଲେଖାଇବା ପାଇଁ ଏକ ସାଧାରଣ ପ୍ରବେଶିକା ପରୀକ୍ଷାର ଆୟୋଜନ କରାଯାଉ ଓ ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ ଆଧାରରେ ଅନର୍ସ ବିଷୟଗୁଡିକରେ ନାମଲେଖା ଯାଇପାରିବ। ପଞ୍ଚମତଃ ସାଧାରଣ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ବସ୍ତୁନିଷ୍ଠ ବିଶିଷ୍ଟ ପ୍ରସ୍ତୁତ କରାଯାଉ। ଏଥିରେ ପ୍ରତି ବିଷୟକୁ ସମାନ ଧ୍ୟାନ ଦିଆଯାଉ। ଆବଶ୍ୟକ ସ୍ଥଳେ ତିନୋଟି ବିଷୟରେ ପ୍ରାପ୍ତ ସର୍ବାଧିକ ନମ୍ବରର ହାରାହାରି ଆଧାରରେ ଫଳ ପ୍ରକାଶ କରାଯାଇ ଯୁକ୍ତ ତିନି ଶ୍ରେଣୀ ପାଇଁ ନାମଲେଖାର ବ୍ୟବସ୍ଥା କରାଯାଉ। ପ୍ରବେଶିକା ପରୀକ୍ଷାର ପ୍ରମାଣ ପତ୍ର ସମସ୍ତଙ୍କୁ ପ୍ରଦାନ କରାଯାଇପାରିବ। ଏ ପରୀକ୍ଷା କୋଭିଡ୍ ପରବର୍ତ୍ତୀ ପର୍ଯ୍ୟାୟରେ ଅଫ୍‌ଲାଇନ ମାଧ୍ୟମରେ କରାଯାଇ ଛାତ୍ରୀଛାତ୍ରଙ୍କର ଉଚ୍ଚଶିକ୍ଷା ପାଇଁ ମାର୍ଗ ନିର୍ଦ୍ଧାରଣ କରାଯାଉ। ଏହାଦ୍ୱାରା ମେଧାବୀ ଛାତ୍ରୀଛାତ୍ରମାନେ ଉପଯୁକ୍ତ ନ୍ୟାୟ ପାଇପାରିବେ। ହୁଏତ ଏ ସମସ୍ତ ପ୍ରକ୍ରିୟା ସମୟ ସାପେକ୍ଷ ହୋଇପାରେ। ମାତ୍ର ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କ୍ଷେତ୍ରରେ କୌଣସି ସାଲିସ ଆଦୌ ଗ୍ରହଣୀୟ ନୁହେଁ।

ଉଚ୍ଚତର ଅଧ୍ୟୟନ ତଥା ବୈଷୟିକ ଶିକ୍ଷା ଗ୍ରହଣ ନିମିତ୍ତ ଯୁକ୍ତଦୁଇର ଫଳାଫଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯୁକ୍ତଦୁଇ ପରେ କିଏ କେଉଁ ବୈଷୟିକ ମାର୍ଗ ଗ୍ରହଣ କରିବ ତାହା ଏଠାରେ ନିଶ୍ଚିତ ହୋଇଥାଏ। କଳା, ବିଜ୍ଞାନ, ବାଣିଜ୍ୟ ଭଳି ପାଠ୍ୟକ୍ରମ ବ୍ୟତୀତ ଅନ୍ୟଗୁଡିକରେ ଅଧ୍ୟୟନ ନିମିତ୍ତ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ହୋଇଥାଏ। ଏପରି ସ୍ଥିତିରେ ଠିକ୍ ଭାବେ ଛାତ୍ରୀଛାତ୍ରମାନଙ୍କର ମେଧା ଆକଳନ କରା ନ ଯାଇପାରିଲେ ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କର ଭାଗ୍ୟ ଅଥଳ ସମୁଦ୍ର ଗର୍ଭକୁ ଚାଲିଯିବା ସହ ସମାନ ହେବ। ସୁତରାଂ ଏ କ୍ଷେତ୍ରରେ ସରକାରଙ୍କର ବିଚାରବନ୍ତ ନିଷ୍ପତ୍ତି ହିଁ ଗୁରୁତ୍ୱପୂର୍ଣ୍ଣ। ସର୍ବୋପରି ଆମ ସମସ୍ତଙ୍କୁ ଜାଣିରଖିବାକୁ ହେବ ଯେ ଏହା ଏକ ବିଶେଷ ପରିସ୍ଥିତି। କେବଳ ଓଡ଼ିଶା ନୁହେଁ କି ଭାରତ ନୁହେଁ ସମଗ୍ର ବିଶ୍ୱର ଶିକ୍ଷା ଇତିହାସରେ ଏହା ଏକ ବିରଳ ଘଟଣା। ତେଣୁ ଆମ ସମସ୍ତଙ୍କୁ ସରକାରଙ୍କ ସହିତ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବା ସମୟର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ।

ରାଜନୀତି ବିଜ୍ଞାନ ବିଭାଗ, ବଡବିଲ
ମହାବିଦ୍ୟାଳୟ, କେନ୍ଦୁଝର
ମୋ–୮୨୪୯୧୩୭୦୯୧

# ଫୁଲ ଚୋରି



ରୁଦ୍ର ପ୍ରସନ୍ନ ରଥ

ସମୟ ସହ ତାଳ ଦେଇ ସହରର ଛାତି ବି ଚଉଡ଼ା ହୋଇ ଚାଲିଛି। ଗାଁରୁ ଦଳ ଦଳ ଲୋକ ସହର ଆଡ଼କୁ ଧାଇଁ ଆସୁଛନ୍ତି ନିଜର ଜୀବିକା ସନ୍ଧାନରେ। ନିଜ ନିଜର ସ୍ୱପ୍ନକୁ ସାକାର କରିବାକୁ ସହରୀମାନେ ଏତେ ବ୍ୟସ୍ତ ଯେ ସହରକୁ ଶୋଇବାକୁ ସମୟ ମିଳୁନାହିଁ। ଯେଉଁ ସହର ଯେତେ ରାତି ଯାଏ ଚାହିଁ ରହେ ସେ ସହରର କାନ୍ତି ସେତେ ଅଧିକ। ଅନେକ ସହର ତ ଆଦୌ ନ ଶୋଇବା ପାଇଁ ବିଶ୍ୱ ପ୍ରସିଦ୍ଧ। ସେଠି କି ରାତି କି ଦିନ ସବୁବେଳେ ସୁଯୋଗର ପସରା ମେଲି ହୋଇଥାଏ। ଲୋକ ସେହି ସୁଯୋଗର ପସରାରୁ ନିଜ ପାଇଁ ସୁଖ ସମୃଦ୍ଧି ଗୋଟାଇବାର ଅକ୍ଳାନ୍ତ ପ୍ରଚେଷ୍ଟା ଜାରି ରଖିଥାଆନ୍ତି ଆଉ ପରିଶ୍ରମ ବି।

ତଥାପି ସହର ଭିତରେ ଏମିତି ଅନେକେ ଥାଆନ୍ତି; ଯେଉଁମାନେ ରାତି ନଅଟାରେ ରାତ୍ରି ଭୋଜନ ସାରି ଦେଇ ଶୋଇବାକୁ ଯାଆନ୍ତି। ସକାଳୁ ସୂର୍ଯ୍ୟ ଉଇଁବା ଆଗରୁ ନିଜ ପାଇଁ ତାଜା ଅମ୍ଳଜାନ ଗୋଟାଇବାର ଯୋଜନା ଏମାନେ ଗତ ରାତିରୁ ହିଁ କରି ଦେଇଥାଆନ୍ତି। ପ୍ରାତଃ ଭ୍ରମଣ ନାମରେ ଏମାନେ ଡେରିରେ ଶୋଇଥିବା ସହରକୁ ଉଠାଇ ଦିଅନ୍ତି। ତେବେ ଏମାନଙ୍କର ପ୍ରାତଃ ଭ୍ରମଣରେ କେହି ବିସ୍ମିତ ହୁଅନ୍ତି ନାହିଁ, ହେବାର କାରଣ ବି ନାହିଁ। ବରଂ ଏମାନଙ୍କ ମଧ୍ୟରୁ ଅନେକେ ଆଉ ଗୋଟିଏ ଅବତାର ପାଇଁ ବେଶ୍ ପ୍ରସିଦ୍ଧ। ତାହା ହେଉଛି ଏମାନଙ୍କର ଫୁଲ ଚୋର ଅବତାର।

ହାଫ୍ ପ୍ୟାଣ୍ଟ କିମ୍ବା ଫୁଲ୍ ଟ୍ରାକ୍ ପ୍ୟାଣ୍ଟ ସହ ଅଧା ହାତ ଥିବା ଗଞ୍ଜି ସହ ଗୋଟିଏ ଲମ୍ବା ଆଙ୍କୁଡ଼ି ଏବଂ ଖଣ୍ଡେ ପୁରୁଣା ପଲିଥିନ ଧରି ଏମାନେ ସକାଳୁ ରାସ୍ତାକୁ ଓହ୍ଲାଇ ପଡି ସକାଳ ହେଲା ବୋଲି ସହରକୁ ଜଣାଇ ଦିଅନ୍ତି। ନିୟମିତ ଯିବା ଆସିବା କରୁଥିବା ରାସ୍ତାର କେଉଁ ଗଛରେ କି ଫୁଲ ଫୁଟେ ସେ ଖବର ଏମାନଙ୍କ ପାଖରେ ବେଶ୍ ଭଲଭାବେ ଥାଏ। ପୁଣି ସେ ଫୁଲକୁ କେମିତି ଗୃହସ୍ୱାମୀର ଅଗୋଚରରେ ନିଃଶବ୍ଦରେ ତୋଳି ନିଜ ଅଣ୍ଟାରେ ଝୁଲୁଥିବା ପଲିଥିନ୍ ଭିତରେ ପୂରାଇହେବ ସେ କଳାରେ ଏମାନେ ବେଶ୍ ପଟୁ। ଫୁଲ ଗଛ ଦେଖିଲାମାତ୍ରେ ଏମାନଙ୍କ ହାତରୁ ଆଙ୍କୁଡି ବାହାରି ଆସେ। ଗଛର ଅଗଯାଏ ଲମ୍ବିଯାଏ। ଗୋଟିଏ ପରେ ଗୋଟିଏ ଫୁଲକୁ ବେଶ୍ ସନ୍ତର୍ପଣରେ ତୋଳି ନିଆଯାଏ। ଖୁଡ୍ ଖାଡ୍ ଶବ୍ଦ ହେବାର ପ୍ରଶ୍ନ ନାହିଁ। ବଜାର ବୁଲା, ଚାହାପିଆ ସାରି ଘରକୁ ଫେରିଲାବେଳକୁ ଅଣ୍ଟିରେ ଥାଏ ଟଗର, ମଲ୍ଲୀ, ମନ୍ଦାର ପରି ଭଳିକି ଭଳି ଫୁଲ। ଘରକୁ ଫେରି ଗାଧୋଇ ପଡ଼ି ଠାକୁରଙ୍କ ପାଖରେ ଅର୍ପଣ କରି ନିଜ ପାଇଁ ସବୁ ସୁଖ ସମୃଦ୍ଧି ଲାଗି ପ୍ରାର୍ଥନା କରିସାରିଲା ପରେ ତାଙ୍କ ମୁହଁରେ କି ଖୁସି! ସତରେ ଅବର୍ଣ୍ଣନୀୟ। ଅନ୍ୟକୁ ଠକିଦେଇ ଈଶ୍ୱରଙ୍କ ପାଖରେ ନିଜର ପାରିବାପଣର ସେ ଯେଉଁ ବିଜ୍ଞାପନ ତାହା ଦେଖିଲେ ବି ବିଶ୍ୱାସ କରିହେବନାହିଁ।

ତେଣେ ଗୃହସ୍ୱାମୀ ଉଠିଲାବେଳକୁ ଗଛ ନଣ୍ଡା ହୋଇ ସାରିଥାଏ। ନିଜ ହାତରେ ବଡ଼ କଷ୍ଟରେ ଲଗାଇଥିବା ଗଛ ଭିତରୁ ଅନେକ ଆଙ୍କୁଡ଼ିର ଅତ୍ୟାଚାରରେ ହତାଶ ହୋଇ ପଡିଥାଆନ୍ତି। ଫୁଲ ତ ଯାଇଥାଏ, କେଉଁଠି କେଉଁଠି ଗଛର ଡଙ୍କ ମୋଡ଼ି ପଡ଼ିଥାଏ। ଗଛରୁ ପତ୍ର ଝଡ଼ି ଭୂପତିତ ହୋଇଥାଏ। ଗୃହସ୍ୱାମୀ ସେ ସମ୍ଭ୍ରାନ୍ତ ଫୁଲ ଚୋରକୁ ମନେ ମନେ ଅଭିସମ୍ପାତ ଦେଉଥାଏ ସିନା ହେଲେ କିଛି କରିବାର ଅବସ୍ଥାରେ ନ ଥାଏ। ନିଜର ଠାକୁର ପାଇଁ ବିଚରା ବାହାରୁ ଫୁଲ କିଣୁଥାଏ। ବାଉଣ୍ଡରି ପାଖରେ ସେ ଦିନେ ଯେଉଁଗଛ ଠାକୁରଙ୍କ ପାଖରେ ଫୁଲ ଦି'ଟା ପୂଜା କରିବ ବୋଲି ଆଶା କରି ଲଗାଇଥାଏ ତାହା କ୍ରମେ କ୍ରମେ ଗୃହସ୍ୱାମୀର ମାନସିକ ଦୁଶ୍ଚିନ୍ତାର କାରଣ ହେଉଥାଏ। କେତେକ ସକାଳୁଆ ଫୁଲ ଚୋରଙ୍କ ପାଇଁ ତା' ଘର ଆଖପାଖରେ ସକାଳୁ ସକାଳୁ ବୁଲୁଥିବା ସବୁ ଲୋକ ସନ୍ଦେହର ନଜରରେ ଆସିଥାଆନ୍ତି। ନିଜ ପକେଟରୁ ଖର୍ଚ୍ଚ କରି ଗଛକୁ ବଡ଼ କରିବା ପାଇଁ ସେ କିଣିଥିବା ସାର, ପିଡ଼ିଆ ବିହନ ସହ ତା'ର ପରିଶ୍ରମ ସତେ ଯେପରି ତାକୁ ଦାନ୍ତ ନିକୁଟି ଖତେଇ ହେଉଥାଏ। ଗଛ ଲଗାଇବା ଅନ୍ୟ ପାଇଁ ବାକ୍ୟରେ ହିଁ ସେ ଆତ୍ମ ସନ୍ତୁଷ୍ଟି ଖୋଜିବାକୁ ଚେଷ୍ଟା କରୁଥାଏ।

ଏହା ବାଦ୍ ସହର ଭିତରେ ଫୁଲ ଚୋରି କରିବା ପାଇଁ ଆଉ ଗୋଟିଏ ଗୋଷ୍ଠୀ ବି ବେଶ୍ ସକ୍ରିୟ ଥାଆନ୍ତି। ଗଣେଶ ପୂଜା କିମ୍ବା ସରସ୍ୱତୀ ପୂଜା କିମ୍ବା ଭାଲୁକୁଣୀ ଓଷାର ଠିକ୍ ପୂର୍ବ ରାତିରେ ହିଁ ଏ ଅଭିଆଡ ଦଳ ବେଶ୍ ସକ୍ରିୟ ହୋଇ ଉଠନ୍ତି। କେତେବେଳେ ପାଚେରି ଡେଇଁ ଫୁଲ ତ ଆଉ କେତେବେଳେ ଫୁଲ କୁଣ୍ଡ ହିଁ ଗୋଟାଇ ଆଣନ୍ତି। ଆଉ କେତେବେଳେ କିଛି ନ ପାଇଲେ ବାହାରେ ଜଳୁଥିବା ବିଜୁଳି ବଲ୍‌ବ କିମ୍ବା ପୁରୁଣା ଚପଲ ନେଇ ଯାଆନ୍ତି। କିଛି ନ ପାଇ ବିଫଳ ମନୋରଥରେ ଫେରିଗଲାବେଳେ ଗୃହସ୍ୱାମୀର ଘର ଆଗରେ ଏକ ଦୁଇ କରି ଦେବାର ମଧ୍ୟ ଉଦାହରଣ କିଛି କମ୍ ନୁହେଁ। ଏମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଏହି ସମୟରେ ସହରରେ ରହୁଥିବା ଗୃହସ୍ୱାମୀ ଛାତ ଉପରକୁ ହିଁ ଫୁଲ କୁଣ୍ଡକୁ ନେଇ ଯାଇଥାଏ। ଘର ଆଗରେ କୁକୁର ପ୍ରତି ସାବଧାନ ବୋର୍ଡ ଟାଙ୍ଗିଥାଏ।

ଆଡ଼ମ୍ବର ଶୂନ୍ୟ ପୂଜାରେ ଆମ ଠାକୁରମାନେ ଯେତିକି ବିଶ୍ୱାସ କରନ୍ତି ପୂଜାକୁ ଆଡ଼ମ୍ବରପୂର୍ଣ୍ଣ କରିବାକୁ ଆମେ ସେତିକି ଚେଷ୍ଟା କରୁ। ନିଜେ ଗଛଟିଏ ଲଗାଇ ଫୁଲଟିଏ ଫୁଟାଇବା ବିଶେଷ କଷ୍ଟକର ନୁହେଁ। ଏଥିପାଇଁ ଜାଗା କିମ୍ବା ପରିଶ୍ରମ ଅପେକ୍ଷା ମାନସିକତାଟିଏ ଲୋଡ଼ା। ଯଦି ଚେଷ୍ଟା ଜାରି ରହେ ଆଖ ପାଖରେ ପଡ଼ିଥିବା ପ୍ଲାଷ୍ଟିକ୍ ଡବା, ଅବ୍ୟବହୃତ ରଙ୍ଗ ଡବା, କାଚ ବୋତଲ ଆଦିରେ ମଧ୍ୟ ଫୁଲ ଗଛ ଲଗାଯାଇ ପାରିବ। ଏଥିରୁ ଯେ ଫୁଲ ଫୁଟିବ ତାହା ନୁହେଁ ବରଂ ଆମ ପରିବେଶ୍ ସଫା ଆଉ ସତେଜ ରହିବ। ତେବେ ଏ ଦିଗରେ ଚିନ୍ତା କରିବାକୁ ଲୋକଙ୍କୁ ସମୟ କାହିଁ। ଯେଉଁଠି ଗୋଟିଏ ଆଙ୍କୁଡ଼ି ଏବଂ ଖଣ୍ଡେ ପୁରୁଣା ପଲିଥିନ୍‌ରେ କାମ ଚଳି ଯାଉଛି ସେଠି ଏତେ ପରିଶ୍ରମ କରିବାକୁ କିଏ ବା କାହିଁକି ଯିବ ? ଚୋରି ହୋଇଥିବା ଫୁଲରେ ଯେବେ ଈଶ୍ୱର ପୂଜା ହେବାକୁ ରାଜି ନ ହେବେ ତେବେ ଯାଇ ବୋଧେ ଏହି ଫୁଲ ଚୋରଙ୍କର ଚେତା ପଶିବ, ସେମାନଙ୍କର ଚୈତନ୍ୟ ଉଦୟ ହେବ।

ଧବଳଗିରି, ଯାଜପୁର ରୋଡ୍
ମୋ–୭୯୭୮୬୭୧୭୭୬

## ଏଇ ଭାରତରେ

କୃଷକମାନଙ୍କ ପାଇଁ ସବୁ ଋତୁ ଉପଯୋଗୀ ଜୋତା ତିଆରି କରିଛନ୍ତି ଅହମଦାବାଦର ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଡିଜାଇନର ୩ ଡିଗ୍ରୀଧାରୀ। ନକୁଳ ଲଥକର, ବିଦ୍ୟାଧର ଭଣ୍ଡାରେ, ସନ୍ତୋଷ କୋଚେରଲାକୋଟା ମହାରାଷ୍ଟ୍ରର ୱାଥର ଏବଂ ନଣ୍ଡେଡ ଗାଁରେ କୃଷକମାନଙ୍କ ସହ ୬ ମାସ ବିତାଇବା ପରେ ଏଭଳି ଜୋତା ତିଆରି କରିବାକୁ ସକ୍ଷମ ହୋଇଛନ୍ତି। ଏହି ଜୋତା ଶସ୍ତା ଓ ଜଳପ୍ରତିରୋଧୀ। ଅତ୍ୟଧିକ ଉତ୍ତାପ ଓ ଥଣ୍ଡା ଏବଂ ବର୍ଷାରେ ଚାଷ କରିବା ଏକ ମୁଖ୍ୟ ସମସ୍ୟା ବୋଲି ଅନୁଧ୍ୟାନ କରିବା ପରେ ୨୦୧୯ର ଶେଷାର୍ଦ୍ଧରେ ସେମାନେ ଆର୍ଥେନ ଟ୍ୟୁନ୍ସ କମ୍ପାନୀ ପ୍ରତିଷ୍ଠା କରି ଏହି ଜୋତା ତିଆରି କରୁଛନ୍ତି। ଏବେ ସୁଦ୍ଧା ସେମାନେ ୩୦ ଜଣ କୃଷକଙ୍କୁ ଜୋତା ଯୋଗାଇ ଦେଇ ସାରିଲେଣି। ଏହାର ମୂଲ୍ୟ ୩୦୦ ଟଙ୍କା। ଏହି ଜୋତା ସର୍ପାଘାତରୁ ବି ରକ୍ଷା କରିପାରିବ। ଏବେ ଆଉ ୧,୦୦୦ ଜୋତା ତିଆରି କରାଯାଉଛି। ସେମାନେ ତାମିଲନାଡୁର ଅମ୍ବୁରରେ ଜୋତା ତିଆରି କରୁଥିବା ଲୋକମାନଙ୍କୁ ଏହି କାର୍ଯ୍ୟରେ ଲଗାଇଛନ୍ତି। ଏଥିରେ ମୁଖ୍ୟତଃ ଉଲ୍ ବ୍ଲଙ୍କେଟ୍ ଉପଯୋଗ କରାଯାଉଛି ଓ ଏହାକୁ ଉତ୍ତରାଖଣ୍ଡରୁ ସଂଗ୍ରହ କରାଯାଉଛି। ଏହି ଅଭିଯାନକୁ ଆଗକୁ ବଢ଼ିବା ପାଇଁ ଆଇଆଇଟି ମାଡ୍ରାସ ତିନି ବନ୍ଧୁଙ୍କୁ ୧୦ ଲକ୍ଷ ଟଙ୍କା ଯୋଗାଇ ଦେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୯୬

- ନୋବେଲ ପୁରସ୍କାର ବିଜେତା ଡଃ ଜର୍ଜ ସେଲଙ୍କ ୯୩ ବର୍ଷ ବୟସରେ ପରଲୋକ।
- ଶ୍ରେଷ୍ଠ ନୃତ୍ୟ ସଂଯୋଜନା ପାଇଁ ଇଲିଆନା ସିଟାରିଷ୍ଟିଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ସମାଜ ଦୁର୍ନୀତିମୁକ୍ତ ହେଉ

ମହାଶୟ,

ଗାଁ ହେଉ ଅବା ସହର ବର୍ତ୍ତମାନ ସବୁଠି ଦୁର୍ନୀତି ଲାଗିରହିଛି, ମାତ୍ର ଦୁର୍ନୀତିରେ ପୀଡ଼ିତ ହେଉଛନ୍ତି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକେ। କଥାରେ ଅଛି 'ତେଲିଆ ମୁଣ୍ଡରେ ତେଲ' ଏହା କେବଳ କଥାରେ ନୁହେଁ ଆଜି ସତ ପାଲଟିଛି। ଯାହା ପାଖରୁ ଲାଞ୍ଚ ମିଳୁଛି ତା'ର କାମ ଆଗ ହେଉଛି। ଆଉ ଯାହା ପାଖରୁ ଲାଞ୍ଚ ମିଳୁନାହିଁ ତାକୁ ଦୁର୍ନୀତିର ଶିକାର ହେବାକୁ ପଡୁଛି। ଆଜିକାଲି ସରକାରୀ ସ୍ତରରେ ମଧ୍ୟ ଦୁର୍ନୀତି ଅଧିକ ବଢ଼ିଚାଲିଛି। ଏପରି କି ଆମ ସୁରକ୍ଷାକର୍ମୀ ଲାଞ୍ଚ ନେଇ କାମ କରିବାକୁ ମଧ୍ୟ ପଛାଉନାହାନ୍ତି ; ଯଦ୍ୱାରା ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗରିବ ଶ୍ରେଣୀର ଲୋକଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଯୋଜନା କରାଯାଇଛି। ଏହି ବାବଦରେ ଆସୁଥିବା ଟଙ୍କାକୁ ନେଇ ଦୁର୍ନୀତି ଦେଖାଦେଇଛି। ଏଠାରେ ଅଯୋଗ୍ୟ ହିତାଧିକାରୀ ଯୋଗ୍ୟ ଓ ଯୋଗ୍ୟ ହିତାଧିକାରୀ ଅଯୋଗ୍ୟ ସାବ୍ୟସ୍ତ ହେଉଛନ୍ତି। ତଳିଆ କର୍ମଚାରୀ ତଥା କିରାଣିଠାରୁ ଆରମ୍ଭ କରି ବଡ଼ ବଡ଼ ଅଫିସରମାନେ ଲାଞ୍ଚ ନେବାର ଅନେକ ଭିଡିଓ ସାମ୍ନାକୁ ଆସିଛି। ଏହା ବିରୋଧରେ ଅନେକ ସ୍ୱର ଉଠିଲେ ମଧ୍ୟ ଏହାର ନିରାକରଣ ହୋଇପାରୁନାହିଁ। ତେଣୁ ଏନେଇ ଦୃଢ଼ ତଦନ୍ତ କରି ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସମାଜକୁ ଦୁର୍ନୀତି କବଳରୁ ରକ୍ଷା କରାଯାଉ।

–ରୂପସା ମହାନ୍ତି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଚଳ ପ୍ରାଚୀର ଆକାଶେ ଟେକିଛି ଶିର
ସକଳ ଦୁଆର ରୁଦ୍ଧ ହେଲାରେ ବୀର !
ଶୂନ୍ୟ ନୋହିଛି ତୂଣୀରୁ ତୋହର ତୀର
ନିଭିନାହିଁ ଆଶା ବିଶ୍ୱ ବିଜୟ ପାଇଁ
ପଥ କାହିଁ ? ପଥ କାହିଁ ?
–(ପଥ କାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୁରୀ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ୍‌ଙ୍କୁ ଶ୍ରମ ବିଭାଗର ଯୁଗ୍ମ ସଚିବ, ଯାଜପୁର ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ପୁରୀ ଡିଆର୍‌ଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଓ ବ୍ୟାସନଗର ତହସିଲଦାର ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଯାଜପୁର ଉପଜିଲାପାଳଭାବେ ବଦଳି କରାଯାଇଛି।

# ମଣ୍ଡିକୁ ଧାନ ଆସି ଫେରିଲା

■ ରବି ଧାନ ସଂଗ୍ରହରେ ଅବ୍ୟବସ୍ଥା
■ ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ଯାଜପୁର ଅଫିସ,୮।୬

ଯାଜପୁର ଜିଲାରେ ଗତ ୨୧ ତାରିଖରୁ ରବି ଧାନ କିଣା ଆରମ୍ଭ ହୋଇଛି। ହେଲେ ଏହି କାରବାରରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ଟୋକନ ମିଳିଛି, ମୋବାଇଲକୁ ଏସ୍ଏମ୍ଏସ୍ ଆସିଛି। ହେଲେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀଙ୍କୁ ଫେରାଇ ଦିଆଯାଇଛି। କୋରେଇ ବ୍ଲକ ଧନେଶ୍ୱର ଓ କୋରେଇ ପ୍ୟାକ୍ସରେ ଏଭଳି ଅବ୍ୟବସ୍ଥା ଲାଗି ରହିଛି। ଏ ସଂକ୍ରାନ୍ତରେ ଚାଷୀମାନେ କୃଷି ମନ୍ତ୍ରୀ, କୃଷି ସଚିବ, ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଡାକ ଓ ମେଲ୍ ଯୋଗେ ଅଭିଯୋଗପତ୍ର ପ୍ରେରଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ମୋବାଇଲକୁ ତା୩୧।୫।୨୦୨୧ରିଖରେ ଧାନ ବିକ୍ରି କରିବାକୁ ମେସେଜ ଆସିଥିଲା। ହେଲେ ଆବଶ୍ୟକ ମଣ୍ଡି ବ୍ୟବସ୍ଥା ନ ଥିବାରୁ ସେମାନେ ଧାନ ବିକ୍ରି କରିପାରି ନ ଥିଲେ। ପୁଣି ୭।୬।୨୦୨୧ରେ ନିର୍ଦ୍ଧାରିତ କ୍ରୟ ଦିନଠାରୁ ୭ ଦିନ ବିତି ଯାଇଥିଲେ ହେଁ ଧାନ ବିକ୍ରି କରିବାକୁ ଆସୁ ନାହାନ୍ତି, ୫ ଦିନ ମଧ୍ୟରେ ମଣ୍ଡିକୁ ଆସି ଧାନ ବିକ୍ରି କରନ୍ତୁ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ପଞ୍ଜୀକୃତ ଚାଷୀଙ୍କ ମୋବାଇଲକୁ ମେସେଜ ଆସିଛି। କିନ୍ତୁ ପ୍ରଥମ ମେସେଜ ଆସିବା ଦିନଠାରୁ ଚାଷୀମାନେ ମଣ୍ଡିକୁ ଧାନ ବିକ୍ରି କରିବାକୁ ଯାଉଥିଲେ ହେଁ ସୋସାଇଟି ସମ୍ପାଦକ ଟାର୍ଗେଟ ନ ଥିବା କହି ଫେରାଇ ଦେଉଛନ୍ତି। ଜଣେ ଚାଷୀଙ୍କ ଟୋକନରେ ଥିବା ପରିମାଣଠାରୁ କମ୍ ଧାନ କିଣି ଅବଶିଷ୍ଟ ଧାନକୁ ହେର୍‌ଫେର୍ କରୁଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ତେଣୁ ଧାର୍ଯ୍ୟ ପରିମାଣ ଅନୁସାରେ ଧାନ କ୍ରୟ କରିବାକୁ ବିଜୟ କୁମାର ବୋଇତେଇ, ଚୈତନ୍ୟ ବେହେରା, ମାମିନା ସାହୁ, ରାଜେନ୍ଦ୍ର କୁମାର ବେହେରା, ମାଳତି ବେହେରା, ମିୟ ସାହୁ, କବିତା ସାହୁ, ସୌମ୍ୟରଞ୍ଜନ ସାହୁ, ଆନନ୍ଦଚନ୍ଦ୍ର ସାହୁ ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି। ନଚେତ୍ ଚାଷୀମାନେ ବାଧ ହୋଇ ଧନେଶ୍ୱର-କୋରେଇ ମୁଖ୍ୟ ରାସ୍ତାରେ ଧାନବସ୍ତା ରଖି ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।



ବିକ୍ରି ପାଇଁ ଟ୍ରାକ୍ଟରରେ ଆସିଥିବା ଧାନକୁ ଫେରାଇ ନିଆଯାଉଛି।

ଚଳିତ ବର୍ଷ ପ୍ରାରମ୍ଭରୁ ରବି ଧାନ ସଂଗ୍ରହରେ ବିଭ୍ରାଟ ଦେଖାଦେଇଛି। ଏଥର ୧୦,୨୦୦ କୁଇଣ୍ଟାଲ ରବି ଧାନ ସଂଗ୍ରହ ହେବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେଥିପାଇଁ ୭ ବ୍ଲକର ୨୩ ପ୍ୟାକ୍ସ(ପ୍ରାଥମିକ ସେବା ସମବାୟ ସମିତି) ଓ ୭ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଭାଗ ନେଉଛନ୍ତି। ହେଲେ ଅଧିକାଂଶ ଚାଷୀ ଧାନ ଅମଳ କରି ଖଳାରେ ରଖି ଟୋକନ ଅପେକ୍ଷାରେ ରହିଛନ୍ତି। ଲଗାଣ ବର୍ଷା ସେମାନଙ୍କୁ କ୍ଷତିଗ୍ରସ୍ତ କରିଛି। ବିଭିନ୍ନ ସ୍ଥାନରୁ ଋଣ କରି ଚାଷ କରିଥିବା ଚାଷୀ ବିପୁଳ ପରିମାଣରେ କ୍ଷତି ସହିଛି। ଏପରିକି କରୋନା ମହାମାରୀ ରବି ଧାନ ଚାଷକୁ ପ୍ରଭାବିତ କରିଛି। ଏଭଳିସ୍ଥଳେ ଚାଷୀଙ୍କ କଷ୍ଟୋପାର୍ଜିତ ଧାନକୁ ସରକାର ଯଦି ନ କିଣନ୍ତି ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯିବ ବୋଲି ଚାଷୀମାନେ କୋହଭରା କଣ୍ଠରେ କହିଛନ୍ତି।

ଏ ସଂକ୍ରାନ୍ତରେ ଏଆରସିଏସ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ରବି ଧାନ ସଂଗ୍ରହରେ ହେଉଥିବା ସମସ୍ୟାର ସମାଧାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ଜିଲାପାଳଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ। ତେବେ ଧାନ କିଣାରେ ଟାର୍ଗେଟ ଆସିବା ପରେ ଏହି ସମସ୍ୟାର ନିଶ୍ଚିତ ଭାବେ ସମାଧାନ ହେବ।




ଭୁବନେଶ୍ୱର ବିମାନବନ୍ଦରରୁ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କୁ ଏୟାର ଆମ୍ବୁଲାନ୍ସରେ କୋଲକାତା ନିଆଯାଉଛି।

# ଏୟାର ଆମ୍ବୁଲାନ୍ସରେ କୋଲକାତା ଗଲେ ଦେବାଶିଷ

## କୋଭିଡ୍ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି

ଭୁବନେଶ୍ୱର, ୮।୬(ବ୍ୟୁରୋ)

କୋଭିଡ୍‌ରେ ଆକ୍ରାନ୍ତ ହୋଇ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କୁ ମଙ୍ଗଳବାର ଏୟାର ଆମ୍ବୁଲାନ୍ସ ଯୋଗେ କୋଲକାତା ପଠାଯାଇଛି। ସେଠାକାର ମେଡିକା ସୁପରସ୍ପେଶିଆଲିଟି ହସ୍ପିଟାଲରେ ତାଙ୍କର ଏକ୍‌ମୋ ଚିକିତ୍ସା କରାଯିବ। ତାଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣର ମାତ୍ରା ଅଧିକ ହେବାରୁ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଫଳରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ମାତ୍ର ଅକ୍ସିଜେନ୍ ସ୍ତର କମିଯିବା ସହ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ଏକ୍‌ମୋ ଚିକିତ୍ସା ଲାଗି ଡାକ୍ତର ପରାମର୍ଶ ଦେଇଥିଲେ। ତେଣୁ ତାଙ୍କୁ କୋଲକାତା ପଠାଯିବାକୁ ସ୍ଥିର ହୋଇଥିଲା।

ଏ ନେଇ ଯୋଗାଯୋଗ ପରେ କୋଲକାତାସ୍ଥିତ ମେଡିକା ସୁପରସ୍ପେଶିଆଲିଟି ହସ୍ପିଟାଲର ୪ଜଣିଆ ଡାକ୍ତରୀ ଟିମ୍ ସୋମବାର କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ପହଞ୍ଚିଥିଲେ। ସୋମବାର ଭିଜିଲାନ୍ସ ନିର୍ଦ୍ଦେଶକ ପାଣିଗ୍ରାହୀଙ୍କୁ ଏୟାରଲିଫ୍ଟ ଯୋଗେ କୋଲକାତା ନିଆଯିବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କୌଣସି ସମସ୍ୟା କାରଣରୁ ଏହା ସମ୍ଭବପର ହୋଇ ନ ଥିଲା। ତେଣୁ ମଙ୍ଗଳବାର ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ଅଣାଯାଇଥିଲା। ଏଥିଲାଗି କଟକର ଅଶ୍ୱିନୀ ହସ୍ପିଟାଲରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ଗ୍ରୀନ୍ କରିଡର ବ୍ୟବସ୍ଥା କରାଯାଇଥିଲା। ଫଳରେ ମାତ୍ର ୩୦ ମିନିଟ ସମୟ ଲାଗିଥିଲା। କଟକରୁ ଅପରାହ୍ନ ୧.୧୦ରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବାହାରି ୧ଟା ୪୦ରେ ବିମାନ ବନ୍ଦରରେ ପହଞ୍ଚିଥିଲା। ସେଠାରୁ ଏୟାର ଆମ୍ବୁଲାନ୍ସ ଯୋଗେ ୪ ଜଣିଆ ଡାକ୍ତରୀ ଟିମ୍‌ଙ୍କ ତତ୍ତ୍ୱାବଧାନରେ ତାଙ୍କୁ କୋଲକାତା ନିଆଯାଇଛି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ପାଣିଗ୍ରାହୀ କରୋନାରେ ଆକ୍ରାନ୍ତ ହେବା ପରେ କଟକର ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପ୍ରଥମେ ଆଇସିୟୁ ଏବଂ ପରେ ଭେଣ୍ଟିଲେଟରରେ ତାଙ୍କୁ ରଖାଯାଇଥିଲା।

## ବାଘଛାଲ ଫୋପାଡ଼ି ଡିଆଁ ମାରିଲେ ବେପାରୀ

**ଲଙ୍ଗଳେଶ୍ୱର, ୮।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ମଧୁପୁରା କୋଷ୍ଟ କେନାଲ ରୋଡ୍‌ରୁ ୩ଫୁଟ୍ ୪ଇଞ୍ଚ ଲମ୍ବର ଏକ ଚିତା ବାଘଛାଲ ଲଙ୍ଗଳେଶ୍ୱର ବନବିଭାଗ ଜବତ କରିଛି। ମଙ୍ଗଳବାର ବାଲେଶ୍ୱର ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଏବଂ ଚାନ୍ଦିପୁର ରେଞ୍ଜ ଅଧିକାରୀ ଗଣେଶ ପ୍ରସାଦ ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଲଙ୍ଗଳେଶ୍ୱର ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ମଧୁପୁରା କୋଷ୍ଟ କେନାଲ ରୋଡ୍‌ରେ ଜଣେ ବାଘଛାଲ ବେପାରୀ ବନବିଭାଗ କର୍ମଚାରୀ ସୁଜାତା ଓଝାଙ୍କୁ ଦେଖି ବ୍ୟାଗକୁ ଫୋପାଡ଼ି ଦେଇ କୋଷ୍ଟ କେନାଲ ନାଳ ଡେଇଁ ଚମ୍ପଟ ମାରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ବନବିଭାଗର କର୍ମଚାରୀ ଚେଷ୍ଟା କରିଥିଲେ ମଧ ଅଭିଯୁକ୍ତ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ବାଘଛାଲ ଭର୍ତ୍ତି ବ୍ୟାଗ୍‌କୁ ବନବିଭାଗ ଜବତ କରି ଲଙ୍ଗଳେଶ୍ୱର ଫରେଷ୍ଟ ଅଫିସକୁ ଆଣି ଅଧିକ ତଦନ୍ତ କରୁଛି। ଜବତ ବାଘଛାଲ ଚାନ୍ଦିପୁର ଫରେଷ୍ଟ ରେଞ୍ଜ ଅଫିସକୁ ପଠାଯିବ ବୋଲି ଲଙ୍ଗଳେଶ୍ୱର ବନପାଳ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।



# ନୂଆ ରୂପ ନେବ କୋଇଲା ନଗରୀ

■ ତାଳଚେର ବସ୍‌ଷ୍ଟାଣ୍ଡ ନିକଟରେ ହେବ କୋଲ୍ ମ୍ୟୁଜିୟମ୍
■ ନିର୍ମାଣ କରାଯିବ ଅତ୍ୟାଧୁନିକ ଷ୍ଟାଡିୟମ
■ ରାଜବାଟି ରାସ୍ତାରେ ହେରିଟେଜ୍ କରିଡର

ଅନୁଗୋଳ ଅଫିସ, ୮।୬

କଳାହୀରାର ସହର ତାଳଚେରର ହେବ ନବକଳେବର। ନୂଆରୂପ ପାଇବ କୋଇଲା ନଗରୀ। ଆଖି ଝଲସାଇଦେଲା ଭଳି କରାଯିବ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ। ହେଲ୍‌ଥ ସହ ହେରିଟେଜ୍ କରିଡର, ଅତ୍ୟାଧୁନିକ ଷ୍ଟାଡିୟମ, ପ୍ରଜାମଣ୍ଡଳ ଭବନର ପୁନରୁଦ୍ଧାର, ରାଣୀପାର୍କର ନବୀକରଣ ସହ କୋଲ୍ ମ୍ୟୁଜିୟମ୍ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ହେବ। ଏ ନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି ଅନୁଗୋଳ ଜିଲା ପ୍ରଶାସନ। ଖୁବ୍‌ଶୀଘ୍ର ଟେଣ୍ଡର ସହ ବର୍ଷକ ମଧ୍ୟରେ ଏସବୁ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

କୋଇଲା ଧୂଳି ଓ ଧୂଆଁରେ ପ୍ରଦୂଷିତ ହୋଇପଡୁଥିବା ତାଳଚେର ସହରର ଶୋଭା ବଢ଼ାଇବା ପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଡିଜାଇନ ପ୍ରସ୍ତୁତ ସରିଛି। ବିଶେଷକରି ରାଜବାଟି ରାସ୍ତାର ପୁନରୁଦ୍ଧାର କରାଯାଇ ଏହାକୁ ହେଲ୍‌ଥ ସହ ହେରିଟେଜ୍ କରିଡର କରାଯିବ। ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ବେଳେ ଥକ୍କା ମେଣ୍ଟାଇବାକୁ ଜୁସ୍ ଓ କଫି ଦୋକାନ ବ୍ୟବସ୍ଥା ହେବ। ପ୍ରବେଶ ପଥରେ ରାଜ ନଅର ମୁଖ୍ୟ ଦ୍ୱାର ପରି ଫାଟକ ନିର୍ମାଣ ହେବ। ସେଠାରେ ଥିବା ପାର୍କର ନବୀକରଣ କରାଯିବ। ରାସ୍ତା ପାର୍ଶ୍ୱ ପ୍ରାଚୀରରେ ତାଳଚେର ଇତିହାସର ଛାପ ଦିଆଯିବ। ଅନୁଗୋଳରେ ହେବାକୁ ଥିବା କୋଲ୍ ମ୍ୟୁଜିୟମ୍‌କୁ ତାଳଚେରରେ କରାଯିବ। କୋଇଲା ଆବିଷ୍କାର, ଉତ୍ପାଦନ ଓ ବ୍ୟବହାରର ସମସ୍ତ ବିବରଣୀ ଡିଜିଟାଲ ବ୍ୟବସ୍ଥାରେ ରଖାଯିବା ଦେଶର ପ୍ରଥମ ହେବ।



ତାଳଚେର ରାଜବାଟି ରାସ୍ତାରେ ହେବାକୁ ଥିବା ହେରିଟେଜ୍ କରିଡରର ଡିଜାଇନ।

ଏହା ପରିସରରେ ଆକର୍ଷଣୀୟ ପାଠାଗାର, ସ୍ମାର୍ଟ ପାର୍କ ନିର୍ମାଣ କରାଯିବ। କ୍ରୀଡ଼ାବିତ୍‌ଙ୍କ ପାଇଁ ଏକ ଅତ୍ୟାଧୁନିକ ଷ୍ଟାଡିୟମ କରାଯିବ। ଗୋଟିଏ ଛାତ ତଳେ ଯେପରି ଏକାଧିକ କ୍ରୀଡ଼ା ଆୟୋଜନ ହୋଇପାରିବ, ସେ ନେଇ ସମସ୍ତ ବ୍ୟବସ୍ଥା ରହିବ। ଆବଶ୍ୟକ ପଡ଼ିଲେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଭଳି ସିନ୍ଥେଟିକ୍ କୋର୍ଟ କରାଯିବ। ପ୍ରଜାମଣ୍ଡଳ ସ୍ମୃତି ବହନ କରୁଥିବା ପ୍ରଜାମଣ୍ଡଳ ଭବନର ପୁନରୁଦ୍ଧାର କରାଯିବ। ରାଣୀପାର୍କ ପାଚେରି ବୁଲା କାର୍ଯ୍ୟ ଶେଷ ହେବା ପରେ ଏହାର ନବୀକରଣ ସମ୍ପନ୍ନ ହେବ। ଏହି ସମସ୍ତ ପ୍ରକଳ୍ପ ଗୋଟିଏ ବର୍ଷ ମଧ୍ୟରେ ଶେଷ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

## ମନ୍ଦିରରୁ ବନଦୁର୍ଗାଙ୍କ ମୂର୍ତ୍ତି ଚୋରି

**ତିର୍ତ୍ତୋଲ, ୮।୬ (ଡି.ଏନ.ଏ.):** ତିର୍ତ୍ତୋଲ ଥାନା ତୁରୁଖା ଗାଁରେ ଥିବା ବନଦୁର୍ଗା ମନ୍ଦିରରୁ ସୋମବାର ରାତିରେ ମା'ଙ୍କ ମୂର୍ତ୍ତି ଚୋରି ହୋଇଛି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଛି। ଥାନାରେ ମାମଲା (ନଂ .୨୧୯/୨୧) ରୁଜୁ କରାଯାଇଛି।

**URGENT REQUIRED**
For ADITYA TRADING. CO
MARKETING EXECUTIVE- 3 Nos.
(Experience - Sales, 5 years)
DATA ENTRY OPERATOR- 1 No.
(Experience - Computer, 3 years)
GODOWN SUPERVISOR- 2 Nos.
(Experience - 3 years)
Interview- 5 & 9 June 2021, 3pm, to 8 pm by Mobile Call-98730 51198

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
REGD. OFFICE : C/2, NAYAPALLI, BHUBANESWAR - 751012
CIN : U51211OR1980SGC000894
Tel. No : 0674-2395391, Fax No : 0674-2395291, Website : www.oscsc.in

Tender No. 7999/P-II/76/2021/PDS Dt. 08.06.2021
Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the work | Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2. | Availability of bid Document in the portal | From 09.06.2021 |
| 3. | Last Date/Time for receipt of bids in the portal | Dt. 25.06.2021 up to 5.00 PM |
| 4. | Date/Time of Opening of Technical Bid | Dt. 28.06.2021 at 3.30 PM |
| 5. | Name and address of the Officer inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender Documents & other details can be seen from the e-procurement portal **www.tendersodisha.gov.in, www.oscsc.in & www.foododisha.in.** Amendments/ corrigendum/cancellation/retenders etc. if any shall be published only in above websites.
Sd/-
Managing Director

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - X**

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ X) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର/ ଅକ୍ଟୋବର ୨୦୨୧ରେ ସଞ୍ଚାଳନ କରାଯିବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୧ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବି - X ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌-ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୮।୦୬।୨୦୨୧ରୁ ୨୮।୦୬।୨୦୨୧ |
| ପ୍ରାକ୍-ପରୀକ୍ଷା ତାଲିମ୍ (ପିଇଟି)* ସଞ୍ଚାଳନ | ୧୯।୦୭।୨୦୨୧ରୁ ୨୫।୦୭।୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ସେପ୍ଟେମ୍ବର, ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୧ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୮।୦୬।୨୦୨୧ — ନିର୍ଦ୍ଦେଶକ

# ଆଦର୍ଶ ଜେଜେ ମା' ତିଳୋତ୍ତମା



ସ୍ୱର୍ଗତ ତିଳୋତ୍ତମା ପଣ୍ଡା ୧୯୫୧ରେ ଖୋର୍ଦ୍ଧା ଜିଲା ବାଲକାଟୀ ଅନ୍ତର୍ଗତ ପ୍ରତାପ ଶାସନରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ଦିନରୁ ସେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ, ହସହସ ମୁଖ ଓ ନିରଳସ ସ୍ୱଭାବର ଥିଲେ। ଜଣେ ଯୋଗ୍ୟ ଝିଅ, ସୁଗୃହିଣୀ, ଆଦର୍ଶ ମା' ତଥା ବୋହୂ ଏବଂ ସର୍ବୋପରି ଜଣେ ଧର୍ମପ୍ରାଣା ମହିଳା ଭାବେ ନିଜ ଜୀବନର ସାର୍ଥକତାକୁ ସେ ପ୍ରତିପାଦନ କରିଛନ୍ତି। ଇଞ୍ଜିନିୟର ସ୍ୱାମୀ ରାମଚନ୍ଦ୍ର ପଣ୍ଡାଙ୍କ ଚାକିରି ଜୀବନକାଳରେ ସେ ମଧ୍ୟପ୍ରଦେଶର ପାଖାଞ୍ଜୁର, ମାଲକାନଗିରି ଏବଂ ଭୁବନେଶ୍ୱର ଆଦି ସ୍ଥାନରେ ବସବାସ କରିବା ସହିତ ବହୁ ଗୁଣୀ ଏବଂ ବିଜ୍ଞ ଲୋକଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପ୍ରାପ୍ତ କରିଥିଲେ।

ମାଲକାନଗିରି ଜିଲା ଅନ୍ତର୍ଗତ ସତିଗୁଡ଼ା ଡ୍ୟାମ୍ ନିକଟସ୍ଥ ଲକ୍ଷ୍ମୀ ନାରାୟଣ ମନ୍ଦିର ନିର୍ମାଣରେ ତାଙ୍କ ଅବଦାନ ସଦା ସ୍ମରଣୀୟ। ପରୋପକାର, ଗରିବ ଲୋକଙ୍କ ସେବା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୁଡ଼ିକୁ ସେ ସବୁବେଳେ ସହାୟତା କରି ଆସୁଥିଲେ। ସେ ଅତ୍ୟନ୍ତ ଭ୍ରମଣପ୍ରିୟ ଏବଂ ସାଙ୍ଗସାଥୀଙ୍କ ଅନ୍ତରଙ୍ଗ ଥିଲେ। ରାଜ୍ୟ, ଦେଶ ତଥା ଏକାଧିକ ଥର ବିଦେଶ ଭ୍ରମଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ଉଚ୍ଚ ଶିକ୍ଷା ପ୍ରତି ସମର୍ଥନ ମନୋଭାବ ଏବଂ ଆଧୁନିକତା ସହିତ ତାଳ ଦେବା ମନୋବୃତ୍ତି ଯୋଗୁ ଆଜି ତାଙ୍କର ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ ସମସ୍ତେ ଉଚ୍ଚ ପଦପଦବୀରେ ପ୍ରତିଷ୍ଠିତ। ତାଙ୍କର ୩ ନାତୁଣୀନାତିଙ୍କ ବିଦ୍ୟାଳୟରେ ସେ 'ଆଦର୍ଶ ଜେଜେ ମା'' ସମ୍ମାନରେ ସମ୍ମାନିତ ହୋଇଥିଲେ। ଚଳିତବର୍ଷ କରୋନା ଟିକାକରଣ ଆରମ୍ଭ ହେବାର ପ୍ରଥମ ଦିନ ସ୍ୱଇଚ୍ଛାରେ ନିଜେ ଟିକା ନେବା ସହିତ ଅନ୍ୟମାନଙ୍କୁ ମଧ୍ୟ ନିର୍ଭିକ ହୋଇ ଟିକା ନେବା ପାଇଁ ପ୍ରେରିତ ଏବଂ ଉତ୍ସାହିତ କରିଥିଲେ। ତାଙ୍କ ଅନ୍ତେ ଆଉ ଜଣେ ଚକ୍ଷୁହୀନ ଯେପରି ଏହି ସୁନ୍ଦର ପୃଥିବୀକୁ ଦେଖିପାରୁ, ସେଥିପାଇଁ ସେ ତାଙ୍କ ଚକ୍ଷୁଦାନ ମଧ୍ୟ କରିଯାଇଛନ୍ତି।

୩୧ ମେ, ସୋମବାର ବଡ଼ି ଭୋରରୁ ହୃଦ୍‌ଘାତରେ ତାଙ୍କର ଅକାଳ ବିୟୋଗ ସମଗ୍ର ପରିବାର, ବନ୍ଧୁ ଏବଂ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ଶୋକର ଛାୟା ଖେଳେଇ ଦେଇଥିଲା। ତାଙ୍କ ତିରୋଧାନ ଖବରରେ ସୋଫିଆ ଆଡଭଟାଇଜିଂ, ପ୍ରତିଷ୍ଠା ଇଞ୍ଜିନିୟରିଂ ଲିମିଟେଡ୍, ବାଲାଜୀ ମେଡିକାଲ କଲେଜ, ଝୁମ୍‌କୁ ଝୁମାନା ସାଂସ୍କୃତିକଅନୁଷ୍ଠାନ, ଭକ୍ତ ବନ୍ଧୁଚାରିଟେବଲ ଟ୍ରଷ୍ଟ, ଚେନ୍ନାଇ ଜଗନ୍ନାଥ ମନ୍ଦିର କର୍ମକର୍ତ୍ତା, ସମଗ୍ର କ୍ରୋମ୍ପେଟ୍ ବାସୀ, ଭୁବନେଶ୍ୱରର ମହାରଣା ସାହି ଏବଂ ନାଗେଶ୍ୱର ଟାଙ୍ଗୀ ଏବଂ ପୁରୁଣା ଭୁବନେଶ୍ୱରର ବନ୍ଧୁ ଏବଂ ଆତ୍ମୀୟ ସ୍ୱଜନଙ୍କ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି। ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଈଶ୍ୱର ସହାୟ ହୁଅନ୍ତୁ, ଏହାହିଁ ପ୍ରାର୍ଥନା।

No. L-23

**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**

**EXPRESSION OF INTEREST (EOI)**

**Expression of Interest for Empanelment of Support Agencies for Promotion of Organic Farming under CSP scheme of Bharatiya Prakritik Krishi Padhhati (BPKP) under Paramparagat Krishi Vikas Yojana (PKVY) in the State of Odisha**

Sealed proposals are invited from reputed Govt./ Semi-Govt. Institutions, FPOs, Partnership/ Professional Firms, Pvt. Companies, Cooperative Societies, NGOs and NCOF empanelled Agencies for empanelment as Support Agency on adoption and certification of Organic Farming under CSP Scheme of Bharatiya Prakritik Krishi Padhhati (BPKP) under Paramparagat Krishi Vikas Yojana (PKVY) in the State of Odisha. The proposals should come in sealed envelope super-scribed as "Application for Registration of Support Agency for Bharatiya Prakritik Krishi Padhhati (BPKP) under PKVY Odisha" from the Organizations as per the enclosed application format by registered/ speed post. No e-mail will be entertained for submission of proposals in this regard. Interested parties should apply for implementation in Mayurbhanj, Keonjhar, Sambalpur, Deogarh, Baragarh, Bolangir, Nuapada, Kalahandi, Nabarangpur, Koraput, Malkangiri, Rayagada, Gajapati, Khordha, Cuttack, Kandhamal & Sundargarh districts on pilot basis in the first phase in an area of 24,000 ha along with a non-refundable application fee of Rs.500 /- (Rupees five hundred) only in form of D.D./ Pay Order in favour of CDAO of the concerned district payable at district headquarter. Filled EoI should reach in the Office of CDAO of the respective district on behalf of the undersigned. Last date for receipt of application is **22.06.2021 up to 2.00 PM** and the same shall be opened on the **same day at 4 P.M. in the Office of CDAO of the respective district** in the presence of authorised signatory or representative. The application form and the terms & condition are available at the website of **www.odisha.gov.in/ www.agrisnetodisha.ori.nic.in** from Dt. 09.06.2021.

Sd/-
Director of Agriculture & Food Production, Odisha

OIPR-01034/11/0006/2122

**ODISHA PUBLIC SERVICE COMMISSION**
**ADVERTISEMENT No.04 OF 2021-22**

**Recruitment to the posts of Veterinary Assistant Surgeon, Class - II (Group - B) of Odisha Veterinary Service under Fisheries & Animal Resources Development Department.**

**WEBSITE - http://opsc.gov.in**

**No. D-32:-** On-line applications are invited from the prospective candidates through the Proforma application to be made available on the Website (http//:www.opsc.gov.in) for recuritment to **351** (Three Hundred Fifty-one) posts of **Veterinary Assistant Surgeon, Class - II (Group - B)** of Odisha Veterinary Service under Fisheries & ARD Department in the Scale of Pay of Rs.44,900/ in Level-10, Cell - 1 of the Pay Matrix provided under Rule-3 of the ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The posts are temporary and likely to be permanent.

2. **VACANCY POSITION:**
As per requisition filed by the Fisheries & Animal Resources Development Department, Government of Odisha, out of total of **351 (115-w)** vacancies, **96 (32-w)** vacancies are reserved for UR category, **37 (12-w)** vacancies are reserved for SEBC, **62 (20-w)** vacancies are reserved for SC category & **156 (51-w)** vacancies are reserved for ST category. Also, **14 (05 - w)** are for Persons with Disabilities, **11** vacancies are for Ex-Servicemen & **04 (01-w)** vacancies are for Sports persons.

3. **AGE:**
A candidate must have attained the age of **21 (Twenty-one)** years and must not be above the age of **32 (Thirty-two) years** as on **1st day of January 2021** i.e. he/she must have been born **not earlier than 2nd January, 1989 and not later than 1st January, 2000.**
Provided further that upper age limit is relaxable as per existing Government Rule & up to 40 years in case of VAS/AVAS at present working under Fisheries & ARD Department, on contractual basis.

4. **EDUCATIONAL QUALIFICATION:**
A candidate must possess a Bachelor's Degree in Animal Husbandry & Veterinary Science or its equivalent qualification from any recognized University in India or abroad and must have registered himself/herself under the Odisha Veterinary practitioners Act, 1970.

5. **EXAMINATION FEE:**
A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.
**The link for registration/ re-registration and payment of examination fees shall be available from 18.06.2021 to 16.07.2021 (Note: 23.07.2021 is the last date for submission of Registered Online Application).**
The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

CUTTACK
DATE- 08.06.2021

Sd./- SECRETARY
ODISHA PUBLIC SERVICE COMMISSION
CUTTACK

OIPR-12002/11/0016/2122

**ଖରାରେ ଚେତା ହରାଇଲେ ଯୁବତୀ**

ବାଲିଅନ୍ତା,(ଡି.ଏନ.ଏ.): ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅସହ୍ୟ ଗରମ ଓ ଗୁଳିଗୁଳି ଯୋଗୁ ବଇଁଚୁଆର ଜଣେ ଯୁବତୀ ରାସ୍ତାରେ ଚେତା ହରାଇ ପଡିଯାଇଥିଲେ। ନିକଟରେ ଡ୍ୟୁଟି କରୁଥିବା ୨ ପୋଲିସ କର୍ମଚାରୀ ପହଞ୍ଚି ଯୁବତୀଙ୍କ ମୁହଁରେ ପାଣି ଛାଟିବାରୁ ତାଙ୍କ ଚେତା ଫେରିଥିଲା। ଯୁବତୀଙ୍କ ଦୁଇ ଜଣ ସାଙ୍ଗ ତାଙ୍କୁ ଏକ ମଣ୍ଡପରେ ଆଣି ବସାଇଥିଲେ। ପୋଲିସ କର୍ମଚାରୀ ଓଆରଏସ ଆଣି ଯୁବତୀଙ୍କୁ ଦେବା ପରେ ଯୁବତୀ ଜଣକ ସୁସ୍ଥ ହୋଇ ଘରକୁ ଫେରିଥିଲେ।

## ସଂକ୍ଷେପରେ

### ଓଡ଼ିଶା ଅଭିଭାବକ ମହାସଂଘର ଏତଲା

ଭୁବନେଶ୍ୱର,୮।୬(ବ୍ୟୁରୋ):ଓଡ଼ିଶା ଅଭିଭାବକ ମହାସଂଘ ଉପାଧକ୍ଷ ତଥା ବିଦ୍ୟାଳୟ ଅଭିଭାବକ ସଂଘ ନେତା ରଞ୍ଜନ ଦାସଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ମଙ୍ଗଳବାର ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଛି। ସରକାର ଓ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଫିଁ ଆଦାୟକୁ ଦାବି କରିବାରୁ ବିଜେଇଏମ୍ ସ୍କୁଲ ପରିଚାଳକ ପ୍ରତାପ ଜେନା କେତେଜଣ ଅସାମାଜିକ ତତ୍ତ୍ୱଙ୍କୁ ଲଗାଇ ତାଙ୍କୁ ହତ୍ୟା ଧମକ ଦେଇଥିବା ରଞ୍ଜନ ଅଭିଯୋଗ କରିଛନ୍ତି। ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘର ଭୁବନେଶ୍ୱର ଜିଲା ଆବାହକ ଶଙ୍କର୍ଷଣ ସାମନ୍ତରାୟ, ସହଅଧକ୍ଷ ଭୂମୋହନ ପଟ୍ଟନାୟକ, ସ୍କୁଲ ସଭାପତି ଅଂଶୁରଞ୍ଜନ ମହାନ୍ତି ପ୍ରମୁଖ ବିଦ୍ୟାଳୟ ପରିଚାଳକ ଜେନାଙ୍କ ବିରୋଧରେ ବରଗଡ଼ ଥାନାରେ ଏତଲା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ, ପୋଲିସ ଡିଜି, କମିଶନର, ଡିସିପିଙ୍କୁ ଟୁଇଟ କରି ଜଣାଇଛନ୍ତି। ଏ ନେଇ ପ୍ରତାପ ଜେନା କହିଛନ୍ତି, ତାଙ୍କ ନାମରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ସରକାରଙ୍କ ଗାଇଡ ଲାଇନ ମୁତାବକ ସ୍କୁଲର ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ବଦନାମ କରିବା ପାଇଁ ଏପରି ଅପଚେଷ୍ଟା କରାଯାଉଛି। ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ପ୍ରତାପ କହିଛନ୍ତି।

### ଅବସରପ୍ରାପ୍ତ ପୋଲିସ ପଦାଧିକାରୀ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୮।୬(ବ୍ୟୁରୋ): ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭର୍ଚୁଆଲ୍‌ରେ ଅନୁଷ୍ଠିତ ହୋଇଛି। ସମିତିର ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତିଙ୍କ ଆହ୍ୱାନକ୍ରମେ ଗତ ଏକ ମାସ ମଧରେ ମୃତ୍ୟୁବରଣ କରିଥିବା ଅବସରପ୍ରାପ୍ତ କର୍ମୀ ନିମାଇଁ ଚରଣ ପାତ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମହମ୍ମଦ ଗଫର, ଡେପୁଟି କମାଣ୍ଡାଣ୍ଟ ଲକ୍ଷ୍ମଣୀକାନ୍ତ ପାତ୍ର, ଅତିରିକ୍ତ ଏସ୍‌ପି ସୁରେଶ ସାମନ୍ତରାୟ, ଇନ୍ସପେକ୍ଟର ଚିତରଞ୍ଜନ ପଟ୍ଟନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସରୋଜିନୀ ମହାପାତ୍ର, ଜମେଶ କୁମାର, ଇନ୍ଦ୍ରସିଂ, କମାଣ୍ଡାଣ୍ଟ ପ୍ରଦୀପ କୁମାର, ଟ୍ରାଫିକ ଇନ୍ସପେକ୍ଟର ଓ କୋଭିଡ୍ ଯୋଦ୍ଧାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ କରୋନାରେ ଚିକିତ୍ସିତ ହେଉଥିବା ଭିଜିଲାନ୍ସ ନିର୍ଦ୍ଦେଶକ ଡଃ. ଦେବାଶିଷ ପାଣିଗ୍ରାହୀ ଓ କରୋନା ଚିକିତ୍ସିତ ସମସ୍ତ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଅବସରପ୍ରାପ୍ତ କମାଣ୍ଡାଣ୍ଟ ନବ କୁମାର ଦାସଙ୍କ କ୍ଷୁଦ୍ର ଚଳଚ୍ଚିତ୍ର ‘ଫ୍ଲାଗ’ ଅନ୍ତର୍ଜାତୀୟ ପୁରସ୍କାର ପାଇଥିବାରୁ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଥିଲେ। ଏହି ଭର୍ଚୁଆଲ ବୈଠକରେ ସଂଗଠନ ସମ୍ପାଦକ ନୀଳ ମୋହନ ତ୍ରିପାଠୀ, ସଭ୍ୟ ଅରବିନ୍ଦ ମିଶ୍ର, ରଜତ ମିଶ୍ର, ଉମେଶ ସାହୁ, ଦେବ ପ୍ରସାଦ ମଜୁମଦାର, ଅରୁଣ ମହାନ୍ତି, ପ୍ରଫୁଲ୍ଲ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

### ୭୦୦ ସାମ୍ବାଦିକଙ୍କୁ ୨ ଡୋଜ ଟିକା ପ୍ରଦାନ

ଭୁବନେଶ୍ୱର,୮।୬: ରାଜ୍ୟରେ କରୋନା ମହାମାରୀର ୨ୟ ଲହର ଦ୍ରୁତ ଗତିରେ ବ୍ୟାପୁଛି। ଏହାକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ଓଡିଶାର କାର୍ଯ୍ୟରତ ସାମ୍ବାଦିକଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ପ୍ରଦାନ ସହ ଟିକାକରଣ ପାଇଁ ଘୋଷଣା କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମର ମିଳିତ ସହଯୋଗରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ୩ ଦିନିଆ ସ୍ୱତନ୍ତ୍ର ଟିକା ଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜୁନ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆଇଆର୍‌ସି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚସି) ପରିସରରେ ୭୦୦ ସାମ୍ବାଦିକଙ୍କୁ ଟିକା ଦିଆଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲ୍ଲା ବରିଷ୍ଠ ସୂଚନାଧିକାରୀ ଗୌର ମହାପାତ୍ର ଏହି ଟିକାଦାନ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ ସହ ପ୍ରଥମ ଦିନରେ ୩୦୦ ଜଣ, ଦ୍ୱିତୀୟ ଦିନରେ ୩୦୦ ଏବଂ ଶେଷ ଦିନରେ ପ୍ରାୟ ୧୦୦ ଜଣ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଗୋପବନ୍ଧୁ କାର୍ଯ୍ୟରତ ସ୍ୱାସ୍ଥ୍ୟବୀମା ଯୋଜନା ଅନ୍ତର୍ଗତରେ ଚିହ୍ନଟ ସାମ୍ବାଦିକଙ୍କୁ ଟିକା ପ୍ରଦାନ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଏମସିର ବରିଷ୍ଠ ସୂଚନାଧିକାରୀ(ପିଏମୟୁ ସେଲ)ର ନିହାର ସାହୁ, କମ୍ୟୁନିକେଶନ ହେଡ ପିଏମୟୁ ସେଲର ଦେବାଶିଷ ବାରିକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ବିଏମ୍‌ସି ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ବହୁ କର୍ମଚାରୀ ଏହି ଟିକା ଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ସାମାନ୍ୟ ଗଣ୍ଡଗୋଳରୁ ଯୁବକଙ୍କୁ ହତ୍ୟା

- ଆକ୍ରମଣରେ ମା’, ବାପା, ଭଉଣୀ ଆହତ
- ଉଭୟ ପକ୍ଷର ୮ ଗିରଫ, ତଦନ୍ତ ଜାରି

ଭୁବନେଶ୍ୱର,୮।୬(ବ୍ୟୁରୋ)

ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଲକ୍ଷ୍ମୀସାଗର ଥାନା ଅଧୀନ ବୁଦ୍ଧନଗର ପିଡବ୍ଲ୍ୟୁଡି ବସ୍ତିରେ ସୋମବାର ରାତିରେ ସାମାନ୍ୟ ଗଣ୍ଡଗୋଳରୁ ଜଣେ ଯୁବକଙ୍କୁ ଭୁଜାଲି ଓ ଲୁହାରଡ୍‌ରେ ଆକ୍ରମଣ ଯୋଗୁ ତାଙ୍କର ଜୀବନ ଯାଇଛି। ହତ୍ୟାର ଶିକାର ହୋଇଛନ୍ତି ପିଡବ୍ଲ୍ୟୁଡି ବସ୍ତିର କାର୍ତ୍ତିକ ସାହୁ (୨୧)। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ରେଡ୍ଡୀସାହି ବସ୍ତିର ମୀନା ରେଡ୍ଡୀ (୩୨), ଚନ୍ଦ୍ରା ଓରଫ୍ ଏସ୍.ଚଲପତି ରେଡ୍ଡୀ (୩୩), ଧନରାଜ ରେଡ୍ଡୀ (୨୮), ରାଜୁ ରେଡ୍ଡୀ (୪୦) ଏବଂ ଏସ୍. ସହଦେବ ରେଡ୍ଡୀ (୪୦)। ଏମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ଭୁଜାଲି ଓ ଲୁହାରଡ୍ ଜବତ ହୋଇଛି। ସେହିପରି ଗଣ୍ଡଗୋଳରେ ସମ୍ପୃକ୍ତ ପିଡବ୍ଲ୍ୟୁଡି ବସ୍ତିର ପି. ପ୍ରତାପ (୧୮), ଶ୍ୟାମ କୁମାର(୨୨) ଓ ସନ୍ତୋଷ କୁମାର(୧୮)ଙ୍କୁ ପୋଲିସ ଗିରଫ କରିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ କାର୍ତ୍ତିକଙ୍କ ସ୍କୁଟିରେ ଚନ୍ଦ୍ରାଙ୍କ କାର୍ ଘଷି ହୋଇଯାଇଥିଲା। ଏହାକୁ ନେଇ କାର୍ତ୍ତିକ ଓ ତାଙ୍କ ସାଙ୍ଗମାନେ


ରେଡ୍ଡୀ ସାହି ବସ୍ତିର ଲୋକେ ଲକ୍ଷ୍ମୀସାଗର ଥାନା ଘେରାଉ କରିଛନ୍ତି।

ଚନ୍ଦ୍ରାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଚନ୍ଦ୍ରା ସେଠାରୁ ଚାଲିଯାଇଥିଲେ। ତେବେ ରାତି ପ୍ରାୟ ୧୦.୩୦ରେ ରେଡ୍ଡୀ ସାହି ବସ୍ତିରୁ ୭ରୁ ୮ଜଣ ଭୁଜାଲି ଏବଂ ଲୁହାରଡ୍ ଧରି କାର୍ତ୍ତିକଙ୍କ ଘର ନିକଟକୁ ଆସିଥିଲେ। ସେଠାରେ କାର୍ତ୍ତିକ ଓ ତାଙ୍କ ସାଙ୍ଗମାନେ ବସିଥିବା ବେଳେ ଏମାନେ ହଠାତ୍ ଆକ୍ରମଣ କରିଥିଲେ। ଏହା ଦେଖି କାର୍ତ୍ତିକଙ୍କ ସାଙ୍ଗମାନେ ଭୟରେ ପଳାଇଥିଲେ। ଫଳରେ କାର୍ତ୍ତିକଙ୍କୁ ଏକୁଟିଆ ପାଇ ସେମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। କାର୍ତ୍ତିକଙ୍କୁ ରକ୍ଷା କରିବାକୁ ତାଙ୍କ ମା’, ବାପା ଓ ଭଉଣୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଏହି ସମୟରେ କାର୍ତ୍ତିକଙ୍କ ମା’ଙ୍କ ଗୋଡ଼ରେ ଭୁଜାଲି ଚୋଟ ବାଜିଥିଲା। ତାଙ୍କ ବାପା ଓ ଭଉଣୀ ମଧ ଆହତ ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ କାର୍ତ୍ତିକ ରାସ୍ତାରେ ପଡ଼ି ଛଟପଟ ହେଉଥିବା ବେଳେ ପରିବାର ଲୋକେ ପୋଲିସକୁ ଫୋନ କରିଥିଲେ। ହେଲେ ପିସିଆର୍ ଭ୍ୟାନ ଆସି ଏହା ଉଭୟପକ୍ଷଙ୍କ ଗଣ୍ଡଗୋଳ କହି ପଳାଇଥିଲା ବୋଲି କାର୍ତ୍ତିକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳ ପରେ ଆମ୍ବୁଲାନ୍ସ ଯୋଗେ କାର୍ତ୍ତିକଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଲକ୍ଷ୍ମୀସାଗର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଉଭୟ ପକ୍ଷର ଅଭିଯୋଗ କ୍ରମେ ୮ଜଣଙ୍କୁ ଥାନାକୁ ଆଣିଥିଲା। ଅପରପକ୍ଷ ଗୋଷ୍ଠୀଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ. ୧୮୯/୨୧ ରୁଜୁ କରିଥିବା ବେଳେ କାର୍ତ୍ତିକଙ୍କ ପରିବାର ବର୍ଗଙ୍କ ଅଭିଯୋଗକ୍ରମେ କେସ୍ ନଂ. ୧୯୦/୨୧ ରୁଜୁ କରି ତଦନ୍ତ ଜାରି ରଖିଛି।


ହତ୍ୟାର ଶିକାର ହୋଇଥିବା କାର୍ତ୍ତିକ ସାହୁ।

### ଅଭିଯୁକ୍ତଙ୍କୁ ଛାଡ଼ିବା ଦାବିରେ ଥାନା ଘେରାଉ

ମଙ୍ଗଳବାର ସକାଳେ ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣିବା ପରେ ରେଡ୍ଡୀ ସାହି ବସ୍ତିର ଶତାଧିକ ମହିଳା ଓ ପୁରୁଷ ଥାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ପ୍ରାୟ ୪ଘଣ୍ଟା ସେମାନେ ଥାନା ଘେରାଉ କରିଥିଲେ। ପୋଲିସ ଯାହାଙ୍କୁ ଆଣିଛି ସେମାନେ ନିର୍ଦ୍ଦୋଷ ବୋଲି କହିବା ସହ ସେମାନଙ୍କୁ ଛାଡ଼ିବା ପାଇଁ ଜିଦ୍ ଧରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସ ତାଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ଅସୁରକ୍ଷିତ ରାଜଧାନୀ, ୩ ଦିନରେ ଦୁଇଟି ହତ୍ୟା

ରାଜଧାନୀ ଭୁବନେଶ୍ୱର ଏବେ ଅସୁରକ୍ଷିତ ହୋଇପଡ଼ିଛି। ଗତ ୩ଦିନରେ ୨ଟି ହତ୍ୟାକାଣ୍ଡ ଘଟିଲାଣି। ଶନିବାର ମାଷ୍ଟରକ୍ୟାଣ୍ଟିନ୍ ଛକ ଚେକ୍ ପୋଷ୍ଟ ନିକଟରେ ଜଣେ ଶ୍ରମିକଙ୍କୁ ତାଙ୍କ ବନ୍ଧୁ ପଥରରେ ଛେଚି ହତ୍ୟା କରିଥିଲେ। ଏହାର ଦିନକ ପରେ ବୁଦ୍ଧନଗର ରାସ୍ତାରେ ଏଭଳି ହତ୍ୟାକାଣ୍ଡ ଘଟିଛି। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶଯ୍ୟାଶାୟୀଙ୍କ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଶଯ୍ୟାଶାୟୀ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା ହୋଇଛି। ମଙ୍ଗଳବାରଠାରୁ ୧୯୨୯ ନମ୍ବର ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଟିକା ଦିଆଯିବ। ଏଯାବତ ୩୦ ଜଣ ହିତାଧିକାରୀ ପଞ୍ଜୀକୃତ କରିଛନ୍ତି। ତେବେ ଠିକ ଭାବେ ଯାଞ୍ଚ କରିବା ପରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ କରାଯାଇ ଘରେ କିମ୍ବା ନିକଟ କେନ୍ଦ୍ରରେ ଟିକାକରଣ କରାଯିବ ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ ସୂଚନା ଦେଇଛନ୍ତି। ସେହିପରି ସହରର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଟିକା ଦିଆଯିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। ବିଶେଷକରି ଏଭଳି ସମ୍ବେଦନଶୀଳ ବ୍ୟକ୍ତିମାନେ କିପରି ସ୍ୱଚ୍ଛତା ଓ ସୁରକ୍ଷାରେ ଟିକା ନେଇପାରିବେ ସେଥିଲାଗି ଏପରି ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ ୧୮ରୁ ୪୪ ବର୍ଗର ହିତାଧିକାରୀଙ୍କ ଦ୍ୱିତୀୟ ଡୋଜ୍ ପାଇଁ ୱାକ୍ ଇନ୍ ଟିକାକରଣ ଆରମ୍ଭ କରାଯାଇଛି। ଅଗ୍ରାଧିକାର ଭିତ୍ତିରେ ପ୍ରଥମ ଡୋଜ୍ ନେଇସାରିଥିବା ପ୍ରାୟ ୧ଲକ୍ଷ ୭୦ହଜାର ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ଅନୁଯାୟୀ ଆସନ୍ତା ୧୨ତାରିଖ ସୁଦ୍ଧା ଟିକାଦାନ ସରିବା ପରେ ବଳକା ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଦିଆଯିବ ବୋଲି କମିଶନର କହିଛନ୍ତି।



ପିଡିଏସ୍ ଚାଉଳ ଓ ଗହମ ଦୁର୍ନୀତି ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଯୁବତୀଙ୍କୁ ଅସଦାଚରଣ: ଯୁବକ ଗିରଫ

ଭୁବନେଶ୍ୱର,୮।୬(ବ୍ୟୁରୋ)

ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆପଲ୍ଲୀ ଥାନା ଅଧୀନ ରେଣ୍ଟାଲ କଲୋନୀ ନିକଟସ୍ଥ ସହିଦ ଲକ୍ଷ୍ମଣ ନାୟକ ବସ୍ତିର ସୁବାସ ନାୟକ (୨୫) । ସୂଚନାଯୋଗ୍ୟ, ରେଣ୍ଟାଲ କଲୋନୀରେ ରହୁଥିବା ଜଣେ ଯୁବତୀ ଏକ ଘରୋଇ ବ୍ୟାଙ୍କରେ କାମ କରନ୍ତି । ସେ ସବୁଦିନ ଅଫିସ ଯିବା ବେଳେ ସୁବାସ ତାଙ୍କୁ ରାସ୍ତାରେ ହଇରାଣ କରୁଥିଲେ। ମଙ୍ଗଳବାର ଯୁବତୀ ଜଣକ ଯାଉଥିବା ସମୟରେ ସୁବାସ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିଥିଲେ।

## ରାଜ୍ୟରେ ଆରମ୍ଭ ହେବ ଆଣ୍ଟିବଡି କକ୍‌ଟେଲ ଥେରାପି

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଖୁବଶୀଘ୍ର ଓଡ଼ିଶାର ମେଡିକାଲ କଲେଜ ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକରେ କରୋନା ରୋଗୀଙ୍କ ପାଇଁ ମୋନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ ଥେରାପି ସେବା ଆରମ୍ଭ ହେବ। ଏ ସମ୍ପର୍କରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ପେଗିଲେଟେଡ୍ ଇଣ୍ଟରଫେରନ୍ ଆଲଫା-୨ ବି, କାସିରିଭିମାବ ଏବଂ ଇମ୍‌ଡେଭିମାବ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ରହିବ। ଏହି ଔଷଧ ଓଡ଼ିଶା ରାଜ୍ୟ ଔଷଧ ନିଗମ ଏବଂ ଅନ୍ୟାନ୍ୟ ମନୋନୀତ ବିତରଣ କେନ୍ଦ୍ରରେ ଷ୍ଟକ୍ ରହିବ। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ଓ ଏମରଜେନ୍ସି ୟୁଥ୍ ଅଥରାଇଜେଶନ ରେଗୁଲେଶନକୁ ପାଳନ କରାଯାଇ ବ୍ୟବହାର କରାଯିବ ବୋଲି ଚିଠିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, କରୋନା ଆକ୍ରାନ୍ତ ହୋଇ ଯେଉଁମାନେ ଗୁରୁତର ହେବାର ଆଶଙ୍କା ଥିବ ସେମାନଙ୍କ ପାଇଁ ଏହି ଚିକିତ୍ସା କରାଯାଏ। ୧୨ରୁ ଉର୍ଦ୍ଧ୍ୱ ଏବଂ ସର୍ବନିମ୍ନ ୪୦କିଲୋ ଓଜନ ଥିବା ଆକ୍ରାନ୍ତଙ୍କ ପାଖରେ ଏହା ବ୍ୟବହାର କରିବା ପାଇଁ ଅନୁମୋଦନ ମିଳିଛି। ନିକଟରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ମଧ ଏହା ଆରମ୍ଭ ହୋଇଛି।

## ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

**ଭିଡିଓ ଭାଇରାଲ**
- ପୂର୍ବତନ ସରପଞ୍ଚଙ୍କୁ ମାଡ଼
- ବେଆଇନ ଇଟାଭାଟିରେ ଠେଙ୍ଗା, ପଥର ମାଡ଼

ମାହାଙ୍ଗା,୮।୬(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ଅତିରିକ୍ତ ତହସିଲଦାର ଦିଲୀପ ନାୟକ ମଙ୍ଗଳବାର ଏକ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ଓ କର୍ମଚାରୀଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଏଥିସହ ମାହାଙ୍ଗାର ପୂର୍ବତନ ସରପଞ୍ଚ ତ୍ରିଲୋଚନ ମିଶ୍ରଙ୍କୁ ମଧ ମାଡ଼ ମାରିଥିଲେ। ଏହି ସମୟରେ ଉତ୍ତୋଳନ ହୋଇଥିବା ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ଅତିରିକ୍ତ ତହସିଲଦାର ନାୟକ ତହସିଲଦାରଙ୍କୁ ଅବଗତ କରାଇବା ସହ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୨୨/୨୧) ରୁଜୁ କରିଛି। ପର୍ଶୁରାମପୁର ଗ୍ରାମର ପୁରସ୍ତମ ପ୍ରଧାନଙ୍କ ପୁତ୍ର ବିଭୂତିଭୂଷଣ ପ୍ରଧାନ ଓ ତାଙ୍କ ସହଯୋଗୀଙ୍କ ନାମରେ ନାୟକ ଏତଲା ଦେଇଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ଅଭିଯୁକ୍ତମାନେ ନାୟକଙ୍କୁ ଗାଳିଗୁଲଜ କରୁଥିବା ଜଣାପଡୁଛି। ସେମାନେ ନାୟକ ଓ ତାଙ୍କ କର୍ମଚାରୀଙ୍କୁ ଠେଙ୍ଗା ଓ ପଥର ଫୋପାଡି ଆକ୍ରମଣ କରିଥିଲେ। ଏପରିକି ଚଢ଼ାଉ ପାଇଁ ଯାଇଥିବା ଗାଡ଼ିକୁ ମଧ ପିଟି ଭାଙ୍ଗି ଦେଇଥିବା ଭିଡିଓରେ ଦୃଶ୍ୟଗତ ହୋଇଛି।

ପ୍ରକାଶ ଯେ, ଗତ ମେ’ରେ ଏହି ତହସିଲର ଏକ ସ୍ୱତନ୍ତ୍ର ଟିମ୍ ଶ୍ରୀକୃଷ୍ଣପୁର ପଞ୍ଚାୟତ ରାମଚନ୍ଦ୍ରପୁର ବିରୂପା ନଦୀ ବନାଘାଟରେ ଚଢ଼ାଉ କରି ବେଆଇନ୍ ବାଲି ବୋଝେଇ ଗାଡ଼ି ଜବତ କରିଥିଲା। ଏହି ସମୟରେ ବାଲିମାଫିଆମାନେ ରାଜସ୍ୱ ନିରୀକ୍ଷକ ଗଣେଶ୍ୱର ହେମ୍ବ୍ରମ୍ ଓ ତାଙ୍କ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗାଡ଼ିଛଡେଇ ନେଇଯାଇଥିଲେ। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ହେଉଥିବା ଆକ୍ରମଣକୁ ସାଧାରଣରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ଚାଲୁ ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

### ବସ୍ତିବାସିନ୍ଦାଙ୍କୁ ଖାଦ୍ୟ ବାଣ୍ଟିଲେ ବିଧାୟକ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ହାତ ବାନ୍ଧି ବସ୍ତିର ଦିନ ମଜୁରିଆ ଘରେ ବସିରହିଛନ୍ତି। ଭୋକ ଉପାସରେ ସେମାନଙ୍କ ଦିନ ବିତୁଛି। ତାଙ୍କ ପେଟକୁ ଖାଦ୍ୟ ପହଞ୍ଚାଇବା ପାଇଁ ମଙ୍ଗଳବାର ୟୁନିଟ-୪ସ୍ଥିତ ୩୬ ନମ୍ବର ୱାର୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରାୟ ୧ ହଜାର ବସ୍ତିବାସିନ୍ଦାଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବାଣ୍ଟିଥିଲେ। ଏଥିସହ ମାସ୍କ ବାଣ୍ଟିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କୋରୋନା ସହ ସେମାନେ କିପରି ମୁକାବିଲା କରିପାରିବେ ସେ ନେଇ ବିଧାୟକ ଲୋକମାନଙ୍କୁ ସଚେତନ କରାଇଥିଲେ ।

## ତହସିଲ ପ୍ରଶାସନର ତଦନ୍ତ ଆରମ୍ଭ

**ରାତାରାତି ପୋଖରୀ ପୋତିଦେବା ଘଟଣା**

ବାରଙ୍ଗ,୮।୬(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅଧୀନ କୁହ୍ନେଇପଡା ପଞ୍ଚାୟତର ପାଟପୁର ଗ୍ରାମ ନିକଟରେ ଥିବା ପୋଖରୀକୁ ରାତାରାତି ପୋତିଦିଆଯାଇଛି। ସୋମବାର ସକାଳେ ପୋଖରୀର ଅର୍ଦ୍ଧାଧିକ ବାଲି ମୋରମରେ ପୋତାଯାଇଥିବା ବେଳେ ମଙ୍ଗଳବାର ସମ୍ପୂର୍ଣ୍ଣ ପୋତିଦିଆଯାଇଛି। ଉକ୍ତ ପୋଖରୀଟି ଥିବା ଜାଗାର କିସମ ଜଳାଶୟ-୨ ରହିଥିବା ବେଳେ ଗ୍ରାମବାସୀ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। କିସମ ପରିବର୍ତ୍ତନ ନ କରି ଜଳାଶୟକୁ ପୋତିବାର ନିୟମ ନାହିଁ। ଏନେଇ ଧରିତ୍ରୀରେ ମଙ୍ଗଳବାର ରାତାରାତି ପୋତିଦେଲେ ପୋଖରୀ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ତହସିଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ବାରଙ୍ଗ ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ ଓ ଆରଆଇ ସତ୍ୟପ୍ରକାଶ ନାୟକ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ପାଟପୁର ଗ୍ରାମବାସୀଙ୍କ ସହ ପୋଖରୀ ପୋତାକୁ ନେଇ ଆଲୋଚନା କରିଥିବା ଜଣାପଡ଼ିଛି।

## ଗୀତା ଇଞ୍ଜିନିୟରିଂ କଲେଜକୁ ସ୍ୱୟଂଶାସିତ ମାନ୍ୟତା



ଭୁବନେଶ୍ୱର, ୮।୬ (ବ୍ୟୁରୋ)

ଭାରତ ସରକାରଙ୍କ ୟୁନିଭର୍ସିଟି ଗ୍ରାଣ୍ଟସ କମିଶନ୍ (ୟୁଜିସି), ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିପିୟୁଟି ରାଉରକେଲା, ଗୀତା ଇଞ୍ଜିନିୟରିଂ କଲେଜକୁ ୨୦୨୦-୨୧ ଶିକ୍ଷାବର୍ଷରୁ ଆଗାମୀ ଦଶ ବର୍ଷ ପର୍ଯ୍ୟନ୍ତ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରିଛନ୍ତି। ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର (ପୂର୍ବରୁ ଜିଆଇଇଟି ଗୁଣୁପୁର ଭାବେ ଜଣାଶୁଣା)ର ପ୍ରତିଷ୍ଠାତା ବିଦ୍ୟାଭାରତୀ ଏଜୁକେଶନାଲ ଟ୍ରଷ୍ଟ ଦ୍ୱାରା ୨୦୦୪ ମସିହାରେ ସ୍ଥାପିତ ଗୀତା, ଭୁବନେଶ୍ୱରକୁ ପୂର୍ବରୁ ମିଳିଥିବା ଏନବିଏ,ନାକ, ସିରୋ, ଏନଆଇଆରଏଫ ମାନ୍ୟତା ସହ ଏହି ସ୍ୱୟଂଶାସିତ ମାନ୍ୟତା ପୂର୍ବ ଭାରତର ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଫର୍ଦ୍ଦ ଯୋଡି ପାରିଛି। ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ବିକାଶ କ୍ଷେତ୍ରରେ ଉନ୍ମେଷର ଏହି ନୂତନ ସ୍ୱୀକୃତି ପାଇଁ ଗୀତାର ଚେୟାରମ୍ୟାନ୍ ଡ଼. ସତ୍ୟ ପ୍ରକାଶ ପଣ୍ଡା, ସେକ୍ରେଟାରୀ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଏବଂ ଭାଇସ ଚେୟାରମ୍ୟାନ୍ ବିରଞ୍ଚି ନାରାୟଣ ପଣ୍ଡା, ସମସ୍ତ ବିଦ୍ୟାର୍ଥୀ, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା, ଉପଦେଷ୍ଟା, ନିଯୁକ୍ତିଦାତା ଓ ଶୁଭେଚ୍ଛୁ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଟେକ, ଏମ୍ ଟେକ, ଏମ୍‌ବିଏ ଏବଂ ଏମ୍‌ସିଏ ବିଭାଗରେ ପ୍ରାୟ ୪୦୦୦ ବିଦ୍ୟାର୍ଥୀଙ୍କ ଭରସାଯୋଗ୍ୟ ବୈଷୟିକ ଶିକ୍ଷା ଅନୁଷ୍ଠାନ ଗୀତା, ଭୁବନେଶ୍ୱର ନୂଆ ଦଶନ୍ଧୀରେ ‘ଗୀତା ଅଟୋନୋମସ କଲେଜ୍’ର ନୂଆ ପରିଚୟ ପାଇଛି ବୋଲି ଗୀତା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଆଉ ୪ ଜୀବନ ନେଲା କରୋନା

**୬୬୧ ପଜିଟିଭ୍ ଚିହ୍ନଟ, ୧୩୫୭ ସୁସ୍ଥ**

ଭୁବନେଶ୍ୱର, ୮।୬ (ବ୍ୟୁରୋ)

ରାଜଧାନୀରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ସ୍ଥିତି ଏବେ ନିୟନ୍ତ୍ରଣକୁ ଆସୁଥିବାବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ଚିନ୍ତା ବଢାଉଛି। ଗୋଟିଏ ପଟେ ସଂକ୍ରମିତଙ୍କଠାରୁ ସୁସ୍ଥଙ୍କ ହାର ବଢି ଚାଲିଛି। ଅପରପକ୍ଷେ ପ୍ରତିଦିନ ୩ରୁ ୪ଜଣ ସଂକ୍ରମିତଙ୍କ ଜୀବନ ଯାଉଛି। ଗତ ୨୪ଘଣ୍ଟାରେ ୪ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୃତକଙ୍କ ସଂଖ୍ୟା ୩୬୨ ଛୁଇଁଛି। ସେହିପରି ଗୋଟିଏ ଦିନରେ ୬୬୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫୬ଜଣ କ୍ୱାରାଣ୍ଟାଇନ୍‌ରୁ ହୋଇଥିବାବେଳେ ୫୦୫ଜଣ ସ୍ଥାନୀୟ ସଂକ୍ରମିତ। ସର୍ବାଧିକ ୩୭ ଆକ୍ରାନ୍ତ ପଟିଆ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ସେହିପରି ଢୁମୁଡୁମାରୁ ୨୬, ନୟାପଲ୍ଲୀ ଓ ନିଳାଦ୍ରୀ ବିହାରରୁ ୨୪ ଜଣ ଲେଖାଏ, ପୁରୁଣା ଭୁବନେଶ୍ୱର ଓ ବରମୁଣ୍ଡାରୁ ୧୭ ଜଣ ଲେଖାଏ, ଶୈଳଶ୍ରୀ ବିହାରରୁ ୧୬, ୟୁନିଟ-୮ରୁ ୧୪, ଝାରପଡ଼ା ଓ ଚନ୍ଦ୍ରଶେଖରପୁରରୁ ୧୫ଜଣ ଲେଖାଏ, ମଞ୍ଚେଶ୍ୱରରୁ ୧୪, ଶହୀଦ ନଗର ଓ କଳିଙ୍ଗ ନଗରରୁ ୧୨ଜଣ ଲେଖାଏ, ୟୁନିଟ-୬ ଓ ଚକେଇସିଆଣିରୁ ୧୧ଜଣ ଲେଖାଏ, ପୋଖରୀପୁଟ, ଲକ୍ଷ୍ମୀସାଗର ଓ ବମିଖାଲରୁ ୭ଜଣ ଲେଖାଏ, ଗାଡକଣ ଓ ଚିନ୍ତାମଣିଶ୍ୱରରୁ ୫ଜଣ ଲେଖାଏ, ଜୟଦେବ ବିହାର ଓ ବାଣୀବିହାରରୁ ୬ଜଣ ଲେଖାଏ ପଜିଟିଭ୍ ବାହାରିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ୮୧ହଜାର ୫୭୦ରେ ପହଞ୍ଚିଛି। ସେହିଭଳି ଗୋଟିଏ ଦିନରେ ୧୩ଶହ ୫୭ଜଣ ସଂକ୍ରମିତ ସୁସ୍ଥ ହୋଇଥିବାରୁ ଏହି ସଂଖ୍ୟା ୭୩ହଜାର ୯୬୫ରେ ପହଞ୍ଚିଛି। ୭୨୨୨ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ବିଭିନ୍ନ ମାର୍କେଟରେ ବ୍ୟବସାୟୀଙ୍କ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର, ୮।୬ (ବ୍ୟୁରୋ)

ଲକ୍‌ଡାଉନ୍‌ରେ ପନିପରିବା, ଫଳ ଓ ଆମିଷ ମାର୍କେଟ ଖୋଲା ରହୁଥିବାରୁ ଗ୍ରାହକଙ୍କ ଭିଡ଼ ଜମୁଛି। ବିଶେଷକରି ଆଗକୁ ସାବିତ୍ରୀ ବ୍ରତ ଆସୁଥିବାରୁ ଫଳ ମାର୍କେଟରେ ଅଧିକ ଗହଳି ହେଉଛି। ବ୍ୟବସାୟୀମାନେ ଦୈନିକ ବହୁ ଲୋକଙ୍କ ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କର କୋଭିଡ୍ ଟେଷ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ଗତ ୪ତାରିଖଠାରୁ ସହରର ବିଭିନ୍ନ ମାଛ, ମାସଂ ତଥା ପନିପରିବା ମାର୍କେଟରେ ବ୍ୟବସାୟୀମାନଙ୍କର କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ମଙ୍ଗଳବାର


ଜଣେ ବ୍ୟବସାୟୀଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।

ରାଜଧାନୀର ୟୁନିଟ-୧ ମାର୍କେଟ, ୟୁନିଟ-୪ ମାର୍କେଟ, ଇନ୍ଦ୍ରଧନୁ ମାର୍କେଟ, ଚନ୍ଦ୍ରଶେଖରପୁର ଫଳ ମାର୍କେଟ ଆଦି ସ୍ଥାନରେ ମୋବାଇଲ୍ ଭ୍ୟାନ୍ ପହଞ୍ଚି ବ୍ୟବସାୟୀଙ୍କ କୋଭିଡ୍ ଟେଷ୍ଟ କରିଥିଲା। ପରୀକ୍ଷଣରୁ କୋଭିଡ୍ ପଜିଟିଭ୍ ବାହାରିଲେ ସେମାନଙ୍କର ଆବଶ୍ୟକୀୟ ଯତ୍ନ ଓ ଚିକିତ୍ସା ସରକାରଙ୍କ ବ୍ୟବସ୍ଥାରେ କରାଯିବ।

## ସଂକ୍ଷେପରେ

### ଭାକ୍ସିନ, ଖାଦ୍ୟଶସ୍ୟ ଲାଗି ଖର୍ଚ୍ଚ ହେବ ୧.୪୫ ଲକ୍ଷ କୋଟି


**ନୂଆଦିଲ୍ଲୀ,୮।୬:** କୋଭିଡ୍ ଭାକ୍ସିନ ଏବଂ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଲାଗି କେନ୍ଦ୍ର ସରକାରଙ୍କୁ ଅତିରିକ୍ତ ୧.୪୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଦ୍ୱିତୀୟ ଲହର ପ୍ରଭାବ ଯୋଗୁ ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଣ ପାଇଁ ସରକାର ନିକଟରେ ଘୋଷଣା କରିଛନ୍ତି। ଯୁବବର୍ଗଙ୍କୁ ଟିକା ପ୍ରଦାନ ଲାଗି କେନ୍ଦ୍ର ସରକାର ୪୫ରୁ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିପାରନ୍ତି। ବଜେଟରେ ଏଥିଲାଗି ୩୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନର ଖର୍ଚ୍ଚ ଏହାଠାରୁ ଅଧିକ ରହିବ ବୋଲି ସରକାରଙ୍କ ଜଣେ ଅଧିକାରୀ କହିଛନ୍ତି। ସେହିଭଳି ୮୦ କୋଟି ହିତାଧିକାରୀଙ୍କୁ ଆଗାମୀ ନଭେମ୍ବର ଯାଏ ମାଗଣାରେ ଅତିରିକ୍ତ ଖାଦ୍ୟଶସ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ଦ୍ୱାରା ୧.୧ରୁ ୧.୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିପାରେ। ଏଭଳି ୨ଟି ଖର୍ଚ୍ଚକୁ ମିଶାଇଲେ କେନ୍ଦ୍ର ସରକାରଙ୍କୁ ପ୍ରାୟ ୧.୪୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ ବୋଲି ଆକଳନ କରାଯାଇଛି।

### ନୂଆ ଇ-ଫାଇଲିଂ ପୋର୍ଟାଲରେ ସମସ୍ୟା

**ନୂଆଦିଲ୍ଲୀ,୮।୬:** ଆୟକର ଫାଇଲିଂ ଲାଗି ନୂଆ ପୋର୍ଟାଲରେ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଦେଖାଯାଇଛି। ଏହାକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପୋର୍ଟାଲ ପ୍ରସ୍ତୁତ କରିଥିବା କମ୍ପାନୀ ଇନ୍‌ଫୋସିସ୍ ଏବଂ ଏହାର ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ନୂଆ ପୋର୍ଟାଲ ଦ୍ୱାରା ଟିକସଦାତା ଯେଭଳି କୌଣସି ସମସ୍ୟା ସାମ୍ନା ନ କରନ୍ତି ଏବଂ ସେବାର ଗୁଣବତ୍ତାରେ ଯେଭଳି ସମସ୍ୟା ନ ଉପୁଜେ ତାହା ଧ୍ୟାନରେ ରଖିବାକୁ ସୀତାରାମନ ଗୁରୁତ୍ୱାରୋପ କରିଛନ୍ତି। ନିକଟରେ ଇ-ଫାଇଲିଂ ପୋର୍ଟାଲ ୨.୦ ଆରମ୍ଭ କରାଯାଇଛି। ବିଭିନ୍ନ ସମସ୍ୟା ସାମ୍ନା କରିବା ପରେ ଲୋକମାନେ ଟୁଇଟର ଯୋଗେ ଅସନ୍ତୋଷ ଜାହିର କରିଥିଲେ। ଏହାକୁ ନେଇ ଅର୍ଥମନ୍ତ୍ରୀ ଇନ୍‌ଫୋସିସ୍‌ର ହସ୍ତକ୍ଷେପ ଲୋଡିଥିବା ଜଣାପଡିଛି।

# ୧୦୦ ଟଙ୍କା ଟପିପାରେ ଡିଜେଲ

■ ବଢୁଛି ଅଶୋଧିତ ତେଲ ଦର
■ ଇରାନ କଟକଣା ହଟିଲେ ଖାଉଟି ଲାଭବାନ୍ ହୁଅନ୍ତେ



**ନୂଆଦିଲ୍ଲୀ,୮।୬**

ଦେଶର ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କା ଟପିଛି। ଡିଜେଲ ମଧ୍ୟ ୧୦୦ ଟଙ୍କା ନିକଟବର୍ତ୍ତୀ ହୋଇଛି। ରାଜସ୍ଥାନର ଶ୍ରୀଗଙ୍ଗା ନଗରରେ ଡିଜେଲ ୯୯.୨୪ ଟଙ୍କାରେ ବିକ୍ରି ହେଉଛି। ଦର ଲଗାତର ବଢ଼ି ଚାଲିଲେ ଶୀଘ୍ର ଡିଜେଲ ଦର ମଧ୍ୟ ୧୦୦ ଟଙ୍କା ଟପିପାରେ ବୋଲି ଆଶଙ୍କା କରାଯାଉଛି। ଇରାନ ଉପରେ ଲାଗିଥିବା କଟକଣା ଯଦି ନ ହଟାଯାଏ ତେବେ ଆଗାମୀ ଦିନରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୫ ଡଲାର ଟପିପାରେ। ଏହା ବର୍ତ୍ତମାନ ୭୧ ଡଲାରରେ ବିକ୍ରି ହୋଇଛି। ୟୁରୋପୀୟ ଦେଶଗୁଡିକରେ ବର୍ତ୍ତମାନ ଲକ୍‌ଡାଉନ କଟକଣା କୋହଳ ହେଉଥିବାରୁ ଜନଜୀବନ ସ୍ୱାଭାବିକ ହେଉଛି। ଫଳରେ ପେଟ୍ରୋଲିୟମ ସାମଗ୍ରୀର ଚାହିଦା ବଢୁଛି। ସୋମବାର ଅଶୋଧିତ ତେଲ ଦର ଢେର ବଢ଼ିଛି। ଏହା ବର୍ତ୍ତମାନ ୨ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି। ଏଭଳି ସ୍ଥିତିରେ ଅଶୋଧିତ ତେଲ ଦର ମହଙ୍ଗା ହୋଇ ଚାଲିଛି।

ଏହି ପରିପ୍ରେକ୍ଷୀରେ ଆଇଆଇଏଫ୍ଏଲ୍‌ର ଉପସଭାପତି ଅନୁଜ ଗୁପ୍ତା କହିଛନ୍ତି, ଭାରତ ଏହାର ମୋଟ ଚାହିଦାର ପ୍ରାୟ ୮୫% ତେଲ ବିଦେଶରୁ ଆମଦାନୀ କରୁଛି। ୨୦୧୯ ପୂର୍ବରୁ ଭାରତ ତେଲ କ୍ରୟରେ ଇରାନ ସବୁଠୁ ବଡ ଗ୍ରାହକ ରହିଥିଲା। ଇରାନ ତେଲ ଆମଦାନୀ କରିବାରେ ଭାରତକୁ ଅନେକ ଲାଭ ହୋଇଥାଏ। ସେଠାରୁ ତେଲ ଆଣିଲେ ପରିବହନ ଖର୍ଚ୍ଚ କମ୍ ପଡିଥାଏ। ଏହା ଟଙ୍କାରେ ଭାରତକୁ ତେଲ ଦେଇଥାଏ। ମାତ୍ର ଅନ୍ୟ ତେଲ ବିକ୍ରେତା ଦେଶ ଭାରତଠାରୁ ଡଲାର ଦାବି କରିଥାନ୍ତି। ବର୍ତ୍ତମାନ ଟଙ୍କା ତୁଳନାରେ ଡଲାର ମୂଲ୍ୟ ବଢ଼ିଥିବାରୁ ଭାରତକୁ ଅଧିକ ଅର୍ଥ ଦେବାକୁ ପଡୁଛି। ଆସନ୍ତା ସପ୍ତାହରେ ଇରାନ ଉପରେ ଲାଗିଥିବା ପ୍ରତିବନ୍ଧକ ପ୍ରସଙ୍ଗକୁ ନେଇ ବୈଠକ ଅନୁଷ୍ଠିତ ହେବ। ଇରାନ ଉପରୁ ପ୍ରତିବନ୍ଧକ ହଟିଲେ ଅଶୋଧିତ ତେଲ ବ୍ୟାରେଲ ପିଛା ୬୦ରୁ ୬୫ ଡଲାରକୁ ଖସିପାରେ। ଆମେରିକା ଇରାନ ଉପରେ ଲାଗୁ କରିଥିବା ପ୍ରତିବନ୍ଧକ ଯଦି କୋହଳ କରେ ତେବେ ଭାରତ ପୁଣି ଥରେ ସେଠାରୁ ତେଲ ଆମଦାନୀ କରିପାରିବ। ଉଲ୍ଲେଖଯୋଗ୍ୟ, ୨୦୧୯ ପରଠାରୁ ଭାରତକୁ ଇରାନ ତେଲ ଆସୁନାହିଁ।

ତେଲଦର ବୃଦ୍ଧି ମୁଖ୍ୟତଃ ଅଶୋଧିତ ତେଲ ଦର, ଟଙ୍କା ତୁଳନାରେ ଡଲାର ମୂଲ୍ୟ ବୃଦ୍ଧି, ଟିକସ ଏବଂ ତେଲ ଚାହିଦା ଉପରେ ନିର୍ଭର କରେ। ଗୁପ୍ତା ପୁଣି କହିଛନ୍ତି, ଯଦି ଇରାନ ଉପରେ ଲାଗିଥିବା ପ୍ରତିବନ୍ଧକ ନ ହଟେ ତେବେ ଆଗାମୀ ଦିନରେ ତେଲ ଚାହିଦା ବଢ଼ିବା ଯୋଗୁ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୫ ଡଲାର ଛୁଇଁପାରେ। ସେହିଭଳି ଆମେରିକାରେ ଟିକାକରଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିବାରୁ ସେଠାକାର ଅର୍ଥ ବ୍ୟବସ୍ଥାରେ ସ୍ଥିରତା ଫେରୁଛି। ଫଳରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହେଉଛି। ଆଗାମୀ ୨ ମାସରେ ଡଲାର ୭୫ ଟଙ୍କା ସ୍ତର ଛୁଇଁପାରେ। ବର୍ତ୍ତମାନ ଏହା ୭୩ ଟଙ୍କା ସ୍ତରରେ ରହିଛି। ଫଳରେ ତେଲ ଦର ଆହୁରି ମହଙ୍ଗା ହେବ ବୋଲି କୁହାଯାଉଛି। ଯଦି ଇରାନ ଉପରେ କଟକଣା ନ ହଟେ ତେବେ ଆଗାମୀ ଦିନରେ ପେଟ୍ରୋଲ ଡିଜେଲ ଦର ପ୍ରାୟ ୩ ଟଙ୍କା ମହଙ୍ଗା ହୋଇପାରେ।

### ଜିଏସ୍‌ଟି ଲାଗିଲେ ପେଟ୍ରୋଲ ୮୧ ଟଙ୍କା

ପେଟ୍ରୋଲ ଡିଜେଲ ଯଦି ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ପରିସରକୁ ଆସେ ତେବେ ତେଲ ଦର ଉପରେ ଖାଉଟି କିଛିଟା ଆଶ୍ୱସ୍ତି ଲାଭ କରିପାରନ୍ତେ। ବର୍ତ୍ତମାନ ଏହା ହୋଇପାରିଲା ଭଳି ଆଶା ଦେଖାଯାଉନାହିଁ। ଜିଏସ୍‌ଟି ଲାଗିଲେ ପେଟ୍ରୋଲ ୮୧ ଏବଂ ଡିଜେଲ ୭୪ ଟଙ୍କାରେ ବିକ୍ରି ହୁଅନ୍ତା। ତେଲ ଉପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବୃହତ୍ ପରିମାଣର ଟିକସ ଲାଗୁ କରୁଛନ୍ତି। ଫଳରେ ତେଲ ଦର ଉଚ୍ଚରେ ରହୁଛି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ବେସ୍ ପ୍ରାଇସ ବା ମୂଳ ଦର ପ୍ରାୟ ୩୩ ଟଙ୍କା ରହିଛି। ମାତ୍ର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅତିରିକ୍ତ ଟିକସ ଯୋଗୁ ଦର ୧୦୦ ଟଙ୍କା ଟପିଛି। ତେଲ ଉପରେ ବର୍ତ୍ତମାନ କେନ୍ଦ୍ର ସରକାର ୩୩ ଟଙ୍କାର ଉତ୍ପାଦ ଟିକସ ଲାଗୁ କରୁଛନ୍ତି। ରାଜ୍ୟ ସ୍ତରରେ ଲାଗୁ ହେଉଥିବା ଭାଟ୍ ଦର ଭିନ୍ନ ରହୁଛି। ଫଳରେ ମୂଳ ମୂଲ୍ୟଠାରୁ ତେଲ ଦର ପ୍ରାୟ ୩ ଗୁଣ ଅଧିକ ରହୁଛି। ଭାରତରେ ପେଟ୍ରୋଲ ଉପରେ ୫୪ ଟଙ୍କା ଏବଂ ଡିଜେଲ ଉପରେ ୪୪ ଟଙ୍କାର ଟିକସ ଲାଗୁ ହେଉଥିବା ଜଣାପଡିଛି।

# ମୁଥୁଟ୍‌ର ମାଗଣା ପରିବହନ ସେବା




**ନୂଆଦିଲ୍ଲୀ,୮।୬**

କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଟିକା ଏକମାତ୍ର ବିକଳ୍ପ ପାଲଟିଛି। ମହାମାରୀରୁ ଦେଶବାସୀଙ୍କୁ ରକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୃହତ୍ ଟିକାଦାନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ ମୁଥୁଟ୍ ଫାଇନାନ୍ସ ଥାର୍ଡ ପ୍ଲାନେଟ ଫାଉଣ୍ଡେଶନ ସହଯୋଗରେ ଏହି ସ୍ୱତନ୍ତ୍ର ଯୋଜନା ହାତକୁ ନେଇଛି। କମ୍ପାନୀର କର୍ପୋରେଟ ସାମାଜିକ ଦାୟତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଜରିଆରେ କୋଭିଡ୍ ଟିକା କେନ୍ଦ୍ରକୁ ହିତାଧିକାରୀଙ୍କୁ ମାଗଣାରେ ନେବା ଆଣିବା ସେବା ପ୍ରଦାନ କରୁଛି। କମ୍ପାନୀ ଏହି ସେବା ଓ ସୁବିଧା ସ୍ଥାନୀୟ ଦିଲ୍ଲୀ, ଫରିଦାବାଦ ଓ ଗୁରୁଗ୍ରାମ ଭଳି ଅଞ୍ଚଳରେ ବିଭିନ୍ନ ବର୍ଗର ଲୋକଙ୍କୁ ଯୋଗାଇ ଦେଉଛି। ଏହି କାର୍ଯ୍ୟରେ କମ୍ପାନୀ ପକ୍ଷରୁ ୪ଟି ପିକ୍-ଅପ୍ ଭ୍ୟାନ୍ ନିୟୋଜିତ ରହିଛି। ଏ ସମ୍ପର୍କରେ କମ୍ପାନୀର ଉପ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ କହିଛନ୍ତି, ଆମର ଗ୍ରୁପ୍ ଚେୟାରମ୍ୟାନ ଏମ୍.ଜି. ଜର୍ଜଙ୍କ ଲକ୍ଷ୍ୟ ଓ ଆଦର୍ଶକୁ ଆଖି ଆଗରେ ରଖି ଦେଶର ବିପତ୍ତି ସମୟରେ ସାମାଜିକ କାର୍ଯ୍ୟକ୍ରମ ଜରିଆରେ ଅସହାୟଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ହେଉଛି ଆମର ମୂଳ ଉଦ୍ଦେଶ୍ୟ। ଏହି ଅନୁସାରେ ବର୍ତ୍ତମାନର ମହାମାରୀ ସମୟରେ ବିଭିନ୍ନ ବର୍ଗର ଲୋକଙ୍କୁ ଟିକାକରଣ କରାଇବା ହେଉଛି ପ୍ରାଥମିକ କାର୍ଯ୍ୟ। ଟିକା କେନ୍ଦ୍ରକୁ କିପରି ଅଧିକରୁ ଅଧିକ ଲୋକ ଯାଇ ଟିକା ନେଇପାରିବେ ସେଥିପାଇଁ କମ୍ପାନୀ ଏହି ସେବା ପ୍ରଦାନ କରାଯାଉଛି ବୋଲି ଜର୍ଜ ମତବ୍ୟକ୍ତ କରିଥିଲେ।

# ରେଲୱେ ଶ୍ରମିକ ସଂଗଠନର ଖାଦ୍ୟ ବଣ୍ଟନ

**ଭୁବନେଶ୍ୱର,୮।୬**

ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନ ପକ୍ଷରୁ କୋଭିଡ୍ ରୋଗୀ ଓ ସଙ୍ଗରୋଧରେ ଥିବା ଅସହାୟ ରୋଗୀମାନଙ୍କୁ ବିନା ମୂଲ୍ୟରେ ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇଛି। ୟୁନିୟନର ସହକାରୀ ସମ୍ପାଦକ ସୁନୀଲ କୁମାର ମିତ୍ରଙ୍କ ନେତୃତ୍ୱରେ କୋଭିଡ୍ ରୋଗୀମାନଙ୍କୁ ମାଗଣାରେ ଖାଦ୍ୟ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ସେଣ୍ଟ୍ରାଲ ହସ୍ପିଟାଲର ୩୦ ଜଣ ରୋଗୀଙ୍କ ସମେତ ୨୧ ରେଲୱେ କର୍ମଚାରୀ ଓ ୪୯ ଅଣରେଲୱେ କର୍ମଚାରୀମାନଙ୍କୁ ମାଗଣାରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ୟୁନିୟନର ନିଷ୍ପତ୍ତି ଅନୁସାରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ରେଳପଥର ବରିଷ୍ଠ ଅଧିକାରୀଙ୍କ ସମେତ ରେଳ କର୍ମଚାରୀ, ବିଏମ୍‌ସି ଓ ମା ଭବାନୀ ଚାରିଟେବଲ୍ ଟ୍ରଷ୍ଟର ସଦସ୍ୟଙ୍କ ସହଯୋଗରେ ଏହି ସେବା କାର୍ଯ୍ୟ କରାଯାଉଛି। ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ପାଢୀଶାଣୀଙ୍କ ପରାମର୍ଶ ଓ ୟୁନିୟନର କର୍ମକର୍ତ୍ତା ବିରଜା ମହାପାତ୍ର, ହାରଧନ ହେଁସ୍, ଅଶୋକ ସାହୁଙ୍କ ସହଯୋଗରେ ଏଭଳି କାର୍ଯ୍ୟ ୟୁନିୟନ ହାତକୁ ନେଇଥିବା ଜଣାପଡିଛି।

# ଅଭିବୃଦ୍ଧି ଆକଳନ କମାଇଲା ବିଶ୍ୱବ୍ୟାଙ୍କ

**ନୂଆଦିଲ୍ଲୀ,୮।୬**

ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ ବିଶ୍ୱ ବ୍ୟାଙ୍କ ୮.୩%କୁ ହ୍ରାସ କରିଛି। ଜିଡିପି ୧୦.୧% ରହିବ ବୋଲି ଏହା ପୂର୍ବରୁ ଆକଳନ କରିଥିଲା। କରୋନାର ଦ୍ୱିତୀୟ ଲହର ଯୋଗୁ ବଜାର ପ୍ରଭାବିତ ହୋଇ ରହିଥିବାରୁ ଆକଳନରେ ଏଭଳି ହ୍ରାସ କରିଥିବା ଜଣାପଡିଛି।

ସେହିଭଳି ଆଗାମୀ ବର୍ଷ ଭାରତର ଜିଡିପି ୭.୫% ରହିବା ନେଇ ଏହା ଆକଳନ କରିଛି। ନୂଆ ଲହର ଆସିବା ଯୋଗୁ ବଜାରର ସୁଧାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ବିଶ୍ୱ ବ୍ୟାଙ୍କ ଏହାର ଗ୍ଲୋବାଲ ଇକୋନୋମିକ ପ୍ରସ୍‌ପେକ୍ଟ ରିପୋର୍ଟରେ କହିଛି, କରୋନା ଦ୍ୱାରା କ୍ଷତିଗ୍ରସ୍ତ ବଜାର ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟାର୍ଦ୍ଧରେ ଉନ୍ନତି ସ୍ଥିତିକୁ ଫେରିପାରେ। ସେବାକ୍ଷେତ୍ରରେ ଏହି ସମୟରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇପାରେ।




ଉଲ୍ଲେଖଯୋଗ୍ୟ, ୨୦୨୦-୨୧ରେ ଭାରତର ଜିଡିପି -୭.୩% ରହିଛି। ୨୦୧୯ରେ ଭାରତ ୪% ଜିଡିପି ଅଭିବୃଦ୍ଧି କରିଥିଲା। ମାତ୍ର କରୋନା ଯୋଗୁ ବଜାର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ୨୦୨୩ରେ ଭାରତର ଅଭିବୃଦ୍ଧି ୬.୫% ରହିପାରେ। ୨୦୨୧ରେ ବିଶ୍ୱ ଅର୍ଥ ବ୍ୟବସ୍ଥା ୫.୬% ହାରରେ ଅଭିବୃଦ୍ଧି ହାସଲ କରିପାରେ। ଭାରତ ଗ୍ରହଣ କରୁଥିବା ନୀତିଗତ ପଦକ୍ଷେପ, ଭିତ୍ତିଭୂମିରେ ବୃହତ୍ ନିବେଶ, ଗ୍ରାମୀଣ ବିକାଶ ସହ ସେବା ଏବଂ ମାନୁଫାକଚରିଂ କ୍ଷେତ୍ରରେ ସୁଧାର ଆଶାଠାରୁ ଉନ୍ନତ ହେବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। କଟକଣା ହଟିବା ପରେ ବଜାରରେ ଆର୍ଥିକ କାର୍ଯ୍ୟକଳାପ ବଢୁଥିବା ଦେଖାଯାଇଛି।

## ଫୁର୍‌ସତ୍

# ଏୟାର ଇଣ୍ଡିଆ ଅନ୍ତର୍ଜାତୀୟ ଉଡ଼ାଣକୁ ୭୩ ବର୍ଷ

**୧୯୪୮ ଜୁନ୍ ୮ରେ ଏୟାର ଇଣ୍ଡିଆ ରଚିଥିଲା ଇତିହାସ। ଏହି ଦିନ ମୁମ୍ବାଇ (ତତ୍କାଳୀନ ବମ୍ବେ)ରୁ ଲଣ୍ଡନକୁ ପ୍ରଥମ ଥର ପାଇଁ ଉଡ଼ିଥିଲା କୌଣସି ଭାରତୀୟ ବିମାନ। ଏହି ଐତିହାସିକ ଯାତ୍ରାର ସାକ୍ଷୀ ରହିଥିଲେ ତତ୍କାଳୀନ ଏୟାର ଇଣ୍ଡିଆର ଚେୟାରମ୍ୟାନ ଜେ.ଆର୍.ଡି. ଟାଟା, ମହାରାଜା ଦିଲୀପ ସିଂଙ୍କ ସମେତ ବହୁ ଧନିକ ଏବଂ ଉଦ୍ୟୋଗପତି।**



**ନୂଆଦିଲ୍ଲୀ:** ଠିକ୍ ୭୩ ବର୍ଷ ତଳେ ଏୟାରଇଣ୍ଡିଆ ଆରମ୍ଭ କରିଥିଲା ନିଜର ଅନ୍ତର୍ଜାତୀୟ ବିମାନ ସେବା। ୧୯୪୮ ଜୁନ୍ ୮ରେ ୩୫ ଯାତ୍ରୀଙ୍କ ସହ ବମ୍ବେରୁ ଏକ ବିମାନ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିଥିଲା। ଏବେ ବିମାନରେ ଅତି ବେଶିରେ ୧୨ ଘଣ୍ଟାରେ ଲଣ୍ଡନରେ ପହଞ୍ଚି ହେବ। ହେଲେ ସେହି ସମୟରେ ଏହି ଯାତ୍ରା ହାରାହାରି ୨ଦିନ ଦୀର୍ଘ ଥିଲା। କାଏରୋ, ଜେନେଭା ଦେଇ ଦୁଇଦିନର ବିମାନ ପହଞ୍ଚିଥିଲା ଲଣ୍ଡନରେ। ଉଲ୍ଲେଖଯୋଗ୍ୟ, ସ୍ୱାଧୀନତା ପୂର୍ବରୁ ଏୟାର ଇଣ୍ଡିଆ ଟାଟା ଏୟାରଲାଇନ୍ସ ନାମରେ ପରିଚିତ ଥିଲା। ସ୍ୱାଧୀନତା ପରେ ଏହାର ୪୯% ଶେୟାର ସରକାର ନେଇଥିଲେ ଏବଂ ଏହାର ନାମ ରଖାଯାଇଥିଲା ଏୟାରଇଣ୍ଡିଆ।

ଏୟାର ଇଣ୍ଡିଆର ପ୍ରଥମ ଉଡ଼ାଣ ବିଷୟରେ ବିସ୍ତୃତ ତଥ୍ୟଭିତ୍ତିକ ଆର୍ଟିକେଲ ଏହାର ୭୦ ବର୍ଷ ପୂର୍ତ୍ତି ଅବସରରେ ପ୍ରକାଶିତ ହୋଇଥିଲା। ବିମାନର ଯାତ୍ରୀ ତଥା ସୌରାଷ୍ଟ୍ର ନବାନଗରର ଜାମ ସାହିବଙ୍କ ବହୁ ପ୍ରତୀକ୍ଷିତ ଯାତ୍ରାର ଅନୁଭୂତି ଏବଂ ଉତ୍କଣ୍ଠାକୁ ଏଥିରେ ଦର୍ଶାଯାଇଥିଲା। ଏୟାର ଇଣ୍ଡିଆର ଏହି ଉଡ଼ାଣର ଫଟୋଚିତ୍ର ଉତ୍ତୋଳନ କରିବାକୁ ଏୟାରପୋର୍ଟରେ ବହୁ ଫଟୋଗ୍ରାଫର ଏକାଠି ହୋଇଥିଲେ। ସେମାନଙ୍କ ଭିତରୁ କେତେଜଣ ବିମାନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଅନୁଭୂତି ପଚାରୁଥିଲେ। ଅନ୍ୟ କେତେଜଣ ଏହି ମଧୁର ସମୟକୁ କ୍ୟାମେରାରେ ତୋଳି ଧରୁଥିଲେ। ୪୦ ସିଟ୍ ବିଶିଷ୍ଟ ଏହି ଫ୍ଲାଇଟ୍‌ର ନାମ 'ମାଲାବାର ପ୍ରିନ୍ସେସ୍' ଥିବାବେଳେ ଏହାର କ୍ୟାପ୍ଟେନ ଥିଲେ କେ.ଆର୍ ଗୁଜଦାର। ୫୦୦୦ କି.ମି. ଦୀର୍ଘପଥ ଅତିକ୍ରମ କରି ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚାଇବାକୁ ତାଙ୍କ ଉପରେ ଗୁରୁଦାୟିତ୍ୱ ନ୍ୟସ୍ତ କରାଯାଇଥିଲା।

### ଯାତ୍ରୀ ଭଡ଼ା ୧୭୨୦ ଟଙ୍କା

ଏୟାର ଇଣ୍ଡିଆର ପ୍ରଥମ ଅନ୍ତର୍ଜାତୀୟ ଉଡ଼ାଣ ପୂର୍ବରୁ ଜୁନ୍ ୩ରେ 'ଟାଇମ୍ସ ଅଫ୍ ଇଣ୍ଡିଆ'ରେ ଏକ ବିଜ୍ଞାପନ ପ୍ରକାଶିତ ହୋଇଥିଲା, ଯେଉଁଥିରେ ଏକ ମହାରାଜା ଲୋଗୋ ଯାତ୍ରୀଙ୍କୁ ରାଜକୀୟ ଠାଣିରେ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ଏହି ଫ୍ଲାଇଟ୍‌ର ଯାତ୍ରୀପିଛା ଭଡ଼ା ଥିଲା ୧୭୨୦ ଟଙ୍କା, ଯାହାର ମୂଲ୍ୟ ସେହି ସମୟରେ ବେଶ୍ ଅଧିକ ବୋଲି ବିଚାର କରାଯାଉଥିଲା। ୧୯୪୮ ଜୁନ୍ ୮ ରାତି ୧୧ଟା୧୫ରେ ବିମାନ ରନ୍‌ୱେରେ ଦୌଡ଼ିବା ସହ ଉଡ଼ାଣ ଆରମ୍ଭ କରିଥିଲା। ଜୁନ୍ ୧୦ରେ ବିମାନ ଲଣ୍ଡନରେ ଅବତରଣ କରିଥିଲା। ଏହି ସମୟ ଭିତରେ 'ମାଲାବାର ପ୍ରିନ୍ସେସ୍' ୨୪ ଘଣ୍ଟା ଧରି ଆକାଶମାର୍ଗରେ ଗତି କରିଥିଲା।

### ହୋଇଥିଲା ଜୋର୍‌ଦାର ପ୍ରସ୍ତୁତି

'ମାଲାବାର ପ୍ରିନ୍ସେସ୍'ର ପ୍ରଥମ ଯାତ୍ରାରେ ସାମିଲ ହୋଇଥିବା ୩୫ ଯାତ୍ରୀଙ୍କ ଭିତରୁ ୨୯ଜଣ ଲଣ୍ଡନ ଏବଂ ଅନ୍ୟ ୬ଜଣ ଜେନେଭା ପାଇଁ ଟିକେଟ କରିଥିଲେ। ଯାତ୍ରୀଙ୍କ ସୁରକ୍ଷା, ଦୁଇଦିନର ବିମାନ ଯାତ୍ରା ଲାଗି ଯୋଜନାବଦ୍ଧ ଭାବେ ପ୍ରସ୍ତୁତି କରାଯାଇଥିଲା। ଯଦିଓ ଏୟାରଇଣ୍ଡିଆ ନିକଟରେ ଘରୋଇ ବିମାନ ଉଡ଼ାଣର ପର୍ଯ୍ୟାପ୍ତ ଅନୁଭୂତି ରହିଥିଲା, ତଥାପି ପ୍ରଥମ ଅନ୍ତର୍ଜାତୀୟ ଉଡ଼ାଣରେ ଯେପରି ସାମାନ୍ୟ ତ୍ରୁଟିବିଚ୍ୟୁତି ନ ହୁଏ ସେଥିଲାଗି କର୍ତ୍ତୃପକ୍ଷ ସମସ୍ତ ବନ୍ଦୋବସ୍ତ କରିଥିଲେ। ଏହି ଯାତ୍ରା ଲାଗି ଅନୁଭୂତିସମ୍ପନ୍ନ କ୍ରିଉ ମେମ୍ବର ଚୟନ କରାଯାଇଥିଲା। ଉଡ଼ାଣ ପାଇଁ ଷ୍ଟାଫ୍ ନିଯୁକ୍ତି ପରେ ଏୟାରଇଣ୍ଡିଆ ପକ୍ଷରୁ କାଏରୋ, ଲଣ୍ଡନ ଏବଂ ଜେନେଭାରେ ଅଫିସ୍ ଖୋଲାଯାଇଥିଲା।

# ଝିଅଙ୍କ ଗାଁ

**ଚଣ୍ଡିଗଡ:** ଝିଅମାନଙ୍କୁ ପୁଅମାନଙ୍କ ଭଳି ଗୁରୁତ୍ୱ ଦେଇ ଏକ ଭିନ୍ନ ଗାଁର ପରିଚୟ ସୃଷ୍ଟି କରିଛି ହରିୟାଣାର ବୁଡଶାମ। ଏହି ଗାଁରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ଢେର ଅଧିକ ଆଉ ଝିଅମାନେ ବହୁକ୍ଷେତ୍ରରେ ପାରଦର୍ଶିତା ହାସଲ କରି ଏବେ ଗାଁର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ହରିୟାଣାର ପାନିପତ ନିକଟରେ ଥିବା ବୁଡଶାମ ଗାଁକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ହେଉଛି। ଗାଁରେ ଅଧିକ ସଂଖ୍ୟାରେ ଝିଅ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବାରୁ ରାଜ୍ୟସ୍ତରୀୟ ପୁରସ୍କାର ଦେବା ନିମନ୍ତେ ଗାଁର ନାଁକୁ ସୁପାରିସ କରାଯାଇଛି। ବୁଡଶାମ ଗାଁର ପ୍ରତି ଘରେ ଘରେ ଝିଅଟିଏ ଜନ୍ମ ହେଲେ ପରିବାର ଲୋକେ ବହୁତ ଖୁସି ହୋଇଯାଆନ୍ତି ଏବଂ ସେହି ଖୁସିରେ ଉତ୍ସବ ପାଳନ କରିଥାନ୍ତି। ଏମିତି କି ଯାହାର ଯେତେ ଅଧିକ ଝିଅ ହୁଅନ୍ତି ସେମାନେ ସେତେ ଅଧିକ ଖୁସି ହୋଇଥାନ୍ତି। ଝିଅ ଜନ୍ମ ହେଲେ କନ୍ୟାପୂଜନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଉତ୍ସବ ପାଳନ କରାଯାଇଥାଏ। ଗାଁରେ ପ୍ରତି ଘରୁ ଝିଅମାନେ କୌଣସି ନା କୌଣସି କ୍ଷେତ୍ରରେ ନାଁ କରିଛନ୍ତି। ୨୦୨୦ର ଏକ ଆକଳନ ଅନୁସାରେ ଏହି ଗାଁରେ ୩୨ଜଣ ପୁଅ ଜନ୍ମ ହୋଇଥିବାବେଳେ ୪୧ଜଣ ଝିଅ ଜନ୍ମ ହୋଇଥିଲେ। ଅର୍ଥାତ୍ ୧୦୦୦ ପୁଅଙ୍କ ତୁଳନାରେ ୧୨୮୧ ଝିଅ ଅଛନ୍ତି। ଗାଁରେ ଲୋକେ ସଚେତନ ହେବା ପରେ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନକୁ ଆଗେଇ ନେଇଛନ୍ତି। ସେଥିପାଇଁ ସେଠାରେ ଲିଙ୍ଗ ଅନୁପାତରେ ସୁଧାର ଆସିଛି। ଏହା ସହିତ ଝିଅମାନଙ୍କର ପ୍ରତିଭା ଅନୁସାରେ ସେମାନଙ୍କୁ ସବୁ ପ୍ରକାରର ସୁଯୋଗ ଦେବା ପାଇଁ ଅଭିଭାବକମାନେ ସବୁ ପ୍ରକାରର ପ୍ରୟାସ କରିଥାନ୍ତି। ସେଥିପାଇଁ ପୁଅଙ୍କ ତୁଳନାରେ ଝିଅମାନେ ଏହି ଗାଁରୁ କ୍ରୀଡ଼ା, ତଥା ଅନ୍ୟାନ୍ୟ କ୍ଷେତ୍ରରେ ଜାତୀୟ ସ୍ତରରେ ବି ନାଁ କରିଛନ୍ତି।



ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର୍,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

### ବ୍ରେକ୍‌ଅପ୍ ପରେ ଭାଙ୍ଗି ପଡ଼ିଥିଲେ ଶିଳ୍ପା



**ବମ୍ବେ:** ଖିଲାଡି ବୟ ଅକ୍ଷୟ କୁମାରଙ୍କ ପ୍ରେମରେ ପଡ଼ିଥିଲେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ଶିଳ୍ପା 'ମେ ଖିଲାଡି ତୁ ଅନାଡି'ରେ ଅକ୍ଷୟଙ୍କ ନାୟିକା ସାଜିଥିଲେ। ରବିନା ଟଣ୍ଡନଙ୍କ ସହ ବ୍ରେକଅପ ପରେ ଅକ୍ଷୟଙ୍କ ଜୀବନରେ ଆସିଥିଲେ ଶିଳ୍ପା। ପରେ ଅକ୍ଷୟ ଶିଳ୍ପାଙ୍କ ବାନ୍ଧବୀ ଟୁଇଙ୍କିଲ ଖାନ୍ନାଙ୍କୁ ଡେଟ କରିଥିଲେ। ଶିଳ୍ପା ଏହା ଜାଣିବା ପରେ ଭାଙ୍ଗି ପଡ଼ିଥିଲେ। ପରେ ଅକ୍ଷୟଙ୍କ ସହ ବ୍ରେକଅପ କରି ଦେଇଥିଲେ। ଏଥିଯୋଗୁ ସେ ମାନସିକ ସନ୍ତୁଳନ ହରାଇ ବସିଥିଲେ ବୋଲି ଏକ ସାକ୍ଷାତକାରରେ ଶିଳ୍ପା କହିଥିଲେ।

ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
୰ମହାଲକ୍ଷ୍ମୀ ଚୌଧୁରୀ
ଚିନ୍ତାମଣିଶ୍ୱର ଏରିଆ, ସବରସାହି, ଭୁବନେଶ୍ୱର-୬
ଆବିର୍ଭାବ: ୧୮।୦୬।୧୯୪୮
ତିରୋଧାନ: ୩୧।୦୫।୨୦୨୧
ମାଆ ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ସମସ୍ତଙ୍କୁ ଭଲ ପାଇବା କେବେବି ଭୁଲି ହେବ ନାହିଁ। ଆଜିର ପବିତ୍ର ଦଶାହ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:** ପୁତ୍ର: ସୁନୀଲ, ସୁଶୀଲ, ଅନିଲ, ବୋହୂ: ମମତା, ସସ୍ମିତା, ସଙ୍ଗୀତା, ଝିଅ: ରମିତା, ରଞ୍ଜିତା, ଜ୍ୱାଇଁ: ବାବୁଲି, ସୁଶୀଲ, ନାତି ଓ ନାତୁଣୀ: ମାମା, ଦୀପା, ସୋନାଲି, ମୁନ୍ନ, ଖୁସି, ଗୁଞ୍ଜି, ଅଶ୍ୱିନୀ, ଗୋଲ୍ଡି, ଡଲ୍, ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୩୨୬

# ପାଣି ତଳେ ଧାରଣା




**କାଭର୍ତ୍ତି:** ପ୍ରଶାସକଙ୍କୁ ହଟାଇବା ପାଇଁ ଲୋକେ ପାଣିତଳେ ଧାରଣା ଦେଇଛନ୍ତି। ଏଭଳି ନିଆରା ଘଟଣା ଲାକ୍ଷାଦ୍ୱୀପରେ ଘଟିଛି। ପ୍ରଶାସକ ପ୍ରଫୁଲ୍ଲ ପଟେଲଙ୍କୁ ଦାୟିତ୍ୱରୁ ହଟାଇବା ଲାଗି ସୋମବାର ଲୋକେ ପାଣି ତଳେ ପ୍ରଦର୍ଶନ କରିଛନ୍ତି। ଅନ୍ୟ ଲୋକେ ନିଜ ନିଜ ଘର ବାହାରେ ୧୨ ଘଣ୍ଟିଆ ଅନଶନ କରିଛନ୍ତି। ଏବେ ଏହା ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଲାକ୍ଷାଦ୍ୱୀପ ଏବଂ କେରଳର ବିରୋଧୀଦଳ ଅଭିଯୋଗ କରିଛନ୍ତି ଯେ, ଦ୍ୱୀପର ମୁସଲମାନ ବହୁଳ ଅଞ୍ଚଳରେ ପ୍ରଫୁଲ୍ଲ ମଦ ଉପରୁ କଟକଣା ହଟାଇ ଦେଇଛନ୍ତି। ସେହିପରି ଉପକୂଳ ଅଞ୍ଚଳରେ ଥିବା ଧୀବରବସ୍ତିଗୁଡ଼ିକୁ ତାଙ୍କ ନିର୍ଦ୍ଦେଶରେ ଭାଙ୍ଗିରୁଜି ଦିଆଯାଇଥିବା ଅଭିଯୋଗ ମଧ୍ୟ ହୋଇଛି। ଭାଜପା ପକ୍ଷରୁ କୁହାଯାଇଛି, ସେ ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି। ତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ଉପଯୁକ୍ତ। ତେବେ ପ୍ରଫୁଲ୍ଲଙ୍କ କାର୍ଯ୍ୟ ଅଗଣତାନ୍ତ୍ରିକ ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ବୁଧବାର, ୯ ଜୁନ୍, ୨୦୨୧



## ମହୁ ବାକ୍ସର ଯତ୍ନ



ମହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭–୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।

## କୁଜିସାରୁ ଚାଷ ପୂର୍ବରୁ...

ଜଳସେଚନର ସୁବିଧା ଥିଲେ ମେ'ରୁ ଜୁନ୍ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ, ଟୋପି,ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ପସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨–୩ ଓଡ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବର ଖତ ମାଟି



ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସଫରସ,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

## ଗେଣ୍ଡୁଫୁଲର ପୋକ ଦମନ

ଲାଲ ବୁଢ଼ିଆଣୀ ଓ ଅଷ୍ଟପଦୀର ଦମନ ପାଇଁ ପ୍ରତି ଲିଟର ପାଣିରେ ଶତକଡା ୪ ଗ୍ରାମ୍ ହିସାବରେ ସଲଫର ସେଚିତ ଗୁଣ୍ଡ କିମ୍ବା ୨.୫ମିଲି ଡାଇକୋଫଲ ମିଶାଇ ସିଞ୍ଚନ କରନ୍ତୁ। ଲଗାଇବାର ୩୦ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।



# ବର୍ଷାଦିନିଆ ଧାନ ବିହନ କିସମ ଚୟନ



ଡ. ପରେଶ କୁମାର ପଣ୍ଡା



ଆମ ରାଜ୍ୟର ମୁଖ୍ୟ ଚାଷ ହିସାବରେ ଧାନ ଚାଷ ବେଶ୍ ପରିଚିତ ଓ ଲୋକପ୍ରିୟ। ଏହି ଚାଷ ରାଜ୍ୟର ସମସ୍ତ ଜିଲା ଓ ଅଞ୍ଚଳରେ ବିଶେଷ ଭାବରେ ଖରିଫ ଋତୁରେ ବା ବର୍ଷାଦିନେ ସବୁ ପ୍ରକାର ମୃତ୍ତିକା ଓ ପରିବେଶରେ ଚାଷ ହୋଇଥାଏ। ଉଭୟ ଜଳସେଚିତ ଓ ବୃଷ୍ଟି ପୁଷ୍ଟ ଅଞ୍ଚଳରେ ଧାନ ଚାଷ କରାଯାଏ। ସାଧାରଣତଃ ବର୍ଷାଦିନେ ଆମ ରାଜ୍ୟରେ ୪୨୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। କାରଣ ବର୍ଷାଦିନମାନଙ୍କରେ ଜମି ଜଳମଗ୍ନ ରହିବା କାରଣରୁ ଧାନ ଚାଷ କରିବା ସହଜ ହୋଇଥାଏ। ରାଜ୍ୟର ମୋଟ ଚାଷ ଜମିର ୪୭.୨ ପ୍ରତିଶତ ଉଚ୍ଚ ଜମି ଓ ୨୮.୪ ପ୍ରତିଶତ ମଝିଆଲି ଜମି ଓ ୨୪.୪ ପ୍ରତିଶତ ଖାଲ ଜମି ରହିଛି।

ବିଭିନ୍ନ କିସମର ଜମି ଓ ଜଳସ୍ତର ଯଥା–ପାଣିରେ ବୁଡି ରହୁଥିବା ଜମି, ଜଳ ନିଷ୍କାଷିତ ହୋଇପାରୁ ନ ଥିବା ଜଳସେଚିତ ଜମି ଓ ବୃଷ୍ଟିପୁଷ୍ଟ, ଲୁଣା ଜମି, ଢ଼ିପ ଓ ପାହାଡିଆ ଜମି ଇତ୍ୟାଦି ଭିନ୍ନ ପରିବେଶରେ ଧାନ ଚାଷ ହୋଇଥାଏ। କେଉଁଠି ବର୍ଷା ଅଧିକ, କେଉଁଠି କମ୍, କେତେକ ମରୁଡି ପ୍ରବଣ ତ କେଉଁଠି ବନ୍ୟା ପ୍ରପୀଡିତ। ଭିନ୍ନ ପରିବେଶ ଓ ଜଳବାୟୁରେ ଅଧିକ ଧାନ ଉତ୍ପାଦନ ଓ ଏକର ପ୍ରତି ଅଧିକ ଅମଳ ନିମନ୍ତେ ଠିକ୍ ଧାନର କିସମ ଚୟନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବର୍ଷାଜଳ ପରିମାଣ ଓ ବର୍ଷା ଦିନର ଦୀର୍ଘତାକୁ ମଧ୍ୟ ହିସାବକୁ ନେଇ ସଅଳ, ମଧ୍ୟମ ଓ ବଡ ଧାନକୁ ବାଛିବାକୁ ପଡିଥାଏ, କାରଣ ଉଚ୍ଚ ଜମି ଲାଗି ବିଳମ୍ବ କିସମ ଧାନ ବିହନ ଚୟନ କଲେ ଜଳ କ୍ଲିଷ୍ଟତା ଦ୍ୱାରା ଫସଲ ବଢ଼ି ନ ପାରି ଖୁବ୍ କମ ଅମଳ ଦେଇଥାଏ। ଅନ୍ୟପକ୍ଷରେ ଖାଲ ଜମିରେ ସଅଳ କିସମ ନିଆଗଲେ ଧାନ ପାଚିବା ଅବସ୍ଥାରେ ଜମିରେ ପାଣି ଥିବାରୁ ଫସଲ ଠିକ୍ ଭାବେ ପାଚି ନ ପାରି ଠିକ୍ ଭାବେ ଅମଳ କରାଯାଇପାରି ନ ଥାଏ। ଆମ ରାଜ୍ୟରେ ଶତାଧିକ ଧାନ କିସମ ପ୍ରଚଳିତ ହେଉଛି, ଯାହା ମୁଖ୍ୟତଃ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ.ଆର.ଆର. ଆଇ.)ରୁ ବିକଶିତ।

ଫସଲର ଅବଧି ଅନୁଯାୟୀ ଅଧିକ ଅସଳ କିସମ (ଅର୍ଥାତ୍ ୧୦୦ଦିନ ମଧ୍ୟରେ ଅମଳ ହେଉଥିବା), ସଅଳ କିସମ (ଉଚ୍ଚ ଜମିରେ ୧୧୦–୧୧୫ଦିନ ମଧ୍ୟରେ ଅମଳ), ମଧ୍ୟମ ଅବଧିର କିସମ (ମଝିଆଲି ଜମି ଓ ୧୪୦ଦିନ ମଧ୍ୟରେ ଅମଳ), ବିଳମ୍ବ କିସମ (ଖାଲ ଜମି ଓ ୧୪୦ଦିନରୁ ଅଧିକ ଦିନରେ ଅମଳ) ଚୟନ କରିବା ଦରକାର। ପଦ୍ଧତି ଅନୁଯାୟୀ ଅଧିକ ଅମଳକ୍ଷମ ଧାନ ଚାଷ, ଧାଡିରେ ଧାନ ଚାଷ, ବୁଣା ଧାନ, ରୁଆ ଧାନ, ଯାନ୍ତ୍ରିକ ରୁଆ, ବେଉଷଣ, ବାସୁମତୀ ଧାନଚାଷ, ସଙ୍କର ଧାନ ଚାଷ, ଶ୍ରୀ ପ୍ରଣାଳୀରେ ଧାନ ଚାଷ, ଜୈବିକ ଧାନ ଚାଷ ଭିନ୍ନ ହୋଇଥାଏ ଏବଂ ତହିଁରେ ଭିନ୍ନ ପରିମାଣର ଧାନ ବିହନ ଦରକାର ପଡିଥାଏ। ଆମ ରାଜ୍ୟରେ ଶତାଧିକ କିସମ ପ୍ରଚଳିତ ହେଉଛି। ଆହୁରି ମଧ୍ୟ ଜମିର ପ୍ରକାର ଅନୁଯାୟୀ କିସମ ଚୟନ ଭିନ୍ନ ହୋଇଥାଏ। ଦୋରସା ବା ପଟୁମାଟିରେ ସଅଳ ବା ମଧ୍ୟମ କିସମ ଧାନ ଏବଂ ପଟୁମାଟିରେ ମଧ୍ୟମ ବା ବିଳମ୍ବ ଅବଧିର ଧାନ ଚାଷ କରାଯାଏ। ମୃତ୍ତିକାର ଅମ୍ଳ, କ୍ଷାର ଓ ଲୁଣି ଦୋଷ ଅନୁଯାୟୀ ଧାନ କିସମର ମନୋନୟନ କରାଯାଏ। ଏକରୁ ଅଧିକ ଫସଲ ନେବା ନିମନ୍ତେ ଉଚ୍ଚ ଓ ମଧ୍ୟମ ଜମିରେ ସଅଳ କିସମର ଧାନ ଚାଷ କରାଯାଏ। ମୌସୁମୀ ବର୍ଷା ଡେରିରେ ଆସିବାର ଥିଲେ ସେ ବର୍ଷ ଶୀଘ୍ର ଅମଳ (୪ ମାସିଆ) ହେଉଥିବା ଧାନ କିସମ ଚାଷ କରିବା ଆବଶ୍ୟକ। ଏସବୁ ଦୃଷ୍ଟିକୋଣରୁ ବର୍ଷାଦିନିଆ ଧାନ ଚାଷରେ ବିଭିନ୍ନ ପରିବେଶ, ମୃତ୍ତିକା, ଜଳସେଚନର ସୁବିଧା, ଫସଲ ପର୍ଯ୍ୟାୟ, ଚାଷ ପଦ୍ଧତି, ପ୍ରାକୃତିକ ଅବସ୍ଥା, ଫସଲର ଅବଧି, ଖତସାର ପ୍ରୟୋଗ ପରିମାଣ ଆଦି ବିଷୟକୁ ବିଚାରକୁ ନେଇ କିସମ ଚୟନର ଆବଶ୍ୟକତା ରହିଛି; ଯଦ୍ଦ୍ୱାରା କୃଷକ ଉତ୍ତମ ଫସଲରୁ ଆଶାନୁରୂପ ଅମଳ ପାଇବା ନିଶ୍ଚିନ୍ତ ହୋଇଥାଏ। କମ ପାଣି ବା ଶୁଖିଲା ଅବସ୍ଥାରେ ଉପଯୁକ୍ତ କିସମ

> "ଆମ ରାଜ୍ୟରେ ଶତାଧିକ ଧାନ କିସମ ପ୍ରଚଳିତ ହେଉଛି, ଯାହା ମୁଖ୍ୟତଃ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ.ଆର.ଆର.ଆଇ.)ରୁ ବିକଶିତ। ଫସଲର ଅବଧି ଅନୁଯାୟୀ ଅଧିକ ଅସଳ କିସମ (ଅର୍ଥାତ୍ ୧୦୦ଦିନ ମଧ୍ୟରେ ଅମଳ ହେଉଥିବା), ସଅଳ କିସମ (ଉଚ୍ଚ ଜମିରେ ୧୧୦–୧୧୫ଦିନ ମଧ୍ୟରେ ଅମଳ), ମଧ୍ୟମ ଅବଧିର କିସମ (ମଝିଆଲି ଜମି ଓ ୧୪୦ଦିନ ମଧ୍ୟରେ ଅମଳ), ବିଳମ୍ବ କିସମ (ଖାଲ ଜମି ଓ ୧୪୦ଦିନରୁ ଅଧିକ ଦିନରେ ଅମଳ) ଚୟନ କରିବା ଦରକାର।"

ନେବା ଦ୍ୱାରା ଖର୍ଚ୍ଚ କମ୍ ହୋଇଥାଏ।

ଏହିସବୁ ବିବିଧତା ମଧ୍ୟରେ ଉଚ୍ଚ/ମଝିଆଳୀ/ଖାଲ ଜମି/ବନ୍ୟା ପ୍ରଭାବିତ କ୍ଷେତ୍ର, ଜଳ ସହଣି, ଲୁଣା ଓ କ୍ଷାରୀ ଜମିରେ ଚାଷ, ମରୁଡି ସହଣି, ବାସନା ଧାନ, ସଙ୍କର ଧାନ, ବାୟୋନୀୟ ଧାନ କିସମ ସବୁ ରହିଛି। ପୁରୁଣା ଧାନ କିସମକୁ ବାରମ୍ବାର ଚାଷ କରିବା ଦ୍ୱାରା ଫସଲରେ ରୋଗପୋକ ସଂକ୍ରମଣ ବୃଦ୍ଧି ପାଇଥାଏ ଓ ଫସଲର ଅମଳରେ ହ୍ରାସ ପରିଲକ୍ଷିତ ହୋଇଥାଏ। ସେଥିନିମନ୍ତେ ବୈଜ୍ଞାନିକମାନେ ସର୍ବଦା ୧୦ ବର୍ଷ ମଧ୍ୟରେ ବିକଶିତ ଓ ବିଜ୍ଞାପିତ ଧାନ କିସମର ବ୍ୟବହାର ଉପରେ ଜୋର୍ ଦେଇଥାଆନ୍ତି; ଯଦ୍ଦ୍ୱାରା ସେହି ସବୁ କିସମର ପରିବର୍ତ୍ତିତ ଜଳବାୟୁ ସହଣି ଶକ୍ତି ଧାରଣ କରିବା ସହ ସେହି କିସମ ଚାଷ ବା ବିହନ ଉପରେ ରାଜ୍ୟ ତଥା କେନ୍ଦ୍ରୀୟ ସହାୟତା ରହିଥାଏ। ଆହୁରି ମଧ୍ୟ କିସମର ସହନଶୀଳତା ଓ ଅବଧି କମ୍ ବା ବେଶି ହେଉଥିଲେ ରୋଗପୋକ ସଂକ୍ରମଣରୁ ଫସଲ ବର୍ତ୍ତିଯାଇଥାଏ। ଉଚ୍ଚ ଜମି ପାଇଁ ୧୧୦–୧୧୫ ଦିନିଆ କିସମ ମଧ୍ୟରେ–ମନ୍ଦାକିନୀ, ସତ୍ୟଭାମା, ସହଭାଗୀ ଧାନ, ସଛଭୀମ, ସରୁମୀନା, ସି.ଓ. ୫୧,ଅଙ୍କିତ, ସି.ଆର ଧାନ–୨୦୪, ସି.ଆର. ଧାନ ମଧ୍ୟମ ଜମି ପାଇଁ ୧୪୦ଦିନ ମଧ୍ୟରେ ଅମଳ ହେଉଥିବା ଓ ୧୦ବର୍ଷ ମଧ୍ୟରେ ବିଜ୍ଞାପିତ ଧାନ କିସମ ମଧ୍ୟରେ ଇମ୍ପ୍ରୁଭଡ୍ ଲଲାଟ, ମାନେର ସୋନା, ସିଆର ଧାନ–୨୦୨ ଓ ସିଆର ଧାନ ସିରିଜର ୩୦୦, ୩୦୧, ୩୦୩, ୩୦୪, ୩୦୫, ୩୦୭ (ମଉଡମଣି), ୩୧୦, ୩୧୧, ୬୦୧, ୮୦୦ (ସ୍ୱର୍ଣ୍ଣ ମାସ୍), ୮୦୧, ଶ୍ରୀମତୀ, ପ୍ରିୟା, ଗୋପୀନାଥ, ଡିଆରଆର ଧାନ–୪୨ ଓ ଡିଆରଆର ଧାନ ସିରିଜ ୪୩, ୪୪, ୪୬, ଗୋବିନ୍ଦ, ଲୁଣା ସମ୍ପଦ, ପ୍ରଦୀପ, ପ୍ରତିଭା, ଶୁଆ ଧାନ–୫, ଶୁଆ ଧାନ–୬, ବୀଣା ଧାନ–୧୧,ସ୍ୱର୍ଣ୍ଣ ଶ୍ରେୟା, ଶ୍ରୀଧୃତି, ମାରୁତେରୁ ସମ୍ଭା, ତରଙ୍ଗିଣୀ, ଚନ୍ଦ୍ରା,ନୂଆ ଆଚାରମତି ବେଶ୍ ଲୋକପ୍ରିୟ।

ଖାଲ ଜମି ପାଇଁ ୧୪୦ ଦିନ ମଧ୍ୟରେ ଅମଳ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବିଜ୍ଞାପିତ କିସମ ମଧ୍ୟରେ ମୃଣାଳିନୀ, ସ୍ୱର୍ଣ୍ଣ ସବ୍–୧, ସିଆର–୧୦୦୯ ସବ୍–୧, ସିଆର ଧାନ–୪୦୧ ଓ ସିଆର ଧାନ ସିରିଜ୍ର ୪୦୪, ୪୦୭,୪୦୮, ୪୦୯, ୫୦୦, ୫୦୧, ୫୦୩, ୫୦୭, ୫୦୮, ସିଆର ସୁଗନ୍ଧ ଧାନ–୯୦୮, ସିଆର ସୁଗନ୍ଧ ଧାନ–୯୧୦, କଳଚମ୍ପା, ଆଶୁତୋଷ, ହସନ୍ତ (ମାଟିଆ ଗୁଣ୍ଡି ପୋକ ସହଣି), ଭୀମଧୀରା, ଏମ୍ଟିୟୁ ୧୨୨୩, ପୂର୍ଣ୍ଣଭୋଗ, ମହାମଣି, ଲୁଣା ବରିଆଲ୍ ବେଶ୍ ସଫଳ ହୋଇପାରୁଛି।

ବନ୍ୟା ପ୍ରଭାବିତ ଜମି ପାଇଁ ଉପଯୁକ୍ତ କିସମ ମଧ୍ୟରେ ରୀତା, ସିଆର ଧାନ–୫୦୦, ସିଆର ଧାନ–୫୦୫, ଭୀମଧୀରା, ସିଆର ୧୦୦୯ ସବ୍–୧ ଅନ୍ୟତମ। ଜଳମଗ୍ନ ସହଣି କିସମଗୁଡିକ ହେଲା– ସିଆର ଧାନ–୪୦୪, ସିଆର ଧାନ–୪୦୮ (ଚକାଆଖି), ସିଆର ଧାନ–୫୦୭, ସିଆର ଧାନ–୫୦୮, ସ୍ୱର୍ଣ୍ଣ ସବ୍–୧, ବୀଣାଧାନ–୧୧, ବୀଣାଧାନ–୧୨, ସମ୍ଭା ମସୁରୀ ସବ୍–୧, ସିଆର–୧୦୦୯ ସବ୍–୧, ଡିଆରଆର ଧାନ–୫୦ ଇତ୍ୟାଦି।

*–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

## ହଳଦୀ: କିପରି କରିବେ ଜମି ପ୍ରସ୍ତୁତି

ବର୍ତ୍ତମାନ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ। ଜମି ପ୍ରସ୍ତୁତ କରି କେବଳ ହଳଦୀ ନୁହେଁ ଅଦା ମଧ୍ୟ ଲଗାନ୍ତୁ। ଅଦାର ଉନ୍ନତ କିସମଗୁଡ଼ିକ ହେଲା – ସୁରଭି, ସୁରୁଚି, ସୁପ୍ରଭା। ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ୍ ବିହନ ଆବଶ୍ୟକ। ଅନ୍ୟପକ୍ଷରେ ଅନୁମୋଦିତ ହଳଦୀ କିସମ ଗୁଡ଼ିକ ହେଲା – ରଙ୍ଗ, ସୁରମା, ରୋମା, ରଶ୍ମି। ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର। ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳି ରହିବା ଆବଶ୍ୟକ। ଉଚ୍ଚ ପଟାଳି ଯୋଗୁଁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ। ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଉଚିତ୍। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ। ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ।



## ଅନ୍ଧରେ...

–ମକା ବିହନ ବୁଣିବା ସମୟରେ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ। ତେଣୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।

–ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ। ମାଆ ଗଛ ଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ।

–ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ।

–କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ।



ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହିତ ଜଳସେଚନ କରନ୍ତୁ।

– ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ। ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧.୫ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ।

## ଅଣଧାନ ଫସଲ କିସମ

ଧାନ ବଦଳରେ ଅଣଧାନ ଫସଲ ଯଥା ମକା–ବରଗୁଡି,ହରଡ, ବିରି, ମାଣ୍ଡିଆ, ଚିନାବାଦାମ, ଜଡା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ; ଯଦ୍ଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗ, ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ।

## ପ୍ରାଣୀ ପାଳନ ପାଇଁ ଘାସଚାଷ

(ଶେଷ ଭାଗ)

ବର୍ଷିମ ଓ ଲୁସନ୍ ପାଇଁ ୧୦ କି.ଗ୍ରା. ମଞ୍ଜି ଓ ଏକର ପିଛା ୧୦୦ରୁ ୧୫୦ କୁଇଣ୍ଟାଲ ମିଳିଥାଏ। ଛୋଟ ପଟାଳି କରି ଠିଆ ପାଣିରେ ବର୍ଷିମ୍ ଛଟା ବୁଣା କରିବେ। ଲୁସନ୍‌କୁ ଧାଡ଼ି ଧାଡ଼ି କରି ବୁଣାଯାଏ। ସେହିଭଳି ଚାଇନା ସୋରିଷ ବି ଚାଷ କରାଯାଏ। ଖାଦ୍ୟର ଗୁଣାତ୍ମକ ମାନ ଅନୁସାରେ ଘାସକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ। ଶ୍ୱେତସାର ଜାତୀୟ ଘାସ ଯାହା ଶସ୍ୟଜାତୀୟ ଓ ପୁଷ୍ଟିକର ଜାତୀୟ ଘାସ ସବୁ ଛୁଇଁଜାତୀୟ ଅଟେ। ଶ୍ୱେତସାର ଜାତୀୟ ଖାଦ୍ୟ ଓ ପୁଷ୍ଟିକର ଜାତୀୟ ଖାଦ୍ୟକୁ ୨ ଓ ୧ ଅନୁପାତରେ ମିଶାଇ ଖାଇବାକୁ ଦେବାଟା ସୁଷମ ମିଶ୍ରିତ ସବୁଜ ଗୋଖାଦ୍ୟ କୁହାଯାଏ। ଏହି ଦୁଇ ତୃଣଜାତୀୟ ଖାଦ୍ୟକୁ ଅଲଗା ଅଲଗା ଉତ୍ପାଦନ କରି ନଚେତ ଏହାକୁ ବୁଣି ଉତ୍ପାଦନ କରି ଖାଇବାକୁ ଦିଆଯାଇଥାଏ। ସାଧାରଣତଃ ଖରାଦିନେ କଞ୍ଚା ଘାସର ଅଭାବ ଦେଖାଦିଏ। ଶୀତଋତୁରେ ଘାସ ଉତ୍ପାଦନ କରି ସଂରକ୍ଷଣ କରାଯାଇପାରିବ। ଶୁଖାଇ ଶୁଖୁଆ ଭଳି ନଚେତ ଆଚାର କରି ଖାଇବାକୁ ଦେଇହେବ। ଘାସକୁ ସାରଲେଜ କରି ଖଣି ପକାଇ ରଖାଯାଏ ଏବଂ ଅସୁବିଧା ସମୟରେ ଖାଇବାକୁ ଦିଆଯାଏ। ଘାସକୁ ଶୁଖାଇ ଗଦାମାରି ରଖିଦେଲେ ବି ବର୍ଷାଦିନେ ଗାଈକୁ ଖୁଆଇ ହେବ। ଏମିତି ଶୁଖାଇ ଶୁଖୁଆ କରିବାକୁ ପଡ଼ିବ ଯେମିତି ଘାସ ରଙ୍ଗ ଶୁଖିଲା ପରେ ସବୁଜ ଥିବ। ଘାସ ଚାଷ ପାଇଁ ଚାଷୀଭାଇମାନଙ୍କୁ ସରକାରଙ୍କ ତରଫରୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି। ଏସବୁର ମୂଳ ଲକ୍ଷ୍ୟ ସବୁଜ ଗୋଖାଦ୍ୟ ଖୁଆଇ କମ୍ ଖର୍ଚ୍ଚରେ କେମିତି ଅଧିକ ଦୁଗ୍ଧ ଉତ୍ପାଦନ କରିପାରିବେ, ଯାହାଫଳରେ ଗାଁଗହଳିରେ ବସବାସ କରୁଥିବା ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ହୋଇପାରିବ। ୭ରୁ ୮ ଲିଟର ଦୁଗ୍ଧ ଦେଉଥିବା ଗାଈକୁ ୨୫ରୁ ୩୦ କେ.ଜି. ସବୁଜ ଘାସ ଖାଇବାକୁ ଦେଲେ ଆଉ ଦାନା ଦେବାକୁ ପଡ଼ି ନ ଥାଏ। କେବଳ ଘାସ ଚାଷ କରି ଗାଈଙ୍କୁ ଖାଇବାକୁ ଦେଲେ ଗୋପାଳନରୁ ଅଧିକ ଲାଭ ମିଳିଥାଏ। ଉନ୍ନତ ଗୋପାଳନ କରିବାକୁ ହେଲେ ଘାସ ଚାଷ ନିତ୍ୟାନ୍ତ ଆବଶ୍ୟକ। ବଜାରରେ ଦୁଗ୍ଧର ମୂଲ୍ୟ ସ୍ଥିର ଥିବାବେଳେ ଗୋପାଳକ ଭାଇଭଉଣୀମାନେ ଦୁଗ୍ଧ ଖର୍ଚ୍ଚ କମାଇବା ପାଇଁ ଘାସ ଚାଷ କରି ଗାଈଙ୍କୁ ଖାଇବାକୁ ଦେଇଥାନ୍ତି। ତେଣୁ ଦୁଗ୍ଧର ବିକ୍ରୟ ମୂଲ୍ୟ ଏବଂ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ମଧ୍ୟରେ ବ୍ୟବଧାନ ଯାହାର ଯେତେ ଅଧିକ ସେ ଗୋପାଳକ ଗୋପାଳନରୁ ସେତେ ଲାଭବାନ ହୋଇଥାନ୍ତି। ତେଣୁ କଥାରେ କହନ୍ତି ତୀରଣ ସୁନ୍ଦର ଗାଈ। ଗାଈ ମୁହଁରେ କ୍ଷୀର। ଗାଈ ମୁହଁରେ ଘାସ ଖାଇବାକୁ ଦେଲେ ଗାଈଙ୍କର ସ୍ୱାସ୍ଥ୍ୟ ଠିକ୍ ରହିବା ସହିତ ଅଧିକ ଦୁଗ୍ଧ ଦିଅନ୍ତି ଏବଂ ପ୍ରଜନନ ଦକ୍ଷତା ବୃଦ୍ଧି ସହିତ ବର୍ଷକୁ ଗୋଟିଏ ଲେଖାଏଁ ବାଛୁରି ଦେବାରେ ସକ୍ଷମ ହୁଅନ୍ତି।



***– ଡା. ବୀରକିଶୋର ପରିଡ଼ା***
*ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱର*

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁନ୍ ୯/୨୦୨୧ Bhubaneswar, Wednesday, June 9/ 2021

# ପ୍ରମୋଦଙ୍କୁ ପାରାଲିମ୍ପିକ୍ସ ଯୋଗ୍ୟତା

ଭୁବନେଶ୍ୱର, ୮।୬ (କ୍ରୀଡ଼ା ପ୍ରତିନିଧି)


ପ୍ରମୋଦ ଭଗତ

ଓଡ଼ିଶା କ୍ରୀଡ଼ା ପାଇଁ ମଙ୍ଗଳବାର ଆସିଛି ଏକ ଖୁସି ଖବର। ରାଜ୍ୟର ପାରା ବ୍ୟାଡ୍‌ମିଣ୍ଟନ ତାରକା ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ ଟୋକିଓ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତା ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଜାପାନର ଟୋକିଓରେ ପାରାଅଲିମ୍ପିକ୍ସ ଅନୁଷ୍ଠିତ ହେବ। ପ୍ରମୋଦଙ୍କ ବ୍ୟତୀତ ଅନ୍ୟତମ ଦୁଇ ଭାରତୀୟ ତରୁଣ ତରୁଣ ଏବଂ ନାଗର କ୍ରିଷ୍ଣା ମଧ୍ୟ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରିତ ହୋଇଥିବା ଜଣାଯାଇଛି। ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଷ୍ଟାଣ୍ଡିଂ ଲୋୟର ୩ (ଏମଏସ ଏସ୍‌ଏଲ୍ ୩), ତରୁଣ ପୁରୁଷ ସିଙ୍ଗଲ୍ସ ଷ୍ଟାଣ୍ଡିଂ ଲୋୟର ୪ (ଏମ୍‌ଏସ୍ ଏସ୍‌ଏଲ୍ ୪) ଏବଂ କ୍ରିଷ୍ଣା ପୁରୁଷ ସିଙ୍ଗଲ୍ସ ଶର୍ଟ ଷ୍ଟାଚୁରେ ୬ (ଏମ୍‌ଏସ୍ ଏସ୍‌ଏଚ୍ ୬) ପ୍ରତିଯୋଗୀଭାବେ ଆଗାମୀ କ୍ରୀଡ଼ା ମହାକୁମ୍ଭରେ ଅଂଶଗ୍ରହଣ କରିବେ।

ବିଶ୍ୱ ବ୍ୟାଡ୍‌ମିଣ୍ଟନ ଫେଡେରେଶନ ପକ୍ଷରୁ ଆମନ୍ତ୍ରଣ ପାଇବାପରେ ପ୍ରମୋଦଙ୍କ ଖୁସି କହିଲେ ନ ସରେ। "ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପ୍ରତି ଆଥଲେଟ୍‌ଙ୍କର ସ୍ୱପ୍ନ, ଏହା ମୋ ପାଇଁ ମଧ୍ୟ ସମାନ। ମୋତେ ଆମନ୍ତ୍ରଣ କରାଯାଇଥିବାରୁ ମୁଁ ବହୁତ ଖୁସି। ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟ ମୋର ସ୍ୱପ୍ନ ରହିଛି। ଏହା ଉପରେ ମୁଁ ଫୋକସ କରି କଷ୍ଟସାଧ୍ୟ ଟ୍ରେନିଂ କରିବି" ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ପ୍ରମୋଦ। ପ୍ରକାଶ ଯୋଗ୍ୟ ଯେ, ପାରାଲିମ୍ପିକ୍ସରେ ପ୍ରଥମଥରପାଇଁ ବ୍ୟାଡ୍‌ମିଣ୍ଟନକୁ ସାମିଲ କରାଯାଇଛି। ନିକଟରେ ଶେଷ ହୋଇଥିବା ଦୁବାଇ ପାରାବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ପ୍ରମୋଦ ୨ ସ୍ୱର୍ଣ୍ଣ ଏବଂ ୧ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ବରଗଡ଼ ଜିଲା ଅତିବିରାଠାରେ ପ୍ରମୋଦ ୧୯୮୮ ଜୁନ ୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମା' ହେଉଛନ୍ତି କୁସୁମ ଦେବୀ ଏବଂ ବାପା କୈଳାସ ଭଗତ। ଏପର୍ଯ୍ୟନ୍ତ କ୍ୟାରିୟରରେ ସେ ୪୮ଟି ଜାତୀୟ ଓ ୫୩ଟି ଅନ୍ତର୍ଜାତୀୟ ପଦକ ହାସଲ କରି ସାରିଛନ୍ତି। ୨୦୧୯ରେ କ୍ୟାରିୟର ଶ୍ରେଷ୍ଠ ୨୧ଟି ଅନ୍ତର୍ଜାତୀୟ ପଦକ ହାସଲ କରିଥିବା ପ୍ରମୋଦ ୨୦୨୦ ଓ ଚଳିତ ବର୍ଷ କୋଭିଡ-୧୯ ମହାମାରୀ ଯୋଗୁ ଅଧିକ ପ୍ରତିଯୋଗିତାରେ ଭାଗ ନେଇପାରି ନାହାନ୍ତି। କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଅଭୁତପୂର୍ବ ସଫଳତା ପାଇଁ ୨୦୧୯ରେ ସେ ରାଜ୍ୟର ସର୍ବଶ୍ରେଷ୍ଠ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ ଏବଂ କେନ୍ଦ୍ର ସରକାରଙ୍କ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ୪୦୦ ମିଟର ଧାବିକା ଓଡ଼ିଶାର ଜୟନ୍ତି ବେହେରା ପୂର୍ବରୁ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

# ଜିଡାନସେକ୍ ସେମିଫାଇନାଲରେ

ପ୍ୟାରିସ, ୮।୬

ଫ୍ରେଞ୍ଚ୍ ଓପନ ଟେନିସ


ତାମାରା ଜିଡାନସେକ

ସ୍ଲୋଭାନିଆର ତାମାରା ଜିଡାନସେକ୍ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ୭-୫, ୪-୬, ୮-୬ ସେଟ୍‌ରେ ସ୍ପେନର ପାଉଲା ବଦୋସାଙ୍କୁ ପରାସ୍ତ କରିଛନ୍ତି। ଜିଡାନସ୍କ ସେମିଫାଇନାଲରେ ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପାଭଲ୍ୟୁଚେଙ୍କୋଭା ୬-୭(୨/୭), ୬-୨, ୯-୭ ସେଟ୍‌ରେ ଏଲିନା ରେବକିନାଙ୍କୁ ହରାଇ ଦେଇଛନ୍ତି। ସ୍ଲୋଭାନିଆର ପ୍ରଥମ ମହିଳା ଟେନିସ ଖେଳାଳିଭାବେ ଜିଡାନସେକ କୌଣସି ବଡ଼ ଟୁର୍ନାମେଣ୍ଟର ସେମିଫାଇନାଲରେ ପହଞ୍ଚିଛନ୍ତି। ମହିଳା ସିଙ୍ଗଲ୍ସର ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ଇଗା ସ୍ୱିଟେକ ୬-୩, ୬-୪ ସେଟ୍‌ରେ ମାର୍ତା କଷ୍ଟ୍ୟୁକଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱିଟେକ ବୁଧବାର କ୍ୱାର୍ଟର ଫାଇନାଲରେ ମାରିକା ସାକାରୀଙ୍କୁ ଭେଟିବେ।

ମଙ୍ଗଳବାର ପୁରୁଷ ଡବଲ୍ସରେ ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ କ୍ୱାର୍ଟରରେ ନିକୋଲାସ ମାହୁଟ-ପିଏରେ ହ୍ୟୁଗ୍ସ ହର୍ବର୍ଟ ୭-୬(୭/୫), ୬-୧ ସେଟ୍‌ରେ ଟୋମିସ୍ଲାଭ ବର୍କିକ-ନିକୋଲା କାକିକ୍ ଯୋଡ଼ିଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଜୁଆନ ସେବାଷ୍ଟିଆନ କାବାଲ-ରବର୍ଟ ଫାରା ଯୋଡ଼ି ୬-୨, ୬-୭(୩/୭), ୭-୫ ସେଟ୍‌ରେ କେଭିନ କ୍ରାୱିଜ-ହୋରିଆ ଟେକାଉ ଯୋଡ଼ିଙ୍କୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ମହିଳା ଡବଲ୍ସରେ ମଧ୍ୟ ୨ଟି କ୍ୱାର୍ଟର ଫାଇନାଲ ଆୟୋଜିତ ହୋଇଛି। ବେଥାନି ମାଟେକ ସାଣ୍ଡ୍ସ-ଇଗା ସ୍ୱିଟେକ ଯୋଡ଼ି ୬-୩, ୬-୨ ସେଟ୍‌ରେ ଡାରିଜା ଜୁରାକ-ଆନ୍ଦ୍ରେଜା କ୍ଲେପାକ୍ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ସେହିପରି କ୍ୟାଟରିନା ସିନିକୋଭା-ବାର୍ବରା କ୍ରେଜିକୋଭା ଯୋଡ଼ି ୬-୪, ୬-୪ ସେଟ୍‌ରେ କ୍ରିଷ୍ଟିନା ପ୍ଲିସ୍‌କୋଭା-କାରୋଲିନା ପ୍ଲିସ୍‌କୋଭା ଯୋଡ଼ିଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମିକ୍ସଡ ଡବଲ୍ସରେ ଗୁଲିଆନା ଓଲମୋସ-ଜୁଆନ ସେବାଷ୍ଟିଆନ କାବାଲଙ୍କ ବିପକ୍ଷରେ ୱାକ୍‌ଓଭର ପାଇ ଜୋ ସାଲିସବୁରି-ଡେଜିରେ କ୍ରାୱଜିକ୍ ଯୋଡ଼ି ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ଏଲିନା ଭେସନିନା-ଅସଲାନ କାରାତ୍ସେଭ ଯୋଡ଼ି ୬-୪, ୬-୧ ସେଟ୍‌ରେ ଓ୍ୱେଜଲି କୁଲ୍ହ-ଡେମି ସ୍କୁର୍ସଙ୍କୁ ହରାଇ ଫାଇନାଲରେ ପହଞ୍ଚିଛନ୍ତି।

# ୨୯ ଜଣିଆ ଶରଣାର୍ଥୀ ଦଳ ଭାଗ ନେବ

ଲୁସାନେ, ୮।୬ (ଏପି): ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଏକ ୨୯ ଜଣିଆ ଶରଣାର୍ଥୀ ଦଳ ଅଂଶଗ୍ରହଣ କରିବ। ଏହି ଦଳ ୧୨ କ୍ରୀଡ଼ାରେ ଭାଗ ନେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମଙ୍ଗଳବାର ଏହି ଦଳ ଚୟନ କରିଛି। ୫୫ ଜଣ ଆଥଲେଟ୍ ନିଜ ଦେଶ ଛାଡି ସ୍କଲାରଶିପ ପାଇଁ ନୂଆ ଦେଶରେ ଶରଣ ନେବା ସହ ନିଜ ବର୍ଗର କ୍ରୀଡ଼ାରେ ଟ୍ରେନିଂ ନେଉଛନ୍ତି ବୋଲି ଆଇଓସି ତରଫରୁ କୁହାଯାଇଛି। ୨୦୧୬ ରିଓ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ଏକ ୧୦ ଜଣିଆ ଶରଣାର୍ଥୀ ଦଳ ଅଂଶଗ୍ରହଣ କରିଥିଲା। ଏଥର ଅଫଗାନିସ୍ତାନ, କାମେରୁନ, କଙ୍ଗୋ, ରିପବ୍ଲିକ୍ ଅଫ୍ କଙ୍ଗୋ, ଏରିଟ୍ରିଆ, ଇରାନ, ଇରାକ, ଦକ୍ଷିଣ ସୁଦାନ, ସୁଦାନ,



ସିରିଆ ଓ ଭେନେଜୁଆଲାରୁ ଆଥଲେଟମାନେ ଏହି ଶରଣାର୍ଥୀ ଦଳରେ ସାମିଲ ହୋଇଛନ୍ତି। ଏମାନେ ସନ୍ତରଣ, ଆଥଲେଟିକ୍, ବକ୍ସିଂ, ବ୍ୟାଡମିଣ୍ଟନ, କାନୋଇଙ୍ଗ୍, ସାଇକ୍ଲିଂ, ଜୁଡୋ, କରାଟେ, ଶୁଟିଂ, ଟାଏକୋଣ୍ଡୋ, ଭାରୋତ୍ତୋଳନ ଓ ରେସଲିଂରେ ଅଂଶଗ୍ରହଣ କରିବେ। ଏହି ଆଥଲେଟମାନେ ଅଲିମ୍ପିକ୍ ସମୁଦାୟର ଅଂଶବିଶେଷ ଓ ଏମାନଙ୍କୁ ଆମେ ଖୋଲା ହୃଦୟରେ ସ୍ୱାଗତ କରୁଛୁ ବୋଲି ଆଇଓସି ଅଧ୍ୟକ୍ଷ ଥୋମାସ ବାକ କହିଛନ୍ତି।

ଟୋକିଓରେ ଆଇଓସି ଓ ଜେନିଭା ସ୍ଥିତ ରିଫ୍ୟୁଜି ଏଜେନ୍ସି ଏହି ଦଳକୁ ମ୍ୟାନେଜ କରିବା ସହ ଦାୟିତ୍ୱ ନେବ। ଏହି ଆଥଲେଟମାନେ ୨୦୬ଟି ଦେଶର ଦଳ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

# ମେସିଙ୍କୁ ପଛରେ ପକାଇଲେ ଛେତ୍ରୀ

ଦୋହା,୮।୬(ପି.ଟି.)


ସୁନୀଲ ଛେତ୍ରୀ

ଭାରତୀୟ ଫୁଟ୍‌ବଲ ତାରକା ତଥା ଅଧିନାୟକ ସୁନୀଲ ଛେତ୍ରୀ ଗୋଲ ସ୍କୋର କରିବାରେ ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କୁ ପଛରେ ପକାଇଛନ୍ତି। ୧୧୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୭୪ଟି ଅନ୍ତର୍ଜାତୀୟ ଗୋଲ ସ୍କୋର କରି ସେ ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କ ଆଗକୁ ଯାଇଛନ୍ତି। ଏଥିସହ ୩୬ ବର୍ଷୀୟ ଛେତ୍ରୀ କ୍ୟାରିୟରରେ ଏକ ନୂଆ ସୋପାନରେ ପହଞ୍ଚିଛନ୍ତି। ଆଉ ଦୁଇଟି ଗୋଲ ସ୍କୋର କଲେ ସେ କିମ୍ବଦନ୍ତୀ ଫୁଟ୍‌ବଲର ପେଲେଙ୍କୁ ପଛରେ ପକାଇବେ।

ସୋମବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ୨୦୨୨ ଫିଫା ବିଶ୍ୱକପ୍ ଓ ୨୦୨୩ ଏଏଫ୍‌ସି ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଛେତ୍ରୀ ଦୁଇଟି ଗୋଲ ସ୍କୋର କରି ଏହି ସଫଳତା ହାସଲ କରିଛନ୍ତି। ଏହି ଅଭିଜ୍ଞ ଭାରତୀୟ ଷ୍ଟ୍ରାଇକର ୭୯ ଓ ଇଞ୍ଜୁରି ଟାଇମ୍‌ର ଦ୍ୱିତୀୟ ମିନିଟ୍‌ରେ ଗୋଲ ଦେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ଭାରତ ବିଶ୍ୱକପ୍ କ୍ୱାଲିଫାୟର୍ସରେ ଦୀର୍ଘ ୬ ବର୍ଷ ପରେ ପ୍ରଥମ ବିଜୟ ହାସଲ କରିଥିଲା। ଅନ୍ତର୍ଜାତୀୟ ଫୁଟ୍‌ବଲରେ ସକ୍ରିୟ ଥିବା ଫୁଟ୍‌ବଲରମାନଙ୍କ ମଧ୍ୟରେ ଏବେ ଛେତ୍ରୀ ପର୍ତ୍ତୁଗାଲର ଖ୍ରୀଷ୍ଟିଆନୋ ରୋନାଲ୍ଡୋ (୧୦୩ ଗୋଲ)ଙ୍କ ପଛରେ ରହିଛନ୍ତି। ଅନ୍ୟପଟେ ମେସି ୭୨ଟି ଗୋଲ ସ୍କୋର କରିଥିବା ବେଳେ ଛେତ୍ରୀ ୭୪ଟି ଗୋଲ ସ୍କୋର କରି ତାଙ୍କ ଦୁଇପାଦ ଆଗରେ ରହିଛନ୍ତି। ସେହିପରି ସେ ୟୁଏଇର ଅଲି ମାବଖୋଟ୍ (୭୩ ଗୋଲ)ଙ୍କ ଉପରେ ରହିଛନ୍ତି। ତେବେ ଇରାନର ଅଲି ଡେଇ ୧୯୯୩ରୁ ୨୦୦୬ ମଧ୍ୟରେ ୧୪୯ଟି ମ୍ୟାଚ୍ ଖେଳି ୧୦୯ଟି ଗୋଲ ସ୍କୋର କରି ତାଲିକାର ଶୀର୍ଷରେ ରହିଛନ୍ତି। ଗତ ଗୁରୁବାର ଅନୁଷ୍ଠିତ ଚିଲି ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର୍ସରେ ମେସି କ୍ୟାରିୟରର ୭୨ତମ ଗୋଲ ସ୍କୋର କରିଥିଲେ। ଆଉ ମାତ୍ର ଗୋଟିଏ ଗୋଲ ସ୍କୋର କରିପାରିଲେ ଛେତ୍ରୀ ସର୍ବକାଳୀନ ଶ୍ରେଷ୍ଠ-୧୦ ଗୋଲ ସ୍କୋରରଙ୍କ ମଧ୍ୟରେ ସ୍ଥାନ ପାଇବେ।

# ହେୱିଟ୍ ଇଏଫ୍‌ଏର ପ୍ରଥମ ମହିଳା ଅଧ୍ୟକ୍ଷ

ଲଣ୍ଡନ, ୮।୬ (ଏପି): ଇଂଲିଶ ଫୁଟ୍‌ବଲ ଆସୋସିଏଶନ (ଇଏଫ୍‌ଏ) ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି। ୧୫୮ ବର୍ଷର ଇତିହାସରେ ଆସୋସିଏଶନ ଜଣେ ମହିଳାଙ୍କୁ ପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛି। ଅଭିଜ୍ଞ ତଥା ପ୍ରତିଷ୍ଠିତ ମହିଳା ବ୍ୟବସାୟୀ ଡେବି ହେୱିଟ୍‌ଙ୍କୁ ଗୁରୁବାର ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତି ଦିଆଯାଇଛି। ୧୮୬୩ରେ ଇଂଲିଶ ଫୁଟ୍‌ବଲ ଆସୋସିଏଶନ ପ୍ରତିଷ୍ଠା କରାଯାଇଥିଲା। ହେୱିଟ୍ ଜାନୁୟାରୀ ୧୪ରେ ଆସୋସିଏଶନରେ ଯୋଗଦେବାର ଥିଲା। ଏକ ପାର୍ଲାମେଣ୍ଟାରୀ ଶୁଣାଣିରେ ଗ୍ରେଗ୍ କ୍ଲାର୍କ ଲିଙ୍ଗ ତଥା ଜାତିଗତ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିଲେ ଓ ପଦରୁ ଇସ୍ତଫା ଦେଇଥିଲେ। ଏହାର ୧୪ ମାସ ପରେ ହେୱିଟ୍ ପଦରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା।

# ଟୋକିଓ ଅଲିମ୍ପିକ୍ସ: ସମସ୍ତ ରାସ୍ତା ସିଲ୍

ଟୋକିଓ, ୮।୬ (ଏପି)

ଟୋକିଓ ଅଲିମ୍ପିକ୍ସ ଭେନ୍ୟୁଗୁଡ଼ିକୁ ଯୋଗାଯୋଗ କରୁଥିବା ସମସ୍ତ ସଡ଼କ ପଥକୁ ସିଲ୍ କରାଯାଇଛି। ତନ୍ମଧ୍ୟରେ ୧.୪ ବିଲିୟନ ଆମେରିକୀୟ ଡଲାର ମୂଲ୍ୟରେ ନିର୍ମିତ ନ୍ୟାଶନାଲ ଷ୍ଟାଡିୟମ ଅନ୍ୟତମ, ଯେଉଁଠାରେ ଜୁଲାଇ ୨୩ରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ କାର୍ଯ୍ୟକ୍ରମ ରହିଛି। କୋଭିଡ୍ ସମୟରେ ଗେମ୍ସ ଆୟୋଜନ ଏକପ୍ରକାର ରିସ୍କ। କାରଣ ଏହାଦ୍ୱାରା କରୋନା ସଂକ୍ରମଣର ଆଶଙ୍କା ରହିଛି ବୋଲି ଦେଶର ଅଧିକାଂଶ ନାଗରିକ ମତବ୍ୟକ୍ତ କରିଛନ୍ତି। ପୁନଶ୍ଚ ସ୍ଥାନୀୟ ସରକାର ଟୋକିଓ ସମେତ ଜାପାନର ଅନ୍ୟ କେତେକ ଅଞ୍ଚଳରେ ଜୁନ୍ ୨୦ ପର୍ଯ୍ୟନ୍ତ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ଏହା ସତ୍ତ୍ୱେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଟୋକିଓ ଅଲିମ୍ପିକ୍ସର ଆୟୋଜକଗଣ ଗେମ୍ସ ଆୟୋଜନ ନେଇ ଦୃଢ଼ପରିକର। ଉଦ୍‌ଘାଟନୀ ଉତ୍ସବ ଆଜିଠୁ ମାତ୍ର ୪୫ ଦିନ ରହିଛି। ଜରୁରିକାଳୀନ ପରିସ୍ଥିତି ଜାରି କରିବା ଦ୍ୱାରା ଟୋକିଓରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଯଥାସମ୍ଭବ ଖୁବ୍‌ଶୀଘ୍ର ପରିସ୍ଥିତିରେ ଉନ୍ନତି ଘଟିବ ବୋଲି ଆୟୋଜକ କମିଟି ସଭାପତି ସିକୋ ହାସିମୋତୋ ମଙ୍ଗଳବାର ଏକ କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ଆଶାପ୍ରକାଶ କରି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ସୋମବାର ସୁଦ୍ଧା ଦେଶର ୩.୬୬ ପ୍ରତିଶତ ଲୋକ କରୋନା ଟିକା ନେଇ ସାରିଛନ୍ତି। ୧୦.୭ ପ୍ରତିଶତ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। କୋଭିଡ୍‌ରେ ଜାପାନରେ ପ୍ରାୟ ୧୩,୫୦୦ ଲୋକ ପ୍ରାଣ ହରାଇ ସାରିଲେଣି। ସରକାରଙ୍କ ଜଣେ ଉପଦେଷ୍ଟା ତଥା ତୋହୋକୁ ୟୁନିଭର୍ସିଟିର ଭିରୋଲୋଜିଷ୍ଟ ଡକ୍ଟର ହିରୋଶି ଓସିତାନି ଇତିମଧ୍ୟରେ ଚେତାଇ ଦେଇଛନ୍ତି ଯେ ଅଲିମ୍ପିକ୍ସ ପରେ ପରେ ଜାପାନ ଏବଂ ଅନ୍ୟ ଦେଶରେ ସଂକ୍ରମଣର ଆଶଙ୍କା ରହିଛି।




# ଲାଲରୁଥରାଙ୍କ ସହ ଚୁକ୍ତିକଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୮।୬ (କ୍ରୀଡ଼ା ପ୍ରତିନିଧି): ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ର ୮ମ ସଂସ୍କରଣ ପୂର୍ବରୁ ୨୬ ବର୍ଷୀୟ ଭାରତୀୟ ଡିଫେଣ୍ଡର ଲାଲରୁଥରାଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି। ଭୁବନେଶ୍ୱର ଭିତ୍ତିକ ଦଳ ସହ ଲାଲରୁଥରାଙ୍କର ୨ ବର୍ଷିଆ ଚୁକ୍ତି ହୋଇଛି। ଆବଶ୍ୟକ ପଡ଼ିଲେ ଚୁକ୍ତି ମିଆଦ ୩ୟ ବର୍ଷକୁ ବୃଦ୍ଧି କରାଯିବାର ବିକଳ୍ପ ରଖା ଯାଇଛି।

ମିଜୋରାମ୍‌ର ଲାଲରୁଥରା ୨୦୧୫ରେ ଆଇଜଲ ଏଫ୍‌ସିରୁ ନିଜ ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ଆଇ-ଲିଗ୍ ଟାଇଟଲ ବିଜୟୀ ଏହି ଦଳର ସେ ସଦସ୍ୟ ମଧ୍ୟ ଥିଲେ। ପରେ ସେ ୨୦୧୭ରେ କେରଳ ବ୍ଲାଷ୍ଟର୍ସ ସହ ଚୁକ୍ତି କଲେ ଏବଂ ଆଇଏସ୍‌ଏଲ୍‌ରେ ନିଜ ପ୍ରଥମ ବର୍ଷରେ ଇମର୍ଜିଂ ପ୍ଲେୟର ଅଫ୍ ଦି ସିଜନ ବିବେଚିତ ହୋଇଥିଲେ। ଟିନ୍‌ଏଜ୍ ସମୟରେ ଜଣେ ପ୍ରତିଭା ସମ୍ପନ୍ନ ଡିଫେଣ୍ଡରଭାବେ ନିଜକୁ ପ୍ରମାଣିତ କରିଥିବା ଲାଲରୁଥରା ୨୩ ବର୍ଷରୁ କମ୍ ଏବଂ ଭାରତୀୟ ସିନିୟର ଦଳରୁ ପ୍ରତିନିଧିତ୍ୱ କରି ସାରିଛନ୍ତି। ଲାଲରୁଥରାଙ୍କୁ ସ୍ୱାଗତ କରିଛନ୍ତି ଓଡ଼ିଶା ଏଫ୍‌ସି ସିଇଓ ରୋହନ ଶର୍ମା। କେରଳ ବ୍ଲାଷ୍ଟର୍ସ ସହ ତାଙ୍କର ସମ୍ପର୍କ ଛିଡ଼ିବା ପରଠାରୁ ସେ ତାଙ୍କ ଉପରେ ନଜର ରଖିଥିଲେ। ତାଙ୍କ ଉପସ୍ଥିତିରେ ଓଡ଼ିଶା ଏଫ୍‌ସି ରକ୍ଷଣଭାଗ ଅଧିକ ଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଜାତୀୟ ଦଳକୁ ପୁଣି ପ୍ରତ୍ୟାବର୍ତ୍ତନ କରି ନିଜକୁ ପ୍ରମାଣିତ କରିବାକୁ ସେ ବ୍ୟଗ୍ର। ତେଣୁ ଏହି କ୍ୱାଲିଟି ଡିଫେଣ୍ଡର ଓଡ଼ିଶା ଏଫ୍‌ସିରୁ ଖେଳି ଏହି ସୁଯୋଗ ପାଇପାରିବେ ବୋଲି ରୋହନ କହିଛନ୍ତି।

# ଇଲିଂୱର୍ଥ ଓ ଗଫ୍ ଅନ୍-ଫିଲ୍ଡ ଅମ୍ପାୟର, ବ୍ରଡ୍ ମ୍ୟାଚ୍ ରେଫରି

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ

ଦୁବାଇ,୮।୬ (ପି.ଟି.): ଜୁନ୍ ୧୮ ତାରିଖରୁ ଇଂଲଣ୍ଡର ସାଉଥାମ୍ପଟନରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମୁକାବିଲା ପାଇଁ ମ୍ୟାଚ୍ ଅଫିସିଆଲଙ୍କ ନାମ ଘୋଷଣା କରାଯାଇଛି। ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ଏହି ମ୍ୟାଚ୍ ଅଫିସିଆଲଙ୍କ ନାମ ଘୋଷଣା କରିଛି।

ଇଂଲଣ୍ଡର ରିଚାର୍ଡ ଇଲିଂୱର୍ଥ ଓ ମାଇକେଲ ଗଫ୍ ଅନ୍-ଫିଲ୍ଡ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିବେ। ସେହିପରି ପୂର୍ବତନ ଇଂଲଣ୍ଡ ଓପନର କ୍ରିସ ବ୍ରଡ୍ ଏହି ହାଇପ୍ରୋଫାଇଲ ମୁକାବିଲାର ମ୍ୟାଚ୍ ରେଫରି ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଏଲିଟ୍ ପ୍ୟାନେଲର ସଦସ୍ୟ ଥିବା ରିଚାର୍ଡ କେଟଲବୋରୋ ଟିଭି ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ। ଏମିରେଟ୍ସ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ଅମ୍ପାୟର୍ସର ସଦସ୍ୟ ରହିଥିବା ଆଲେକ୍ସ ହ୍ୱାର୍ଫ ଚତୁର୍ଥ ଅମ୍ପାୟର ଭାବେ କାର୍ଯ୍ୟ କରିବେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଦିନକରେ ୩୪୯ କରୋନା ଆକ୍ରାନ୍ତ ଚିହ୍ନଟ**

କଟକ ଅଫିସ: କଟକ ଜିଲାରେ କରୋନା ଗ୍ରାଫ ଦିନକୁ ଦିନ ତଳମୁହାଁ ହେବାରେ ଲାଗିଛି। ସୋମବାର ଜିଲାରୁ ୨୯୮୮ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୪୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାର ସଂକ୍ରମଣ ହାର ୧୧.୬୮ ପ୍ରତିଶତ ରହିଛି । ଲକ୍‌ଡାଉନ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାରେ ୯୭,୨୩୪ ଜଣଙ୍କ କରୋନା ପରୀକ୍ଷା କରାଯାଇଥିବାବେଳେ ୨୮,୬୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସଂକ୍ଷେପରେ

### ଅଧିକ ସଙ୍ଗରୋଧ କେନ୍ଦ୍ର ଖୋଲିବାକୁ ଦାବି

କଟକ ସଦର,୮।୬(ଡି.ଏନ.ଏ.): ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ନିର୍ବାଚନମଣ୍ଡଳୀରେ ସେବା ହିଁ ସଙ୍ଗଠନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ମଙ୍ଗଳବାର ଦଳୀୟ କର୍ମକର୍ତ୍ତାମାନଙ୍କ ଏକ ବୈଠକ ଫକୀରପଡାଠାରେ ଅନୁଷ୍ଠିତ ହୋଇଥିଲା। କରୋନାରେ ମୃତ୍ୟୁ ଘଟିଥିବା ଗରିବ ପରିବାରକୁ ଦଳ ପକ୍ଷରୁ ରାଶନ ବଣ୍ଟନ କରାଯାଇଥିଲା। ଏହାଛଡା ମାସ୍କ, ସାନିଟାଇଜରକୁ ଦଳୀୟ ନେତା ଦିଲ୍ଲୀପ ମଲ୍ଲିକ ବଣ୍ଟନ କରିଥିଲେ। ଅନ୍ୟ ସ୍ଥାନରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବାବେଳେ କଟକ ସଦର ବ୍ଲକ ଅଞ୍ଚଳରେ ବୃଦ୍ଧି ପାଉଛି। ତେଣୁ ଏହି ବ୍ଲକ ଅଞ୍ଚଳରେ ଅଧିକ ସଙ୍ଗରୋଧ କେନ୍ଦ୍ର ଖୋଲିବା ପାଇଁ ମଲ୍ଲିକ ସରକାରଙ୍କ ନିକଟରେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ହୃଷୀକେଶ ଜେନା, ଗୋକୁଳ ପ୍ରଧାନ, ଅଭୟ ସ୍ୱାଇଁ, ଚିତ୍ତରଞ୍ଜନ ସାହୁ, ପୀୟୂଷ ପରିଡା, ଜିତେନ୍ଦ୍ର ବିଶ୍ୱାଳ, ସବିତା ଦାଶ, ନିର୍ମଳ ଦାସ ଓ ରଞ୍ଜନ କୁମାର ନନ୍ଦ ଉପସ୍ଥିତ ଥିଲେ।

### ଆଜିଠୁ ଟିକା ନେବେ ବିଦେଶ ଯିବାକୁ ଥିବା ଛାତ୍ରୀଛାତ୍ର

କଟକ ଅଫିସ,୮।୬: ବିଦେଶକୁ ପାଠ ପଢିବା ଲାଗି ଯିବାକୁ ଥିବା ଛାତ୍ରୀଛାତ୍ରଙ୍କ ପାଇଁ କଟକ ମହାନଗର ନିଗମ( ସିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା କରାଯାଇଛି। କଟକ ଗୋପାଳପୁରସ୍ଥିତ କଲ୍ୟାଣମଣ୍ଡପରେ ବୁଧବାରଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କଟକ ଓ ଭୁବନେଶ୍ୱରର ୧୮ରୁ ୪୪ ବର୍ଷ ଛାତ୍ରୀଛାତ୍ରଙ୍କୁ ଟିକା ପ୍ରଦାନ କରାଯିବ। ଏଥିସହ ପ୍ରଥମ ଡୋଜ୍‌ର ୨୮ ଦିନ ପୂରି ଯାଇଥିଲେ ଛାତ୍ରୀଛାତ୍ର ଦ୍ୱିତୀୟ ଡୋଜ୍ ନେଇପାରିବେ । ଏଥିପାଇଁ ଛାତ୍ରୀଛାତ୍ରମାନେ ବିଦେଶରେ ଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ନାମଲେଖାପତ୍ର, ଆଧାରକାର୍ଡ କିମ୍ବା ଅନ୍ୟ ପରିଚୟପତ୍ର ସାଙ୍ଗରେ ନେଇ ଆସିବେ। ସେହିପରି ଛାତ୍ରୀଛାତ୍ରମାନେ ପ୍ରଥମ ଡୋଜ୍‌ର ପ୍ରମାଣପତ୍ର ଦେଖାଇ ଦ୍ୱିତୀୟ ଡୋଜ୍ ଟିକା ନେଇପାରିବେ । ସରକାରୀ ଛୁଟି ବ୍ୟତୀତ ସୋମବାରଠାରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟିକାକରଣ ଚାଲୁ ରହିବ ବୋଲି ସିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି ।

### କାର୍ ଧକ୍କାରେ ଅବସରପ୍ରାପ୍ତ ଅଗ୍ନିଶମ କର୍ମଚାରୀ ମୃତ

ସାଲେପୁର,୮।୬(ଡି.ଏନ୍.ଏ.): ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ଏକ କାର ଧକ୍କାରେ ଜଣେ ଅବସରପ୍ରାପ୍ତ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାନ୍ଦୋଳ ଗ୍ରାମର ଦୋଳଗୋବିନ୍ଦ ତ୍ରିପାଠୀ (୭୦)। ସେ ନିଜ ମୋଟର ସାଇକେଲ୍ ସଜାଡ଼ି ଗ୍ୟାରେଜ୍ ରାସ୍ତା ପାରହୋଇ ଘରକୁ ଯାଉଥିଲେ। ଏହି ସମୟରେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତ୍ରିପାଠୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତ୍ରିପାଠୀଙ୍କ ମୃତ୍ୟୁ ଘଟିଛି।

# ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

**ଭିଡିଓ ଭାଇରାଲ**
- ପୂର୍ବତନ ସରପଞ୍ଚଙ୍କୁ ମାଡ଼
- ବେଆଇନ୍ ଇଟାଭାଟିରେ ଠେଙ୍ଗା, ପଥର ମାଡ଼

ମାହାଙ୍ଗା,୮।୬(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ଅତିରିକ୍ତ ତହସିଲଦାର ଦିଲୀପ ନାୟକ ମଙ୍ଗଳବାର ଏକ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ଓ କର୍ମଚାରୀଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ସାଙ୍ଗରେ ଯାଇଥିବା ମାହାଙ୍ଗାର ପୂର୍ବତନ ସରପଞ୍ଚ ତ୍ରିଲୋଚନ ମିଶ୍ରଙ୍କୁ ମଧ୍ୟ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଏହି ସମୟରେ ଉତ୍ତୋଳନ ହୋଇଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ବିଷୟରେ ଅତିରିକ୍ତ ତହସିଲଦାର ନାୟକ ତହସିଲଦାରଙ୍କୁ ଅବଗତ କରାଇବା ସହ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୨୨/୨୧) ରୁଜୁ କରିଛି। ପର୍ଶୁରାମପୁର ଗ୍ରାମର ପୁରୁଷୋତ୍ତମ ପ୍ରଧାନଙ୍କ ପୁତ୍ର ବିଭୂତିଭୂଷଣ ପ୍ରଧାନ ଓ ତାଙ୍କ ସହଯୋଗୀଙ୍କ ନାମରେ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ଅଭିଯୁକ୍ତମାନେ ନାୟକଙ୍କୁ ଗାଳିଗୁଲଜ କରୁଥିବା ଜଣାପଡୁଛି। ସେମାନେ ନାୟକ ଓ ତାଙ୍କ କର୍ମଚାରୀଙ୍କୁ ଠେଙ୍ଗା ଓ ପଥର ଫୋପାଡି ଆକ୍ରମଣ କରିଥିଲେ। ଏପରିକି ଚଢ଼ାଉ ପାଇଁ ଯାଇଥିବା ଗାଡ଼ିକୁ ମଧ୍ୟ ପିଟି ଭାଙ୍ଗି ଦେଇଥିବା ଭିଡିଓରେ ଦୃଶ୍ୟଗତ ହୋଇଛି।

ପ୍ରକାଶ ଯେ, ଗତ ମେ’ରେ ଏହି ତହସିଲର ଏକ ସ୍ୱତନ୍ତ୍ର ଟିମ୍ ଶ୍ରୀକୃଷ୍ଣପୁର ପଞ୍ଚାୟତ ରାମଚନ୍ଦ୍ରପୁର ବିରୂପା ନଦୀ ବନାଘାଟରେ ଚଢ଼ାଉ କରି ବେଆଇନ୍ ବାଲି ବୋଝେଇ ଗାଡ଼ି ଜବତ କରିଥିଲା। ଏହି ସମୟରେ ବାଲିମାଫିଆମାନେ ରାଜସ୍ୱ ନିରୀକ୍ଷକ ଗଣେଶ୍ୱର ହେମ୍ବ୍ରମ୍ ଓ ତାଙ୍କ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗାଡ଼ି ଛଡେଇ ନେଇଯାଇଥିଲେ। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ହେଉଥିବା ଆକ୍ରମଣକୁ ସାଧାରଣରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ଚାଲୁ ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।



ରାଜ୍ୟ ସରକାରଙ୍କ ଲକ୍‌ଡାଉନ୍ ଦ୍ୱାରା ପ୍ରଭାବିତ ହୋଇ କୌଳିକ ବୃତ୍ତିରୁ ବଞ୍ଚିତ ହୋଇଥିବା ବାରିକ, ରଜକ ଓ ଦର୍ଜି ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ ମଙ୍ଗଳବାର ବାଲୁବଜାର ଜୁମ୍ମା ମସ୍‌ଜିଦ୍ ଲେନ୍‌ଠାରେ ଗଣବିକ୍ଷୋଭ ।

# ଭଙ୍ଗାଗଲା ୧୫୦ ବାସଗୃହ, ୭ ଦୋକାନ

**ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ**

କଟକ ଅଫିସ,୮।୬

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ତାଳଦଣ୍ଡା କେନାଲ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମାଲଗୋଦାମ ବେହେରାସାହିର ୧୫୦ ବାସଗୃହ ଓ ୭ ଦୋକାନକୁ ଭଙ୍ଗାଯାଇଛି। ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡା, ମାଲଗୋଦାମ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କ ଉପସ୍ଥିତିରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ବିସ୍ଥାପିତଙ୍କୁ ୮ ଦିନ ଧରି ରନ୍ଧାଖାଦ୍ୟ ଓ ଆବଶ୍ୟକ ଔଷଧ ଯୋଗାଇ ଦିଆଯିବ। ଏଥିସହ ପ୍ରତ୍ୟେକ ପରିବାରକୁ ୧୫ ଫୁଟ ଲମ୍ବ ଓ ୧୫ ଫୁଟ ଓସାରରେ ବାସୋପଯୋଗୀ ପ୍ଲଟ୍, ଘର ନିର୍ମାଣ ପାଇଁ ୫୦ ହଜାର ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ସେହିପରି ୭ଟି ଦୋକାନ ମାଲିକଙ୍କୁ କ୍ଷତିପୂରଣ ବାବଦକୁ ୨୦ ହଜାର ଟଙ୍କା ଲେଖାଏ ଦିଆଯାଇଥିବା ସିଏମ୍‌ସି ଡେପୁଟି କମିଶନର ରାଉତ କହିଛନ୍ତି। ସୂଚନାଥାଉ କି ସୋମବାର ଉକ୍ତ ସାହିର ୧୫୦ ପରିବାରକୁ ବାଲିସାହିସ୍ଥିତ ପୋପରଡା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଟିକାକରଣକୁ ନେଇ ଘରୋଇ ହସ୍ପିଟାଲରେ ଉତ୍ତେଜନା

**ସିଏମ୍‌ସିର ବିନା ଅନୁମତିରେ ସ୍ଲଟ୍ ବୁକିଂ**

କଟକ ଅଫିସ,୮।୬

ଟିକାକରଣକୁ ନେଇ କଟକର ଆଡ୍ ଏନେକ୍ସ ହସ୍ପିଟାଲରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଥିଲା। ସ୍ଲଟ୍ ବୁକିଂ କରାଯାଇଥିଲେ ମଧ୍ୟ ଟିକା ନ ଥିବା ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ହସ୍ପିଟାଲରେ ଟିକାକରଣ ପାଇଁ ସୋମବାର ପ୍ରାୟ ୨୦୦ ଲୋକ ସ୍ଲଟ୍ ବୁକିଂ କରିଥିଲେ। କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର ସମେତ ବିଭିନ୍ନ ସ୍ଥାନରୁ ଲୋକମାନେ ଟିକା ନେବା ପାଇଁ ଉକ୍ତ ହସ୍ପିଟାଲକୁ ଆସିଥିଲେ। ହେଲେ ଏଠାରେ ଟିକା ଦିଆଯାଉନାହିଁ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିବାରୁ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ କଟକ ମହାନଗର ନିଗମ(ସିଏମ୍‌ସି)ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା । ଏହାପରେ ଉକ୍ତ ହସ୍ପିଟାଲକୁ ଟିକା ନେବା ପାଇଁ ଆସିଥିବା ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଟିକା ଦିଆଯାଇଥିଲା। ଏନେଇ ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି, ସିଏମ୍‌ସି ପକ୍ଷରୁ ଉକ୍ତ ହସ୍ପିଟାଲକୁ ଟିକାକରଣ ଲାଗି ସ୍ଲଟ ବୁକିଂ ପାଇଁ ଅନୁମତି ଦିଆଯାଇ ନ ଥିଲା। ହସ୍ପିଟାଲ ପକ୍ଷରୁ ସ୍ଲଟ୍ ବୁକିଂ କରାଯାଇଥିବାରୁ ଲୋକମାନେ ଟିକା ନେବା ପାଇଁ ଆସିଥିଲେ। ତେବେ ବିଶେଷକରି ଦୂରଦୂରାନ୍ତରୁ ଲୋକମାନେ ଟିକା ନେବା ପାଇଁ ଆସିଥିବାରୁ ଯୁଦ୍ଧକାଳୀନଭିତ୍ତିରେ ବ୍ୟବସ୍ଥା କରାଯାଇ ସେମାନଙ୍କୁ ଟିକା ଦିଆଯାଇଛି। ଅନ୍ୟପକ୍ଷରେ ଉକ୍ତ ହସ୍ପିଟାଲ ଜେନେରାଲ ମ୍ୟାନେଜର ପୟଧର ଦାସ କହିଛନ୍ତି, ଆମର ଭୁଲ୍ ବୁଝାମଣା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ପରବର୍ତ୍ତୀ ସମୟରେ ସିଏମ୍‌ସି ସହ ବୁଝାମଣା କରି ଟିକା ନେବା ପାଇଁ ଆସିଥିବା ୧୩୯ ଜଣଙ୍କୁ ଆମ ହସ୍ପିଟାଲରେ ଟିକା ଦିଆଯାଇଛି ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବାଙ୍କୀ,୮।୬(ସ୍ୱ.ପ୍ର.): ବାଙ୍କୀ ଥାନା ଅଧୀନ ଡମପଡ଼ା ବ୍ଲକର ଉପର ପାଥପୁରସ୍ଥିତ ବିଷ୍ଣୁ ଗୋଛାୟତ(୪୬)ଙ୍କ ସୋମବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଘର ବାରଣ୍ଡାରେ ଶୋଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଷ୍ଣୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୧୧/୨୧)ରୁଜୁ ହୋଇଛି।

## ଟିକା ପଞ୍ଜୀକରଣ ସଚେତନତା ଶିବିର

ଖୁଣ୍ଟୁଣୀ,୮।୬(ଡି.ଏନ.ଏ.)

ଆଠଗଡ଼ ବ୍ଲକ ଅଧୀନ ଭୋଗରା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ଓ ଟିକା ପଞ୍ଜୀକରଣ ପାଇଁ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପୁଷ୍ପମିତ୍ରା ଦାସ, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରିଣୀ କବିତାରାଣୀ ଦାସ, ସ୍ୱାସ୍ଥ୍ୟ ପରିଦର୍ଶିକା ନିର୍ମଳା ଦାସ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଆଶା ଓ ଅଙ୍ଗନୱାଡି କର୍ମୀ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଟିକା ନେଇ ନ ଥିବା ଲୋକଙ୍କ ନାମ ପଞ୍ଜୀକରଣ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ମୁରବି ଗୌରହରି ମହାନ୍ତି, କୃପାସିନ୍ଧୁ ମହାନ୍ତି, ଜିତୁ ଦାସ, ରବି ମହାରଣା ଓ ସୁବଳ ମହାନ୍ତିଙ୍କ ସମେତ ପଞ୍ଚାୟତର ସମସ୍ତ ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ନିର୍ମଳ କୁମାର ବର ଓ ସ୍ୱାସ୍ଥ୍ୟକର୍ମୀ ତପସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଠା ଅର୍ଥରୁ ଖର୍ଚ୍ଚ ହୋଇଛି ୮ ଲକ୍ଷ

କଟକ ସଦର,୮।୬(ଡି.ଏନ.ଏ.)

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୨୦୧୯ ଏପ୍ରିଲରେ ପିଠା (ପିପୁଲ୍ସ ଏମ୍ପାୱାରମେଣ୍ଟ ଏନାବିଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଏନ୍‌ହାନ୍ସିଂ ଆକାଉଣ୍ଟାବିଲିଟି) କାର୍ଯ୍ୟକ୍ରମ ପାଇଁ ୨୩ ଲକ୍ଷ ଟଙ୍କା କଟକ ସଦର ବ୍ଲକକୁ ମିଳିଥିଲା। ଏହି ଅର୍ଥ ବ୍ଲକ ଆକାଉଣ୍ଟରୁ ସିଧାସଳଖ ପଞ୍ଚାୟତ ଆକାଉଣ୍ଟକୁ ଯିବା କଥା। ମାତ୍ର ଏହି ଅର୍ଥରୁ ୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଯାହା ସରକାରୀ ନିୟମକୁ ଉଲ୍ଲଂଘନ କରୁଛି। ଏଥିପାଇଁ ଲୋକାଲ ଫଣ୍ଡ ଅଡିଟର ହାଫ୍ ମାର୍ଜିନ ମେମୋ ଜରିଆରେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ କୈଫିୟତ ମାଗିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପିଠା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ଆବଶ୍ୟକ ଅର୍ଥ ପଞ୍ଚାୟତର ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରୁ ଖର୍ଚ୍ଚ ପାଇଁ କହିଥିଲେ। ପରେ ଏହି ଖର୍ଚ୍ଚର ଭରଣା ପାଇଁ ସରକାର ଅର୍ଥ ଦେଇସାରିଛନ୍ତି। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ପଞ୍ଚାୟତ ଆକାଉଣ୍ଟକୁ ଟଙ୍କା ଯାଇପାରୁନାହିଁ। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରୁ କିଛି ଜାଣିନାହାନ୍ତି ବୋଲି କହିଥିଲେ।

## ଡକାୟତି ଯୋଜନା: ୫ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ବନ୍ଧୁକ, ବାଇକ, ବ୍ୟାଟେରି ଜବତ**

କଟକ ଅଫିସ,୮।୬

ଡକାୟତି ଯୋଜନାବେଳେ ଚାଉଳିଆଗଞ୍ଜ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ବିଦ୍ୟାଧରପୁର ଦୋଳମଣ୍ଡପ ସାହିର ବିଶ୍ୱଜିତ୍ ମହାରଣା, ପୋତାପୋଖରୀ ଅଞ୍ଚଳର ସୁଧୀର ଦାସ, ଗୋପବନ୍ଧୁ ନଗର ଅଞ୍ଚଳର ବିନୋଦ କୁମାର ସ୍ୱାଇଁ, ବିଦ୍ୟାଧରପୁର ଛକସାହିର ଦେବାଶିଷ ମହାରଣା ଓ ଓମ୍‌ପି ବସ୍ତିର ଅଜୟ ଦେଉରୀ। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ, ପିସ୍ତଲ, ଗୋଟିଏ ଛୁରି, ଲୁହାରଡ୍, ତିନୋଟି ବାଇକ୍ ଓ ୮ଟି ବ୍ୟାଟେରି ଜବତ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନାନୁଯାୟୀ, ବିଦ୍ୟାଧରପୁର ତେଲିସାହି ପଡିଆରେ ସୋମବାର ରାତିରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ଚାଉଳିଆଗଞ୍ଜ ଥାନା ଅଧିକାରୀ ଜାଣିବାକୁ ପାଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏନ୍‌ଏଚ୍-୫୫ରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୨୦୬/୨୧) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଡିସିପି ସିଂ ସୂଚନା ଦେଇଛନ୍ତି।

## ମଧୁମେହ ମୁକ୍ତ ଧାନ ବିହନ ବଣ୍ଟନ

ତିଗିରିଆ,୮।୬ (ଡି. ଏନ୍. ଏ.)

ତିଗିରିଆ ବ୍ଲକ ନିଜିଗଡସ୍ଥିତ ଆମ୍ବା କମିଟି କାର୍ଯ୍ୟାଳୟରେ ମଙ୍ଗଳବାର ୧୦ ପଞ୍ଚାୟତର ୫୦ ଜଣ ଚାଷୀଙ୍କୁ ମଧୁମେହ ମୁକ୍ତ ଧାନ ବିହନ ବଣ୍ଟନ କରାଯାଇଛି । ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆୟୋଜିତ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ଆମ୍ବା କମିଟି ଅଧକ୍ଷ ହରେନ୍ଦ୍ର ଦଳେଇ ଅଧକ୍ଷତା କରିଥିଲେ। ସେ କହିଥିଲେ, ୧୨୦ ଦିନ ଅବଧି ବିଶିଷ୍ଟ ଏହି ଧାନ ତିଗିରିଆ ବ୍ଲକର ୨୦ ହେକ୍ଟର ଜମିରେ ଚାଷ କରାଯିବ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ତିଗିରିଆ ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡା, ମନ୍ତ୍ରୀଙ୍କ ପ୍ରତିନିଧି ତାପସ ପ୍ରଧାନ, ତିଗିରିଆ ବ୍ଲକ ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ସହାୟତା ଦେଇ ସଚେତନ କଲେ ବିଧାୟକ

କଟକ ଅଫିସ, ୮।୬

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ସିଏମ୍‌ସି ୧ ନମ୍ବର ୱାର୍ଡର ବିଡାନାସୀ, ୨୫ ନମ୍ବର ୱାର୍ଡର ବାସ୍ତରିମଠ, ଆଖଡାଗଳି, ମସ୍ତାନ ଦର୍ଘା, ମଣିସାହୁ ଛକଠାରେ ମଙ୍ଗଳବାର ସହାୟତା ପ୍ରଦାନ କରିଛନ୍ତି। ବିଶେଷକରି କୋଭିଡ୍ ସଂକ୍ରମିତ, ହୋମ୍ ଆଇସୋଲେଶନରେ ଥିବା ପରିବାର ଏବଂ ଦୁର୍ଦ୍ଦିନରେ ରହିଥିବା ଜନସାଧାରଣଙ୍କୁ ମୋକିମ ସହାୟତା ଦେଇଛନ୍ତି। ସେହିପରି ଲୋକମାନଙ୍କ ସମସ୍ୟା ବୁଝିବା ସହ ସଚେତନତା ବାର୍ତ୍ତା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ୱାର୍ଡ କଂଗ୍ରେସ ନେତା କିଶୋର କୁମାର କର, ଟୁକୁନା ସେନାପତି, ସନ୍ତୋଷ ଲେଙ୍କା, କ୍ଷୀରୋଦ ସାହୁ, ଶୈଳବାଳା ଜେନା, ତୃପ୍ତି ଦାସ, ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ ପ୍ରମୁଖ ସାମିଲ ହୋଇଥିଲେ।


ବିଧାୟକ ମହମ୍ମଦ ମୋକିମ ଜଣେ ବୃଦ୍ଧାଙ୍କୁ ଖାଦ୍ୟ, ମାସ୍କ ଓ ସାନିଟାଇଜର ବଣ୍ଟନ କରୁଛନ୍ତି।

# ରାଜ୍ୟରେ ଆରମ୍ଭ ହେବ ଆଣ୍ଟିବଡି କକ୍‌ଟେଲ ଥେରାପି

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଖୁବ୍‌ଶୀଘ୍ର ଓଡ଼ିଶାର ମେଡିକାଲ କଲେଜ ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକରେ କରୋନା ରୋଗୀଙ୍କ ପାଇଁ ମୋନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ ଥେରାପି ସେବା ଆରମ୍ଭ ହେବ। ଏ ସମ୍ପର୍କରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ପେଗିଲେଟେଡ୍ ଇଣ୍ଟରଫେରନ୍ ଆଲଫା-୨ ବି, କାସିରିଭିମାବ ଏବଂ ଇମ୍‌ଡେଭିମାବ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ରହିବ। ଏହି ଔଷଧ ଓଡ଼ିଶା ରାଜ୍ୟ ଔଷଧ ନିଗମ ଏବଂ ଅନ୍ୟାନ୍ୟ ମନୋନୀତ ବିତରଣ କେନ୍ଦ୍ରରେ ଷ୍ଟକ୍ ରହିବ। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ଓ ଏମରଜେନ୍ସି ୟୁଥ୍ ଅଥରାଇଜେଶନ ରେଗୁଲେଶନକୁ ପାଳନ କରାଯାଇ ବ୍ୟବହାର କରାଯିବ ବୋଲି ଚିଠିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, କରୋନା ଆକ୍ରାନ୍ତ ହୋଇ ଯେଉଁମାନେ ଗୁରୁତର ହେବାର ଆଶଙ୍କା ଥିବ ସେମାନଙ୍କ ପାଇଁ ଏହି ଚିକିତ୍ସା କରାଯାଏ। ୧୨ରୁ ଊର୍ଦ୍ଧ୍ୱ ଏବଂ ସର୍ବନିମ୍ନ ୪୦କିଲୋ ଓଜନ ଥିବା ଆକ୍ରାନ୍ତଙ୍କ ପାଖରେ ଏହା ବ୍ୟବହାର କରିବା ପାଇଁ ଅନୁମୋଦନ ମିଳିଛି। ଭାରତର ଅନ୍ୟ ରାଜ୍ୟରେ ଏହି ଚିକିତ୍ସା ଆରମ୍ଭ ହୋଇଯାଇଥିବା ବେଳେ ନିକଟରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ମଧ୍ୟ ଏହା ଆରମ୍ଭ ହୋଇଛି।

# ସାମାନ୍ୟ ଗଣ୍ଡଗୋଳରୁ ଯୁବକଙ୍କୁ ହତ୍ୟା

ଭୁବନେଶ୍ୱର,୮।୬(ବ୍ୟୁରୋ)

ରାଜଧାନୀରେ ପୁଣି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଲକ୍ଷ୍ମୀସାଗର ଥାନା ଅଧୀନ ବୁଦ୍ଧନଗର ପିଡବ୍ଲ୍ୟୁଡି ବସ୍ତିରେ ସୋମବାର ରାତିରେ ସାମାନ୍ୟ ଗଣ୍ଡଗୋଳରୁ ଜଣେ ଯୁବକଙ୍କୁ ଭୁଜାଲି ଓ ଲୁହାରଡ୍‌ରେ ଆକ୍ରମଣ ଯୋଗୁ ତାଙ୍କର ଜୀବନ ଯାଇଛି। ହତ୍ୟାର ଶିକାର ହୋଇଛନ୍ତି ପିଡବ୍ଲ୍ୟୁଡି ବସ୍ତିର କାର୍ତ୍ତିକ ସାହୁ(୨୧)। ଏହି ଘଟଣାରେ ସମ୍ପୃକ୍ତ ରେଡ୍ଡୀ ବସ୍ତିର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସେମାନେ ହେଲେ ଅଭିଯୁକ୍ତମାନେ ହେଲେ ମୀନା ରେଡ୍ଡୀ (୩୨), ଚନ୍ଦ୍ରା ଓରଫ୍ ଏସ୍.ଚଲପତି ରେଡ୍ଡୀ (୩୩), ଧନରାଜ ରେଡ୍ଡୀ (୨୮), ରାଜୁ ରେଡ୍ଡୀ (୪୦) ଏବଂ ଏସ୍. ସହଦେବ ରେଡ୍ଡୀ (୪୦)। ଏମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ଭୁଜାଲି ଓ ଲୁହାରଡ୍ ଜବତ ହୋଇଛି। ସେହିପରି ଗଣ୍ଡଗୋଳରେ ସମ୍ପୃକ୍ତ ପିଡବ୍ଲ୍ୟୁଡି ବସ୍ତିର ପି. ପ୍ରତାପ (୧୮), ଶ୍ୟାମ କୁମାର(୨୨) ଓ ସନ୍ତୋଷ କୁମାର(୧୮)ଙ୍କୁ ପୋଲିସ ଗିରଫ କରିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ କାର୍ତ୍ତିକଙ୍କ ସ୍କୁଟିରେ ଚନ୍ଦ୍ରାଙ୍କ କାର୍ ଘଷିହୋଇଯାଇଥିଲା। ଏହାକୁ ନେଇ କାର୍ତ୍ତିକ ଓ ତାଙ୍କ ସାଙ୍ଗମାନେ ଚନ୍ଦ୍ରାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଚନ୍ଦ୍ରା ସେଠାରୁ ଚାଲିଯାଇଥିଲେ। ତେବେ ରାତି ପ୍ରାୟ ୧୦. ୩୦ରେ ରେଡ୍ଡୀ ସାହି ବସ୍ତିରୁ ୭ରୁ ୮ଜଣ ବ୍ୟକ୍ତି ଭୁଜାଲି ଏବଂ ଲୁହାରଡ୍ ଧରି କାର୍ତ୍ତିକଙ୍କ ଘର ନିକଟକୁ ଆସିଥିଲେ। ସେଠାରେ କାର୍ତ୍ତିକ ଓ ତାଙ୍କ ସାଙ୍ଗମାନେ ବସିଥିବା ବେଳେ ଏମାନେ ହଠାତ୍ ଆକ୍ରମଣ କରିଥିଲେ। କାର୍ତ୍ତିକ ଓ ତାଙ୍କ ସାଙ୍ଗମାନେ ମଧ୍ୟ ସେମାନଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଏହି ସମୟରେ କାର୍ତ୍ତିକଙ୍କ ସାଙ୍ଗମାନେ ଭୟରେ ପଳାଇଥିଲେ। ଫଳରେ କାର୍ତ୍ତିକଙ୍କୁ ଏକୁଟିଆ ପାଇ ସେମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। କାର୍ତ୍ତିକଙ୍କୁ ରକ୍ଷା କରିବାକୁ ତାଙ୍କ ମା’, ବାପା ଓ ଭଉଣୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଏହି ସମୟରେ କାର୍ତ୍ତିକଙ୍କ ମା’ଙ୍କ ଗୋଡ଼ରେ ଭୁଜାଲି ଚୋଟ ବାଜିଥିଲା। ତାଙ୍କ ବାପା ଓ ଭଉଣୀ ମଧ୍ୟ ଆହତ ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ କାର୍ତ୍ତିକ ରାସ୍ତାରେ ପଡ଼ିରହି ଛଟପଟ ହେଉଥିବା ବେଳେ ପରିବାର ଲୋକେ ପୋଲିସକୁ ଫୋନ କରିଥିଲେ। ହେଲେ ପିସିଆର୍ ଭ୍ୟାନ ଆସି ଏହା ଉଭୟପକ୍ଷଙ୍କ ଗଣ୍ଡଗୋଳ କହି ପଳାଇଥିଲା ବୋଲି କାର୍ତ୍ତିକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳ ପରେ ଆମ୍ବୁଲାନ୍ସ ଯୋଗେ କାର୍ତ୍ତିକଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଲକ୍ଷ୍ମୀସାଗର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଉଭୟ ପକ୍ଷର ଅଭିଯୋଗ କ୍ରମେ ୮ଜଣଙ୍କୁ ଥାନାକୁ ଆଣିଥିଲା। ଅପରପକ୍ଷ ଗୋଷ୍ଠୀଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ. ୧୮୯/୨୧ ରୁଜୁ କରିଥିବା ବେଳେ କାର୍ତ୍ତିକଙ୍କ ପରିବାର ବର୍ଗଙ୍କ ଅଭିଯୋଗକ୍ରମେ କେସ୍ ନଂ. ୧୯୦/୨୧ ରୁଜୁ କରି ତଦନ୍ତ ଜାରି ରଖିଛି।

**ଅଭିଯୁକ୍ତଙ୍କୁ ଛାଡ଼ିବା ଦାବିରେ ଥାନା ଘେରାଉ**

ମଙ୍ଗଳବାର ସକାଳେ ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣିବା ପରେ ରେଡ୍ଡୀ ସାହିର ଶତାଧିକ ମହିଳା ଓ ପୁରୁଷ ଥାନାରେ ପହଞ୍ଚି ହୋହାଲ୍ଲା କରିଥିଲେ। ପ୍ରାୟ ୪ଘଣ୍ଟା ସେମାନେ ଥାନା ଘେରାଉ କରିଥିଲେ। ପୋଲିସ ଯାହାଙ୍କୁ ଆଣିଛି ସେମାନେ ନିର୍ଦ୍ଦୋଷ ବୋଲି କହିବା ସହ ସେମାନଙ୍କୁ ଛାଡ଼ିବା ପାଇଁ ଜିଦ୍ ଧରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସ ତାଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

- ଆକ୍ରମଣରେ ମା’, ବାପା, ଭଉଣୀ ଆହତ
- ଉଭୟ ପକ୍ଷର ୮ ଗିରଫ, ତଦନ୍ତ ଜାରି

## ଖାଦ୍ୟ ସାମଗ୍ରୀ, ମାସ୍କ ବଣ୍ଟନ

**ଖୋର୍ଦ୍ଧା ଅଫିସ:** କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଫଳରେ ଖଟିଖିଆ, ଦିନ ମଜୁରିଆ ହଇରାଣ ହେଉଛନ୍ତି। ମଙ୍ଗଳବାର ଜଟଣୀ ମାଲଗୋଦାମ ନିକଟ ମଦିନା ବସ୍ତିରେ ଅହମ୍ମଦୀୟା ମୁସଲିମ ସଙ୍ଗଠନ ପକ୍ଷରୁ ୪୦ ଅସହାୟ ଓ ଗରିବ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ଓ ମାସ୍କ ବଣ୍ଟନ କରାଯାଇଛି। ଖୋର୍ଦ୍ଧା ଓ ନୟାଗଡ଼ ଅହମ୍ମଦୀୟା ମୁସଲିମ ସଙ୍ଗଠନର ସଭାପତି ମହମ୍ମଦ ନୁରୁଦ୍ଦିନ ଅମିନ, ସ୍ଥାନୀୟ ସଙ୍ଗଠନର ସଭାପତି ଓସି ଅହମ୍ମଦ, ତାହିର ଅହମଦ ଖାଁ, ମୁବାରକ ଅହମଦ, ସରଫରାଜ ଅହମ୍ମଦ ଜିଶାନ ଏବଂ ମୌଲାନା ଫଜଲ ହକ ଖାଁ ଓ ମୌଲବି ସେକ ଫୁରକାନ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୨.୧୮ ଲକ୍ଷ ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୮।୬ :** କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ଚାଲିଛି। ଏନେଇ ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲ ଅଞ୍ଚଳରେ ଚଢ଼ାଉ ଜାରି ରହିଛି। ବେଆଇନ ଖଣିଜ ପଦାର୍ଥ ଚାଲାଣ ନେଇ ମଙ୍ଗଳବାର ୨.୧୮ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତନ୍ମଧ୍ୟରୁ ଖୋର୍ଦ୍ଧା ତହସିଲ ପକ୍ଷରୁ ୧.୨୦ ଲକ୍ଷ, ଟାଙ୍ଗୀ ତହସିଲ ପକ୍ଷରୁ ୩୮ ହଜାର ଏବଂ ବେଗୁନିଆ ତହସିଲ ପକ୍ଷରୁ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ନେଇ ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି।

### ଏମ୍‌ପିଙ୍କ ଟିକାକରଣ କେନ୍ଦ୍ର ପରିଦର୍ଶନ

**ବେଗୁନିଆ,୮।୬(ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟରେ ଟିକାକରଣ ଜାରି ରହିଛି। କିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକମାନେ ଟିକା ନେଉଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଲି ଦେଖିଛନ୍ତି। ମଙ୍ଗଳବାର ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ଟିକାକରଣ କେନ୍ଦ୍ରକୁ ଏମ୍‌ପି ଷଡ଼ଙ୍ଗୀ ଯାଇ ଡାକ୍ତର ଏବଂ ଲୋକଙ୍କ ସହ ଆଲୋଚନା କରିଛନ୍ତି। ତେବେ ବ୍ଲକ ଅଞ୍ଚଳରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁ ନ ଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପରେ ବୋଲଗଡ଼ ବ୍ଲକ ପିଟୁକୁଳି ଟିକାକରଣ କେନ୍ଦ୍ରକୁ ଯାଇଥିଲେ। ଏହି ଗସ୍ତ ସମୟରେ ରିଷଭ ନନ୍ଦ, ଲୋଟକବିନ୍ଦୁ ପଟ୍ଟନାୟକ, ପ୍ରକାଶ ବିଜୁଳି, ଶାନ୍ତି ଶେଖର ମହାପାତ୍ର, ଯଜ୍ଞ ସୁନ୍ଦରାୟ, ଜିତେନ୍ଦ୍ର ସାହୁ ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### କାଳୀମନ୍ଦିର ହୁଣ୍ଡିରୁ ଚୋରି

**ଜଟଣୀ,୮।୬(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେଳବାଇ ଟ୍ରାଫିକ କଲୋନୀସ୍ଥିତ କାଳୀ ମନ୍ଦିରର ହୁଣ୍ଡିକୁ ଭାଙ୍ଗି କେହି ଦୁର୍ବୃତ୍ତ ସୋମବାର ରାତିରେ ସମସ୍ତ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରାତ୍ରି ଧୂପ ପରେ ମନ୍ଦିର ତାଲା ପଡ଼ିଥିଲା। ମଙ୍ଗଳବାର ପୂଜକ ସପନ ମିଶ୍ର ମନ୍ଦିର ଖୋଲିବା ପାଇଁ ଆସିଥିଲେ। ମନ୍ଦିର ଗ୍ରୀଲର ୪ଟି ତାଲା କଟାଯାଇ ହୁଣ୍ଡି ବାକ୍ସକୁ ଭାଙ୍ଗି ସମସ୍ତ ଦାନ ଅର୍ଥ ସହ ରୋଷେଇ ସାମଗ୍ରୀ ଚୋରି ଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ମନ୍ଦିର କମିଟି ସଦସ୍ୟଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଖବର ଲେଖା ପର୍ଯ୍ୟନ୍ତ ଅଭିଯୋଗ ଆଧାରରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିନଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

### ପିଇଓଙ୍କ ତଦନ୍ତ ଆରମ୍ଭ

**ନିରାକାରପୁର,୮।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ା ଆଦିବାସୀ ସାହିର ଡୁଙ୍ଗେଇ ବେଓ୍ୱା (୫୫) ଭିକ୍ଷାବୃତ୍ତି କରି ଚଳିବା ସହ ପଲିଥିନ୍ ଭଙ୍ଗାଘର ତଳେ ଜୀବନ ବିତାଉଥିଲେ। ଏନେଇ ମେ'୨୭ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ମଙ୍ଗଳବାର ଟାଙ୍ଗୀ ବ୍ଲକ ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଲେଣ୍ଡୋ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଞ୍ଜୀବ ପାଇକରାୟ ଅସହାୟ ବେଓ୍ୱାଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ତାଙ୍କର ରାଶନ କାର୍ଡ ନ ଥିବା ବେଳେ ସେ ଘର ପାଇବା ପାଇଁ ଯୋଗ୍ୟ ବୋଲି ସେ କହିଛନ୍ତି।

# ଚିଲିକାରୁ ୨୨ଶହ ଏକର ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୮।୬(ଡି.ଏନ୍.ଏ.)


ଶ୍ରମିକମାନେ ମାଟିଘେରି ଉଚ୍ଛେଦ କରୁଛନ୍ତି।

ଚିଲିକାକୁ ନେଇ ମତ୍ସ୍ୟଜୀବୀ, ପେସାଦାର ମତ୍ସ୍ୟଜୀବୀ ଏବଂ ପ୍ରଶାସନ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ୪ଦିନ ହେବ ଚିଲିକାରୁ ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୀ ଜିଲା ପ୍ରଶାସନ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଘେରି ଉଚ୍ଛେଦ ୫ ତାରିଖରୁ ଆରମ୍ଭ ହୋଇଛି। ମଙ୍ଗଳବାର ସୁଦ୍ଧା ଚିଲିକାରେ ହୋଇଥିବା ୨୨ଶହ ଏକର ମାଟିଘେରିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଟି ଜେସିବି ମେସିନ ଏବଂ ୬୦ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର ଉଲ୍ଲାସ କୁମାର ସେଠୀ କହିଛନ୍ତି। କରୋନା ସମୟରେ ଲୋକମାନେ ହାତ ବାନ୍ଧି ବସିଥିବା ବେଳେ ପ୍ରଶାସନର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ଚିଲିକା ଉପରେ ନିର୍ଭର କରି ଚଳୁଥିବା ଅଧିବାସୀଙ୍କ ଉପରେ ପ୍ରଶାସନ ଚୁଲିରେ ପାଣି ଢାଳିବା ଭଳି କାର୍ଯ୍ୟ କରାଯାଇଥିବା ସ୍ଥାନୀୟ ଅଧିବାସୀ କହିଛନ୍ତି। ସରକାର ଘେରିଉଚ୍ଛେଦ କାର୍ଯ୍ୟକ୍ରମ ବନ୍ଦ କରିବା ପାଇଁ ସ୍ଥାନୀୟ ଅଧିବାସୀ ସରକାରଙ୍କୁ ନିବେଦନ କରିଛନ୍ତି। ଉଚ୍ଛେଦ କାର୍ଯ୍ୟକ୍ରମରେ ରାଜସ୍ୱ ସୁପରଭାଇଜର ମଧୁସୂଦନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ଜେନା, ସରୋଜ ନାୟକ, ଜ୍ୟୋତିରଞ୍ଜନ ବେହେରା, ତପନ ରାଉତରାୟ, ରାଜୀବଲୋଚନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସାମାନ୍ୟ ଗଣ୍ଡଗୋଳରୁ ଯୁବକଙ୍କୁ ହତ୍ୟା

ଭୁବନେଶ୍ୱର,୮।୬(ବ୍ୟୁରୋ)

- ଆକ୍ରମଣରେ ମା', ବାପା, ଭଉଣୀ ଆହତ
- ଉଭୟ ପକ୍ଷର ୮ ଗିରଫ, ତଦନ୍ତ ଜାରି


ଆକ୍ରମଣରେ ପ୍ରାଣ ହରାଇଥିବା କାର୍ତ୍ତିକ ସାହୁ

ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଲକ୍ଷ୍ମୀସାଗର ଥାନା ଅଧୀନ ବୁଦ୍ଧନଗର ରେଡ୍ଡୀସାହି ବସ୍ତିରେ ସୋମବାର ରାତିରେ ସାମାନ୍ୟ ଗଣ୍ଡଗୋଳରୁ ଜଣେ ଯୁବକଙ୍କୁ ଭୁଜାଲି ଓ ଲୁହାରଡ୍‌ରେ ଆକ୍ରମଣ ଯୋଗୁ ତାଙ୍କର ଜୀବନ ଯାଇଛି। ହତ୍ୟାର ଶିକାର ହୋଇଛନ୍ତି ପିଡବ୍ଲ୍ୟୁଡି ବସ୍ତିର କାର୍ତ୍ତିକ ସାହୁ(୨୧)। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ରେଡ୍ଡୀ ବସ୍ତିର ମୀନା ରେଡ୍ଡୀ (୩୨), ଚନ୍ଦ୍ରା ଓରଫ୍ ଏସ୍.ଚଲପତି ରେଡ୍ଡୀ (୩୩), ଧନରାଜ ରେଡ୍ଡୀ (୨୮), ରାଜୁ ରେଡ୍ଡୀ (୪୦) ଏବଂ ଏସ୍. ସହଦେବ ରେଡ୍ଡୀ (୪୦)। ଏମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ଭୁଜାଲି ଓ ଲୁହାରଡ୍ ଜବତ ହୋଇଛି। ସେହିପରି ଗଣ୍ଡଗୋଳରେ ସମ୍ପୃକ୍ତ ପିଡବ୍ଲ୍ୟୁଡି ବସ୍ତିର ପି. ପ୍ରତାପ (୧୮), ଶ୍ୟାମ କୁମାର(୨୨) ଓ ସନ୍ତୋଷ କୁମାର(୧୮)ଙ୍କୁ ପୋଲିସ ଗିରଫ କରିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ କାର୍ତ୍ତିକଙ୍କ ସ୍କୁଟିରେ ଚନ୍ଦ୍ରାଙ୍କ କାର୍ ଘଷିହୋଇଯାଇଥିଲା। ଏହାକୁ ନେଇ କାର୍ତ୍ତିକ ଓ ତାଙ୍କ ସାଙ୍ଗମାନେ ଚନ୍ଦ୍ରାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଚନ୍ଦ୍ରା ସେଠାରୁ ଚାଲିଯାଇଥିଲେ। ତେବେ ରାତି ପ୍ରାୟ ୧୦. ୩୦ରେ ରେଡ୍ଡୀ ସାହି ବସ୍ତିରୁ ୭ରୁ ୮ଜଣ ଭୁଜାଲି ଏବଂ ଲୁହାରଡ୍ ଧରି କାର୍ତ୍ତିକଙ୍କ ଘର ନିକଟକୁ ଆସିଥିଲେ। ସେଠାରେ କାର୍ତ୍ତିକ ଓ ତାଙ୍କ ସାଙ୍ଗମାନେ ବସିଥିବା ବେଳେ ଏମାନେ ହଠାତ୍ ଆକ୍ରମଣ କରିଥିଲେ। କାର୍ତ୍ତିକଙ୍କ ସାଙ୍ଗମାନେ ଭୟରେ ପଳାଇଥିଲେ। ଫଳରେ କାର୍ତ୍ତିକଙ୍କୁ ଏକୁଟିଆ ପାଇ ସେମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। କାର୍ତ୍ତିକଙ୍କୁ ରକ୍ଷା କରିବାକୁ ତାଙ୍କ ମା', ବାପା ଓ ଭଉଣୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଏହି ସମୟରେ କାର୍ତ୍ତିକଙ୍କ ମା'ଙ୍କ ଗୋଡ଼ରେ ଭୁଜାଲି ଚୋଟ ବାଜିଥିଲା। ତାଙ୍କ ବାପା ଓ ଭଉଣୀ ମଧ୍ୟ ଆହତ ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ କାର୍ତ୍ତିକ ରାସ୍ତାରେ ପଡ଼ି ଛଟପଟ ହେଉଥିବା ବେଳେ ପରିବାର ଲୋକେ ପୋଲିସକୁ ଫୋନ କରିଥିଲେ। ହେଲେ ପିସିଆର୍ ଭ୍ୟାନ ଆସି ଏହା ଉଭୟପକ୍ଷଙ୍କ ଗଣ୍ଡଗୋଳ କହି ପଳାଇଥିଲା ବୋଲି କାର୍ତ୍ତିକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳ ପରେ ଆମ୍ବୁଲାନ୍ସ ଯୋଗେ କାର୍ତ୍ତିକଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଲକ୍ଷ୍ମୀସାଗର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଉଭୟ ପକ୍ଷର ଅଭିଯୋଗ କ୍ରମେ ୮ଜଣଙ୍କୁ ଥାନାକୁ ଆଣିଥିଲା। ଅପରପକ୍ଷ ଗୋଷ୍ଠୀଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ. ୧୮୯/୨୧ ରୁଜୁ କରିଥିବା ବେଳେ କାର୍ତ୍ତିକଙ୍କ ପରିବାର ବର୍ଗଙ୍କ ଅଭିଯୋଗକ୍ରମେ କେସ୍ ନଂ. ୧୯୦/୨୧ ରୁଜୁ କରି ତଦନ୍ତ ଜାରି ରଖିଛି।

# ପ୍ରଶାସନ ଢିଲା: ବଜାରରେ ଅସମ୍ଭାଳ ଭିଡ଼


ସାବିତ୍ରୀ ବ୍ରତ ପୂର୍ବରୁ ଜଟଣୀର ସୀତାରାମ ଛକରୁ ବଡ଼ବଜାର ପର୍ଯ୍ୟନ୍ତ ଲୋକଙ୍କ ଭିଡ଼।

ଜଟଣୀ,୮।୬(ଡି.ଏନ୍.ଏ.)

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଗୁରୁବାର ସାବିତ୍ରୀ ବ୍ରତ ଥିବାରୁ ଜଟଣୀ ସହରରେ ମଙ୍ଗଳବାର ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ସରକାରୀ କଟକଣାକୁ ଫୁ କରି ବେପାର କରିଥିଲେ। ଦୋକାନ ଆଗରେ ସାମାଜିକ ଦୂରତ୍ୱ ନ ଥିବା ବେଳେ ବହୁ ଲୋକ ମାସ୍କ ପିନ୍ଧି ନ ଥିବା ଦେଖିବାକୁ ମିଳିଛି। ରେଳବାଇ ଗୋଲେଇ ମାର୍କେଟରେ ଅସମ୍ଭାଳ ଭିଡ଼ ହୋଇଥିବା ବେଳେ ସୀତାରାମ ଛକ ଓ ବଡ଼ବଜାର ନିର୍ମାଣାଧୀନ ବ୍ରିଜ ତଳେ ବିପଦପୂର୍ଣ୍ଣ ଅବସ୍ଥାରେ ଅନେକ ଉଠା ପରିବା ଓ ବିଭିନ୍ନ ଫଳ ବ୍ୟବସାୟୀ ବେପାର କରିଥିଲେ। ସଂକ୍ରମଣ ରୋକିବା ନିମନ୍ତେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୀତାରାମ ଛକ ଓ ବଡ଼ ବଜାରର ପରିବା ଓ ଫଳ ବ୍ୟବସାୟୀଙ୍କୁ ସ୍ଥାନୀୟ ଚର୍ଚ୍ଚ ପଡ଼ିଆରେ ଅସ୍ଥାୟୀ ଭାବେ ବେପାର କରିବା ପାଇଁ ଅନୁମତି ଦିଆଯାଇଥିଲା। ପ୍ରଶାସନର ନିର୍ଦ୍ଦେଶକୁ ଉଲ୍ଲଂଘନ କରି କେତେଜଣ ଅମାନିଆ ବ୍ୟବସାୟୀ ଖୁଲମ୍‌ଖୁଲା ପସରା ମେଲାଇବାରୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ୧୯୭ ପଜିଟିଭ୍, ୨୪୧ ସୁସ୍ଥ

ଖୋର୍ଦ୍ଧା ଅଫିସ,୮।୬

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମଙ୍ଗଳବାର ୧୯୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୪୧ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୯, ବାଲିପାଟଣା ୯, ଭୁବନେଶ୍ୱର ବ୍ଲକ ୨୨, ଜଟଣୀ ୩୧, ଖୋର୍ଦ୍ଧା ୨୬, ବେଗୁନିଆ ୨୬, ବୋଲଗଡ଼ ୧୨, ଟାଙ୍ଗୀ ୨୧, ଚିଲିକା ୧୦ ଏବଂ ବାଣପୁରର ୧୧ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ମଙ୍ଗଳବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୩,୬୦,୪୨୮ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୨,୮୮୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୧,୪୭୦ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬୮ଜଣଙ୍କ ମୃତ୍ୟୁ ଘଟିଛି। ୧୩୪୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

# ରାଜ୍ୟରେ ଆରମ୍ଭ ହେବ ଆଣ୍ଟିବଡି କକ୍‌ଟେଲ ଥେରାପି

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଖୁବଶୀଘ୍ର ଓଡ଼ିଶାର ମେଡିକାଲ କଲେଜ ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକରେ କରୋନା ରୋଗୀଙ୍କ ପାଇଁ ମୋନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ ଥେରାପି ସେବା ଆରମ୍ଭ ହେବ। ଏ ସମ୍ପର୍କରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ପେଗିଲେଟେଡ୍ ଇଣ୍ଟରଫେରନ୍ ଆଲଫା-୨ ବି, କାସିରିଭିମାବ ଏବଂ ଇମ୍‌ଡେଭିମାବ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ରହିବ। ଏହି ଔଷଧ ଓଡ଼ିଶା ରାଜ୍ୟ ଔଷଧ ନିଗମ ଏବଂ ଅନ୍ୟାନ୍ୟ ମନୋନୀତ ବିତରଣ କେନ୍ଦ୍ରରେ ଷ୍ଟକ୍ ରହିବ। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ଓ ଏମରଜେନ୍ସି ୟୁଥ୍ ଅଥରାଇଜେଶନ ରେଗୁଲେଶନକୁ ପାଳନ କରାଯାଇ ବ୍ୟବହାର କରାଯିବ ବୋଲି ଚିଠିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, କରୋନା ଆକ୍ରାନ୍ତ ହୋଇ ଯେଉଁମାନେ ଗୁରୁତର ହେବାର ଆଶଙ୍କା ଥିବ ସେମାନଙ୍କ ପାଇଁ ଏହି ଚିକିତ୍ସା କରାଯାଏ। ୧୨ରୁ ଊର୍ଦ୍ଧ୍ୱ ଏବଂ ସର୍ବନିମ୍ନ ୪୦କିଲୋ ଓଜନ ଥିବା ଆକ୍ରାନ୍ତଙ୍କ ପାଖରେ ଏହା ବ୍ୟବହାର କରିବା ପାଇଁ ଅନୁମୋଦନ ମିଳିଛି। ଭାରତର ଅନ୍ୟ ରାଜ୍ୟରେ ଏହି ଚିକିତ୍ସା ଆରମ୍ଭ ହୋଇଯାଇଥିବା ବେଳେ ନିକଟରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ମଧ୍ୟ ଏହା ଆରମ୍ଭ ହୋଇଛି।

# ଟାଙ୍ଗୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ଟାଙ୍ଗୀ(ଖୋର୍ଦ୍ଧା),୮।୬(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮ଲକ୍ଷ ୧୭ହଜାର ଗୃହ କିଭଳି ଯୋଗ୍ୟ ହିତାଧିକାରୀ ପାଇବେ ସେ ନେଇ ମଙ୍ଗଳବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ, ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଗୃହ ପ୍ରଦାନ, ଜନସଂଖ୍ୟା ଆଧାରରେ ସମାନୁପାତିକ ହାରରେ ପ୍ରତ୍ୟେକ ପଞ୍ଚାୟତକୁ ଗୃହ ବଣ୍ଟନ କରିବା ପ୍ରମୁଖ ରହିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ, ପୂର୍ଣ୍ଣଚନ୍ଦ୍ର କଳସ, ପବିତ୍ର ହରିଚନ୍ଦନ, ଆଲୋକ ରଞ୍ଜନ ଛୋଟରାୟ, ବିପିନ ପାଟଶାଣୀ, ପ୍ରତାପ ମହାପାତ୍ର, ଗଙ୍ଗାଧର ବେହେରା, କିଶୋର ବରାଳ, ରାମଚନ୍ଦ୍ର ପରିଡ଼ା, ମିତ୍ରଭାନୁ ସୁବୁଦ୍ଧି ପ୍ରମୁଖ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲାକୁ ୧୪ ହଜାର ଗୃହ ଆସିଥିବା ନେଇ ଜଣାପଡ଼ିଛି।

# ଖୋର୍ଦ୍ଧା ଉପଖଣ୍ଡରେ ୮୮୨ ସକ୍ରିୟ ସଂକ୍ରମିତ

ଖୋର୍ଦ୍ଧା ଅଫିସ,୮।୬

ଖୋର୍ଦ୍ଧା ସବ୍‌ଡିଭିଜନରେ ସଂକ୍ରମଣ ତୁଳନାରେ ସୁସ୍ଥହାର ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ୧୦୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ୧୪୨ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହି ଉପଖଣ୍ଡରେ ବର୍ତ୍ତମାନ ସୁଦ୍ଧା ୫,୧୫୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୪,୨୬୩ ସୁସ୍ଥ ହୋଇଛନ୍ତି। ୮୮୨ଜଣ ସକ୍ରିୟ ରହିଛନ୍ତି। କୋଭିଡ୍‌ର ଦ୍ୱିତୀୟ ଲହରରେ ୯ଜଣଙ୍କ ମୃତ୍ୟୁ ଘଟିଛି। ସଂକ୍ରମଣ ରୋକିବା ଲାଗି ନମୁନା ସଂଗ୍ରହ ଏବଂ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ୧୪ କେନ୍ଦ୍ରରେ ଦୈନିକ ୧୪୦୦ ଜଣଙ୍କୁ ଟିକା ଦେବା ପାଇଁ ବ୍ୟବସ୍ଥା ରହିଛି। ସେଥିରୁ କେବଳ ପିଏନ୍ କଲେଜ କେନ୍ଦ୍ରରେ ୩୦୦ଜଣଙ୍କୁ ଟିକା ଦେବା ବ୍ୟବସ୍ଥା ରହିଥିବା ବେଳେ ଅନ୍ୟ କେନ୍ଦ୍ରରେ ୧୦୦ ଜଣଙ୍କୁ ଟିକା ଦିଆଯିବା ବ୍ୟବସ୍ଥା ରହିଛି। ସେହିପରି ସମସ୍ତ ସିଏଚ୍‌ସି ଏବଂ ହାଇସ୍କୁଲରେ ଆୟୋଜିତ ଟିକାଦାନ କେନ୍ଦ୍ରରେ ଦୈନିକ ୧୬୦୦ ଜଣଙ୍କୁ ଟିକା ଦେବା ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ସମେତ ସମସ୍ତ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟକୁ କଡାକଡି କରାଯାଇଛି। ଗ୍ରାମାଞ୍ଚଳରେ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀ, ଆରଆରଟି ଟିମ୍ ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି।


ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡଠାରେ ମଙ୍ଗଳବାର ପୋଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି।

# ବ୍ଲକ ପ୍ରଶାସନର ତଦନ୍ତ ଆରମ୍ଭ

ନିରାକାରପୁର, ୮।୬(ଡି.ଏନ୍.ଏ.)

**ପୋଖରୀଖୋଳା ନାଁରେ ମାଙ୍କଡ଼ା ପଥର ବିକ୍ରି ଘଟଣା**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ ରାଉଳହଜ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ)ରେ ନୂତନ ପୋଖରୀ ଖୋଳାଯିବା ନେଇ ପ୍ରଶାସନ ପକ୍ଷରୁ ୱାର୍କ ଅର୍ଡର ଦିଆଯାଇଛି। ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେଉଥିବା ଏହି କାର୍ଯ୍ୟ ମେ ୨୮ରୁ ପୋଖରୀ ଖନନ ଜାରି ରହିଛି। ଶ୍ରମିକଙ୍କ ପରିବର୍ତ୍ତେ ଏଠାରେ ମେଶିନରେ କାର୍ଯ୍ୟ କରାଯାଉଛି। ତେବେ ପୋଖରୀ ଖୋଳା ନାଁରେ ପାଓ୍ୱାରଟିଲରରେ ମାଙ୍କଡ଼ା ପଥର କଟାଯାଇ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ବ୍ଲକ ଯନ୍ତ୍ରୀ ଅଶୋକ ମିଶ୍ରଙ୍କ ସହ ଆଉ ଜଣେ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଥିଲେ।

# ଚୋରା ମଦ ବେପାରୀଙ୍କୁ ସୁହାଉଛି ଲକ୍‌ଡାଉନ

ବୋଲଗଡ଼/ନିରାକାରପୁର/ବାଣପୁର, ୮।୬(ଡି.ଏନ୍.ଏ.)

- ୨୨ ପେଟି ମଦ ଜବତ, ବ୍ୟବସାୟୀ ଗିରଫ
- ୯,୩୩୫ ଲିଟର ପୋଚ, ରନ୍ଧାମଦ ଜବତ



କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହିସମୟରେ ବୋଲଗଡ଼ ଅଞ୍ଚଳରେ ଚୋରା ମଦ ବେପାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ବୋଲଗଡ଼ ପୋଲିସ ମଙ୍ଗଳବାର ବୋଲଗଡ଼ ଗ୍ରାମ ତୃତୀୟାପଡା ସାହିରେ ଚଢ଼ାଉ କରି ୨୨ ପେଟି ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ତୃତୀୟାପଡାର ସନ୍ତୋଷ ଜେନା(୪୦)। ବିଭିନ୍ନ କମ୍ପାନୀର ୧୩୯.୫ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ଚନ୍ଦନ ସାହୁ କହିଛନ୍ତି। ଏନେଇ ଥାନାରେ ମାମଲା (ନଂ.୮୮/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ତୃତୀୟାପଡ଼ା ଅଞ୍ଚଳରେ ଚୋରା ମଦ ବ୍ୟବସାୟ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଆଇ ସାହୁ ସାଦା ପୋଷାକରେ ତୃତୀୟାପଡାରେ ପହଞ୍ଚି ଏକ ଦୋକାନୀଙ୍କୁ ମଦ ଦେବାକୁ କହିଥିଲେ। ଦୋକାନୀ ମଦ ଦେବା ପରେ ଏସ୍‌ଆଇ ସାହୁ ଓ ତାଙ୍କ ସହ ଯାଇଥିବା ପୋଲିସ କର୍ମଚାରୀମାନେ ଜେନାଙ୍କୁ କାବୁ କରିନେଇଥିଲେ। ଦୋକାନରେ ଅଳ୍ପ ମଦ ବୋତଲ ଜବତ କରିବା ପରେ ନିକଟସ୍ଥ ଏକ ଘରୁ ବିପୁଳ ମଦ ଜବତ କରିଥିଲେ।

ସେହିପରି ଜଙ୍କିଆ ଥାନା ଓ ସିକୋ ଫାଣ୍ଡି ପୋଲିସ ଏକଡାଲିଆ ଜଙ୍ଗଲରେ ଚଢ଼ାଉ କରି ୩ହଜାର ଲିଟର ପୋଚ, ୧୬୦ଲିଟର ରନ୍ଧାମଦ ସମେତ ଗୋଟିଏ ଜେନେରେଟର, ୩ ଗ୍ୟାସ୍ ଟାଙ୍କି, ପାଣି ମୋଟର ପମ୍ପ,୧୮ ଡ୍ରମ, ୩ ବଡହଣ୍ଡା ଜବତ କରିଛି। ଚଢ଼ାଉ ପୂର୍ବରୁ ସେଠାରୁ ଅଭିଯୁକ୍ତମାନେ ଖସିଯାଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୧୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ବାଣପୁର ବ୍ଲକ ଦାମିଆ ବରବରା ପଞ୍ଚାୟତର ଦୁଇଟି ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୬୧୭୫ ଲିଟର ଦେଶୀ ମଦ ଜବତ କରିଛି। ତେବେ ମଦ ବେପାରୀମାନେ ଖସି ପଳାଇଥିଲେ। ଜିଲା ଅବକାରୀ ଉପଅଧୀକ୍ଷିକା ସୁମିତ୍ରା ଓରାମଙ୍କ ନେତୃତ୍ୱରେ ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ କର୍ମଚାରୀଙ୍କ ସମେତ ବାଣପୁର ପୋଲିସର ଏକ ଟିମ୍ ପଞ୍ଚାୟତର କୋଷରଡା ଏବଂ ପ୍ରଧାନ ସାହିରେ ଚଢ଼ାଉ କରିଥିଲେ। ଦୁଇଟି ସ୍ଥାନରୁ ୬ହଜାର ଲିଟର ଓ ୧୭୫ଲିଟର ରନ୍ଧାମଦ ଜବତ କରାଯାଇଥିଲା। ବାଣପୁର ଅତିରିକ୍ତ ତହସିଲଦାର ପ୍ରମୋଦ ପାଢୀ ଏହି ଚଢ଼ାଉରେ ସାମିଲ ଥିଲେ।

# ଜିଲାରେ ୨ ଲକ୍ଷ ଟିକା ନେଲେଣି

ଖୋର୍ଦ୍ଧା ଅଫିସ,୮।୬


ଟିକା ନେବା ପାଇଁ ଲୋକେ ଅପେକ୍ଷା କରିଛନ୍ତି।

କରୋନା ସଂକ୍ରମଣ ରୋକିବା ପାଇଁ ଖୋର୍ଦ୍ଧା ଜିଲାରେ ଟିକାକରଣ ଜାରି ରହିଛି। ମଙ୍ଗଳବାର ସୁଦ୍ଧା ବିଭିନ୍ନ ବର୍ଗର ୨,୧୨,୮୦୭ଜଣ ଟିକା ନେଇଛନ୍ତି। ୧୮ରୁ ୪୪ଯୁବବର୍ଗ ୧୯,୮୦୮ଜଣ ଟିକା ନେଇଛନ୍ତି। ମଙ୍ଗଳବାର ୨୪ଟି କେନ୍ଦ୍ରରେ ୧୮୫୨ଜଣ ଟିକା ନେଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେଥିରୁ ଆଗଧାଡିର ଯୋଦ୍ଧା ୩୦ ଏବଂ ସ୍ୱାସ୍ଥ୍ୟକର୍ମୀ ଜଣେ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ୪୫ବର୍ଷରୁ ଊର୍ଦ୍ଧ୍ୱ୯୪୪ ପ୍ରଥମ ଓ ୩୫ ଦ୍ୱିତୀୟ ଡୋଜ ଟିକା ନେଇଥିବା ବେଳେ ୬୦ବର୍ଷରୁ ଊର୍ଦ୍ଧ୍ୱ ୪୫୬ଜଣ ପ୍ରଥମ ଓ ୩୨୩ ଜଣଙ୍କୁ ଟିକା ଦିଆଯାଇଛି। ୧୮ରୁ ୪୪ବର୍ଗ (ସାଧାରଣ) ୬୩ଜଣ ନେଇଛନ୍ତି।

### ବିଦେଶରେ ପଢ଼ିବାକୁ ଥିବା ବିଦ୍ୟାର୍ଥୀଙ୍କୁ ଟିକା

ବିଦେଶରେ ଶିକ୍ଷାଲାଭ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦେବା ଲାଗି ସରକାର ଘୋଷଣା କରିଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଟିକାକରଣ ବ୍ୟବସ୍ଥା କରାଯାଇଛି। ଏହି ଟିକାକରଣ ବ୍ୟବସ୍ଥା ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟିକାଦାନ କରାଯିବ। ଇଚ୍ଛୁକ ବିଦ୍ୟାର୍ଥୀ ଆବଶ୍ୟକ ପ୍ରମାଣପତ୍ର ସହ ସାଥିରେ ନେଇ ଆସିବେ। ଟିକା ନେବା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରଦ୍ୟୁମ୍ନ ମିଶ୍ରଙ୍କ ମୋବାଇଲ ନଂ.୯୪୩୭୧୯୮୮୧୩ରେ ଯୋଗାଯୋଗ କରିବେ। କେଉଁ ଦିନ ଟିକା ନେବେ, ତାରିଖ ଏବଂ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଟିକା ନେଇପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

### ଲେପର୍ସି କଲୋନୀରେ ୪୦ଙ୍କୁ ଟିକା

କରୋନା ସଂକ୍ରମଣକୁ ଏଡାଇବା ଲାଗି ସରକାର ଅସହାୟ, ଗରିବ, ବୃଦ୍ଧାଶ୍ରମରେ ଟିକା ଦେବା ଲାଗି ଘୋଷଣା କରିଥିଲେ। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାର ଦୁଇଟି ବୃଦ୍ଧାଶ୍ରମ, ଜରା ନିବାସରେ ଟିକାଦାନ ପରେ ଖୋର୍ଦ୍ଧାସ୍ଥିତ ଶାନ୍ତିଧାନ ଲେପର୍ସି କଲୋନୀରେ ମଙ୍ଗଳବାର ଟିକାଦାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୦ଜଣଙ୍କୁ ଟିକା ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତଙ୍କୁ ଟିକାଦାନ ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ରାସ୍ତାକଡରେ ବୁଲୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## କଣାସ ବ୍ଲକରେ ୮୦୫ ପଜିଟିଭ୍

କଣାସ,(ସ୍ୱ.ପ୍ର.)- କଣାସ ବ୍ଲକରେ ଗତ ୬ଦିନ ହେବ କରୋନା ସଂକ୍ରମଣ ସଂଖ୍ୟା କମୁଥିବାବେଳେ ମଙ୍ଗଳବାର ୧୧ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ବ୍ଲକରେ ବର୍ତ୍ତମାନ ସୁଦ୍ଧା ମୋଟରେ ପଜିଟିଭ ସଂଖ୍ୟା ୮୦୫ରେ ପହଞ୍ଚିଛି। ସେଥିମଧ୍ୟରେ ୫୯୩ଜଣ ସୁସ୍ଥ ହୋଇଥିବା ବେଳେ ୬ଜଣଙ୍କର ମୃତ୍ୟୁ ହୋଇଛି। ୧୯୩ଜଣ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ୧୩ଜଣ ବିଭିନ୍ନ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରକାଶ। ମଙ୍ଗଳବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଅଁଳାଯୋଡିରୁ ୪ଜଣ, ବଡଓରା ୨, ଗଡବଡପୁଟ ୨, ମଙ୍ଗଳପୁର ୧, ବରାଗଡ ୧, ପଣିଆପଡା ୧ ରହିଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି।




୦୮।୦୬।୨୦୨୧
୯୮୯ ଟଙ୍କା

## ସଂକ୍ଷେପରେ

### ଆଜି ନୂଆ କେନ୍ଦ୍ରରେ ହେବ ଟିକାଦାନ

ସାକ୍ଷୀଗୋପାଳ,୮।୬(ସ୍ୱ.ପ୍ର.)- ସତ୍ୟବାଦୀ ବ୍ଲକରେ ବୁଧବାର କେତୋଟି ନୂଆ ଟିକା କେନ୍ଦ୍ରରେ ସକାଳ ୯ଟାରେ ଟିକା ପ୍ରଦାନ କରାଯିବ। ନୂତନ ଟିକାକେନ୍ଦ୍ରଗୁଡ଼ିକ ହେଲା ବାରମାଣସାହି ଅଙ୍ଗନୱାଡି କେନ୍ଦ୍ର, ବୀରରାମଚନ୍ଦ୍ରପୁରରେ ୨୦୦ଜଣ, ଦାସବିଦ୍ୟାଧରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ୨୦୦ ଜଣ, ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ, ସାଣ୍ଡରାଶାସନରେ ୨୦୦ ଜଣ ଏଥିସହିତ ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ ୫୦ ଜଣଙ୍କ ଟିକାକରଣ ହେବ। କେନ୍ଦ୍ରରେ ୪୫ ବର୍ଷ ଓ ତଦୁର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଡୋଜ ଟିକା ପ୍ରଦାନ କରାଯିବ।

### ପିପିଲିରେ ଗଡ଼ିଲା ରାଜସ୍ୱ ରଥ

ପିପିଲି,୮।୬(ସ୍ୱ.ପ୍ର./ ଡି.ଏନ୍.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିପିଲିରେ ରାଜସ୍ୱ ରଥର କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଶୁଭାରମ୍ଭ କରାଯାଇଛି। ପିପିଲି ତହସିଲଦାର ସପନ କୁମାର ନନ୍ଦ ଏହି ରାଜସ୍ୱ ରଥକୁ ଶୁଭାରମ୍ଭ କରିଥିବା ବେଳେ ଏଥିରେ ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ, ପିପିଲି ବିଡିଓ ରଶ୍ମିତା ନାଥ, ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ରାଜସ୍ୱ ରଥ ପିପିଲିର ହରିଅନ୍ତାପାଟଣା, ଜଗନ୍ନାଥପୁର, ପାଣିଦୋଳ ଏବଂ ପିପିଲି ପୌରାଞ୍ଚଳ ଆଦି ଗ୍ରାମ ପରିକ୍ରମା କରିଥିବା ବେଳେ ସାଧାରଣ ଲୋକଙ୍କ ୧୦ଟି ଜମି ପଟ୍ଟା ସହିତ ଅନ୍ୟାନ୍ୟ ସାର୍ଟିଫିକେଟ ଏବଂ ୨ ଜଣଙ୍କୁ ରେଡକ୍ରସ ଚେକ ପ୍ରଦାନ କରାଯାଇଛି ବୋଲି ପିପିଲି ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା କହିଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ ଅଫିସ, ୮।୬ - ପୁରୀ ସଦରଥାନା ଅନ୍ତର୍ଗତ ସିପ ସରୁବାଲି ନିକଟରେ ମଙ୍ଗଳବାର ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆହତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ଗୋରୁଆଳ ବାଲିପଡ଼ାର ସନ୍ତୋଷ ପ୍ରଧାନ। ଆକ୍ରମଣରେ ତାଙ୍କର ଡାହାଣ ହାତ ପାପୁଲି କଟିଯିବା ସହ ମୁଣ୍ଡରେ ଆଘାତ ଲାଗିଛି।

# କରୋନା ପାଇଁ ଫିକା ପଡ଼ିଲା ବଜାର ହାଟ

- ରାତି ପାହିଲେ ସାବିତ୍ରୀ
- କଟକଣା କୋହଳ କରିବାକୁ ନିବେଦନ

ପୁରୀ ଅଫିସ, ୮।୬

ଆଉ ଦିନକ ପରେ ସାରା ଓଡ଼ିଶାରେ ପାଳିତ ହେବ ସାବିତ୍ରୀ ବ୍ରତ। ଓଡ଼ିଆ ଘରର ସଧବା ନାରୀମାନଙ୍କର ସବୁଠାରୁ ବଡ଼ ପର୍ବ ଭାବେ ସାବିତ୍ରୀ ବ୍ରତକୁ ବିବେଚନା କରାଯାଏ। ସଧବା ନାରୀମାନେ ସ୍ୱାମୀଙ୍କର ଆୟୁଷ ଏବଂ ମଙ୍ଗଳ କାମନା କରି ବ୍ରତ ପାଳନ କରିଥାନ୍ତି। ତେବେ ପ୍ରତି ବର୍ଷ ସାବିତ୍ରୀ ବ୍ରତ ପୂର୍ବରୁ ବେଶ ଚଳଚଞ୍ଚଳ ହୋଇ ଉଠିଥାଏ ବିଭିନ୍ନ ଦୋକାନ ବଜାର। ଶାଢ଼ି, ଶଙ୍ଖା, ସିନ୍ଦୂର ଏବଂ ସାବିତ୍ରୀ ଭାର କିଣିବା ନିମନ୍ତେ ବିଭିନ୍ନ ଫଳ ଦୋକାନଠାରୁ ଆରମ୍ଭ କରି ଶାଢୀ ଏବଂ ଷ୍ଟେଶନେରି ଦୋକାନରେ ଲୋକମାନଙ୍କର ବେଶ ଭିଡ଼ ଦେଖିବାକୁ ମିଳିଥାଏ। ତେବେ ଚଳିତବର୍ଷ କରୋନା ମହାମାରୀର ଦ୍ୱିତୀୟ ଲହର ଜନିତ କଟକଣା କାରଣରୁ ସାବିତ୍ରୀ ବଜାର ପୂରା ଫିକା ପଡ଼ିଛି। ତେବେ କଟକଣା ମଧ୍ୟରେ ସାବିତ୍ରୀ ବ୍ରତକୁ କିପରି ପାଳନ କରିବେ ସେ ନେଇ ସଧବା ନାରୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। କରୋନା କାରଣରୁ ଲୋକମାନଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ବଜାରରେ ବିଭିନ୍ନ ଜିନିଷର ତାଙ୍କ ସାବିତ୍ରୀ ବ୍ରତ ଉପରେ ପ୍ରଭାବ ପକାଉଥିବା ଦେଖିବାକୁ ମିଳୁଛି। ସେହପରି ଲକ୍‌ଡାଉନ କଟକଣା କାରଣରୁ ବ୍ୟବସାୟୀମାନେ ଆଶା ରୂପକ ବ୍ୟବସାୟ କରିପାରୁ ନ ଥିବା କହିଛନ୍ତି। ତେଣୁ ସରକାର ଲକ୍‌ଡାଉନ ନିୟମରେ କୋହଳ କଲେ ବ୍ୟବସାୟୀମାନେ କିଛି ବ୍ୟବସାୟ କରିପାରନ୍ତେ ବୋଲି କାଚ ବ୍ୟବସାୟୀ ତ୍ରିଲୋଚନ ସାହୁ କହିଛନ୍ତି। ସେହିପରି ଫଳ ବ୍ୟବସାୟୀ ଲିପନ ପୃଷ୍ଟି କହିଛନ୍ତି, ସାବିତ୍ରୀରେ ବିଭିନ୍ନ ଫଳର ଚାହିଦା ରହିଥାଏ। ପୂଜା ଉଦ୍ଦେଶ୍ୟ ଏବଂ ବିବାହିତ ଝିଅକୁ ଭାର ଦେବା ଉଦ୍ଦେଶ୍ୟରେ ବିଭିନ୍ନ ଫଳମୂଳ କିଣିଥାନ୍ତି। କିନ୍ତୁ କଟକଣା ଯୋଗୁ ଏବର୍ଷ ବ୍ୟବସାୟ ମାନ୍ଦା ରହୁଛି। ତେଣୁ ସରକାର ସମସ୍ୟାକୁ ବୁଝି ଲକଡାଉନ ନିୟମରେ କିଛିଟା କୋହଳ କଲେ ଭଲ ହୁଅନ୍ତା। ଅପରପକ୍ଷେ କଟକଣା କାରଣରୁ ଫଳ ବିଶେଷ ବିକ୍ରି ହେଉ ନ ଥିବାରୁ ଅଧିକ ସଂଖ୍ୟାରେ ଫଳ ନଷ୍ଟ ହେଉଛି। ତେଣୁ ବ୍ୟବସାୟୀମାନେ ବିଶେଷ କ୍ଷତି ସହୁଛନ୍ତି ବୋଲି ପୃଷ୍ଟି କହିଛନ୍ତି। ସେହିଭଳି କରୋନା ଯୋଗୁ ସମସ୍ତ ଦେବାଳୟଗୁଡିକ ବନ୍ଦ ରହିଛି। ତେଣୁ ଠାକୁରଙ୍କୁ ସ୍ମରଣ କରି ଘରେ ପୂଜା କରିବେ ବୋଲି ବ୍ରତଧାରୀ ମିତା ପ୍ରଧାନ କହିଛନ୍ତି। କରୋନା ପାଇଁ ବହୁ ଅସୁବିଧା ହେଉଛି। ଦୋକାନ ବଜାର ବନ୍ଦ ରହିବା କାରଣରୁ ମନ ପସନ୍ଦର ଶାଢ଼ି, କାଚ ଆଦି କିଣିହେଉ ନାହିଁ। ଚଳିତ ବର୍ଷ ଫଳଗୁଡିକର ଦର ଢେର ଅଧିକା ରହଛି। ଯାହାଫଳରେ ବଜେଟକୁ ଦେଖି କମ୍ କିଣିବାକୁ ପଡୁଛି। ତେବେ ଯାହା କିଛି ମିଳୁଛି ସେଥିରେ ସାବିତ୍ରୀ ବ୍ରତ କରିବାକୁ ପଡିବ ବୋଲି ବ୍ରତଧାରୀ ପ୍ରଧାନ କହିଛନ୍ତି।



ପ୍ରାକ୍ ମୌସୁମୀ ଯୋଗୁ ମଙ୍ଗଳବାର ଅପରାହ୍ଣରେ ବର୍ଷା ହେବା ପୂର୍ବରୁ ପୁରୀ ସମୁଦ୍ର ବେଳାଭୂମିରେ କଳାବାଦଲ ଛାଇଯାଇଛି ।

# ଟାୱାର ତଳେ ପଡ଼ିଲା ମାଟି

**ଧରିତ୍ରୀ ପ୍ରଭାବ**

- ବେଆଇନ ଭାବେ ମାଟି ଖୋଳି ନେବା ଘଟଣା

ପୁରୀ ଅଫିସ,୮।୬:

ଶ୍ରୀଜଗନ୍ନାଥ ମେଡିକାଲ କଲେଜ ମୁଖ୍ୟ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗୀୟ ଅଧିକାରୀମାନେ ରାସ୍ତା ନିର୍ମାଣ କରିବା ପାଇଁ ବାଲି କେଉଁଠାରୁ ଆସିଥିଲା କହିବାରେ ସମର୍ଥ ହେଉନାହାନ୍ତି। ଏ ନେଇ ଯୋଗାଯୋଗ କରିବାକୁ ଚେଷ୍ଟା କରାଗଲେ ମଧ ଫୋନ୍ ଉଠାଉନାହାନ୍ତି। ଏପରି ସ୍ଥଳରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଥିବା ଅଭିଯୋଗ ଧରିତ୍ରୀରେ ଲଗାତର ପ୍ରକାଶ ପାଇବା ପରେ କୌଣସି ଗୋଷ୍ଠୀ ଓପିଟିସିଏଲ୍ ଟାୱାର ତଳେ ମାଟି ପକାଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ଅଭିଯୋଗରେ ସତ୍ୟାସତ୍ୟ ନ ଥିଲେ, ଟାୱାର ତଳେ ମାଟି ପକାଗଲା କାହିଁକି। ରାସ୍ତା ଓ କୋଠା ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଶ ଚନ୍ଦ୍ର ରଥ ଓ ଠିକାଦାର ଉଭୟ ମତ ରଖିଥିଲେ ଯେ, ବାଲି ମାଫିଆମାନେ ବାଲି ଚୋରିକରି ନେଇ ଥାଇପାରନ୍ତି। ତେବେ ଏକଥା ଯଦି ସତ ତେବେ ଏବେ କ'ଣ ଏହା ବିଶ୍ୱାସଯୋଗ୍ୟ ଯେ ବାଲିମାଫିଆମାନେ ଟାୱାର ତଳେ ମାଟି ପକାଇଛନ୍ତି। ଅନ୍ୟପକ୍ଷରେ ଜଗନ୍ନାଥ ମେଡିକାଲ କଲେଜକୁ ନିର୍ମାଣ ହେଉଥିବା ମୁଖ୍ୟ ରାସ୍ତା ଆମ୍ବୁଲାନ୍ସ କରିଡର ଭାବେ ବିକଶିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଠିକାଦାର ନିର୍ମାଣ କରିଥିବା ରାସ୍ତାର ଦୁଇ ପାଖରେ ୧୦ ଫୁଟ୍‌ର ଗାତ ଥିବା ହେତୁ ବର୍ଷାଦିନେ ରାସ୍ତା ଦୁର୍ବଳ ହେବାର ଆଶଙ୍କା ରହୁଛି। ଏଭଳି ସ୍ଥଳରେ ରୋଗୀଙ୍କ ଯାତାୟାତର ସୁରକ୍ଷାକୁ ନେଇ ମଧ ପ୍ରଶ୍ନ ସୃଷ୍ଟି ହୋଇଛି। ଏନେଇ କଂଗ୍ରେସ ନେତା ଆଲୋକ କୁମାର ଦାସ କହିଛନ୍ତି ଯେ, ସରକାରୀ ନିୟମକୁ ଫୁ କରି ଖୋଲାଖୋଲି ଭାବେ ବାଲି ଖୋଳିନେଇ ଦୁର୍ନୀତି ହୋଇଛି। ବାଲି ଫିଲିଂ ପାଇଁ ଦରକାର ହେଉଥିବା ଫର୍ମ ସମ୍ପର୍କିତ ତଥ୍ୟ ତହସିଲଦାର କିମ୍ବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ପାଖରେ ରହିଛି କି। ସମ୍ପୃକ୍ତ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କାର ବାଲି ଆବଶ୍ୟକ ହୋଇଥିବ। ଉକ୍ତ ବାଲି କେଉଁଠାରୁ ଆସିଛି ତାହା ବିଭାଗୀୟ କର୍ତ୍ତୃପକ୍ଷମାନେ ଜଣାଇବା ଉଚିତ୍।

### ବିଭିନ୍ନ ଅପରାଧରେ ୩ ଗିରଫ

ପୁରୀ ଅଫିସ, ୮।୬

ବଟି ମାଗିବା, ଧମକାଇବା ଏବଂ ଆକ୍ରମଣ କରିବା ଅଭିଯୋଗରେ ବଳିଆପଣ୍ଡା ସାହି ଥାନା ପୋଲିସ ମଙ୍ଗଳବାର ୩ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବଳିଆପଣ୍ଡା ବସ୍ତି ଶାନ୍ତି ଗେଷ୍ଟ ହାଉସ ଲେନ୍‌ରେ ରହୁଥିବା ସୁରେନ୍ଦ୍ର ନାୟକ (୨୪), ବଳିଆ ପଣ୍ଡା ବସ୍ତି ମଦନ ଭିଲା ପଛ ପାର୍ଶ୍ୱର ଦୀପଙ୍କର ରଥ (୨୨) ଏବଂ ବିଶ୍ୱନାଥ ନଗରର ଜଗନ୍ନାଥ ଜେନା (୨୧)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ବାଇକ ଜବତ କରିବା ସହ ନଗଦ ୪୬୦ ଟଙ୍କା ଜବତ କରିଛି। ପୋଲିସ ଏ ନେଇ କେସ ନଂ.୮୮/୨୧ରେ ଏକ ମାମଲା ରୁଜୁ କରିଛି। ବଳିଆ ପଣ୍ଡା ବିଶ୍ୱନାଥ ନଗର ଅଞ୍ଚଳରେ ବାସ କରୁଥିବା ଖୋର୍ଦ୍ଧା ଅଞ୍ଚଳର ସର୍ବେଶ୍ୱର ପରିଡା ନିଜ କାର୍ଯ୍ୟ ସ୍ଥଳରେ କାମ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ତିନି ଜଣ ତାଙ୍କ ନିକଟକୁ ବାଇକରେ ଆସି ବଟି ମାଗିବା ସହ ଛୁରି ଦେଖାଇ ତାଙ୍କ ଶାର୍ଟ ପକେଟରୁ ୯୪୦ ଟଙ୍କା ନେବା ସହ କିଛି କାଗଜପତ୍ର ନେଇଯାଇଥିଲେ। ଏ ନେଇ ସର୍ବେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ପୁରୀ ଅଫିସ, ୮।୬

ବେଆଇନ ଭାବରେ ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ଜିଲା ଅବକାରୀ ବିଭାଗ ସୋମବାର ସଦର ଥାନା ଅନ୍ତର୍ଗତ କାଶୀ ହରିପୁରଠାରେ ଚଢାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୦.୨୬୦ ଲିଟର ବିଦେଶୀ ମଦ ଓ ୧୨ ଲିଟର ବିଅର ଜବତ କରାଯାଇଛି । ସେ ହେଲେ ରାମଚଣ୍ଡୀ ଥାନା ଅନ୍ତର୍ଗତ ହାଇଁ ଗୋରାର ଗିରିଧାରୀ ସିଂ (୩୯) । ଗିରିଧାରୀ କାଶୀ ହରିପୁର ଠାରେ ବେଆଇନ ଭାବେ ମଦ ରଖି ବିକ୍ରି କରୁଥିବା ନେଇ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ପୁରୀ ଅବକାରୀ ଥାନା ଓଆଇସି ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ଏଏସଆଇ ସନ୍ତୋଷ କୁମାର ନାୟକ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗିରିଧାରୀଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲେ ।

## ରଥଖଳାରୁ

# ତିନି ରଥର ୩୮ ଚକ ନିର୍ମାଣ ସରିଲା



ସେବକମାନେ କମାରଶାଳାରେ ରଥକଣ୍ଟା ପ୍ରସ୍ତୁତ କରୁଛନ୍ତି ।

ପୁରୀ ଅଫିସ ୮।୬

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ତିନିରଥର ୩୮ ଚକର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସରିଛି । ଏଥିସହ ତିନିରଥର ୪ଟି ଲେଖାଏ ଚାରିନାହାକାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ତିନିରଥ ପାଇଁ ଦୁଇଟି ଲେଖାଁଏ ଗରଗରା ଚଉପଟ କାମ ଚାଲୁରହିଛି। ସୋମବାର ଅନୁକୂଳ ପୂଜା ସରି ୯ଟି ଦଣ୍ଡାର ଚଉପଟ କାମ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ୩ଟି ଲେଖାଏ ଦଣ୍ଡାର ଚଉପଟ କାମ ଶେଷ ହୋଇଛି। ସେହିପରି ଦଣ୍ଡାରେ ସଂଯୋଗ ପାଇଁ ଦୁଇଟି ଲେଖାଁଏ ମୁହାଁଟରେ ପାଞ୍ଚ ବିନ୍ଧ ଖୋଦେଇ କାମ ଶେଷ ହୋଇଛି। ଦୋଳବେଦିରେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ କାମ ଶେଷ ହୋଇ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପାଇଁ ଗୟଳ କାଠର ଉଭୟ ପାର୍ଶ୍ୱ ବାରିସିରେ ସମତଳ କାମ ଚାଲୁରହିଛି। ରୂପକାର ସେବକମାନେ ତିନି ରଥର କୋଣ ଗୁଜରେ ସିଂହ ବିରାଳ ରୂପ ଖୋଦେଇ କାମ ଜାରିରଖିଛନ୍ତି। ରୂପ ଖୋଦେଇ ପରେ ପଲିସ ସରିଥିବା ମୂର୍ତ୍ତିଗୁଡିକରେ ଅଳଙ୍କାର ପକାଯାଉଛି। ତାଳଧ୍ୱଜ ରଥର ୧୪ଟି ଚକ ମଧ୍ୟରୁ ୧୩ ନମ୍ବର ଚକର ନିର୍ମାଣ ଶେଷ ହୋଇଛି। ଦଣ୍ଡାର ଚଉପଟ କାମ ଆରମ୍ଭ ହୋଇ ତିନୋଟିର ଚଉପଟ କାମ ସରିଛି। ଏଥିସହ ଦୁଇଟି ଲେଖାଏ ମୁହାଟର ବିନ୍ଧ ଖୋଦେଇ କାମ ଶେଷ ହୋଇଛି। ଦୁଇଟି ଗରଗରାର ଚଉପଟ କାର୍ଯ୍ୟ ଚାଲୁରହିଛି। ଦେବଦଳନ ରଥର ୧୨ଟି ଚକରୁ ୧୧ଟି ଚକ ନିର୍ମାଣ ଶେଷ ହୋଇଛି । ତିନୋଟି ଦଣ୍ଡାର ଚଉପଟ କାମ ଶେଷ ହୋଇଛି । ଦଣ୍ଡା ପାଇଁ ୧୦ ହାତ ୧୦ ଅଙ୍ଗୁଳି ମାପର ଦୁଇ ଗୋଟି ମୁହାଁଟର ପଞ୍ଚ ବିନ୍ଧ ଖୋଦେଇ କାର୍ଯ୍ୟ ଶେଷ ହୋଇଛି। ଏଥିସହ ୨ଗୋଟି ଗରଗରାର ଚଉପଟ କାମ ଜାରିରହିଛି। ନନ୍ଦିଘୋଷ ରଥର ୧୬ଟି ଚକରୁ ୧୪ଟି ଚକର ନିର୍ମାଣ ଶେଷ ହୋଇଥିବା ବେଳେ ୧୫ ନମ୍ବର ଚକର ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା କଣ୍ଟା ବାଡ଼ିଆ କାମ ଶେଷ ହୋଇ ପନ୍ଦାରୀ ଗାଡ଼ ଖୋଦେଇ ଚାଲୁଅଛି। ଚାରି ନାହାକାର ଦୁଇ ପାର୍ଶ୍ୱର ସାଲ କାମ ସମ୍ପୂର୍ଣ୍ଣ ହୋଇଛି। ଏହାଛଡା ଦୁଇଟି ଗରଗରାର ଚଉପଟ କାମ ଜାରରହିଛି। ତିନି ଗୋଟି ଦଣ୍ଡାର ଚଉପଟ କାମ ସରିବା ସହ ଦଣ୍ଡାରେ ଖଞ୍ଜା ହେବାପାଇଁ ୨ଟି ମୁହାଁଟର ପଞ୍ଚବିନ୍ଧ ଖୋଦେଇ ଶେଷ ହୋଇଛି। ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପାଇଁ ଗୟଳ କାଠର ଦୁଇ ପାର୍ଶ୍ୱ ବାରିସିରେ ସମତଳ କାର୍ଯ୍ୟ ଚାଲୁଅଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ତିନି ରଥର ଓଝା ସେବକମାନେ ଗରଗରା କଣ୍ଟା, ଦଣ୍ଡା ବିଡ଼ିଆ କଣ୍ଟା ନିର୍ମାଣ ସହ ପୋଡା ସରି ଥିବା ଅଗ ପାତେଲି କଣ୍ଟାର ମଠା କାମ ଆରମ୍ଭ କରିଛନ୍ତି।

# ରାଜ୍ୟରେ ଆରମ୍ଭ ହେବ ଆଣ୍ଟିବଡି କକ୍‌ଟେଲ ଥେରାପି

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଖୁବଶୀଘ୍ର ଓଡ଼ିଶାର ମେଡିକାଲ କଲେଜ ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକରେ କରୋନା ରୋଗୀଙ୍କ ପାଇଁ ମୋନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ ଥେରାପି ସେବା ଆରମ୍ଭ ହେବ। ଏ ସମ୍ପର୍କରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ପେଗିଲେଟେଡ୍ ଇଣ୍ଟରଫେରନ୍ ଆଲଫା-୨ ବି, କାସିରିଭିମାବ ଏବଂ ଇମ୍‌ଡେଭିମାବ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ରହିବ। ଏହି ଔଷଧ ଓଡ଼ିଶା ରାଜ୍ୟ ଔଷଧ ନିଗମ ଏବଂ ଅନ୍ୟାନ୍ୟ ମନୋନୀତ ବିତରଣ କେନ୍ଦ୍ରରେ ଷ୍ଟକ୍ ରହିବ। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ଓ ଏମରଜେନ୍ସି ୟୁଥ୍ ଅଥରାଇଜେଶନ ରେଗୁଲେଶନକୁ ପାଳନ କରାଯାଇ ବ୍ୟବହାର କରାଯିବ ବୋଲି ଚିଠିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, କରୋନା ଆକ୍ରାନ୍ତ ହୋଇ ଯେଉଁମାନେ ଗୁରୁତର ହେବାର ଆଶଙ୍କା ଥିବ ସେମାନଙ୍କ ପାଇଁ ଏହି ଚିକିତ୍ସା କରାଯାଏ। ୧୨ରୁ ଊର୍ଦ୍ଧ୍ୱ ଏବଂ ସର୍ବନିମ୍ନ ୪୦କିଲୋ ଓଜନ ଥିବା ଆକ୍ରାନ୍ତଙ୍କ ପାଖରେ ଏହା ବ୍ୟବହାର କରିବା ପାଇଁ ଅନୁମୋଦନ ମିଳିଛି। ଭାରତର ଅନ୍ୟ ରାଜ୍ୟରେ ଏହି ଚିକିତ୍ସା ଆରମ୍ଭ ହୋଇଯାଇଥିବା ବେଳେ ନିକଟରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ମଧ ଏହା ଆରମ୍ଭ ହୋଇଛି।

# ଅଭିଯୁକ୍ତ ଡାକ୍ତରଙ୍କ ନାମ କାଟିବାକୁ ବାଧ କରିଥିଲା ପୋଲିସ

**ମହିଳାଙ୍କୁ ଯୌନ ନିର୍ଯାତନା, ଗର୍ଭନଷ୍ଟ ଅଭିଯୋଗ**

ପୁରୀ ଅଫିସ,୮।୬:

ଯୌନ ନିର୍ଯାତନା ଓ ଗର୍ଭନଷ୍ଟ କରାଯାଇଥିବା ନେଇ ଜଣେ ମହିଳା ଅଭିଯୋଗ ପାଇଁ ତାଳବଣିଆ ଥାନା ଆସିଥିବାବେଳେ ପୋଲିସ ତାଙ୍କ ଅଭିଯୋଗପତ୍ରକୁ ଚିରି ଦେଇଥିବା ଅଭିଯୋଗ ହୋଇଛି। ଏପରିକି ପୋଲିସ ନିଜ ମନ ମୁତାବକ ଅଭିଯୋଗପତ୍ର ଲେଖିବା ପାଇଁ କହିବାରୁ ମହିଳା ସେଭଳି ଲେଖିବାକୁ ବାଧ ହୋଇଥିଲେ ମଧ ଅଭିଯୋଗ କରିଛନ୍ତି। ୨୦୨୦ ଅଗଷ୍ଟ ୨୦ରେ ଉକ୍ତ ମହିଳା ଅଭିଯୋଗ ପାଇଁ ଯାଇଥିବାବେଳେ ଏଭଳି ଘଟିଥିବା କହିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ମହିଳାଙ୍କୁ କୌଣସି ନ୍ୟାୟ ନ ମିଳିବାରୁ ପୀଡ଼ିତା ଗତ ୩ ତାରିଖରେ ଏସ୍‌ପି କେ.ବିଶାଲ ସିଂଙ୍କ ନିକଟରେ ପୁଣି ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୋଲିସ କୋହଳ ମନୋଭାବ ପୋଷଣ କରି ଡାକ୍ତରଙ୍କ ନାମ ଅଭିଯୋଗପତ୍ରରୁ ହଟାଇବା ପାଇଁ ବାଧ କରିଛି ଓ ଅନେକ ସଙ୍ଗୀନ ଦଫା ଜାଣିଶୁଣି ଲଗାଇ ନାହିଁ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମଙ୍ଗଳବାର ପୀଡ଼ିତା କହିଛନ୍ତି, ତାଙ୍କ ସ୍ୱାମୀ ଜଣେ ଡାକ୍ତରଙ୍କ ପାଖରେ କାର୍ଯ୍ୟ କରନ୍ତି। ସେ ପ୍ରେମ ବିବାହ କରିଥିବାରୁ ସ୍ୱାମୀ ନିଜ ଘରକୁ ନ ନେଇ ତାଙ୍କୁ ଏକ ଭଡ଼ାଘରେ ରଖିଥିଲେ। କିଛିଦିନ ପରେ ସ୍ୱାମୀ ନିଜ ମାଲିକ ତଥା ଡାକ୍ତରଙ୍କ ସହ ଯୌନ ସମ୍ପର୍କ ରଖିବାକୁ ତାଙ୍କୁ ବାଧ କରାଇବା ସହ ଡାକ୍ତର ମଧ ଅନେକଥର ଦୁର୍ବ୍ୟବହାର କରିଥିଲେ। ଏପିରିକି ପୀଡ଼ିତା ଜଣକ ଦୁଇଥର ଗର୍ଭନଷ୍ଟ କରିବାକୁ ବାଧ ହୋଇଥିବା ବେଳେ ସେ ଏଭଳି କରିବାକୁ ମନା କରିବାରୁ ସ୍ୱାମୀ ମାଡ଼ ମାରୁଥିଲେ। ଏଥିରେ ସ୍ୱାମୀଙ୍କ ଦୁଇ ଭାଇ ମଧ ସମ୍ପୃକ୍ତ ଥିବା କହିଥିଲେ। ତେବେ ଏ ନେଇ ମହିଳା ଥାନାର ଦ୍ୱାରସ୍ଥ ହୋଇ ସମ୍ପୃକ୍ତ ଡାକ୍ତର, ସ୍ୱାମୀ ଓ ତାଙ୍କ ୨ ଭାଇଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୧୨୯/୨୦ ସହ ଦଫା ୪୯୮(ଏ), ୩୫୪, ୩୫୪(ବି), ୩୦୭, ୫୦୬, ୩୪ ଅନୁସାରେ ମାମଲା ରୁଜୁ କରିଥିଲେ। ହେଲେ ଏତଲାରେ ଡାକ୍ତରଙ୍କ ନାମ ରଖିବା ପାଇଁ ତାଳବଣିଆ ଥାନାଧିକାରୀ ମନା କରିଥିଲେ। ଏହାପରେ ସେ ବାଧ ହୋଇ ଥାନାଧିକାରୀ ଡାକିଥିବା ଏତଲାକୁ ଦାଖଲ କରିଥିଲା। ଅନ୍ୟପକ୍ଷେ ଏଭଳି ଅଭିଯୋଗ ସମ୍ପର୍କରେ ସିଟି ଡିଏସପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ପୀଡ଼ିତା ଏବେ କରୁଥିବା ଅଭିଯୋଗ ସମ୍ପର୍କରେ ପୂର୍ବ ଅଭିଯୋଗ ପତ୍ରରେ ନାହିଁ। ଥାନାଧିକାରୀ ତାଙ୍କ ସହ ଏଭଳି ବ୍ୟବହାର ନେଇ ମଧ କୌଣସି ସୂଚନା ନାହିଁ। ସେହିଭଳି ସମ୍ପୃକ୍ତ ମହିଳା କୋର୍ଟରେ ନିଜ ବୟାନରେ ଅଭିଯୋଗ ପତ୍ର ଲେଖିବା ପାଇଁ ପୋଲିସ ଜୋର ଜବରଦସ୍ତ କରିବା କଥା ପୀଡ଼ିତା କହିନାହାନ୍ତି ବୋଲି ସେ କହିଛନ୍ତି।

### ଶ୍ରୀମନ୍ଦିର ସମ୍ମୁଖରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

ପୁରୀ ଅଫିସ,୮।୬

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମଙ୍ଗଳବାର ଜଣେ ଯୁବକ ନିଶାଦ୍ରବ୍ୟ ସେବନ କରି ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଯାହାକୁ ନେଇ ଶ୍ରୀମନ୍ଦିର ନିକଟରେ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କଠାରୁ ସେବକମାନେ ବୁଝାଇବାକୁ ଯାଇ କିଛି ସମୟ ଧରି ନାକେଦମ ହୋଇଯାଇଥିଲେ। ତେବେ ସମ୍ପୃକ୍ତ ଯୁବକ ଜଣଙ୍କ ହେଉଛନ୍ତି ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳର ଅଜିତ ପାଣିଗ୍ରାହୀ। ସେ ମଙ୍ଗଳବାର ପୁରୀ ଆସିଥିବା ବେଳେ ମହାପ୍ରସାଦ ପାଇଁ ଜଣେ ସେବାୟତଙ୍କୁ ୩୦୦ଟଙ୍କା ଦେଇଥିଲେ। ପ୍ରସାଦ ପାଇବାରେ ବିଳମ୍ବ ହେବା ଯୋଗୁ ସେବାୟତଙ୍କ ସହ ବଚସା କରିଥିଲେ। ବଚସାକୁ ଦେଖି ସ୍ଥାନୀୟ ପୋଲିସ ବୁଝାଶୁଝା କରିଥିବା ବେଳେ ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଏଣୁତେଣୁ କଥା କରିବା ସହ ନିଜ ଡ୍ରେସ ଚିରି ଦେଇଥିଲେ। ଏପରିକି ବଡ଼ଦେଉଳକୁ ଆବଶ୍ୟକ ପଡ଼ିଲେ ଭାଙ୍ଗି ଦେବାକୁ ମଧ ସେ କହିଥିଲେ। ପରେ ପୋଲିସ ଯୁବକଙ୍କୁ ସିଂହଦ୍ୱାର ଥାନାକୁ ନେଇ ନିଶା ଛାଡିବାପରେ ଛାଡିଥିଲେ ।

# ଶ୍ମଶାନ ନିର୍ମାଣର ବର୍ଷେ ପୂରିନି, ଦବିଗଲା ଚଟାଣ

ଗୋପ, ୮।୬(ଡି.ଏନ୍.ଏ.)



ଆଳିଶି ଗ୍ରାମରେ ଥିବା ଏକ ଶ୍ମଶାନର ଚଟାଣ ଦବିଯାଇଛି ।

ଗୋପ ବ୍ଲକ ଅଧୀନ କୁଆଁପଡା ପଞ୍ଚାୟତର ଆଳିଶି ଗ୍ରାମ ନିକଟରେ ଏକ ଶ୍ମଶାନ ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଯାଇଛି। ୩ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଏହି ଶ୍ମଶାନ ବର୍ଷେ ପୂରି ନ ଥିବାବେଳେ ଏହାର ଚଟାଣ ଦବିଯାଇଥିବା ଦେଖିବାକୁ ମିଳିଛି। କିଛି ବର୍ଷ ଧରି ଆଳିଶି ଗ୍ରାମର ଶ୍ମଶାନଟି କୁଶଭଦ୍ରା ନଦୀ କୂଳରେ ଥିବାରୁ ବର୍ଷା, ଖରା, ଶୀତ କାକରରେ ଗାଁ ଲୋକମାନେ ଅସୁବିଧାରେ ମୃତଦେହ ସତ୍କାର କରୁଥିଲେ। ଏପରି ଅସୁବିଧା ନେଇ ଅଭିଯୋଗ ହେବା ପରେ ପଞ୍ଚାୟତ ଅର୍ଥରେ ଗତ ବର୍ଷ ଶ୍ମଶାନ ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ଶ୍ମଶାନ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବର୍ଷେ ନ ପୂରୁଣୁ ଶ୍ମଶାନର ଚଟାଣଟି ଦବିଯାଇଛି। ଫଳରେ ସ୍ଥାନୀୟ ଗ୍ରାମବାସୀ ଶବଦାହ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ମୋ ନିକଟରେ ଏପରି କୌଣସି ଅଭିଯୋଗ ହୋଇନାହିଁ। ତଥାପି ଶ୍ମଶାନ ନିର୍ମାଣ କାର୍ଯ୍ୟରେ ଏଭଳି ହେବା କଥା ନୁହେଁ। ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।



୩ ରଥ ନିର୍ମାଣ ପାଇଁ ପୁରୀ ବଡ଼ଦାଣ୍ଡରେ ମହାରଣା ସେବକମାନେ ରଥଦଣ୍ଡ ପ୍ରସ୍ତୁତ କରୁଛନ୍ତି ।

# ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା ଦାବି

**ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ**

ପୁରୀ ଅଫିସ,୮।୬:

ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀମାନଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ଦେବା ପାଇଁ ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। କୋଭିଡ୍ ମହାମାରୀ ସମୟରେ ଶ୍ରୀମନ୍ଦିର କର୍ମଚାରୀମାନେ ସଂକ୍ରମଣ ରୋକିବା କ୍ଷେତ୍ରରେ ପ୍ରମୁଖ ଦାୟିତ୍ୱ ତୁଲାଇଛନ୍ତି। ନୀଳାଚଳ ଭକ୍ତନିବାସରେ ଆଇସୋଲେଶନ୍‌ରେ ଥିବା ସଂକ୍ରମିତ ଶ୍ରୀମନ୍ଦିର ସେବାୟତମାନଙ୍କର ସେବା କରିବା ସହ ଡାକ୍ତରୀ ଟିମ୍‌କୁ ମଧ ସହଯୋଗ କରୁଛନ୍ତି। ଏହାବ୍ୟତୀତ କ୍ରମାଗତ ମହାମାରୀ ସମୟରେ ଶ୍ରୀମନ୍ଦିର ଭିତର ନୀତି ସମ୍ପାଦନଠାରୁ ଆରମ୍ଭ କରି ଶ୍ରୀମନ୍ଦିର ବାହାରେ କଟକଣା ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସେହିଭଳି ରଥଖଳା ସେବକମାନଙ୍କର ରହିବା, ଯାତାୟାତ ଓ ଅନ୍ୟ ସୁବିଧା ବାବଦକୁ ସମସ୍ତ ଦାୟିତ୍ୱ ଶ୍ରୀମନ୍ଦିର କର୍ମଚାରୀମାନେ ସମ୍ପାଦନ କରୁଛନ୍ତି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର କହିଛନ୍ତି। ଏହିସବୁ ଘଟଣାକୁ ଦୃଷ୍ଟି ଦେଇ କୋଭିଡ୍ ଯୋଦ୍ଧା ଘୋଷଣା କରି ଆନୁଷଙ୍ଗିକ ସୁବିଧା ସୁଯୋଗ ଦେବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ସେହିଭଳି କୋଭିଡ୍ ସଂକ୍ରମଣ ହେତୁ ସ୍ୱାସ୍ଥ୍ୟ ଅବନତି ଘଟି ପ୍ରାଣ ହରାଇଥିବା ୨ ଶ୍ରୀମନ୍ଦିର କର୍ମଚାରୀଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ମୁଖ୍ୟ ପ୍ରଶାସକ ଚିଠିରେ ଜଣାଇଛନ୍ତି। ସୂଚନାଥାଉକି, କୋଭିଡ୍ ସମୟରେ ମଧ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାଂଶ ସେବାୟତ କାର୍ଯ୍ୟରତ ରହିଛନ୍ତି। ଶ୍ରୀମନ୍ଦିର, ରଥ ନିର୍ମାଣ ଓ ସେବାୟତଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କିତ କାର୍ଯ୍ୟରେ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଏମାନଙ୍କ କ୍ଷେତ୍ରରେ ସଂକ୍ରମଣର ଆଶଙ୍କା ଅଧିକ ରହୁଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିବା ଉଚିତ୍ ବୋଲି ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ମଧ ଦାବି କରିଛନ୍ତି।